DHARITRI

ଭୁବନେଶ୍ୱର, ଗୁରୁବାର, ମେ ୩୦/୨୦୧୯ (୨୦ ପୃଷ୍ଠା) Bhubaneswar, Thursday, May 30/2019 ★★★★★★

୪୫ଶ ଭାଗ ୧୮୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



### ଶୁଟର ମନୁଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ଭାରତର ୭ମ ଶୁଟର ଭାବେ ମନୁ ଭାକର ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

୧୯

୧୬

### ଭୂତକୁ ଭୟ କରନ୍ତି ଆଲିୟା

ମହେଶ ଭଟ୍ଟଙ୍କ ତନୟା ଆଲିୟା ଭୂତକୁ ଖୁବ୍ ଭୟ କରନ୍ତି। ପିଲାଦିନେ ଏକ ହରର ଫିଲ୍ମ ଦେଖିବା ପରେ ତାଙ୍କ ମନରେ ଏପରି ଭୟ ଜାତ ହୋଇଥିବା ସେ କୁହନ୍ତି।






ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ବୁଧବାର ଶପଥ ଗ୍ରହଣ ପରେ ମଞ୍ଚରେ ଉପସ୍ଥିତ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମନ୍ତ୍ରିମଣ୍ଡଳ ସଦସ୍ୟମାନେ।

# ଟ୍ରକ୍ ଧକ୍କାରେ ବାପା, ପୁଅ, ମା ମୃତ

■ ଜୁନ୍ ୨୭ରେ ଥିଲା ପୁଅର ବାହାଘର

ବେଲପାହାଡ଼,୨୯।୫ (ଡି.ଏନ୍.ଏ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ପିପିଲିମାଲ ଗାଁର ଗଡଡ଼ପଡ଼ା ନିକଟରେ ବୁଧବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ପରିବାରର ବାପା, ମା ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୁଡ଼ାଲୋଇ ଗାଁର ବିଶିକେଶନ କାଲୋ (୬୨), ତପସ୍ୱିନୀ କାଲୋ (୫୫) ଓ ସତ୍ୟନାରାୟଣ କାଲୋ (୨୬) । ସେମାନେ ଏକ ବାଇକ୍(ନଂଓଆର୍୨୩ସି-୧୫୩୬) ରେ ବେଲପାହାଡ଼ରୁ କୁଡ଼ାଲୋଇ ଗାଁକୁ ଫେରୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା । ମିଳିଥିବା ସୂଚନା ଅନୁଯାୟୀ, ଜୁନ୍ ୨୭ରେ ପୁଅ ସତ୍ୟନାରାୟଣଙ୍କ ବାହାଘର ପାଇଁ ଲଗ୍ନ ଧାର୍ଯ୍ୟ ହୋଇଥିଲା । ଏଥିପାଇଁ ପରିବାର ପକ୍ଷରୁ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କାର୍ଡ଼ ବଣ୍ଟା ଆରମ୍ଭ ହୋଇଥିଲା। ବୁଧବାର ସତ୍ୟନାରାୟଣ ତାଙ୍କ ବାପା ଓ ମା'ଙ୍କ ସହିତ ନିମନ୍ତ୍ରଣକାର୍ଡ଼ ବାଣ୍ଟିବା ପାଇଁ ବେଲପାହାଡ଼ ଅଭିମୁଖେ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ୪୦ରେ ଗଡଡ଼ପଡା ପେଟ୍ରୋଲପମ୍ପ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଖାଲି ଟ୍ରକ୍ ☞ପୃଷ୍ଠା-୮

### ଆଜିର ସମ୍ପାଦକୀୟ

**କୁତ୍ସିତ ବୃତ୍ତି**

### ଆଜିର ମନ୍ତବ୍ୟ

" ନୀରବତା କଷ୍ଟଦାୟକ, କିନ୍ତୁ ନିର୍ବାଚନ ପ୍ରକ୍ରିୟାକୁ ବୁଝିବା ଅଧିକ ବାଞ୍ଛନୀୟ।

**-ସୁନୀଲ ଆରୋରା, ମୁଖ୍ୟ ନିର୍ବାଚନ କମିଶନର**

### କିଛି ତଥ୍ୟ

୨୦୧୯ ଜାନୁୟାର-ମାର୍ଚ୍ଚ ଅବଧିରେ ହଂକଂକୁ ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ୭.୩୨% ବୃଦ୍ଧି ପାଇ ୮୨,୯୫୫ରେ ପହଞ୍ଚିଛି। **-ହଂକଂ ଟ୍ୟୁରିଜିମ୍ ବୋର୍ଡ**

NATIONAL EGG CO-ORDINATION COMMITTEE 29.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 89 | 144 | 154 |
| BLS | 89 | 144 | 154 |
| ANG | 87 | 141 | 151 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers

# ନୂଆ ମନ୍ତ୍ରୀଙ୍କୁ 'ଟାଇମ୍' ମନ୍ତ୍ର

### ମନ୍ତ୍ରୀ ପରିଷଦ ବୈଠକ

■ ସମୟ ସବୁଠୁ ଗୁରୁତ୍ୱପୂର୍ଣ୍ଣ: ନବୀନ

■ ପଞ୍ଚମ ପାଳିରେ ନୂତନ, ସଶକ୍ତ ଓଡ଼ିଶା ହେବ ଲକ୍ଷ୍ୟ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ରାଜ୍ୟରେ ପୁଣିଥରେ ବିଜେଡି କ୍ଷମତାସୀନ ହୋଇଛି। ଦଳର ସଭାପତି ନବୀନ ପଟ୍ଟନାୟକ ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ପରେ ନୂଆ ମନ୍ତ୍ରିମଣ୍ଡଳ ଗଠନ ହୋଇଛି। ମନ୍ତ୍ରୀମାନଙ୍କ ବିଭାଗ ମଧ୍ୟ ବଣ୍ଟନ ଶେଷ ହୋଇଛି। ବୁଧବାର ଅପରାହ୍ନରେ ସଚିବାଳୟଠାରେ ଅନୁଷ୍ଠିତ ନୂଆ ମନ୍ତ୍ରିମଣ୍ଡଳର ପ୍ରଥମ ମନ୍ତ୍ରୀ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ସାଢ଼େ ୪କୋଟି ଲୋକ ଆଶୀର୍ବାଦ ଦେଇ ଆମକୁ ସେବା କରିବାର ସୁଯୋଗ ଦେଇଛନ୍ତି। ଏଭଳି ବିଶ୍ୱାସ ପାଇଁ ମୁଁ ଗଭୀର ଭାବେ ଓଡ଼ିଶାବାସୀଙ୍କ ନିକଟରେ ଋଣୀ। ଏବେ ଆଉ ଅପେକ୍ଷା କରିବାର ବେଳ ନାହିଁ। ସାଢ଼େ ୪କୋଟି ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ନିଷ୍ଠାର ସହ ପାଳନ କରିବାକୁ ହେବ। ଏଥିପାଇଁ ସମସ୍ତଙ୍କୁ ମିଳିମିଶି କଠିନ ପରିଶ୍ରମ କରିବାକୁ ପଡ଼ିବ। ପୂର୍ବରୁ ନବୀନ ୪-ଟି (ଟିମ୍ ୱାର୍କ, ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି ଏବଂ ଟ୍ରାନ୍ସଫର୍ମେଶନ୍) ଉପରେ ଗୁରୁତ୍ୱ ଦେଇଆସୁଥିଲେ। ମାତ୍ର ପଞ୍ଚମ ପାଳିରେ ନବୀନ ଏଥିରେ ଆଉ ଗୋଟିଏ ଟି (ଟାଇମ୍) ଯୋଡ଼ିଛନ୍ତି। ଏଣିକି ଟିମ୍ ୱାର୍କ, ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟ୍ରାନ୍ସଫର୍ମେଶନ୍ ପରେ ଟାଇମ୍ (୫-ଟି) ଅନୁଯାୟୀ କାର୍ଯ୍ୟ କରିବାକୁ ହେବ। ନିର୍ବାଚନ ସମୟରେ ଲୋକମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ନିଷ୍ଠାର ସହିତ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହି ଲକ୍ଷ୍ୟରେ କାମ କରିବା ପାଇଁ ନୂଆ ମନ୍ତ୍ରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମୟ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ଯୁବପିଢ଼ି ଦ୍ରୁତଗତିରେ ଆଗକୁ ବଢ଼ିବାକୁ ପସନ୍ଦ କରୁଛନ୍ତି। ଯଦି ବାତ୍ୟା 'ଫନୀ' ପୂର୍ବରୁ ନିର୍ଦ୍ଧାରିତ ସମୟରେ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇପାରି ନ ଥାଆନ୍ତା ତେବେ ଆଜି ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପ୍ରଶଂସିତ ହୋଇପାରି ନ ଥାଆନ୍ତା। ଏଥିସହିତ ୯୦ ଦିନରେ ଏସୀୟ କ୍ରୀଡ଼ା ଆୟୋଜନ କରିବା, ୩୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ମିଶନ ଶକ୍ତି ଗଠନ କରିବା, ପଟ ପରିବର୍ତ୍ତନ ଭଳି ଯୁଗାନ୍ତକାରୀ କାଳିଆ ଯୋଜନା ଘୋଷଣା ହେବାର ୧୫ ଦିନ ମଧ୍ୟରେ ଜାତୀୟସ୍ତରରେ ପ୍ରଶଂସିତ ☞ପୃଷ୍ଠା-୪

## ପଞ୍ଚମଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନବୀନଙ୍କ ଶପଥ ଗ୍ରହଣ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ନବୀନ ପଟ୍ଟନାୟକ ପଞ୍ଚମଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ବୁଧବାର ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ଗଣେଶୀ ଲାଲ୍ ନବୀନ ଏବଂ ତାଙ୍କ ମନ୍ତ୍ରିମଣ୍ଡଳସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ରାଜଧାନୀସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବ ପାଳିଗୁଡ଼ିକରେ ନବୀନ ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ରାଜଭବନରେ ଶପଥ ଗ୍ରହଣ କରୁଥିବାର ନଜିର ରହିଥିଲା। ନବୀନଙ୍କ ସହ କ୍ୟାବିନେଟ୍ ମନ୍ତ୍ରୀ ଭାବେ ପ୍ରଫୁଲ୍ଲ ମଲ୍ଲିକ, ବିକ୍ରମ କେଶରୀ ଆରୁଖ, ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ, ପ୍ରତାପ ଜେନା, ସୁଦାମ ମାରାଣ୍ଡି, ପଦ୍ମନାଭ ବେହେରା, ସୁଶାନ୍ତ ସିଂ ଏବଂ ନବ ଦାସ ପଦ ଓ ଗୋପନୀୟତାର ଶପଥ କରିଥିଲେ।

■ ୧୧ କ୍ୟାବିନେଟ୍, ୯ ରାଷ୍ଟ୍ରମନ୍ତ୍ରୀଙ୍କ ଶପଥ

■ ଟୁଇଟ୍ କରି ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ଏହାପରେ ରାଷ୍ଟ୍ରମନ୍ତ୍ରୀ ଭାବେ ପଦ୍ମିନୀ ଦିଆନ୍, ଅଶୋକ ଚନ୍ଦ୍ର ପଣ୍ଡା, ସମୀର ରଞ୍ଜନ ଦାଶ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଦିବ୍ୟଶଙ୍କର ମିଶ୍ର, ପ୍ରେମାନନ୍ଦ ନାୟକ, ରଘୁନନ୍ଦନ ଦାସ, ତୁଷାରକାନ୍ତି ବେହେରା ଏବଂ ଜଗନ୍ନାଥ ସାରକା ଶପଥ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୧୧ କ୍ୟାବିନେଟ୍ ଓ ୯ ରାଷ୍ଟ୍ରମନ୍ତ୍ରୀ ଶପଥ ନେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଇଂଲିଶ୍ ଭାଷାରେ ଶପଥ ଗ୍ରହଣ କରିଥିବା ବେଳେ ମନ୍ତ୍ରୀ ସୁଦାମ ମାରାଣ୍ଡି ସାନ୍ତାଳି ଭାଷାରେ ଶପଥ ପାଠ କରିଥିଲେ। ☞ପୃଷ୍ଠା-୪

## ମହିଳା ଏସ୍ଏଚ୍‌ଜିକୁ ୧ ହଜାର କୋଟି

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ପଞ୍ଚମ ଥର ଲାଗି ରାଜ୍ୟରେ ବିଜେଡିକୁ କ୍ଷମତାସୀନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଚାଷୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜି)ଙ୍କୁ ବଡ଼ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚାଷୀଙ୍କୁ ଖୁସି କରିବାକୁ କାଳିଆ ଯୋଜନା କଳେବରକୁ ବୃଦ୍ଧି କରାଯାଇଛି। ଏହି ଯୋଜନାରେ ଆହୁରି ୩୨.୩୪ ଲକ୍ଷ ଚାଷୀ ପରିବାରଙ୍କୁ ସାମିଲ କରାଯିବ। ସେମାନଙ୍କ ମଧ୍ୟରେ ୧୬.୭୪ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଥିବାବେଳେ ୧୫.୦୬ ଲକ୍ଷ ଭୂମିହୀନ କୃଷି ଶ୍ରମିକ ପରିବାରକୁ ଅନ୍ତର୍ଭୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ନୂଆ ସରକାର ଗଠନ ହେବା ପରେ ବୁଧବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରଥମ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୧୦ଟି ବିଭାଗର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ୧ ହଜାର କୋଟି ଟଙ୍କା ପ୍ୟାକେଜ୍‌କୁ ଅନୁମୋଦନ କରାଯାଇଛି।

କ୍ଷମତାକୁ ଆସିଲେ ଏବଂ ନୂତନ ମନ୍ତ୍ରିମଣ୍ଡଳ ଗଠନ

### କ୍ୟାବିନେଟ୍ ବୈଠକ

■ ପ୍ରତିଶ୍ରୁତି ରଖିଲେ ମୁଖ୍ୟମନ୍ତ୍ରୀ

■ ପ୍ରଥମ ଦିନରେ ୮.୪ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ଗଲା ୫ ହଜାର

■ ଆଉ ୩୨ ଲକ୍ଷ ଚାଷୀ ପରିବାରକୁ ମିଳିବ କାଳିଆ ସହାୟତା

ହେବା ଦିନ କାଳିଆ ଯୋଜନାରେ ବଳକା ଯୋଗ୍ୟ ଚାଷୀ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ପ୍ରଚାର ସମୟରେ ପ୍ରତିଶ୍ରୁତି ଦେଇଥିଲେ। ଆଉ ତାହାକୁ ପୂରଣ କରିବାକୁ ଯାଇ ବୁଧବାର ୮.୪ ଲକ୍ଷ ପରିବାରକୁ କାଳିଆ ଯୋଜନାର ପ୍ରଥମ କିସ୍ତି ବାବଦରେ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ପୂର୍ବରୁ ପ୍ରଥମ କିସ୍ତିରେ ସହାୟତା ପାଇଥିବା ୪୨.୬୫ ଲକ୍ଷ କୃଷି ପରିବାରକୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ☞ପୃଷ୍ଠା-୪

### ମୁଖ୍ୟମନ୍ତ୍ରୀ

| | | |
|---|---|---|
| ନବୀନ ପଟ୍ଟନାୟକ | | ଗୃହ, ସାଧାରଣ ପ୍ରଶାସନ, ଅଭିଯୋଗ ଶୁଣାଣି ଓ ବଣ୍ଟନ ହୋଇ ନ ଥିବା ବିଭାଗ |
| **କ୍ୟାବିନେଟ ମନ୍ତ୍ରୀ** | | |
| ୧ | ନିରଞ୍ଜନ ପୂଜାରୀ | ଅର୍ଥ ଓ ଅବକାରୀ |
| ୨ | ବିକ୍ରମ କେଶରୀ ଆରୁଖ | ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର |
| ୩ | ପ୍ରଫୁଲ୍ଲ କୁମାର ମଲ୍ଲିକ | ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ |
| ୪ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ସମବାୟ |
| ୫ | ପଦ୍ମନାଭ ବେହେରା | ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସଂଯୋଜନା |
| ୬ | ପ୍ରତାପ ଜେନା | ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ |
| ୭ | ଅରୁଣ କୁମାର ସାହୁ | କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଉଚ୍ଚ ଶିକ୍ଷା |
| ୮ | ସୁଦାମ ମାରାଣ୍ଡି | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା |
| ୯ | ସୁଶାନ୍ତ ସିଂ | ଗ୍ରାମ୍ୟ ଉନ୍ନୟନ, ଶ୍ରମ ନିୟୋଜନ ଓ କର୍ମଚାରୀ ରାଜ୍ୟ ବୀମା |
| ୧୦ | ନବ କିଶୋର ଦାସ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ୧୧ | ଟୁକୁନି ସାହୁ | ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି |
| **ରାଷ୍ଟ୍ର ମନ୍ତ୍ରୀ(ସ୍ୱାଧୀନ)** | | |
| ୧ | ଜଗନ୍ନାଥ ସାରକା | ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ |
| ୨ | ଦିବ୍ୟ ଶଙ୍କର ମିଶ୍ର | ଶକ୍ତି, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଗୃହ ବିଭାଗ-ରାଷ୍ଟ୍ର ପାହ୍ୟା) |
| ୩ | ଅଶୋକ ଚନ୍ଦ୍ର ପଣ୍ଡା | ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ |
| ୪ | ସମୀର ରଞ୍ଜନ ଦାଶ | ବିଦ୍ୟାଳୟ ଓ ଗଣଶିକ୍ଷା |
| ୫ | ଜ୍ୟୋତି ପ୍ରକାଶ ପାଣିଗ୍ରାହୀ | ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି |
| ୬ | ପ୍ରେମାନନ୍ଦ ନାୟକ | ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା |
| ୭ | ରଘୁନନ୍ଦନ ଦାସ | ଜଳ ସମ୍ପଦ ଏବଂ ସୂଚନା ଓ ଲୋକ ସମ୍ପର୍କ |
| ୮ | ପଦ୍ମିନୀ ଦିଆନ | ବୟନ ଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ |
| ୯ | ତୁଷାରକାନ୍ତି ବେହେରା | ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର |

## ଅମର କାମଚଳା ବାଚସ୍ପତି



ଭୁବନେଶ୍ୱର,୨୯।୫(ବ୍ୟୁରୋ)

ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ କାମଚଳା ବାଚସ୍ପତି ଭାବେ ବୁଧବାର ନିଯୁକ୍ତି ଦିଆଯାଇଛି। ତାଙ୍କୁ ରାଜ୍ୟପାଳ ଗଣେଶୀ ଲାଲ୍ ରାଜଭବନର ଅଭିଷେକ ହଲ୍‌ରେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଅମର ୧୬ଶ ବିଧାନସଭାର ନବନିର୍ବାଚିତ ବିଧାୟିକା/ବିଧାୟକମାନଙ୍କୁ ☞ପୃଷ୍ଠା-୪

# ଆଜି ଶପଥ ନେବେ ମୋଦି

### ଯୋଗଦେବେ ୮୦୦୦ ଅତିଥି

■ ପ୍ରଧାନମନ୍ତ୍ରୀଙ୍କ ପାଇଁ ୬୦୦ ଫୁଟ୍‌ର ଅଭିନନ୍ଦନପତ୍ର

ନୂଆଦିଲ୍ଲୀ,୨୯।୫

ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ ବିଜୟୀ ହେବା ପରେ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଭାବେ ଦ୍ୱିତୀୟ ପାଳି ସରକାର ଗଠନ କରିବାକୁ ଯାଉଛନ୍ତି। ଗୁରୁବାର ରାଷ୍ଟ୍ରପତି ଭବନ ପରିସରରେ ମୋଦି ନୂଆ ମନ୍ତ୍ରୀ ପରିଷଦ ସହ ଶପଥ ଗ୍ରହଣ କରିବେ। ଏଥିପାଇଁ ଭବ୍ୟ ଉତ୍ସବର ଆୟୋଜନ କରାଯାଇଛି। ରାତି ୭ଟାରେ ଆରମ୍ଭ ହେବାକୁ ଥିବା ଏହି ଶପଥ ଗ୍ରହଣ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୋଦି ଓ ଅନ୍ୟ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ରାଷ୍ଟ୍ରପତି ଭବନରେ ଏହା ସର୍ବବୃହତ ଉତ୍ସବ ହେବାକୁ ଯାଉଛି। ଏଥିରେ ସର୍ବାଧିକ ୮୦୦୦ ଅତିଥି ଯୋଗଦେବେ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ☞ପୃଷ୍ଠା-୪



■ ଟାଇମ୍ ପତ୍ରିକାର ୟୁ-ଟର୍ନ

## 'ଭାରତକୁ ଏକାଠି କରିଛନ୍ତି ମୋଦି'

ନୂଆଦିଲ୍ଲୀ,୨୯।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ମୁଖ୍ୟ ବିଭାଜନକାରୀ' ବୋଲି ବିବାଦୀୟ ପ୍ରଚ୍ଛଦ କାହାଣୀ ପ୍ରସ୍ତୁତ କରିବାର କିଛିଦିନ ପରେ ଆମେରିକାର ଟାଇମ୍ ପତ୍ରିକା ତାଙ୍କୁ ପ୍ରଶଂସା କରିଛି। ସାଧାରଣ ନିର୍ବାଚନରେ ଭାଜପା ବିପୁଳ ବିଜୟ ସହ କ୍ଷମତାକୁ ଫେରିବା ପରେ ଟାଇମ୍ ପକ୍ଷରୁ ଆଉ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହାର ଶୀର୍ଷକ ରହିଛି, 'ଭାରତକୁ ମୋଦି ଯେପରି ଏକାଠି କରିଛନ୍ତି, ବିଗତ କିଛି ଦଶନ୍ଧି ଧରି କୌଣସି ପ୍ରଧାନମନ୍ତ୍ରୀ ସେପରି କରି ନ ଥିଲେ'। ସଦ୍ୟ ନିବନ୍ଧ ଟାଇମ୍ ୱେବ୍‌ସାଇଟ୍‌ରେ ମଙ୍ଗଳବାର ପ୍ରକାଶ ପାଇଛି। ଇଣ୍ଡିଆ ଗ୍ଲୋବାଲ୍ ବିଜ୍‌ନେସ୍‌ର ପ୍ରକାଶନକାରୀ କମ୍ପାନୀ ତଥା ବ୍ରିଟେନସ୍ଥିତ ଇଣ୍ଡିଆ ଆଇଏନ୍‌ସି ଡଟ୍‌ର ପ୍ରତିଷ୍ଠାତା ଏବଂ ସିଇଓ ମନୋଜ ଲାଡ୍‌ୱା ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗୁଣଗାନ କରିଛନ୍ତି। ☞ପୃଷ୍ଠା-୪

# ଇଂଲଣ୍ଡରେ କ୍ରିକେଟ ମହାକୁମ୍ଭ ଆଜିଠାରୁ

ଲଣ୍ଡନ, ୨୯।୫

କ୍ରିକେଟ ବିଶ୍ୱକପର ଦ୍ୱାଦଶ ସଂସ୍କରଣ ପାଇଁ କ୍ଷେତ୍ର ପ୍ରସ୍ତୁତ। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ ଆନୁକୂଲ୍ୟରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ଏହି କ୍ରିକେଟ ମହାକୁମ୍ଭ। ଦୀର୍ଘ ଦେଢ଼ ମାସଧରି ଏବେ ଦେଖିବାକୁ ମିଳିବ ବ୍ୟାଟ୍, ବଲ୍‌ର ରୋମାଞ୍ଚ। ଆସିବ କ୍ରିକେଟ ଫିଭର। ଇଂଲଣ୍ଡର ୧୧ଟି ଗ୍ରାଉଣ୍ଡରେ ଏହି ମେଗା ପ୍ରତିଯୋଗିତା ମେ ୩୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଭାଗନେବେ ବିଶ୍ୱର ଶ୍ରେଷ୍ଠ ୧୦ ଦଳ। ଆୟୋଜକ ଇଂଲଣ୍ଡ ସମେତ ଭାରତ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ଏଥିରେ ଭାଗ୍ୟ ପରୀକ୍ଷା କରିବେ। ଲଣ୍ଡନର କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ଜୁନ ୫ରେ ସାଉଥାମ୍ପଟନର ରୋଜ୍ ବାଉଲ୍‌ଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରୁ ଭାରତ ଏହାର ଅଭିଯାନ ଆରମ୍ଭ କରିବ।



କ୍ରିକେଟ ବିଶ୍ୱକପର ୪୪ ବର୍ଷର ଇତିହାସରେ ଅଷ୍ଟ୍ରେଲିଆ ସର୍ବାଧିକ ୫ ଥର ଟାଇଟଲ ହାସଲ କରିଛି। ୧୯୮୭, ୧୯୯୯, ୨୦୦୩, ୨୦୦୭ ଓ ୨୦୧୫ରେ ଏହି ଦଳ ପିନ୍ଧିଛି ବିଜୟ ମୁକୁଟ। ଅର୍ଥାତ୍ ଏହି ଦଳ ଏଥର ଡିଫେଣ୍ଡିଂ ଚାମ୍ପିୟନଭାବେ ବିଶ୍ୱକପରେ ଅବତୀର୍ଣ୍ଣ ହେବ। ଭାରତ ୧୯୮୩ ଓ ୨୦୧୧ରେ ଏବଂ ୱେଷ୍ଟଇଣ୍ଡିଜ ୧୯୭୫ ଓ ୧୯୭୯ରେ ୨ ଥର ଲେଖାଏ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଛନ୍ତି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ପାକିସ୍ତାନ(୧୯୯୨) ଓ ଶ୍ରୀଲଙ୍କା(୧୯୯୬) ☞ପୃଷ୍ଠା-୮

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩୦ ମେ,୨୦୧୯



“ ତେଜସ୍ୱୀ ଯାଦବଙ୍କ ନେତୃତ୍ୱକୁ ପସନ୍ଦ କରୁ ନ ଥିବା ନେତାମାନେ ଆର୍‌ଜେଡି ଛାଡ଼ି ଦିଅନ୍ତୁ।
-ତେଜ୍‌ପ୍ରତାପ ଯାଦବ, ଆର୍‌ଜେଡି ନେତା



# ହିନ୍ଦୁ, ମୁସଲିମ୍ ପରିବାରକୁ ଏକାଠି କଲା କିଡ୍‌ନୀ ଅଦଳବଦଳ

ଚଣ୍ଡିଗଡ଼,୨୯।୫(ଆଇଏଏନ୍‌ଏସ୍)



ଚଣ୍ଡିଗଡ଼ସ୍ଥିତ ଏକ ହସ୍ପିଟାଲରେ ବିହାରର ଏକ ହିନ୍ଦୁ ପରିବାର ଓ କଶ୍ମୀରର ମୁସଲମାନ ପରିବାର ମଧ୍ୟରେ କିଡ୍‌ନୀ ଅଦଳବଦଳ କରି ସଫଳ ପ୍ରତିରୋପଣ କରାଯାଇଛି। ପଞ୍ଜାବର ମୋହାଲିସ୍ଥିତ ଫୋର୍ଟିସ୍ ହସ୍ପିଟାଲର ଡାକ୍ତର ପ୍ରିୟଦର୍ଶୀ ରଞ୍ଜନଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଏହି ଅସ୍ତ୍ରୋପଚାର କରିଛନ୍ତି। ଏହା ଭିନ୍ନ ଧର୍ମର ଦୁଇ ପରିବାର ମଧ୍ୟରେ ସମ୍ପର୍କର ନୂଆ ଅଧ୍ୟାୟ ସୃଷ୍ଟି କରିଛି। ବିହାରର ମଞ୍ଜୁଳା ଦେବୀ (୪୨)ଙ୍କ ପାଇଁ କିଡ୍‌ନୀ ଆବଶ୍ୟକ ଥିବାବେଳେ ତାଙ୍କ ସ୍ୱାମୀ ସୁଜିତ୍ କୁମାର (୪୬)ଙ୍କ କିଡ୍‌ନୀ ମେଳଖାଇ ନ ଥିଲା। ସେହିପରି କଶ୍ମୀରର ଅବ୍ଦୁଲ ଅଜିଜ୍ (୫୩)ଙ୍କ କିଡ୍‌ନୀ ମଧ୍ୟ ତାଙ୍କ ସ୍ତ୍ରୀ ଶାଜିଆ (୫୦)ଙ୍କ ଲାଗି ଅନୁପଯୁକ୍ତ ଥିଲା। ତେଣୁ ଉଭୟ ପରିବାର ଉପଯୁକ୍ତ କିଡ୍‌ନୀ ଦାତାଙ୍କୁ ଖୋଜୁଥିଲେ। ରଞ୍ଜନ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ବିକଶିତ ‘ଆଇକିଡ୍‌ନୀ’ ମୋବାଇଲ୍ ଆପ୍‌ରେ ଦୁଇ ପରିବାର ନାମ ପଞ୍ଜୀକରଣ କରିବାର ୩ ମାସ ପରେ ପରସ୍ପର ସହ ଯୋଗାଯୋଗ କରିଥିଲେ। ଆବଶ୍ୟକ ଯାଞ୍ଚ ଓ ପରୀକ୍ଷା ପରେ ବିଶେଷଜ୍ଞମାନେ ମତଦେଲେ ଯେ, ସୁଜିତ କୁମାର ଏବଂ ଶାଜିଆଙ୍କ କିଡ୍‌ନୀ ମଧ୍ୟରେ ଭଲ ମେଳ ଖାଉଛି। ସେହିପରି ଅଜିଜ୍‌ଙ୍କ କିଡ୍‌ନୀ ମଞ୍ଜୁଳାଙ୍କ ଲାଗି ଉପଯୁକ୍ତ। ଶେଷରେ ଦୁଇ ପରିବାର କିଡ୍‌ନୀ ଅଦଳବଦଳ କରି ଅସ୍ତ୍ରୋପଚାର କରାଇଥିଲେ। ସୁଜିତଙ୍କ କିଡ୍‌ନୀ ଶାଜିଆଙ୍କଠାରେ ଓ ଅଜିଜ୍‌ଙ୍କ କିଡ୍‌ନୀ ମଞ୍ଜୁଳାଙ୍କଠାରେ ପ୍ରତିରୋପଣ ସଫଳ ହେବା ପରେ ସେମାନେ ଖୁସି ଅଛନ୍ତି। ମାନବିକତା ସବୁଠି ବଡ଼ ଧର୍ମ ବୋଲି ସେମାନେ କହିଛନ୍ତି।

# ପୁରୋହିତ ସହ ନବବଧୂ ଫେରାର

ବିଦିଶା୨୯।୫(ଆଇଏଏନ୍‌ଏସ୍)

ମଧ୍ୟପ୍ରଦେଶର ବିଦିଶା ଜିଲାରେ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ତୋରି ବାଗ୍‌ରୋଡ୍ ଗ୍ରାମର ରୀନା ବାଈ(୨୧) ବିବାହର ୨ ସପ୍ତାହ ପରେ ପୁରୋହିତଙ୍କ ସହ ଫେରାର ହୋଇଯାଇଛନ୍ତି। ଗତ ୭ ତାରିଖରେ ରୀନାଙ୍କ ବାହାଘର ଜଣେ ଯୁବକଙ୍କ ସହ ହୋଇଥିଲା। ବିନୋଦ ମହାରାଜ ଏହି ବିବାହ କରାଇଥିଲେ। ୨୩ ତାରିଖରେ ରୀନା ବରଘରୁ ଟଙ୍କା ଓ ଅଳଙ୍କାର ନେଇ ବିନୋଦଙ୍କ ସହ ଫେରାର ହୋଇଯାଇଛନ୍ତି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ବୋଲି ବରଘର ଲୋକେ ସନ୍ଦେହ କରୁଛନ୍ତି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ସେମାନଙ୍କୁ ଖୋଜୁଛି।



# ପୁଅର ନାଁ ବଦଳାଇଦେଲେ ମା’

ଗୋଣ୍ଡା,୨୯।୫(ଆଇଏଏନ୍‌ଏସ୍)

**ନରେନ୍ଦ୍ର ନୁହେଁ, ଅଲ୍‌ତାଫ ଆଲାମ୍ ମୋଦି**



ସାଧାରଣ ନିର୍ବାଚନ ଫଳ ଆସିବା ପରେ ଭାଜପାର ବିପୁଳ ବିଜୟକୁ ଦେଖି ଉତ୍ତରପ୍ରଦେଶ ଗୋଣ୍ଡାର ମୁସ୍‌ଲିମ ମହିଳା ମେହନାଜ୍ ବେଗମ୍ ମେ ୨୩ରେ ନିଜ ନବଜାତକର ନାମ ରଖିଥିଲେ ନରେନ୍ଦ୍ର ଦାମୋଦରଦାସ ମୋଦି। ପ୍ରଧାନମନ୍ତ୍ରୀଙ୍କ ନାମରେ ପୁଅର ନାମକରଣ କରିଥିବାରୁ ମୁସ୍‌ଲିମ ସମ୍ପ୍ରଦାୟରୁ ତାଙ୍କ ଉପରେ ଚାପ ବଢ଼ିବାରେ ଲାଗିଥିଲା। ଏପରି କି ତାଙ୍କର କେତେଜଣ ସମ୍ପର୍କୀୟ ମଧ୍ୟ ଏଥିରେ କ୍ଷୁବ୍ଧ ହୋଇ ଉତ୍ସବ ପାଳନ ଲାଗି ଯୋଗଦେବାକୁ ମନାକରିଦେଇଥିଲେ। ତେଣୁ ଏବେ ସେ ପୁଅର ପୁନଃ ନାମକରଣ କରିଛନ୍ତି ମହମ୍ମଦ ଅଲତାଫ୍ ଆଲାମ୍ ମୋଦି। ବିବାଦକୁ ସାମ୍ନା କରି ନ ପାରି ମହିଳା ଜଣକ ବାଧହୋଇ ନାମ ପରିବର୍ତ୍ତନ କରିଥିବା କହିଛନ୍ତି। ତେବେ ପୁଅର ନାମ ଶେଷରେ ‘ମୋଦି’ ଶବ୍ଦ ରହିଛି।

# ନଡ୍ଡା ହେବେ ଭାଜପା ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୯।୫(ଆଇଏଏନ୍‌ଏସ୍)

ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମୋଦିଙ୍କ କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଗ୍ରହଣ କରିବାକୁ ଯାଉଥିବାବେଳେ ଦଳର ସାଙ୍ଗଠନିକ ଦାୟିତ୍ୱ ବରିଷ୍ଠ ଭାଜପା ନେତା ଜେ. ପି. ନଡ୍ଡାଙ୍କ ଉପରେ ନ୍ୟସ୍ତ କରାଯିବ ବୋଲି ଜଣାପଡ଼ିଛି। ୫୫ ବର୍ଷୀୟ ନଡ୍ଡା



ଜଣେ ବ୍ରାହ୍ମଣ ଓ ରାଜ୍ୟ ସଭା ସାଂସଦ। ଦଳର ଜଣେ ବିଶିଷ୍ଟ କୂଟନୀତିଜ୍ଞଭାବେ ନଡ୍ଡା ଜଣାଶୁଣା। ୟୁପି ନିର୍ବାଚନ ଦାୟିତ୍ୱ ନେଇଥିବା ନଡ୍ଡାଙ୍କୁ ସଫଳତା ମିଳିଥିଲା। ଦଳ ଏଠାରୁ ମୋଟ ୮୦ରୁ ୬୨ ଆସନ ଜିତିବାରେ ସଫଳ ହେଲା।

ପାଟ୍‌ନାର ସେଣ୍ଟ ଜାଭିୟର୍ସ ସ୍କୁଲରେ ଶିକ୍ଷାଲାଭ କରିବା ପରେ ସେ ପାଟ୍‌ନା କଲେଜ୍‌ରେ ବିଏ ଓ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟରେ ଏଲ୍‌ଏଲ୍‌ବି କରିଥିଲେ। ହିମାଚଳ ପ୍ରଦେଶରେ ୩ ଥର ବିଧାୟକ ହେବା ପରେ ରାଜ୍ୟ ସଭାକୁ ଆସିଥିଲେ। ୨୦୧୪ରେ ମୋଦି କ୍ୟାବିନେଟରେ ସେ ସ୍ୱାସ୍ଥ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏବେ ଶାହଙ୍କ ପରେ ତାଙ୍କୁ ଦଳର ସାଙ୍ଗଠନିକ ଦାୟିତ୍ୱ ବୁଝିବାକୁ ପଡ଼ିବ। ଆଗକୁ ତାଙ୍କ ପାଇଁ ଅନେକ ଚ୍ୟାଲେଞ୍ଜ ଥିବାବେଳେ ଭାଜପାର ‘ଅପରେଶନ ସାଉଥ୍’, ସେପ୍ଟେମ୍ବରରେ ହେବାକୁ ଥିବା ମହାରାଷ୍ଟ୍ର, ଝାଡ଼ଖଣ୍ଡ, ହରିୟାଣା ବିଧାନସଭା ଭୋଟ ସହ ଦଳୀୟ ରଣନୀତି ଓ ସଙ୍ଗଠନ ତାଙ୍କ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟିକରିବ ବୋଲି କୁହାଯାଉଛି।




# ଶୁଭିବନି ଏମାନଙ୍କ ସ୍ୱର




ଲାଲକୃଷ୍ଣ ଆଡ୍‌ଭାନୀ | ମୁରଲୀ ମନୋହର ଜୋଷୀ | ସୁମିତ୍ରା ମହାଜନ | ଏଚ୍.ଡି. ଦେବେଗୌଡ଼ା | ମଲ୍ଲିକାର୍ଜୁନ ଖାର୍ଗେ | ଜ୍ୟୋତିରାଦିତ୍ୟ ସିନ୍ଧିଆ

ନୂଆଦିଲ୍ଲୀ,୨୯।୫(ଆଇଏଏନ୍‌ଏସ୍)

ଭାରତର ନିର୍ବାଚନୀ ଇତିହାସରେ ବିଗତ ୩ ଦଶନ୍ଧି ଧରି ସେମାନେ ନିଜ ନିଜ ଦଳର ଦୃଢ଼ ସ୍ୱର ପାଲଟିଥିଲେ। ନିଜ ନିର୍ବାଚନମଣ୍ଡଳୀ ତଥା ରାଜ୍ୟର ସ୍ୱାର୍ଥ ପାଇଁ ସ୍ୱର ଉଠାଉଥିଲେ। କିନ୍ତୁ ନରେନ୍ଦ୍ର ମୋଦି ସରକାରଙ୍କୁ ଏକ ନିର୍ଣ୍ଣାୟକ ଜନାଦେଶ ଦେଇଥିବା ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ ପରେ ସପ୍ତଦଶ ଲୋକ ସଭାରେ ସେମାନଙ୍କ ସ୍ୱର ଆଉ ଶୁଣିବାକୁ କି ମୁହଁ ଦେଖିବାକୁ ମିଳିବନି। ଜାତୀୟ ରାଜନୀତିକୁ ଏକାଧିକ ଦଶନ୍ଧି ଧରି ପ୍ରଭାବିତ କରିଆସିଥିବା ସେହି ପୁରୁଖା ନେତାଙ୍କ ମଧ୍ୟରେ ରହିଛନ୍ତି, ଭାଜପାର ଲାଲକୃଷ୍ଣ ଆଡ୍‌ଭାନୀ, ମୁରଲୀ ମନୋହର ଜୋଷୀ, ସୁମିତ୍ରା ମହାଜନ ଓ ହୁକୁମ ନାରାୟଣ ଯାଦବ। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ଲୋକ ସଭାରେ କଂଗ୍ରେସର ପୂର୍ବତନ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ଉପନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଶାଣିତ ସ୍ୱର ମଧ୍ୟ ଗୃହରେ ଆଉ ଶୁଭିବନାହିଁ। ବୟସ ଅଧିକ ହୋଇଥିବା ଦର୍ଶାଇ ବର୍ଷୀୟାନ ଭାଜପା ନେତାମାନଙ୍କୁ ନିର୍ବାଚନରେ ଟିକେଟ ଦିଆଯାଇ ନ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଡ଼ା ସମାଲୋଚକ ଭାବେ ପରିଚିତ ଦେବେଗୌଡ଼ା, ଖାର୍ଗେ ଓ ସିନ୍ଧିଆ ନିଜ ନିଜ ସଂସଦୀୟ ଆସନରେ ପରାଜୟର ମୁହଁ ଦେଖିଛନ୍ତି।

ବିଦାୟୀ ଲୋକ ସଭାର ବରିଷ୍ଠତମ ସଦସ୍ୟ ଥିଲେ ୯୧ ବର୍ଷୀୟ ଆଡଭାନୀ। ୧୯୯୧ରୁ ବିପୁଳ ଭୋଟ ବ୍ୟବଧାନରେ ଏହି ବର୍ଷିୟାନ ନେତା ଲଗାତର ୫ଥର ଗାନ୍ଧୀନଗର ଆସନରୁ ବିଜୟୀ ହୋଇଥିଲେ। ଆଡ୍‌ଭାନୀ ଏଥର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଲୋକ ସଭା ନିର୍ବାଚନ ଲଢ଼ିବାରେ ଜେଡିୟୁର ରାମ ସୁନ୍ଦର ଦାସ (ହାଜିପୁର,୨୦୦୯)ଙ୍କ ପରେ ସବୁଠୁ ବୟସ୍କ ନେତାର ମାନ୍ୟତା ପାଇଥାନ୍ତେ। ୧୯୯୦ ଦଶକରେ ରାମମନ୍ଦିର ଆନ୍ଦୋଳନ ଓ ରଥଯାତ୍ରା ପାଇଁ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଆଡ୍‌ଭାନୀ ମନେରହିବେ। ଆଡ୍‌ଭାନୀଙ୍କ ବ୍ୟତୀତ ଭାଜପାର ବରିଷ୍ଠ ନେତା ଜୋଷୀ, ମହାଜନ, ଶାନ୍ତାକୁମାର, କଲରାଜ ମିଶ୍ର ଓ ଭଗତ ସିଂ କୋଶୟାରୀ ମଧ୍ୟ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀତା କରିନାହାନ୍ତି। ୨୦୧୪ରେ କାନପୁର ଆସନରେ ବିଜୟୀ ହୋଇଥିବା ଜୋଷୀ ୧୯୯୧ ଓ ୧୯୯୩ରେ ଭାଜପା ଅଧ୍ୟକ୍ଷ ଥିଲେ। ସେ ବାରାଣସୀରୁ ମଧ୍ୟ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରୁଥିଲେ। ୨୦୧୪ରେ ବାରାଣସୀରେ ନରେନ୍ଦ୍ର ମୋଦିଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ଜୋଷୀଙ୍କୁ କାନପୁରରେ ଟିକେଟ ଦିଆଯାଇଥିଲା। ସୁମିତ୍ରା ମହାଜନ ଷୋଡ଼ଶ ଲୋକ ସଭାରେ ବାଚସ୍ପତି ଥିଲେ। ଲୋକ ସଭାରେ ୮ ଥର ପ୍ରତିନିଧିତ୍ୱ କରିଥିବା ମହାଜନ ଏଥର ନିର୍ବାଚନ ଲଢ଼ିନାହାନ୍ତି। ମଧ୍ୟପ୍ରଦେଶର ଇନ୍ଦୋର ଆସନରୁ ୧୯୮୯ରୁ ନିର୍ବାଚିତ ହୋଇଆସୁଥିବା ଏହି ନେତ୍ରୀ କେନ୍ଦ୍ରରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ସମ୍ଭାଳିଥିଲେ। ସେହିପରି ନିଜ ବାକ୍‌ଚାତୁରୀ ପାଇଁ ପରିଚିତ ହୁକୁମ୍ ନାରାୟଣ ଯାଦବ ୫ ଥର ଏମ୍‌ପି ହୋଇଥିଲେ। ସମାଜବାଦୀ ନେତା ଭାବେ ପରିଚିତ ହୁକୁମ୍ ୧୯୭୭ରେ ଲୋକ ସଭାରେ ପ୍ରବେଶ କରିଥିଲେ। ବିହାରର ମଧୁବନୀ ଆସନରୁ ସେ ଏଥର ନିର୍ବାଚନ ଲଢ଼ିନାହାନ୍ତି।

ଅନ୍ୟପକ୍ଷରେ କର୍ନାଟକର ସ୍ୱରକୁ ବିଗତ ୩ ଦଶନ୍ଧି ଧରି ଉଠାଉଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେଗୌଡ଼ା ପ୍ରଥମଥର ପାଇଁ ଲୋକ ସଭା ନିର୍ବାଚନ ହାରିଯାଇଛନ୍ତି। ଷଷ୍ଠଥର ପାଇଁ ବିଜୟ ଆଶା ବାନ୍ଧିଥିବା ଜେଡିଏସ୍ ଅଧ୍ୟକ୍ଷ ଦେବେଗୌଡ଼ାଙ୍କୁ ଟୁମୁକୁର ଆସନରେ ଭାଜପାର ଜି.ଏସ୍. ବାସବାରାଜୁ ପରାଜିତ କରିଛନ୍ତି। ମନମୋହନ ସିଂଙ୍କ ନେତୃତ୍ୱାଧୀନ ଉପା ସରକାରରେ କ୍ୟାବିନେଟ ମନ୍ତ୍ରୀ ଥିବା ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଏଥର କର୍ନାଟକର ଗୁଲବର୍ଗା ଆସନରେ ହାରିଯାଇଛନ୍ତି। ଭାଜପାର ଉମେଶ ଜି. ଯାଦବ ତାଙ୍କୁ ୯୫,୪୫୨ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। କଂଗ୍ରେସର ଯୁବ ଚେହେରା ଜ୍ୟୋତିରାଦିତ୍ୟ ସିନ୍ଧିଆ ପ୍ରଥମଥର ପାଇଁ ନିଜ କ୍ୟାରିୟରରେ ପରାଜୟ ସ୍ୱୀକାର କରିଛନ୍ତି। ଦଳ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ସିନ୍ଧିଆଙ୍କୁ ଭାଜପାର କ୍ରିଷ୍ଣା ପାଲ ଯାଦବ ମଧ୍ୟପ୍ରଦେଶର ଗୁନା ଆସନରେ ହରାଇ ଦେଇଛନ୍ତି। ସେହିପରି କଂଗ୍ରେସର ତାରିକ୍ ଅନ୍‌ୱର ତାଙ୍କ ପାରମ୍ପରିକ ଆସନ ବିହାରର କଟିହାରରୁ ପରାଜିତ ହୋଇଛନ୍ତି। ଶିବସେନାର ଅନନ୍ତ ଗୀତେଙ୍କୁ ସିପିଆଇଏମ୍‌ର ମହମ୍ମଦ ସଲିମ୍ ହରାଇଛନ୍ତି। ଅନେକ ହେଭିୱେଟ୍ ପରାଜିତ ହୋଇଥିବାବେଳେ ୩୦୦ ନୂଆମୁହଁ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି।




## ମୋରିସନ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

ମେଲବୋର୍ନ, ୨୯।୫(ଆଇଏଏନ୍‌ଏସ୍)

ଅଷ୍ଟ୍ରେଲିଆର ୪୬ତମ ପ୍ରଧାନମନ୍ତ୍ରୀ ଭାବେ ସ୍କଟ ମୋରିସନ ବୁଧବାର ଶପଥ ଗ୍ରହଣ କରିଛନ୍ତି। କାନ୍‌ବେରାରେ ଅନୁଷ୍ଠିତ ବର୍ଣ୍ଣାଢ୍ୟ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋରିସନଙ୍କ ସହ ଉପପ୍ରଧାନମନ୍ତ୍ରୀ ମାଇକେଲ ମ୍ୟାକକୋର୍ମାକ୍‌ଙ୍କୁ ମଧ୍ୟ ଗଭର୍ଣ୍ଣର ଜେନେରାଲ ପିଟର କସଗ୍ରୋଭ୍ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସାଧାରଣ ନିର୍ବାଚନ ପରେ ଏକ୍‌ଜିଟ୍ ପୋଲ୍ ରିପୋର୍ଟକୁ ଭୁଲ ପ୍ରମାଣିତ କରି ଶାସକ କଞ୍ଜର୍‌ଭେଟିଭ୍ ପାର୍ଟି କ୍ଷମତା ଦଖଲ କରିଛି। ମୋରିସନଙ୍କ ନୂଆ କ୍ୟାବିନେଟରେ ୭ ଜଣ ମହିଳା ସ୍ଥାନ ପାଇଥିବା ଜଣାପଡ଼ିଛି।



[ଇତିହାସର ଆଇନାରେ]

## ମେ ୩୦ର ପ୍ରମୁଖ ଘଟଣା

୧୯୯୮ ମେ ୩୦ରେ ପାକିସ୍ତାନ ପରମାଣୁ ପରୀକ୍ଷା କରିଥିଲା। ଦକ୍ଷିଣ-ପଶ୍ଚିମ ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ଅନ୍ତର୍ଗତ ଖରନ ମରୁଭୂମିରେ ଏହି ପରୀକ୍ଷା କରାଯାଇଥିଲା। ଚଗାଇ-୨ ନାମରେ ଏହା ଥିଲା ପାକିସ୍ତାନର ଦ୍ୱିତୀୟ ପରମାଣୁ ପରୀକ୍ଷା।

୨୦୧୩ ମେ ୩୦ରେ ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ, ଲେଖକ, ଅଭିନେତା ତଥା ପ୍ରଯୋଜକ ଋତୁପର୍ଣ୍ଣୋ ଘୋଷଙ୍କର ଅକାଳ ବିୟୋଗ ହୋଇଥିଲା। ବଙ୍ଗଳା ଚଳଚ୍ଚିତ୍ର ଜଗତରେ ସେ ଥିଲେ ଅନ୍ୟତମ ରତ୍ନ।



ପଶ୍ଚିମବଙ୍ଗରେ ଗତ ବର୍ଷେ ମଧ୍ୟରେ ରାଜନୈତିକ ହିଂସାରେ ୪୦ ଭାଜପା କର୍ମୀ ପ୍ରାଣ ହରାଇଛନ୍ତି। ଗୁରୁବାର ହେବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ଶପଥଗ୍ରହଣ ଉତ୍ସବକୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ମୃତକଙ୍କ ସମ୍ପର୍କୀୟମାନେ ହାଓଡା ରେଲୱେ ଷ୍ଟେଶନରୁ ନୂଆଦିଲ୍ଲୀ ଅଭିମୁଖେ ବାହାରିଛନ୍ତି।

# ପ୍ରଶଂସକ ମୋତେ ଦେବୀ ଭୂମିକାରେ ଦେଖିବାକୁ ଚାହାନ୍ତି

**ମୁମ୍ବାଇ :** ଏବେ ବି ପ୍ରଶଂସକମାନେ ମୋତେ ଦେବୀ ଭୂମିକାରେ ଦେଖିବାକୁ ଚାହାନ୍ତି ବୋଲି ଅଭିନେତ୍ରୀ ଦେବିନା ବାନାର୍ଜୀ କହିଛନ୍ତି। ଏକ ଦଶନ୍ଧି ତଳେ ପୌରାଣିକ କଥାବସ୍ତୁ ‘ରାମାୟଣ’ରେ ସେ ସୀତା ଭୂମିକାରେ ଅଭିନୟ କରିଥିଲେ। ପ୍ରଶଂସକମାନେ ଏବେ ମଧ୍ୟ ତାକୁ ମନେରଖିଥିବା ସେ ପ୍ରକାଶ କରିଛନ୍ତି। ପ୍ରଶଂସକମାନେ ମୋଠାରୁ କୌଣସି ବୋଲ୍ଡ ସିନ୍ ଆଶା କରନ୍ତିନି, ବରଂ ଦେବୀ ଭୂମିକାରେ ସର୍ବଦା ସେମାନେ ମୋତେ ଦେଖିବାକୁ ଚାହାନ୍ତି। ବିଶେଷକରି ଟିଭିରେ ଲୋକଙ୍କ ମାନସିକ ସ୍ଥିତିକୁ ଦେଖି ଅଭିନୟ କରିବା ଠିକ୍ ହେବ ବୋଲି ସେ କହିଛନ୍ତି। ଜଣେ ଅଭିନେତ୍ରୀଭାବେ ମୋତେ ଭଲ ଅଭିନୟ କରି ଲୋକଙ୍କ ଆସ୍ଥାଭାଜନ ହେବାକୁ ପଡ଼ିବ ବୋଲି ସେ ମତ ଦେଇଛନ୍ତି। ପ୍ରକାଶଥାଉ କି, ଦେବିନା ଖୁବଶୀଘ୍ର ‘ଭିଶ୍: ଏ ପଏଜନସ୍ ଷ୍ଟୋରି’ରେ ଦେଖିବାକୁ ମିଳିବେ। ଜଣେ ବିଷକନ୍ୟାଙ୍କ ପ୍ରତିଶୋଧ କାହାଣୀ ଉପରେ ଏହା ପରିବେଷିତ। ଏଥିରେ ମୁଖ୍ୟ ଭୂମିକାରେ ଦେବିନାଙ୍କୁ ଦେଖିବାକୁ ମିଳିବ। ଶତ୍ରୁ ଚରିତ୍ରରେ ମୁଁ ଏଥିରେ ଅଭିନୟ କରୁଥିଲେ ବି ଅଭିନୟର ଯାଦୁ ଦେଖାଇବା ଲାଗି ମୋତେ ପର୍ଯ୍ୟାପ୍ତ ସୁଯୋଗ ଏଥିରେ ମିଳିପାରିବ ବୋଲି ଦେବିନା ପ୍ରକାଶ କରିଛନ୍ତି।



ଦେବିନା ବାନାର୍ଜୀ





# ଅଭିଜ୍ଞଙ୍କ ଭିତରେ ଅନେକ ନୂଆ ମୁହଁ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ୧୧୨ ବିଧାନସଭା ଆସନରେ ବିଜୟୀ ହୋଇ ପଞ୍ଚମଥର ଲାଗି ରାଜ୍ୟରେ ସରକାର ଗଠନ କରିଛି। ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ମନ୍ତ୍ରିମଣ୍ଡଳର ୧୧ କ୍ୟାବିନେଟ୍ ମନ୍ତ୍ରୀ ଓ ୯ଜଣ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ତେବେ ଏଥର ୧୦ଜଣ ନୂଆ ଚେହେରା ସ୍ଥାନ ପାଇଛନ୍ତି। ଦଳର ବହୁ ଆଗ ଧାଡିର ନେତା ତଥା ହେଭିୱେଟ୍‌ଙ୍କୁ ଏଥର ସ୍ଥାନ ଦିଆଯାଇନାହିଁ। ନାନା ଚର୍ଚ୍ଚା ପରେ ବି ବହୁ ଟାଣୁଆ ନେତାଙ୍କୁ ଶେଷରେ ନୀରବ ରହିବାକୁ ପଡିଛି। ତଥାପି ବହୁ ଅଭିଜ୍ଞଙ୍କ ଭିତରେ ଅନେକ ନୂଆଙ୍କୁ ଦାୟିତ୍ୱ ଦେଇ ନବୀନ ନିଜର ୫ମ ପାଳି ଆରମ୍ଭ କରିଛନ୍ତି।

କ୍ୟାବିନେଟ୍ ପାହ୍ୟା ପାଇଥିବା ୧୧ ଜଣିଆ ମନ୍ତ୍ରୀ ତାଲିକାରେ ମଧ୍ୟ ବହୁ ନୂଆ ନେତାଙ୍କୁ ଦାୟିତ୍ୱ ମିଳିଛି। ମୁଖ୍ୟମନ୍ତ୍ରୀ ଗୃହ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ନିଜ ହାତରେ ରଖିଛନ୍ତି। ପ୍ରଫୁଲ୍ଲ ମଲିକ ୨୦୦୪, ୨୦୦୯,୨୦୧୪ ଏବଂ ୨୦୧୯ରେ ଲଗାତର ବିଜୟୀ ହୋଇଆସୁଛନ୍ତି। ପ୍ରଫୁଲ୍ଲଙ୍କୁ ଇସ୍ପାତ,ଖଣି ଓ ପୂର୍ତ୍ତ ବିଭାଗ ଦାୟିତ୍ୱ ଦିଆଯାଇଛି। ୨୦୧୪ର ଦ୍ୱିତୀୟ ପାଳିରେ ପ୍ରଫୁଲ୍ଲଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ସେହିପରି ପ୍ରତାପ ଜେନାଙ୍କୁ ମଧ୍ୟ ୪ର୍ଥ ପାଳିର ଦ୍ୱିତୀୟ ପର୍ଯ୍ୟାୟ ମନ୍ତ୍ରିମଣ୍ଡଳରେ ସ୍ୱାସ୍ଥ୍ୟମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଥିଲା। ପ୍ରତାପ ୨୦୦୦ ମସିହାରୁ ଲଗାତର ବିଧାୟକ ନିର୍ବାଚିତ ହୋଇଆସୁଛନ୍ତି। ସେ ୨୦୦୦-୨୦୦୪ରେ କିଶନନଗର ଆସନରୁ ବିଜୟୀ ହୋଇଥିବା ବେଳେ ୨୦୦୯, ୨୦୧୪ଏବଂ ୨୦୧୯ରେ ମାହାଙ୍ଗାରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରତାପଙ୍କ ଉପରେ ଭରସା କରି ତାଙ୍କୁ ପଞ୍ଚାୟତିରାଜ, ଗୃହ ଓ ନଗର ଉନ୍ନୟନ ଏବଂ ଆଇନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇଛି। ନୟାଗଡ ଆସନରୁ ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ ଲଗାତର ନିର୍ବାଚିତ ହୋଇ ଆସୁଥିବା ଅରୁଣ କୁମାର ସାହୁଙ୍କୁ କୃଷି,ମତ୍ସ୍ୟ,ପଶୁ ସମ୍ପଦ ଓ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ପଦ ମିଳିଛି। ସେହିପରି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଲଗାତର ୮ଥର ବିଧାନସଭାକୁ ନିର୍ବାଚିତ ହୋଇ ଆସୁଛନ୍ତି। ସେ ୧୯୯୦ ଓ ୧୯୯୫ରେ ଜନତା ଦଳରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ। ୨୦୦୦, ୨୦୦୪, ୨୦୧୨ ଉପନିର୍ବାଚନ ଏବଂ ୨୦୧୪ରେ ବିଜେଡି ଟିକେଟରେ ବିଜୟୀ ହୋଇଛନ୍ତି। ୨୦୧୯ରେ ବିଜୟୀ ହୋଇ ରଣେନ୍ଦ୍ର ବିଜେଡି ସରକାରର ୫ମ ପାଳିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ପଦ ପାଇଛନ୍ତି। ଅପରପକ୍ଷରେ କଂଗ୍ରେସ ଟିକେଟରେ ୨୦୦୯ ଓ ୨୦୧୪ରେ ବିଜୟୀ ହୋଇଥିବା ଝାରସୁଗୁଡା ବିଧାୟକ ନବ କିଶୋର ଦାସ ୨୦୧୯ ନିର୍ବାଚନର କିଛିଦିନ ପୂର୍ବରୁ ବିଜେଡିରେ ସାମିଲ ହୋଇଥିଲେ। ୨୦୧୯ରେ ସେ ବିଜେଡି ଟିକେଟରେ ଲଢି ବିଜୟୀ ହେବାପରେ କ୍ୟାବିନେଟ୍ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। ନବଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପଦ ମିଳିଛି। ଭଞ୍ଜନଗର ଆସନରୁ ୧୯୯୫ରୁ ଲଗାତର ଭାବେ ବିକ୍ରମ କେଶରୀ ଆରୁଖ ବିଜୟୀ ହୋଇଆସୁଛନ୍ତି। ବିଭିନ୍ନ ସମୟରେ ନବୀନଙ୍କ ମନ୍ତ୍ରିମଣ୍ଡଳରେ ସେ ସ୍ଥାନ ପାଇ ଆସୁଛନ୍ତି। ଏଥର ଆରୁଖଙ୍କୁ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଦାୟିତ୍ୱ ଦିଆଯାଇଛି। ସେହିପରି ନିରଞ୍ଜନ ପୂଜାରୀ ବିନ୍ନିକା ବିଧାନସଭା ଆସନରୁ ୨୦୦୦ ଓ ୨୦୦୪ରେ ବିଜୟୀ ହୋଇ ବିଧାୟକ ହୋଇଥିଲେ। ହେଲେ ୨୦୦୯, ୨୦୧୪ ଓ ୨୦୧୯ରେ ସେ ସୋନପୁର ଆସନରୁ ତିନିଥର ବିଧାୟକ ହୋଇଛନ୍ତି। ନିରଞ୍ଜନ ମଧ୍ୟ ପୂର୍ବରୁ ଅନେକ ସମୟରେ ନବୀନଙ୍କ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ଏଥର ମନ୍ତ୍ରିମଣ୍ଡଳରେ ତାଙ୍କୁ କ୍ୟାବିନେଟ୍ ପାହ୍ୟା ସାଙ୍ଗକୁ ଅର୍ଥ ଓ ଅବକାରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇଛି। ଟିଟିଲାଗଡ ଆସନରୁ ୨୦୧୪ରୁ ନିର୍ବାଚନ ଜିତିଛନ୍ତି ଟୁକୁନି ସାହୁ। ୨୦୧୯ ନିର୍ବାଚନରେ ମଧ୍ୟ ଟୁକୁନି ବିଜୟୀ ହୋଇ ପ୍ରଥମ ଥର ଲାଗି ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ମହିଳା ଓ ଶିଶୁ କଲ୍ୟାଣ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ସହ ତାଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି। ସେହିପରି ଜେଏମ୍ଏମ୍ ସଙ୍ଗଠନ ସହ ଜଡିତ ଥିବା ପୁରୁଣା ନେତା ସୁଦାମ ମାରାଣ୍ଡିଙ୍କ ଉପରେ ମଧ୍ୟ ନବୀନ ଏଥର ଆସ୍ଥା ପ୍ରକଟ କରିଛନ୍ତି। ସୁଦାମଙ୍କୁ ନବୀନଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ପାହ୍ୟା ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପଦ ମିଳିଛି। ସୁଦାମ ମଧ୍ୟ ପୂର୍ବରୁ ନବୀନଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ଅନ୍ୟପଟେ ଭଟଲି ଆସନରୁ ୨୦୦୯, ୨୦୧୪ରେ ବିଜୟୀ ହୋଇଥିବା ସୁଶାନ୍ତ ସିଂ ୨୦୧୯ ନିର୍ବାଚନରେ ମଧ୍ୟ ବାଜିମାତ କରିଛନ୍ତି। ୨୦୧୪ ମନ୍ତ୍ରିମଣ୍ଡଳର ଦ୍ୱିତୀୟ ପାଳିରେ ସୁଶାନ୍ତ ସ୍ଥାନ ପାଇଥିଲେ। ଏଥର ମଧ୍ୟ ସେ ନବୀନଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି। ତାଙ୍କୁ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ନିୟୋଜନ ବିଭାଗର ମନ୍ତ୍ରୀ ଦାୟିତ୍ୱ ମିଳିପାରିଛି। ପଦ୍ମନାଭ ବେହେରା ବୀରମହାରାଜପୁର ଆସନରୁ ବିଜୟୀ ହୋଇଛନ୍ତି। ୨୦୦୯ରେ ମଧ୍ୟ ସେ ଏହି ଆସନରୁ ବିଜୟୀ ହୋଇଥିଲେ। ପୂର୍ବରୁ ଦୁଇଥର ସେ ଫୁଲବାଣୀ ଆସନରୁ ଜିତି ବିଧାନସଭା ଆସିଥିଲେ। ବିଗତ ଦିନରେ ନବୀନଙ୍କ ମନ୍ତ୍ରିମଣ୍ଡଳରେ ପଦ୍ମନାଭ ରହିଛନ୍ତି। ଏଥର ତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବା ସହ କ୍ୟାବିନେଟ୍ ପାହ୍ୟା ମିଳିଛି। ସେ ବାଣିଜ୍ୟ ଓ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱ ପାଇଛନ୍ତି।

ଏହାସହ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ପଦ ପାଇଥିବା ନେତାଙ୍କ ଭିତରେ ମଧ୍ୟ ବହୁ ନୂଆ ଚେହେରା ଅଛନ୍ତି। ଏହାସହ ଦଳ ଡେଇଁ ଆସିଥିବା କେତେଜଣ ନେତାଙ୍କୁ ବିଭିନ୍ନ ମନ୍ତ୍ରୀ ଦାୟିତ୍ୱ ଦିଆଯାଇଛି। ବିଷମକଟକ ଆସନରୁ ବିଜୟୀ ହୋଇଥିବା ଜଗନ୍ନାଥ ସାରକାଙ୍କୁ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦାୟିତ୍ୱ ମିଳିଛି। ସାରକା ୨୦୧୪ରେ ମଧ୍ୟ ଏହି ଆସନରୁ ବିଜୟୀ ହୋଇଥିଲେ। ଜୁନାଗଡ ଆସନରୁ ଜିତିଥିବା ଦିବ୍ୟଶଙ୍କର ମିଶ୍ରଙ୍କୁ ଶକ୍ତି, ଶିଳ୍ପ, ସୂକ୍ଷ୍ମ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ସହ ଗୃହ ବିଭାଗର ଅତିରିକ୍ତ ମିଳିଛି। ସେ ୨୦୧୪ରେ ମଧ୍ୟ ଏହି ଆସନରୁ ବିଧାୟକ ହୋଇଥିଲେ। ସେହିପରି ଭୁବନେଶ୍ୱର ଏକାମ୍ର ଆସନରୁ ୨୦୦୯ରୁ ବିଜୟୀ ହୋଇ ଆସୁଥିବା ଅଶୋକ ପଣ୍ଡାଙ୍କ ଉପରେ ଏଥର ମଧ୍ୟ ମୁଖ୍ୟମନ୍ତ୍ରୀ ଆସ୍ଥା ପ୍ରକଟ କରିଛନ୍ତି। ତାଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିବ ବୋଲି ସେ ଆଶା କରୁଥିଲେ ମଧ୍ୟ ତାଙ୍କୁ ରାଷ୍ଟ୍ର ମନ୍ତ୍ରୀ ପାହ୍ୟା ଦେଇ ସନ୍ତୁଷ୍ଟ କରାଯାଇଛି। ତାଙ୍କୁ ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମନ୍ତ୍ରୀ ଦାୟିତ୍ୱ ମିଳିଛି।

୨୦୦୯ରୁ ଲଗାତର ନିମାପଡା ଆସନରୁ ଜିତି ଆସୁଥିବା ସମୀର ରଞ୍ଜନ ଦାସଙ୍କୁ ଏଥର ସ୍କୁଲ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱ ମିଳିଛି। ଗତଥର ମନ୍ତ୍ରିମଣ୍ଡଳରେ ତାଙ୍କୁ ସ୍ଥାନ ମିଳିବ ବୋଲି ଆଶା କରି ଶେଷରେ ତାଙ୍କୁ ନିରାଶ ହେବାକୁ ପଡିଥିଲା। ସେହିପରି ସିମୁଳିଆ ଆସନରୁ ଜିତିଥିବା ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ପ୍ରଥମ ଥର ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ସେ ପର୍ଯ୍ୟଟନ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ହୋଇଛନ୍ତି। ତେଲକୋଇରୁ ବିଜୟୀ ହୋଇଥିବା ପ୍ରେମାନନ୍ଦ ନାୟକଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀପଦ ମିଳିଛି। ୨୦୧୯ ନିର୍ବାଚନ ପୂର୍ବରୁ ଭାଜପାରୁ ଆସି ବିଜେଡିରେ ମିଶିଥିବା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ତାଙ୍କୁ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗର ଦାୟିତ୍ୱ ମିଳିଛି। କୋଟପାଡ ଆସନରୁ ନିର୍ବାଚନ ଲଢି ବିଜୟୀ ହୋଇଥିବା ପଦ୍ମିନୀ ଦିଆନ୍‌ଙ୍କୁ ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀପଦ ମିଳିଛି। ସେହିପରି ପ୍ରଥମ ଥର କାକଟପୁର ଆସନରୁ ଜିତି ବିଧାୟକ ହୋଇଛନ୍ତି ତୁଷାରକାନ୍ତି ବେହେରା। ସେ ନିର୍ବାଚନରେ ଭାଜପା ଟିକେଟ ପାଇଥିଲେ। ହେଲେ ଟିକେଟ ଫେରାଇ ଶେଷରେ ବିଜେଡିରୁ ପ୍ରାର୍ଥୀ ହେଲେ। ୨୦୧୯ରେ କ୍ୟାରିୟର ଆରମ୍ଭ କରି ବିଜୟୀ ହେବା କ୍ଷଣି ତୁଷାରକାନ୍ତିଙ୍କୁ ମନ୍ତ୍ରୀ ପଦ ମିଳିଯାଇଛି। ନବୀନଙ୍କ ମନ୍ତ୍ରିମଣ୍ଡଳରେ ତୁଷାର ଆଇଟି, କ୍ରୀଡା ଓ ଯୁବ ବ୍ୟାପାର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ପଦ ପାଇଛନ୍ତି।

## ନବୀନଙ୍କ ନୂଆ ମନ୍ତ୍ରିମଣ୍ଡଳ

## ସଂକ୍ଷେପରେ

### ଶପଥ ଗ୍ରହଣ ଉତ୍ସବକୁ ଗଲେନି ଜୟନାରାୟଣ

**ମୋତେ ଠିକ୍ ଭାବେ ନିମନ୍ତ୍ରଣ କରାଯାଇ ନ ଥିଲା**

**ସମ୍ବଲପୁର,୨୯।୫(ବ୍ୟୁରୋ):** ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫ ପାଳି ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଆୟୋଜିତ ହୋଇଯାଇଛି। ହେଲେ ଏହି ଉତ୍ସବକୁ ବିଭିନ୍ନ ବର୍ଗର ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଠିକ୍ ଭାବେ ନିମନ୍ତ୍ରଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସେଥିପାଇଁ ସେ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ନାହାନ୍ତି ବୋଲି ଜୟନାରାୟଣ କରିଛନ୍ତି। ସେ ଦର୍ଶାଇଛନ୍ତି, ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ନିମନ୍ତ୍ରଣ ମିଳିଥିଲା। ହେଲେ ସେଥିରେ କେବଳ ସମୟ ଓ ତାରିଖ ଉଲ୍ଲେଖ ରହିଥିଲା। ଗାଡି ପାସ୍, ସିଟ୍ ପାସ୍ ଦିଆ ଯାଇ ନ ଥିଲା। ସେହିଭଳି ଉତ୍ସବ ସ୍ଥଳକୁ କେଉଁ ଗେଟ୍ ଦେଇ ସେ ପ୍ରବେଶ କରିବେ ସେ ନେଇ ମଧ୍ୟ ନିମନ୍ତ୍ରଣପତ୍ରରେ ଉଲ୍ଲେଖ ନ ଥିଲା। ଏଣୁ ଏହା ନିମନ୍ତ୍ରଣ କଲା ଭଳି ନୁହେଁ, ବରଂ କର୍ତ୍ତବ୍ୟ ଓ ଦାୟିତ୍ୱ ସାରିବାକୁ ଯାଇ ଔପଚାରିକତା ଦୃଷ୍ଟିରୁ କେବଳ ନିମନ୍ତ୍ରଣ ପତ୍ର ଖଣ୍ଡେ ପଠାଇ ଦିଆଯାଇଥିଲା। ତେଣୁ କିଭଳି ଭାବେ ଏହି ଶପଥ ଗ୍ରହଣ ଉତ୍ସବରେ ସେ ଯୋଗ ଦେଇଥାନ୍ତେ ବୋଲି କହିଛନ୍ତି।

### ଟ୍ରେନରେ ପ୍ରସବ କଲେ ମହିଳା

**ଜେକେପୁର, ୨୯।୫ (ଡି.ଏନ୍.ଏ.):** ଚଳନ୍ତା ଟ୍ରେନ୍‌ରେ ପ୍ରସବ କରିଛନ୍ତି ଜଣେ ମହିଳା। ବୁଧବାର ଏପରି ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ନାନ୍ଦେଡ଼ ନାଗାବଳୀ ଏକ୍ସପ୍ରେସ୍‌ରେ। ହରପ୍ରିୟା ନାମକ ଜଣେ ମହିଳା ଉକ୍ତ ଟ୍ରେନରେ ସମ୍ବଲପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ତାଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏହା ଅଧିକ ହେବାରୁ ସେ ଟ୍ରେନ୍‌ରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ବବଲି ଷ୍ଟେଶନରେ ଟିଟି ଏନେଇ ରାୟଗଡ଼ା ଷ୍ଟେଶନ ମାଷ୍ଟରଙ୍କୁ ଫୋନ ଯୋଗେ ଜଣାଇଥିଲେ। ସେ ସଙ୍ଗେ ସଙ୍ଗେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିଥିଲେ। ଟ୍ରେନ୍‌ଟି ରାୟଗଡା ଷ୍ଟେଶନରେ ପହଞ୍ଚିବା ପରେ ତୁରନ୍ତ ମାଆ ଓ ଶିଶୁକୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ଉଭୟ ମା' ଓ ନବଜାତ ଶିଶୁ ସୁରକ୍ଷିତ ଥିବା ଷ୍ଟେଶନ ମାଷ୍ଟର ପି.ସି. ସେଠୀ କହିଛନ୍ତି।




ଆସିକା ବିଧାୟକ ପ୍ରାର୍ଥୀ ମନୋଜ ହତ୍ୟା ଘଟଣା

# ପରିବାର ସଦସ୍ୟଙ୍କୁ ଭେଟିଲେ କଂଗ୍ରେସ ପଦାଧିକାରୀ

ଆସିକା,୨୯।୫(ଡି.ଏନ୍.ଏ.)

ପିସିସିର ଅନ୍ୟତମ ସମ୍ପାଦକ ତଥା ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚଳିତଥର କଂଗ୍ରେସ ପ୍ରାର୍ଥୀ ହୋଇଥିବା ମନୋଜ କୁମାର ଜେନାଙ୍କୁ ଗତ୨୨ ତାରିଖ ରାତିରେ ଗୁଳିମାଡ ହୋଇଥିଲା। ୨୩ ତାରିଖ ରାତିରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ମୃତ୍ୟୁ ଘଟିଥିଲା। ହତ୍ୟାର ୬ଦିନ ପରେ ବୁଧବାର ଅପରାହ୍ଣରେ କଂଗ୍ରେସର ବରିଷ୍ଠ ପଦାଧିକାରୀମାନେ ମନୋଜଙ୍କ ନୂଆଗାଁସ୍ଥିତ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ଭେଟିଥିଲେ। ମନୋଜଙ୍କ ବାପା, ଭାଇ ଓ ସ୍ତ୍ରୀଙ୍କୁ ସାନ୍ତ୍ୱନା ଦେଇଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ୍ ଗାନ୍ଧୀଙ୍କ ନିର୍ଦ୍ଦେଶମତେ ଏହି ପଦାଧିକାରୀମାନେ ଏଠାରେ ପହଞ୍ଚିଥିବା ଓ ପରିବାର ସଦସ୍ୟ ଭାବେ ସୁଖଦୁଃଖରେ ସାଥିରେ ରହିବା ନେଇ ଆଶ୍ୱାସନା ଦେଇଥିଲେ। ପିସିସି ଓଡ଼ିଶା ପ୍ରଭାରୀ ତଥା ଏଆଇସିସି ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ସାନଖେମୁଣ୍ଡି କଂଗ୍ରେସ ବିଧାୟକ ରମେଶ ଜେନା, ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରା, ରାଜ୍ୟ ସହପ୍ରଭାରୀ ରୁଦ୍ର ରାଜୁ, ଅନିଲ୍ ଚୌଧୁରୀ, ଶମ୍ଭୁ ପାଣିଗ୍ରାହୀ, ଶୁଭେନ୍ଦୁ ମହାନ୍ତି, ବିଜୟ କୁମାର ସାହୁ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ। ଏହି ଅବସରରେ ଗଞ୍ଜାମ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଥିବା ପ୍ରଭାରୀ ସିଂ ଅଭିଯୋଗ କରିଥିଲେ। ହତ୍ୟାକାଣ୍ଡର ସପ୍ତାହେ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ସହ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ଦାବି କରିଥିଲେ।

ସୂଚନାଯୋଗ୍ୟ, ଗତ ୨୨ ତାରିଖ ରାତି ପ୍ରାୟ ୯ଟାରେ ମନୋଜ କାର ଯୋଗେ ଭୁବନେଶ୍ୱରରୁ ବ୍ରହ୍ମପୁର ଦେଇ ଆସିକା ଫେରୁଥିଲେ। ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ନିକଟରେ ପରିସ୍ରା କରିବାକୁ କାରରୁ ଓହ୍ଲାଇଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ମନୋଜଙ୍କ ଗଳାକୁ ଧାରୁଆ ଅସ୍ତ୍ରରେ କାଟି ଦେବା ସହ ଗୁଳିମାଡ କରିଥିଲେ।



କଂଗ୍ରେସ ନେତୃବୃନ୍ଦ ମନୋଜଙ୍କ ପରିବାର ଲୋକଙ୍କୁ ଭେଟୁଛନ୍ତି।

# ଭୁବନରେ ନକଲି ମଦ କାରଖାନା ଠାବ

ଭୁବନ, ୨୯।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅଧୀନ ୩ନଂ. ୱାର୍ଡରୁ ନକଲି ବିଦେଶୀ ମଦ ତିଆରି କାରଖାନା ଠାବ କରାଯାଇଛି। ଘଟଣାସ୍ଥଳରୁ ମଦ ପ୍ରସ୍ତୁତ କରାଯାଉଥିବା ମେଶିନ ସହ ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୪ଜଣ ଧରାପଡ଼ିଛନ୍ତି।

ଭୁବନ ଏନ୍ଏସି ଅଞ୍ଚଳରେ ଚୋରା ନକଲି ମଦ ତିଆରି କରାଯାଇ ଜିଲା ତଥା ଜିଲା ବାହାରକୁ ଚାଲାଣ କରାଯାଉଥିବା ଅଭିଯୋଗ ହୋଇ ଆସୁଥିଲା। ଏ ନେଇ ସୂଚନା ମିଳିବା ପରେ ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସହାୟତାରେ ମଙ୍ଗଳବାର ବିଳମ୍ବିତ ରାତିରେ ଅତର୍କିତ ଚଢ଼ାଉ କରାଯାଇଥିଲା। ୩ନଂ. ୱାର୍ଡ ଅଧୀନ ନୂଆଭୁବନ ଅଞ୍ଚଳର ଲକ୍ଷ୍ମୀଧର ସାହୁ (୫୨)ଙ୍କ ଘରୁ ୬୫୦ଲିଟର ସ୍ପିରିଟ, ମଦ ପ୍ୟାକିଂ ପାଇଁ ରଖାଯାଇଥିବା ୮୦୦ଟି ବୋତଲ, ୬କେଜି କ୍ୟାମେଲ, ୨ଟି ମଦ ତିଆରି ମେଶିନ, ୮୦୦୦ ଷ୍ଟିକର, ୨୫୦୦ ନକଲି କମ୍ପାନୀ ଲେଭଲ ଜବତ କରାଯାଇଥିଲା। ଏଥିସହ ମଦ ଚାଲାଣରେ ବ୍ୟବହୃତ କାର (ନଂ.ଓଡି ୧୯ ଏମ୍ ୦୦୯୩) ମଧ୍ୟ ଧରାପଡ଼ିଛି। ଘଟଣାସ୍ଥଳରୁ କପିଳ ସାହୁ (୨୫)ଙ୍କୁ ଗିରଫ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମୀଧରଙ୍କୁ ଜେରାବେଳେ ଏପରି ବେଆଇନ କାରବାର ପଛରେ ଥିବା ଅନ୍ୟମାନଙ୍କ ସମ୍ପର୍କରେ ସତ ଓଗାଳିଥିଲେ। ଏହାପରେ ମଦ ତିଆରି ସାମଗ୍ରୀ ଯୋଗାଉଥିବା ୯ନଂ. ୱାର୍ଡ ପାଲାମଣ୍ଡପ ଅଞ୍ଚଳର ଶରତ କୁମାର ସାହୁ (୩୩), ରଞ୍ଜନ କୁମାର ସାହୁ (୪୦)ଙ୍କୁ ଗିରଫ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ନଂ. ୨୫/୧୯ରେ ମାମଲା ରୁଜୁ କରାଯାଇଛି। ଏଥିରେ ଅନ୍ୟ କେତେଜଣଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ପୋଲିସ ଛାନ୍‌ଭିନ୍ କରୁଛି।

ଥାନାଧିକାରୀ ନିର୍ମଳା ଗୋଚ୍ଛାୟତଙ୍କ ନେତୃତ୍ୱରେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ରାଜଶେଖର ସ୍ୱାଇଁ, ସଦର ଇନ୍ସପେକ୍ଟର ସମୀର ମହାନ୍ତି, କାମାକ୍ଷାନଗର ସବ୍‌ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

ଥାନା ଛାତରୁ ଡେଇଁ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣା

# ରୁଜୁ ହେଲା ହାଜତ ମୃତ୍ୟୁ ମାମଲା

**ବୀରମହାରାଜପୁର, ୨୯।୫ (ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଆଦର୍ଶ ଥାନାରେ ଜଣେ ଅଭିଯୁକ୍ତ ପୋଲିସ ହେପାଜତରେ ଥିବାବେଳେ ଛାତ ଉପରୁ ଡେଇଁ ପ୍ରାଣ ହରାଇଥିବା ଘଟଣା ଏବେ ନୂଆ ମୋଡ ନେଇଛି। ମୃତକଙ୍କ ପରିବାର ଏହାର ନିରପେକ୍ଷ ତଦନ୍ତ ଦାବି କରିଥିଲେ। ପୋଲିସ ଏହାକୁ ହାଜତ ମୃତ୍ୟୁ ମାମଲା ଭାବେ ଗ୍ରହଣ କରି ଅଧିକ ତଦନ୍ତ ଚଳାଇଛି।

ଟିଠିପାଲି ଗ୍ରାମର ଲିଙ୍ଗରାଜ ଅମାତ(୩୫) ମଙ୍ଗଳବାର ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଆସି ଗଣ୍ଡଗୋଳ କରିଥିଲେ। ପୋଲିସ ଲିଙ୍ଗରାଜଙ୍କୁ କାବୁକରି ଥାନାକୁ ଆଣି ପଚରାଉଚୁରା କରୁଥିଲା। ସେତିକିବେଳେ ଲିଙ୍ଗରାଜ ଶୌଚାଳୟ ଯିବା ବାହାନାରେ ଥାନା ଛାତ ଉପରକୁ ଚାଲି ଯାଇଥିଲେ। ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ତାଙ୍କୁ ପିଛା କରିଥିଲେ। ହେଲେ ସେ ହଠାତ୍ ଛାତ ଉପରୁ ତଳକୁ ଡେଇଁ ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭିମ୍‌ସାର୍ ପଠାଯାଇଥିଲା। ତେବେ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା।

# ତାତି: ପଶ୍ଚିମରେ କମିଲା, ଉପକୂଳରେ ବଢ଼ିଲା

- ୧୭ ଜିଲାରେ ବର୍ଷା, ତାତିରୁ ସାମାନ୍ୟ ତ୍ରାହି
- ୨ ତାରିଖ ଯାଏ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ଗତ କିଛିଦିନ ହେବ ଗରମରେ ଛଟପଟ ହେଉଥିବା ପଶ୍ଚିମ ଓଡ଼ିଶାବାସୀଙ୍କୁ ମିଳିଛି ଆଶ୍ୱସ୍ତି। ଏଠାରେ ଲଗାତର ଭାବେ ତାପମାତ୍ରା ୪୨ରୁ ୪୫ଡିଗ୍ରୀ ମଧ୍ୟରେ ରହୁଥିଲା। କିନ୍ତୁ ବୁଧବାର ପଶ୍ଚିମ ଓଡ଼ିଶାର ସବୁ ସହରରେ ତାପମାତ୍ରା ହ୍ରାସ ପାଇଛି। ସମ୍ବଲପୁର, ସୋନପୁର ଆଦି ସହରର ତାପମାତ୍ରା ୪୦ଡିଗ୍ରୀ ତଳକୁ ଖସିଯାଇଛି। ସବୁଠୁ ଅଧିକ ତାପମାତ୍ରା ରହୁଥିବା ଟିଟିଲାଗଡ଼ ଓ ମାଲକାନଗିରିରେ ପାରଦ ୪୨.୫ ଡିଗ୍ରୀରେ ରହିଥିବାବେଳେ ୭ଟି ସହର ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିଲା। ବଲାଙ୍ଗୀର ୪୧.୫, ଝାରସୁଗୁଡ଼ା ଓ ଭବାନୀପାଟଣା ୪୧, ଅନୁଗୋଳ ଓ ତାଳଚେରରେ ତାପମାତ୍ରା ୪୦.୧ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପଟେ ଉପକୂଳ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଦ୍ୱୈତ ନଗରୀ କଟକ ଓ ଭୁବନେଶ୍ୱରର ତାପମାତ୍ରା ୩୬/୩୭ ଡିଗ୍ରୀ ମଧ୍ୟରେ ରହୁଥିବାବେଳେ କ୍ରମଶଃ ବଢ଼ି ଚାଲିଛି। ବୁଧବାର ଭୁବନେଶ୍ୱରରେ ତାପମାତ୍ରା ୩୯.୧ ଡିଗ୍ରୀ ଓ କଟକରେ ୩୮.୫ ଡିଗ୍ରୀ ରେକର୍ଡ କରାଯାଇଛି।

ବୁଧବାର ରାଜ୍ୟର ବିଭିନ୍ନ ସହରରେ ବର୍ଷା ହୋଇଥିବା ସୂଚନା ମିଳିଛି। ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ଗଞ୍ଜାମ, ବୌଦ୍ଧ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଗୁରୁବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ବଲାଙ୍ଗୀର, ନୟାଗଡ଼, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ଅଞ୍ଚଳରେ ସ୍ୱଳ୍ପ ପରିମାଣର ବର୍ଷା ହେବ। ରାଜ୍ୟର ବାକିସବୁ ସ୍ଥାନରେ ପାଗ ଶୁଖିଲା ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। କିନ୍ତୁ ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲାରେ କାଳବୈଶାଖୀ ହେବ ବୋଲି କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏସବୁ ଜିଲାରେ ଝଡ଼ ତୋଫାନ ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଛି। ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ କାଳବୈଶାଖୀ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଠେସା
ପରିବାରବର୍ଗ


ରତିଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଅମର କାମଚଳା...

ଶପଥପାଠ କରାଇବେ। ଏହି ଶପଥପାଠ କାର୍ଯ୍ୟକ୍ରମ ମେ’ ୩୦ ଏବଂ ଜୁନ୍ ପହିଲାରେ ଅନୁଷ୍ଠିତ ହେବ। ସଦସ୍ୟମାନଙ୍କ ଶପଥପାଠ ପରେ ବାଚସ୍ପତି ନିର୍ବାଚନ ହେବ। ଚଳିତ ବିଧାନସଭା ବିଧିବଦ୍ଧଭାବେ ନୂଆ ବାଚସ୍ପତି ପାଇବା ଯାଏ ଅମର କାମ ଚଳାଇବେ ବୋଲି ଜଣାପଡିଛି। ଅପରପକ୍ଷରେ ଶାସକ ବିଜେଡି ପକ୍ଷରୁ ବରିଷ୍ଠ ବିଧାୟକ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ବାଚସ୍ପତି ଭାବେ ନିର୍ବାଚିତ କରାଯିବା ନେଇ ସ୍ଥିର କରାଯାଇଛି।

### ପ୍ରଥମ ପୃଷ୍ଠାରୁ...

ଅମର ଗତ ବିଧାନସଭାରେ ସରକାରୀ ଦଳ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ତୁଲାଇଥିଲେ। ଚଳିତଥର ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ମୁଖ୍ୟ ସଚେତକ କରାଯିବାର ସମ୍ଭାବନା ରହିଛି। ହେଲେ ଉପବାଚସ୍ପତି ଏବଂ ଉପ ମୁଖ୍ୟ ସଚେତକ କିଏ ହେବେ, ତାହା ଏଯାବତ୍ ଜଣାପଡିନାହିଁ। ଅପରପକ୍ଷରେ ଭାଜପାରୁ ବିରୋଧୀ ଦଳ ନେତା, ଉପନେତା, ବିରୋଧୀ ମୁଖ୍ୟ ସଚେତକ ଏବଂ କଂଗ୍ରେସ ବିଧାୟକ ଦଳ ନେତା କିଏ ହେବେ, ସେନେଇ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାହୁ ଯୁକ୍ତ ମଙ୍ଗଳ ହେତୁ ପ୍ରତ୍ୟେକ କାର୍ଯ୍ୟରେ ବିବାଦୀୟ ସ୍ଥିତି ଉତ୍ପନ୍ନ ହୋଇପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବାକୁ ଚେଷ୍ଟା କରି ପାରନ୍ତି। ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବାର ଆଶା ରହିଛି। ବନ୍ଧୁ ଗହଣରେ ସାଧାରଣ ଘଟଣାକୁ ନେଇ ମନସ୍ତାପ କରିପାରନ୍ତି।

**ବୃଷ** ମୁଖଭାବରେ ପାପଗ୍ରହ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି ଚଳିବା ଭଲ ନତୁବା ଆକସ୍ମିକ ଭାବରେ କଳହ ଲାଗିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପରିବାରରେ ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**ମିଥୁନ** ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବେ। କୌଣସି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢି ବଢି ବଡ଼ ଆକାର ଧାରଣ କରିବାର ସମ୍ଭାବନା ରହିଛି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** ଭାଗ୍ୟସ୍ଥାନରେ ଚନ୍ଦ୍ର ଯୋଗୁ ଆଜିର ଉଦ୍ୟମ ବ୍ୟର୍ଥ ଯିବନାହିଁ। ତଥାପି ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଭୁଲ୍ ବୁଝାମଣାରୁ ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି।

**ସିଂହ** କର୍ମସ୍ଥାନରେ ରାଶ୍ୟାଧିପତି ପ୍ରତ୍ୟେକ କାର୍ଯ୍ୟରେ ସଫଳତା ହାସଲ କରାଇବେ। କିନ୍ତୁ ମଘା ନକ୍ଷତ୍ରର ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ରାଜନୀତି, ପ୍ରଶାସନ, ଆନୁଷ୍ଠାନିକ କାର୍ଯ୍ୟ ସକାଶେ କୌଣସି ଅସୁବିଧା ହେବନାହିଁ।

**କନ୍ୟା** ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଆଜି ଆପଣଙ୍କୁ କୌଣସି ସମସ୍ୟା ବିଚଳିତ କରି ପାରିବ ନାହିଁ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, କଳା, ସାହିତ୍ୟ ଓ ସଭାସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବନ୍ଧୁମାନଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରି କାର୍ଯ୍ୟ ହାସଲ କରିବେ।

**ତୁଳା** ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି କାରଣରୁ ପରିବାରରେ ସୁଖ ଶାନ୍ତି ଫେରିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା ସଫଳ ହେବ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଯାନ୍ତ୍ରିକ କାର୍ଯ୍ୟ,ରଚନାତ୍ମକ କାମ,ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସଫଳ ହେବେ।

**ବିଛା** କୋଣଭାବସ୍ଥ ଚନ୍ଦ୍ର ପ୍ରଭାବରୁ ମାନସିକ ସ୍ଥିତି ବଦଳିବା କାରଣରୁ ଗତକାଲି ଠାରୁ ଯେଉଁ ବିଷୟ ସକାଶେ ଚିନ୍ତିତ ରହିଛନ୍ତି ସେଥିରେ କିଛି ଅସୁବିଧା ହେବନି। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ପାପଗ୍ରହଙ୍କ ପ୍ରଭାବରେ ମାନସିକ ସ୍ତରରେ ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର** ଗ୍ରହମାନଙ୍କ ଶୁଭ ସଂସ୍ଥାନରୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ ଓ ଆନୁଷଙ୍ଗିକ ସାହାଯ୍ୟର ମଧ୍ୟ ଅଭାବ ରହିବ ନାହିଁ। କିନ୍ତୁ ସାଧାରଣ ଘଟଣାରେ ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। କୌଣସି ମୂଲ୍ୟବାନ୍ ଜିନିଷଟି ପାଇଁ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିବାର ସୂଚନା ରହିଛି।

**କୁମ୍ଭ** କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟରୁ ଫେରନ୍ତା ବାଟରେ ହଠାତ୍ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଚେଷ୍ଟା କରୁଥିବା କାମ, ଆନୁଷ୍ଠାନିକ କାର୍ଯ୍ୟ, କଚେରି ମାମଲା, ଜମିଜମା ବିବାଦରେ ଉପକୃତ ହୋଇପାରନ୍ତି।

**ମୀନ** କର୍ମକ୍ଷେତ୍ର ଓ ପରିବାର ମଧ୍ୟରେ ବିଭିନ୍ନ ପ୍ରକାର ସମସ୍ୟାକୁ ସାମନା କରି ନ ପାରି ବିଚଳିତ ହୋଇପାରନ୍ତି। ଭୁଲ୍ ବୁଝାମଣାରୁ ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ନିକଟରୁ ଅନାଦର ପାଇବେ। ବାଣିଜ୍ୟ,ବ୍ୟବସାୟ ପାଇଁ ଦିନଟି ଭଲ। ଦୋକାନ, ନିର୍ମାଣ, ଯାତ୍ରା,ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣପକ୍ଷର ସର୍ବସମ୍ମତ ଅପରା (ଜଳକ୍ରୀଡ଼ା) ଏକାଦଶୀ ଗୁରୁବାର, ମେ ୩୦ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ମେଷ ରାଶିର ଘାତଚନ୍ଦ୍ର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଏକାଦଶୀର ବ୍ରତ ଓ ଉପବାସ, ଜାତଭୋଗ ପରେ ଶ୍ରୀମଦନ ମୋହନଙ୍କ ଜଳକ୍ରୀଡ଼ାକୁ ବିଜେ, ଅଦ୍ୟ ଶ୍ରୀମନ୍ଦିର ଭିତର ଚନ୍ଦନ, ଅଦ୍ୟ ବିଦ୍ୟାରମ୍ଭ, ବ୍ରତୋପନୟନ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ।

## ପଞ୍ଚମଥର ପାଇଁ ମୁଖ୍ୟମନ୍ତ୍ରୀ ...

କାର୍ଯ୍ୟକ୍ରମକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ପରିଚାଳନା କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ୫୦ରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ୧୧ଟା ୪୫ରେ ଶେଷ ହୋଇଥିଲା। ଆରମ୍ଭ ଏବଂ ଶେଷରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଏହି ଉତ୍ସବରେ ବିଜେଡିର ପ୍ରାୟ ସମସ୍ତ ନବନିର୍ବାଚିତ ବିଧାୟକ, ଏମ୍‌ପି ଏବଂ ଛାମୁଆ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ନବୀନଙ୍କ ବଡ଼ଭାଇ ପ୍ରେମ୍ ପଟ୍ଟନାୟକ ଏବଂ ବଡ ଭଉଣୀ ଗୀତା ମେହଟ୍ଟାଙ୍କୁ ମଧ୍ୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରୀଧର ଗମାଙ୍ଗ, ସଂଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କର, ଶିଳ୍ପପତି କୁମାର ମଙ୍ଗଲମ୍ ବିର୍ଲା, ନବୀନ ଜିନ୍ଦଲ, ଆପୋଲୋ ଗ୍ରୁପ୍‌ର ସଙ୍ଗୀତା ରେଡ୍ଡୀ, ନୃତ୍ୟାଙ୍ଗନା ପ୍ରିୟମ୍ବଦା ମହାନ୍ତି ହେଜମାଦି, ଅରୁଣା ମହାନ୍ତି, ପୂର୍ବ ବିଧାନସଭାର ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଖ୍ୟାତନାମା ବ୍ୟାଡମିଣ୍ଟନ ଖେଳାଳି ଗୋପୀଚାନ୍ଦ, ବିଶିଷ୍ଟ ବଂଶୀବାଦକ ହରିପ୍ରସାଦ ଚୌରାସିଆ, ପ୍ରସିଦ୍ଧ ଜ୍ଞାନପୀଠ ବିଜୟିନୀ ପ୍ରତିଭା ରାୟ, ଲେଖକ ତଥା ପୂର୍ବ ପ୍ରଶାସକ ସୀତାକାନ୍ତ ମହାପାତ୍ର, ଆଇଟିସିର ଅଧ୍ୟକ୍ଷ ସଞ୍ଜୀବ ପୁରୀ, ଟେକ୍ ମହିନ୍ଦ୍ରା ଏମ୍‌ଡି ସି.ପି. ଗୁରୁନାନି, ଓସିଏଲ୍‌ର ପୁନୀତ୍ ଡାଲ୍‌ମିଆ, ହୃଦ୍‌ରୋଗ ବିଶେଷଜ୍ଞ ରମାକାନ୍ତ ପଣ୍ଡା, ଅଶୋକ ମହାପାତ୍ର, ଜଣାଶୁଣା ଗଣମାଧ୍ୟମ ବ୍ୟକ୍ତିତ୍ୱ ପ୍ରଭୁ ଚାୱଲା , ‘ଧରିତ୍ରୀ’ ଓ ‘ଓରିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ ଏବଂ ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ସଭାପତି ଦିପକ ମାଲବ୍ୟ ପ୍ରମୁଖ ଏହି ଉତ୍ସବରେ ଯୋଗଦେଇଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫିୟୁ ରିଓ, ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରମୁଖ ଟୁଇଟ୍ କରି ନବୀନଙ୍କୁ କୃତଜ୍ଞତା ଜଣାଇଥିଲେ। ନବୀନ ମଧ୍ୟ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛାର ପ୍ରତି ଧନ୍ୟବାଦ ଟୁଇଟର ମାଧ୍ୟମରେ ଜଣାଇଥିଲେ। ରାଷ୍ଟ୍ରପତି କୋବିନ୍ଦ ଟୁଇଟର ମାଧ୍ୟମରେ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ଟେଲିଫୋନ୍‌ରେ କଥା ହୋଇଥିଲେ। ରାଜ୍ୟର ବିକାଶ ପାଇଁ ନବୀନ ଏବଂ ତାଙ୍କ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ନବୀନଙ୍କ ସହ ଫୋନ୍‌ରେ କଥା ହେବା ପରେ ଏ ସମ୍ପର୍କରେ ଓଡ଼ିଆରେ ଟୁଇଟ୍ କରି ଅବଗତ କରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଉଥିବାରୁ ନବୀନ ପଟ୍ଟନାୟକ ଓ ତାଙ୍କ ଟିମ୍‌କୁ କୃତଜ୍ଞତା। ଆଶା କରେ, ନବୀନ ବାବୁ ଏବଂ ତାଙ୍କ ଟିମ୍ ରାଜ୍ୟବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାକୁ ଚେଷ୍ଟା କରିବେ। ଓଡ଼ିଶାର ପ୍ରଗତି ପାଇଁ କେନ୍ଦ୍ର ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଜାରି ରହିବ । ସେହିପରି ଟୁଇଟ୍ ମାଧ୍ୟମରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ। ଓଡ଼ିଆ ଭଉଣୀଭାଇମାନଙ୍କ ସମୃଦ୍ଧି ସହ ପରିବର୍ତ୍ତିତ ଉନ୍ନତ ଏବଂ ନୂଆ ଓଡ଼ିଶାଗଠନରେ କେନ୍ଦ୍ର ସର୍ବଦା ରାଜ୍ୟ ସରକାରଙ୍କୁ ସହଯୋଗ ଜାରି ରଖିବ। ଏହି ଉତ୍ସବରେ ରାଜ୍ୟରୁ ବିଭିନ୍ନ ଜିଲାରୁ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାମାନଙ୍କୁ ବହୁସଂଖ୍ୟାରେ ଦେଖିବାକୁ ମିଳିଥିଲା। ଅପରପକ୍ଷେ ଶପଥ ଗ୍ରହଣ ଉତ୍ସବ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର(ସିଏମ୍‌ଓ)ରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେଠାରେ ସମସ୍ତ ପ୍ରଶାସନିକ ଏବଂ ଉଚ୍ଚପଦସ୍ଥ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କୁ ୫ମ ପାଳିର ଶୁଭାରମ୍ଭ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ଶପଥ ଗ୍ରହଣ ଉତ୍ସବକୁ ଆସିଥିବା ଶିଳ୍ପପତିମାନଙ୍କ ସହ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଆଲୋଚନା କରିଥିଲେ।

## ନୂଆ ମନ୍ତ୍ରୀଙ୍କୁ...

ହୋଇପାରି ନ ଥାଆନ୍ତା। ୩୦ ଦିନ ମଧ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଇପାରି ନ ଥାନ୍ତା। ଓଡ଼ିଶାର ଜନସାଧାରଣ ଏଭଳି ଶାସନ ପଦ୍ଧତିକୁ ପସନ୍ଦ କରିଛନ୍ତି। ମନ୍ତ୍ରିମଣ୍ଡଳ ବୈଠକରେ ନିର୍ବାଚନୀ ଇସ୍ତାହାରକୁ ଅନୁମୋଦନ କରାଯାଇଛି। ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିକୁ କେତେ ପାଳନ କରାଯାଇଛି, ତାହା ବର୍ଷ ପରେ ଅର୍ଥାତ ୨୦୨୦ ମେ’ ୨୯ ତାରିଖରେ ଲୋକମାନଙ୍କ ଆଗରେ ରଖିବାକୁ ପଡ଼ିବ। ଏଥିପାଇଁ ମନ୍ତ୍ରୀମାନଙ୍କୁ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ପରୋକ୍ଷରେ ଚେତାବନୀ ମଧ୍ୟ ଦେଇଛନ୍ତି। ନୂଆ ଓଡ଼ିଶା ଓ ସଶକ୍ତ ଓଡ଼ିଶା ଗଠନ ପାଇଁ ମନ୍ତ୍ରୀମାନେ ଦିନରାତି କଠିନ ପରିଶ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ନୂଆ ଓ ସଶକ୍ତ ଓଡ଼ିଶା, ଯାହାକି ଦାରିଦ୍ର୍ୟକୁ ଅତୀତ ବୋଲି ଧରିବାକୁ ପଡ଼ିବ। ରାଜ୍ୟର ବିକାଶରେ ମହିଳା ଓ ଦୁର୍ବଳ ବର୍ଗଙ୍କ ସମାନ ଭାଗୀଦାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ନୂଆ ଓଡ଼ିଶା, ଯାହା ଯୁବଗୋଷ୍ଠୀଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ସହାୟକ ହେବ। ଓଡ଼ିଶା ସମୟ ଆସିଯାଇଛି ବୋଲି ବିଶ୍ୱବାସୀ ଜାଣିବା ଦରକାର। ଏଥିପାଇଁ ବର୍ତ୍ତମାନଠାରୁ କାର୍ଯ୍ୟ କରିବାର ସମୟ ଆରମ୍ଭ ହେଲା ବୋଲି ମୁଖ୍ୟମନ୍ତ୍ରୀ ନୂତନ ମନ୍ତ୍ରୀମାନଙ୍କୁ କାର୍ଯ୍ୟ କରିବାର ଶୈଳୀ ଶିଖାଇଛନ୍ତି।

## ମହିଳା ଏସ୍‌ଏଚ୍‌ଜିକୁ...

ଚଳିତ ବର୍ଷ କାଳିଆ ଯୋଜନାରୁ କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିବେ ନାହିଁ। ଯେଉଁମାନେ ଏହି ସହାୟତା ପାଇଁ ଆବେଦନ କରିପାରି ନାହାନ୍ତି ସେମାନେ ଏଥିପାଇଁ ଆବେଦନ କରିପାରିବେ। କାଳିଆ ଯୋଜନା ସମ୍ପ୍ରସାରିତ ହେବା ପରେ ଏବେ ସୁଦ୍ଧା ଏହି ଯୋଜନାରେ ୭୫ ଲକ୍ଷ ଚାଷୀ ପରିବାରଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୦ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଭାଗଚାଷୀ ଥିବାବେଳେ ୨୫ଲକ୍ଷ ଭୂମିହୀନ କୃଷି ଶ୍ରମିକ ପରିବାର ସାମିଲ ହୋଇଛନ୍ତି।

୧୦ଟି ବିଭାଗର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ୧ ହଜାର କୋଟି ଟଙ୍କାର ପ୍ୟାକେଜ୍‌କୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ଅର୍ଥରେ ଏସ୍‌ଏଚ୍‌ଜି ୪୦ ପ୍ରକାର କାର୍ଯ୍ୟ କରିପାରିବେ। ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାକ୍ ସ୍କୁଲ ୟୁନିଫର୍ମ ଯୋଗାଇ ଦିଆଯିବ। ଧାନ ସଂଗ୍ରହ ଏବଂ କିରୋସିନ ଡିଲରଶିପ୍, ବିହନ ଉତ୍ପାଦନ, ମଧ୍ୟାହ୍ନଭୋଜନ ପରିଚାଳନା, ମାଣ୍ଡିଆ ଲଡୁ ଯୋଗାଣ, ଚାରା ରୋପଣ ଓ ଜଙ୍ଗଲଜାତ ଦ୍ରବ୍ୟର ମାନ ବୃଦ୍ଧି, ସହରାଞ୍ଚଳରେ ବିଭିନ୍ନ ସେବା, ପଞ୍ଚାୟତ ପୋଖରୀରେ ମାଛ ଚାଷ ଆଦି ପାଇଁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏଥିସହିତ ହସ୍ପିଟାଲକୁ ଖାଦ୍ୟ ଯୋଗାଣ, ସାନିଟାରି ନାପ୍‌କିନ, ମଶାରି ବଣ୍ଟନ, ଗ୍ରାମ୍ୟ ସଡ଼କ ରକ୍ଷଣାବେକ୍ଷଣ ଏବଂ ବିଦ୍ୟୁତ୍ ମିଟର ରିଡିଂ ଓ ବିଲ୍ ଆଦାୟ ଭଳି କାର୍ଯ୍ୟ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ସମ୍ପୃକ୍ତ ବିଭାଗ ଦ୍ୱାରା ବୁଝାମଣାପତ୍ର ସ୍ୱାକ୍ଷର ଅନୁଯାୟୀ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପ ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ବିଭିନ୍ନ ସରକାରୀ ଯୋଜନାରେ ସମ୍ପୃକ୍ତ କରାଇବାରେ ସହାୟକ ହେବ। ଏଥିସହିତ ରାଜ୍ୟରେ ଥିବା ଲକ୍ଷ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ସ୍ଥାୟୀ ରୋଜଗାର ସୃଷ୍ଟି କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଜି ଶପଥ...

ବିମ୍‌ଷ୍ଟେକ୍ (ବେ ଅଫ୍ ବେଙ୍ଗଲ୍ ଇନିସିଏଟିଭ୍ ଫର ମଲ୍ଟି-ସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ)ର ସଦସ୍ୟ ରାଷ୍ଟ୍ର ବାଂଲାଦେଶ, ମ୍ୟାନ୍‌ମାର, ଶ୍ରୀଲଙ୍କା, ଥାଇଲାଣ୍ଡ, ନେପାଳ ଓ ଭୁଟାନର ନେତା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୫୦୦୦ ପୋଲିସ ମୁତୟନ ହେବେ। ବାଂଲାଦେଶ ରାଷ୍ଟ୍ରପତି ଅବଦୁଲ୍ ହମିଦ, ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା, କିର୍‌ଗିଜ୍ ରିପବ୍ଲିକ୍ ରାଷ୍ଟ୍ରପତି ସୁରୋନବେ ଜନାବେକୋଭ୍, ମ୍ୟାନ୍‌ମାର ରାଷ୍ଟ୍ରପତି ୟୁ ୱିନ ମିଣ୍ଟ୍, ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନାଥ, ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି, ଭୁଟାନ ପ୍ରଧାନମନ୍ତ୍ରୀ ଡ. ଲୋଟେ ଶେରିଙ୍ଗ୍, ଥାଇଲାଣ୍ଡର ସ୍ୱତନ୍ତ୍ର ଦୂତ ଗ୍ରସାଡା ବୁନ୍‌ରାଚ୍ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ତ୍ରିରାଷ୍ଟ୍ରୀୟ ଗସ୍ତରେ ଥିବାରୁ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇପାରିବେ ନାହିଁ।

ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାମାନେ ଯୋଗଦେବେ। ସେମାନଙ୍କ ମଧ୍ୟରେ ଅଛନ୍ତି ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ୱାଇଏସ୍‌ଆର୍‌ସିପି ନେତା ଜଗନ୍‌ମୋହନ ରେଡ୍ଡୀ ପ୍ରମୁଖ। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ପରିବାର ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଉତ୍ସବରେ ଯୋଗଦେବେ ନାହିଁ। ଓଡିଶା ବିଧାନସଭାରେ ନବନିର୍ବାଚିତ ବିଧାୟକମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇପାରିବେ ନାହିଁ ବୋଲି ଜଣାପଡିଛି। ପଶ୍ଚିମବଙ୍ଗ ରାଜନୈତିକ ହିଂସାରେ ପ୍ରାଣ ହରାଇଥିବା ଭାଜପା କର୍ମୀଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ଶପଥ ଗ୍ରହଣ ଉତ୍ସବକୁ ଆମନ୍ତ୍ରଣ କରାଯାଇଛି, ଯାହାକି ପ୍ରଥମ ଘଟଣା।

ଶପଥ ଗ୍ରହଣ ଉତ୍ସବରେ ଯୋଗଦେଉଥିବା ଅତିଥିମାନଙ୍କ ପାଇଁ ହାଲ୍‌କା ରାତ୍ରଭୋଜନର ବ୍ୟବସ୍ଥା କରାଯାଇଛି। ଏଥିସହିତ ଚା’ ପାର୍ଟିର ମଧ୍ୟ ଆୟୋଜନ କରାଯାଇଛି। ଏଥିରେ ଲେମନ ଟାର୍ଟ, ସାଣ୍ଡୱିଚ, ସାମୋସା, ସୁଇଟ୍ ରାଜଭୋଗ ସାମିଲ କରାଯାଇଥିବା ଜଣାପଡିଛି। ରାତ୍ର ଭୋଜନରେ ଅତିଥିମାନଙ୍କ ପାଇଁ ଉଭୟ ଆମିଷ ଓ ନିରାମିଷ ଖାଦ୍ୟର ବ୍ୟବସ୍ଥା ହୋଇଛି। ଏଥିରେ ସୁପ୍, ଡାଲ୍ ରାଇସିନାଠାରୁ ଆରମ୍ଭ କରି ବିଭିନ୍ନ ମେନ୍ୟୁ ରହିଛି। ବିଭିନ୍ନ ରାଷ୍ଟ୍ରର ନେତାମାନେ ଅତିଥି ହେଉଥିବାରୁ ସେମାନଙ୍କ ଦେଶର ଖାଦ୍ୟ ମଧ୍ୟ ରାଷ୍ଟ୍ରପତି ଭବନ କିଚେନ୍‌ରେ ପ୍ରସ୍ତୁତ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ଦ୍ୱିତୀୟ ପାଳି ସରକାରର ସଫଳତା ତଥା ଶୁଭକାମନା ଜଣାଇବା ପାଇଁ ଉତ୍ତରପ୍ରଦେଶର ୭୫ ଜଣ ଛାତ୍ରୀଛାତ୍ର ୬୦୦ ଫୁଟ୍ ଲମ୍ବର ଏକ ଅଭିନନ୍ଦନପତ୍ର (ଗ୍ରୀଟିଙ୍ଗ୍ କାର୍ଡ) ଡିଜାଇନ କରିଛନ୍ତି। ଏହାର ଡିଜିଟାଲ ଭର୍ସନ ମୋଦିଙ୍କ ପାଖକୁ ପଠାଯିବାକୁ ଥିବାବେଳେ କାର୍ଡଟିକୁ ଜନସାଧାରଣଙ୍କ ଦର୍ଶନ ପାଇଁ ଫିରୋଜାବାଦ ସହରରେ ପ୍ରଦର୍ଶନ କରାଯିବ ବୋଲି ଏହାର ମୁଖ୍ୟ ଆୟୋଜକ ପ୍ରବୀଣ ମିତ୍ତଲ କହିଛନ୍ତି।

## ଉତ୍ସବରେ ଯୋଗଦେବେନି ନବୀନ

ଭୁବନେଶ୍ୱର,୨୯।୫(ବ୍ୟୁରୋ)- ନରେନ୍ଦ୍ର ମୋଦି ଲଗାତର ଦ୍ୱିତୀୟଥର ପାଇଁ ଗୁରୁବାର ପ୍ରଧାନମନ୍ତ୍ରୀ ପଦର ଶପଥ ନେବେ। ଏହି ଶପଥ ଗ୍ରହଣ ଉତ୍ସବକୁ ଦେଶ ବିଦେଶର ବହୁ ବିଶିଷ୍ଟବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଛି। ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା। ହେଲେ ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେବେ ନାହିଁ ବୋଲି ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ନବନିର୍ବାଚିତ ୧୪୭ଶ ବିଧାନସଭାର ସଦସ୍ୟମାନେ ଗୁରୁବାର ବିଧାୟକ ଭାବେ ଶପଥ ନେବାର କାର୍ଯ୍ୟକ୍ରମ ରହିଛି। ଗୃହର ନେତା ହିସାବରେ ଏହି ଶପଥପାଠ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହିବେ। ତେଣୁ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇପାରିବେ ନାହିଁ ବୋଲି ସିଏମ୍‌ଓ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ଭାବେ ମୋଦି ଏବଂ ତାଙ୍କ ନୂଆ ଟିମ୍ ଶପଥ ନେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

## ‘ଭାରତକୁ ଏକାଠି ...

ଜଣେ ବିଭାଜନକାରୀ ବ୍ୟକ୍ତିତ୍ୱ କେବଳ କ୍ଷମତାକୁ ଫେରିବାରେ ସଫଳ ହୋଇନାହାନ୍ତି, ବରଂ ନିଜ ସମର୍ଥନର ସ୍ତରକୁ କିପରି ବୃଦ୍ଧି କରିଛନ୍ତି ବୋଲି ଏଥିରେ ପ୍ରଶ୍ନ କରାଯାଇଛି। ଏହାର ଉତ୍ତରରେ ଲେଖାଯାଇଛି, ଭାରତର ସବୁଠୁ ବଡ଼ ତ୍ରୁଟି ରେଖା ବର୍ଗ ବିଭାଜନକୁ ଅତିକ୍ରମ କରିବାରେ ମୋଦି ସଫଳ ହୋଇଛନ୍ତି। ଲେଖକ ମନୋଜ ମୋଦିଙ୍କ ଦ୍ୱିତୀୟ ପାଳିକୁ ‘ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତିଙ୍କ ସରକାର ପାଇଁ ଏକ ବିଜୟ’ ଭାବେ ଅଭିହିତ କରିଛନ୍ତି। ଏହାସହ ଦେଶର ଅତ୍ୟନ୍ତ ଗରିବଙ୍କ ପାଇଁ ଜନମଙ୍ଗଳକାରୀ ନୀତିଗୁଡ଼ିକୁ ଏଥିରେ ପ୍ରଶଂସା କରାଯାଇଛି। ଦେଶର ସାମାଜିକ ସ୍ତରରେ ସର୍ବାଧିକ ବଞ୍ଚିତ ଗୋଷ୍ଠୀରୁ ମୋଦିଙ୍କ ଉତ୍‌ଥାନକୁ ମଧ୍ୟ ଏଥିରେ ଦର୍ଶାଯାଇଛି। ମନୋଜ ୨୦୧୬ର ବିମୁଦ୍ରୀକରଣକୁ ଏକ ‘ସ୍ୱଳ୍ପକାଳୀନ ଯନ୍ତ୍ରଣା’ ଯାହା ‘ଦୀର୍ଘମିଆଦୀ ଲାଭ’ ଆଣିଦେଇଛି। ମୋଦି ସରକାରଙ୍କ ଡିଜିଟାଇଜେଶନ୍ ଓ ଜନଧନ ଯୋଜନା ଭଳି ଯୋଜନାଗୁଡ଼ିକ ଗରିବଙ୍କୁ ସଶକ୍ତ କରିବା ସହ ରାଜସ୍ୱ ବୃଦ୍ଧିରେ ସହାୟକ ହୋଇଛି ବୋଲି ସେ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ବ୍ରିଟେନରେ ଜନ୍ମିତ ଲେଖକ ଆତିଶ ତସୀର ଷଷ୍ଠ ପର୍ଯ୍ୟାୟ ନିର୍ବାଚନର ଅବ୍ୟବହିତ ପୂର୍ବରୁ ମୋଦି ସରକାରଙ୍କୁ କଡ଼ା ସମାଲୋଚନା କରି ଭାରତର ମୁଖ୍ୟ ବିଭାଜନକାରୀ ଭାବେ ଅଭିହିତ କରିଥିଲେ। ନିର୍ବାଚନ ପ୍ରଚାର ବେଳେ ବିରୋଧୀ ଦଳଗୁଡ଼ିକ ଏହାକୁ ଭାଜପା ବିରୋଧରେ ଅସ୍ତ୍ର କରିଥିଲେ। ଅନ୍ୟପକ୍ଷରେ ଆତିଶଙ୍କ ବାପା ଜଣେ ପାକିସ୍ତାନୀ ହୋଇଥିବାରୁ ଭାଜପା ଏହାକୁ ପାକିସ୍ତାନର ଏଜେଣ୍ଡା ବୋଲି ସମାଲୋଚନା କରିଥିଲା।

## classifieds Everyday 0674-2580101, 2549302




**SALE**

Hondacity 2015 Diesel with Sunroof Hyundai Elantra, Lancer, Mercedez GLA & E & M class. 7381091234. D-66390




**SALE**

ଭୁବନେଶ୍ୱର ରେଡଙ୍ଗ ଷ୍ଟେସନ ସାମ୍ନାରେ ସ୍ଥିତିବାନ possession plot ୨୮୦ ଟଙ୍କାରେ କିଣି ଘର କରନ୍ତୁ: 6370924129. D-66382

ଭୁବନେଶ୍ୱର ପିତାପଲ୍ଲି NH-5 ଠାରୁ 20’ ଦୂରତାରେ BDA ପ୍ଲଟ ମିଳୁଅଛି। 8339920771. D-66381

3BHK apartment ready for sale near Pratap Nagari, Cuttack-Bhubaneswar NH facing. Built up 1400 sqft. and garage. Contact: 6372939596, 7978625048. Email: landbank.19@gmail.com (Broker excuse) D-66548

Revenue road gharabari plot for sale Hanspal Bhingarpur. 9937816565, 9937568585. D-12698

ଫୁଲନଖରା ନିକଟବର୍ତ୍ତି ଅନନ୍ତପୁର ମୌଜାରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8339826767. D-66388

4BHK duplex with gated community at Balianta (land-1400 construction- 2200 @ 55lakh) and 2600 @ 65lakh). Contact Mplanets: 9938219397, 9861022055. D-12703

କଟକ- ଭୁବନେଶ୍ୱର Twincity ମଧ୍ୟଭାଗରେ ନବନିର୍ମିତ Grand bazar ସମ୍ମୁଖରେ NH ଠାରୁ 800 ମିଟର ଦୂରତାରେ ଘରବାରି ପ୍ଲଟ ଶସ୍ତାରେ କିଣନ୍ତୁ: 8144647993. D-66389

Commercial plot sale near IIT Bhubaneswar. Per sqft. Rs.350/- Contact: 9777219533. D-65647

2400 sqft. developed gharabari housing plot Dhauli square-30,00,000/- 9348012510. D-66393

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368




Well furnished office rooms with other facilities available On Laxmisagar Jharapada Road side for Rs.23000 (Negotiable). This is in first floor. Contact 9438081042. D-12720

1500 sqft. commercial space available at Dindayal Market, Master canteen, UCO Bank side, 1st floor, facing Janpath. Please contact: 9437033691. D-65648

10x30 feet shop available for rent on prime location at Puri. Contact: 9437020040. D-64063

800 sqft. space available for rent in Sahid Nagar, Bhubaneswar. 9437505014. D-66138




Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Now Matrimonial ads. only on Wednesday & Sunday
Book 1 Get 1 FREE

Summer special mesmerizing offer expert therapeutic refreshing massage appointment. 9668374480. D-66532

Experience full body massage with us (expert). Call: 7377048581, 0674- 2597822. D-66535

Herbal full body massage by smart/expert therapist. Contact: 8338067247. D-66541

Newly opening ayurvedic body massage smart therapist, Shree herbal. 7750020754. D-66542

Full body massage with refreshment, expert therapist. 7381239385, 0674-2540855. D-66534

Monalisa club full body massage with hiprofile smart lady air - condition rooms available hurry up ! 9708545108. D-12721

**AFFIDAVIT**

By an affidavit before the Executive Magistrate Bhubaneswar, I have changed my name from Birupakshya Nayak to Biru Nayak for all purposes. D-12718

### ପ୍ରଥମ ଜନ୍ମଦିନର ଶୁଭେଚ୍ଛା



**ଶାଦ୍ୱିକ (ଠେସା)**
**ଦେରୁଦା, ଯାଜପୁର**
ଭଗବାନ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:** ଅଜା, ଆଈ, ବଡ଼ ମଉସା, ମାଉସୀ, ମାମା, ବାବା, ପିଙ୍କି ଦେଇ, ଗୁଞ୍ଜୁ ଭାଇ ଏବଂ ସମସ୍ତ ପରିବାର।
ଧ-୧୨୭୨୩

### ଜନ୍ମଦିନ ଶୁଭେଚ୍ଛା




**ଶ୍ରୀ ଅଲେଖଚନ୍ଦ୍ର ମିଶ୍ର**
**ଶାସ୍ତ୍ରୀନଗର, ଭୁବନେଶ୍ୱର**
ଆଜି (ଜଳକ୍ରୀଡ଼ା ଏକାଦଶୀ) ତୁମର ଜନ୍ମଦିନ ଉପଲକ୍ଷେ ତୁମର ଦୀର୍ଘ, ନିରାମୟ ଜୀବନ ପାଇଁ ପ୍ରଭୁଙ୍କ ପାଖରେ କାମନା କରୁଛୁ।
**ଶୁଭେଚ୍ଛା ସହ: ସ୍ତ୍ରୀ-କମଳା ମିଶ୍ର, କନ୍ୟା-ଅନୀତା ମିଶ୍ର ଓ ପରିବାର, ପରିଜନ**
ଧ-୧୨୭୧୬

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DSPL-19



# ଅଂଶୁଘାତ ପ୍ରତି ସତର୍କ ରୁହନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

**କ'ଣ କରିବା ଉଚିତ୍**

- ବାହାରକୁ ଯିବାକୁ ହେଲେ ମୁଣ୍ଡକୁ ଓଦା ଗାମୁଛାରେ ଘୋଡାନ୍ତୁ ଏବଂ ଛତା, ଜୋତା ଓ କଳା ଚଷମା ବ୍ୟବହାର କରନ୍ତୁ ଓ ସାଥିରେ ଥଣ୍ଡାପାଣି ନିଅନ୍ତୁ ।
- ବାହାରକୁ ଯିବା ଆଗରୁ ଓ ପହଞ୍ଚିବା ପରେ ସୁରେଇ, ମାଠିଆ କିମ୍ବା ଘୁମ ଆଦିରେ ଥିବା ପାଣି, ଲେମ୍ବୁ ସରବତ, ଘୋଳଦହି, ଲୁଣ ମିଶା ତୋରାଣି ପିଅନ୍ତୁ ।
- ଦେହରୁ ଅଧିକ ଝାଳବୋହିଲେ, ପାଟି ଅଠା ଅଠା ଲାଗିଲେ - ପ୍ରଚୁର ପାଣି, ଓ.ଆର.ଏସ୍ ପଣା ପିଅନ୍ତୁ ।

**କ'ଣ କରିବା ଅନୁଚିତ୍**

- ଟାଣ ଖରାରେ ଶାରିରୀକ ପରିଶ୍ରମ କରନ୍ତୁ ନାହିଁ ।
- ବୃଦ୍ଧ, ଅସୁସ୍ଥ ଲୋକ, ଶିଶୁ, ଗର୍ଭବତୀ ମହିଳା ଏବଂ ରକ୍ତଚାପ ଓ ମଧୁମେହରେ ପୀଡ଼ିତ ବ୍ୟକ୍ତି ଟାଣ ଖରାରେ ବାହାରକୁ ଯାଆନ୍ତୁ ନାହିଁ ।
- କେହି ଅସୁସ୍ଥ ଅନୁଭବ କଲେ ତାଙ୍କର ଚିକିତ୍ସା ପ୍ରତି ଅବହେଳା କରନ୍ତୁ ନାହିଁ ।
- ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ ।

ଓ.ଆର.ଏସ୍ ପ୍ୟାକେଟ୍ ସମସ୍ତ ଆଶା, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଉପଲବ୍ଧ ।

ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଅଂଶୁଘାତ ରୋଗୀଙ୍କ ପାଇଁ ଚିକିତ୍ସାର ସୁବିଧା କରାଯାଇଛି ।

facebook.com/HFWOdisha http://www.health.odisha.gov.in/ @HFWOdisha

NATIONAL HEALTH MISSION

10003/13/0013/1920

**ସଂକ୍ଷେପରେ**

## ବୋଲେରୋ ଦୁର୍ଘଟଣା: ୨ ମୃତ, ୮ ଗୁରୁତର

**ବୈଶିଙ୍ଗା/ ବେତନଟୀ, ୨୯।୫ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ମାଣତ୍ରୀ ରାସ୍ତାରେ ବୁଧବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପୁଅର ନିର୍ବନ୍ଧ ଲାଗି ବାପା ରାମଚନ୍ଦ୍ର ଦାସ(୭୦) ଆତ୍ମୀୟସ୍ୱଜନଙ୍କୁ ଧରି ଏକ ବୋଲେରୋ ଯୋଗେ କନ୍ୟାଘରକୁ ଯାଉଥିଲେ। ବଡ଼ଖିରିପଦା ଗ୍ରାମ ନିକଟ ରାସ୍ତାରେ ହଠାତ୍ ଭାରସାମ୍ୟ ହରାଇ ବୋଲେରୋଟି ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇଯାଇଥିଲା। ଏଥିରେ ରାମଚନ୍ଦ୍ରଙ୍କ ସମେତ ବୋଲେରୋ ଚାଳକ ଜ୍ଞାନରଞ୍ଜନ ବେହେରା(୨୩)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବୋଲେରୋ ଭିତରେ ଚାପିହୋଇ ରହିଥିବା ଅନ୍ୟ ୮ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନା ପଠାଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ପରେ ବାଲେଶ୍ୱର ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବୈଶିଙ୍ଗା ଥାନା ପୋଲିସ ଏକ ମାମଲା ରୁଜୁକରି ଦୁର୍ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ବୈଶିଙ୍ଗା ଥାନା ମହୁଲପାଟଣା ଗ୍ରାମର ରାମଚନ୍ଦ୍ର ଦାସ ନିଜ ପୁଅଙ୍କ ନିର୍ବନ୍ଧ ଲାଗି ୮ ଜଣ ଆତ୍ମୀୟସ୍ୱଜନଙ୍କୁ ସାଥିରେ ନେଇ ବୈଶିଙ୍ଗା ଥାନା ମାନଗୋବିନ୍ଦପୁର ଗ୍ରାମକୁ ଯାଉଥିଲେ। ବାଲେଶ୍ୱର ଜିଲା ରୁପ୍ସା ନିକଟସ୍ଥ ଆଙ୍କ ଗ୍ରାମର ଜ୍ଞାନରଞ୍ଜନ ବୋଲେରୋକୁ ଚଳାଉଥିଲେ। ବୈଶିଙ୍ଗା-ମାଣତ୍ରୀ ରାସ୍ତାରେ ଯିବାବେଳେ ବୋଲେରୋଟି ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ଆହତମାନଙ୍କ ମଧ୍ୟରେ ୩ ଜଣ ମହିଳା ରହିଛନ୍ତି। ଦୁର୍ଘଟଣା ଖବର ସମ୍ପୃକ୍ତ ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି।

## ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

**ଖଡିଆଳ,୨୯।୫(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡିଆଳ ଥାନା ସରଗାଦୀ ନୂଆପଡା ଗାଁରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ରାୟପୁରରୁ ମାମୁ ଘର ଗାଁ ସାରଗାଦୀ ନୂଆପଡାକୁ ଖରାଦିନ ଛୁଟି କଟାଇବାକୁ ଆସିଥିଲେ ୨ ଭାଣିଜୀ । ହେଲେ ଗାଁ ପୋଖରୀରେ ଗାଧୋଉଥିବା ବେଳେ ପାଣିରେ ବୁଡି ସେମାନଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ସୁନ୍ଦର ବଘେଲଙ୍କ ଦୁଇ ଝିଅ ଶୀତଲ ବଘେଲ (୨୦) ଓ ପାୟଲ ବଘେଲ (୧୩) । ସେମାନଙ୍କ ନିଜ ଘର ଖଡିଆଳ ଥାନା ଅନ୍ତର୍ଗତ ମୋହରା ଗାଁରେ । ଦୀର୍ଘ ବର୍ଷ ହେଲା ସେମାନେ ରାୟପୁରରେ ରହି ଆସୁଥିଲେ । ଖଡିଆଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଉକ୍ତ ଘଟଣାକୁ ନେଇ ଶୋକର ଛାୟା ଖେଳିଯାଇଛି । ମିଳିଥିବା ସୂଚନା ଅନୁସାରେ, ଶୀତଲ ଓ ପାୟଲ ଖରା ଦିନ ଛୁଟି କଟାଇବାକୁ ରାୟପୁରରୁ ଖଡିଆଳ ଥାନା ସରଗାଦୀ ନୂଆପଡା ଗାଁ ମାମୁ ଘରେ ବୁଧବାର ସକାଳେ ପହଞ୍ଚିଥିଲେ। ଉଭୟେ ଗାଧୋଇବା ପାଇଁ ଗାଁ ପୋଖରୀକୁ ଯାଇଥିଲେ । ଗାଧୋଉଥିବା ବେଳେ ସାନ ଭଉଣୀ ପାୟଲ ପାଣିରେ ବୁଡି ଯାଉଥିବା ଦେଖି ତାଙ୍କୁ ଉଦ୍ଧାର କରିବା ପାଇଁ ବଡ ଭଉଣୀ ଶୀତଲ ଉଦ୍ୟମ କରିଥିଲେ । ହେଲେ ଦୁହେଁ ପାଣିରେ ବୁଡି ଛଟପଟ ହେଉଥିଲେ। ଏ କଥା ସେମାନଙ୍କ ଜେଜେମା' ଦେଖି ଚିତ୍କାର କରିଥିଲେ। ହେଲେ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୁଇ ଭଉଣୀ ପାଣିରେ ବୁଡି ଯାଇଥିଲେ । ଗାଁ ଲୋକେ ସେମାନଙ୍କୁ ଉଦ୍ଧାର କରି ଖଡିଆଳ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

# ଉପଶାସ୍ତ୍ରୀ, ଶାସ୍ତ୍ରୀ ପରୀକ୍ଷା ଫଳ ପ୍ରକାଶ

**ପୁରୀ ଅଫିସ,୨୯।୫**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୨୦୧୯ ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ତୃତୀୟ ବର୍ଷ ରେଗୁଲାର ଏବଂ ଏକ୍ସ ରେଗୁଲାର ପରୀକ୍ଷା ଫଳାଫଳ ବୁଧବାର ପ୍ରକାଶ ପାଇଛି। କୁଳପତି ପ୍ରଫେସର ରାଧାମାଧବ ଦାଶ ପରୀକ୍ଷା ଫଳ ପ୍ରକାଶ କରିଛନ୍ତି। ଶାସ୍ତ୍ରୀରେ ୧୦୧ଟି ପରୀକ୍ଷା କେନ୍ଦ୍ରରେ ୧୪୪ଟି ମହାବିଦ୍ୟାଳୟର ୪୭୧୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୦୦୮ଜଣ ପାସ୍ କରିଛନ୍ତି। ୯ଜଣ କପି କରି ଧରାପଡ଼ିଛନ୍ତି। ୭ଶହ ଜଣ ଫେଲ୍ ହୋଇଛନ୍ତି। ପାସ୍‌ହାର

**ଉପଶାସ୍ତ୍ରୀରେ ପାସ୍ ହାର ୭୬.୭୯%, ଶାସ୍ତ୍ରୀରେ ୮୪.୯୬%**

୮୪.୯୬ ପ୍ରତିଶତ ରହିଛି। ଗତ ୨୦୧୮ ମସିହାରେ ୪୮୯୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୪୩୪୧ ଜଣ ପାସ୍ କରିଥିଲେ। ସେମାନଙ୍କ ମଧ୍ୟରୁ ୫୩୦ ଜଣ ଫେଲ ହୋଇଥିଲେ। ପାସ୍‌ହାର ୮୮.୬୦ ପ୍ରତିଶତ ରହିଥିଲା। ଚଳିତ ବର୍ଷ ଫେଲ୍ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଫଳାଫଳ ଗତ ବର୍ଷ ତୁଳନାରେ ୪ପ୍ରତିଶତ କମ୍ ହୋଇଛି।

ସେହିପରି ଚଳିତବର୍ଷ ଶାସ୍ତ୍ରୀ ଏକ୍ସ-ରେଗୁଲାରରେ ୩୫୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୫୧ଜଣ ପାସ୍ କରିଛନ୍ତି। ୧୦୨ ଜଣ ଫେଲ୍ ହୋଇଛନ୍ତି। ପାସ୍‌ହାର ୭୧.୧୦ ପ୍ରତିଶତ ରହିଛି। ଗତ ୨୦୧୮ରେ ୪୯୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୫୮ଜଣ ପାସ୍ ଏବଂ ୧୨୫ଜଣ ଫେଲ ହୋଇଥିଲେ। ପାସ୍‌ହାର ୭୩.୦୬ ପ୍ରତିଶତ ରହିଥିଲା।

ସେହିପରି ଉପଶାସ୍ତ୍ରୀ ରେଗୁଲାରରେ ୯୪୫୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୯୫୦ଜଣ ଅନୁପସ୍ଥିତ ରହିଥିଲେ। ୨ଜଣ କପି ଧରି ଧରାପଡ଼ିଥିଲେ। ୧୩୨୫ ଜଣ ପ୍ରଥମ, ୪୮୬୦ ଜଣ ଦ୍ୱିତୀୟ ଓ ୧୧୧୪ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୬୯ ଜଣ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। ମୋଟ ୭୩୬୮ ପରୀକ୍ଷାର୍ଥୀ ପାସ କରିଥିବାବେଳେ ୧୧୩୪ ଜଣ ଫେଲ ହୋଇଛନ୍ତି। ପାସ୍‌ହାର ୮୬.୬୬ ପ୍ରତିଶତ ରହିଛି। ଅନ୍ୟପଟେ ୨୦୧୮ରେ ୯୦୦୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୬୧୪୭ ଜଣ ପାସ କରିଥିଲେ। ସେମାନଙ୍କ ମଧ୍ୟରୁ ୭୦୨ ପ୍ରଥମ, ୪୩୬୨ଦ୍ୱିତୀୟ ଓ ୯୭୮ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିଲେ। ୧୮୫୭ଜଣ ଫେଲ ହୋଇଥିଲେ। ପାସ୍‌ହାର ୭୬.୭୯ ପ୍ରତିଶତ ରହିଥିଲା। ଗତବର୍ଷ ତୁଳନାରେ ଚଳିତ ବର୍ଷ ପାସ୍‌ହାର ୧୦ପ୍ରତିଶତ ବୃଦ୍ଧି ପାଇଛି। କୁଳପତି ଦାଶ କହିଛନ୍ତି ଯେ, ଏହି ଦୁଇ ପରୀକ୍ଷା ସିସିଟିଭି ସର୍ଭିଲାନ୍ସରେ କରାଯାଇଥିଲା।

**ଜୁଲାଇରେ ତତ୍କାଳ ପରୀକ୍ଷା :** ଚଳିତ ବର୍ଷ ଉପଶାସ୍ତ୍ରୀ ପରୀକ୍ଷାରେ ଏଗ୍ରିଗେଟ୍ ମାର୍କରେ ପାସ୍ କରି ଗୋଟିଏ ବିଷୟରେ ଫେଲ ହୋଇଥିବା ଛାତ୍ରୀଛାତ୍ର ଆସନ୍ତା ଜୁଲାଇ ମାସରେ ହେବାକୁ ଥିବା ତତ୍କାଳ ପରୀକ୍ଷା (ଇନଷ୍ଟାଣ୍ଟ ଏକଜ୍ାମ) ଦେଇପାରିବେ। ସେଥି ନିମନ୍ତେ ୬୪୭ଜଣ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ତତ୍କାଳ ପରୀକ୍ଷା ସମ୍ପର୍କରେ ସୂଚନା ବିଶ୍ୱବିଦ୍ୟାଳୟ ୱେବସାଇଟ ତଥା ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯିବ। ସେହିଭଳି ପ୍ରକାଶିତ ଦୁଇ ପରୀକ୍ଷାର ମାର୍କସିଟ୍, ପ୍ରୋଭିଜିନାଲ ପାସ୍ ସାର୍ଟିଫିକେଟ, ମାଇଗ୍ରେସନ ସାର୍ଟିଫିକେଟ ପ୍ରଭୃତି ଆସନ୍ତା ଜୁନ୍ ୬ତାରିଖଠାରୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରୁ କଲେଜ କର୍ତ୍ତୃପକ୍ଷ ସଂଗ୍ରହ କରିପାରିବେ।

ଠିକ୍ ସମୟରେ ବାହାରିଛି ପରୀକ୍ଷା ଫଳ: ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଧୁସୂଦନ ମିଶ୍ର କହିଛନ୍ତି ଯେ, ମାର୍ଚ୍ଚ ୭ରୁ ୧୫ତାରିଖ ପର୍ଯ୍ୟନ୍ତ ସମସ୍ତ କଲେଜରେ ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ପରୀକ୍ଷା ହୋଇଥିଲା। ପରୀକ୍ଷା ଶେଷ ହେବା ପରେ ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ପୁରୀ ତିନୋଟି ମୂଲ୍ୟାଙ୍କନ କେନ୍ଦ୍ରରେ ପରୀକ୍ଷା ଖାତା ମୂଲ୍ୟାଙ୍କନ କରାଯାଇଥିଲା। ବାତ୍ୟା 'ଫନୀ' ପ୍ରଭାବରେ ବିଶ୍ୱବିଦ୍ୟାଳୟର ବ୍ୟାପକ କ୍ଷତି ଘଟିଥିଲା। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଦୁଇ ପରୀକ୍ଷାର ଫଳାଫଳ ଏକସଙ୍ଗରେ ପ୍ରକାଶ କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହରିହର ହୋତା ଏବଂ ରେଜିଷ୍ଟ୍ରାର ଡ. ସଚ୍ଚିଦାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ବାହାରି ନ ଥିବା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୂର୍ବ ନିର୍ଦ୍ଧାରିତ ସମୟରେ ପରୀକ୍ଷା ଫଳ ପ୍ରକାଶ କରିଛନ୍ତି।



ପରୀକ୍ଷାଫଳ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି କୁଳପତି ପ୍ରଫେସର ରାଧାମାଧବ ଦାଶ ଏବଂ ଅନ୍ୟ ଅଧିକାରୀ

| ଶାସ୍ତ୍ରୀ ସମ୍ମାନ | ବିଭିନ୍ନ ବିଭାଗର ଟପ୍ପର | ବିଭିନ୍ନ କଲେଜ ନାମ |
|---|---|---|
| ଅଦ୍ୱୈତ ବେଦାନ୍ତ | ନିହାରିକା ବଡପଣ୍ଡା | ଅଭୟ ଆୟୁର୍ବେଦ ସଂସ୍କୃତ କଲେଜ, ନସାଦିପୁର, କେନ୍ଦ୍ରାପଡ଼ା |
| ଧର୍ମଶାସ୍ତ୍ର | ସୌଭାଗ୍ୟ ପାଣିଗ୍ରାହୀ | ଦାମୋଦର ସଂସ୍କୃତ କଲେଜ ପୁରୁଣା ବଜାର, ଭଦ୍ରକ |
| ସର୍ବଦର୍ଶନ | ଅପରାଜିତା ପରିଡ଼ା | ଶ୍ୟାମସୁନ୍ଦର ସଂସ୍କୃତ କଲେଜ ଭୋଗରାଇ, ବାଲେଶ୍ୱର |
| ଜ୍ୟୋତିଷ | ବାସୁଦେବ ଶବର | ରାମାଧୀନ ସଂସ୍କୃତ କଲେଜ ବ୍ରହ୍ମପୁର, ଗଞ୍ଜାମ |
| କର୍ମକାଣ୍ଡ | ସଞ୍ଜୀବ ପଣ୍ଡା | ଶ୍ରୀ ଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ, ପୁରୀ |
| ନ୍ୟାୟ | ହେନାରାଣୀ କାଣ୍ଡି | ବ୍ରଜକିଶୋର ସଂସ୍କୃତ କଲେଜ ଗଡ଼ବିଷ୍ଣୁପୁର, କେନ୍ଦ୍ରାପଡ଼ା |
| ପୁରାଣ | ଜି.ଧର୍ମରାଜୁ | ରାମାଧୀନ ସଂସ୍କୃତ କଲେଜ ବ୍ରହ୍ମପୁର, ଗଞ୍ଜାମ |
| ସାହିତ୍ୟ | ଅନୁପମା ମହାରଣା | ଶ୍ୟାମରାଇ ସଂସ୍କୃତ କଲେଜ ଆଳିପୁର, ବାଲେଶ୍ୱର |
| ବେଦ | ରାଜଲକ୍ଷ୍ମୀ ସାହୁ | ସ୍ୱାମୀ ଶିଦାନନ୍ଦ ସଂସ୍କୃତ କଲେଜ, ଆଉଁଲି, ଦେବଗଡ଼ |
| ବ୍ୟାକରଣ | ଜୟସ୍ମିତା ପଣ୍ଡା | ଶ୍ରୀରାମଚନ୍ଦ୍ର ସଂସ୍କୃତ କଲେଜ ବଟେଶ୍ୱର, ବାଲେଶ୍ୱର |

### ଫଳାଫଳ ଶତ ପ୍ରତିଶତ ରହିଛି

ଚଳିତ ବର୍ଷର ଶାସ୍ତ୍ରୀ ପରୀକ୍ଷାରେ ବିଭିନ୍ନ ବିଭାଗରେ ଫଳାଫଳ ଶତ ପ୍ରତିଶତ ହୋଇଛି। ଅଦ୍ୱୈତ ବେଦାନ୍ତରେ ୯୧.୧୫%, ଧର୍ମଶାସ୍ତ୍ରରେ ୯୩.୯୩%, ସର୍ବଦର୍ଶନରେ ୯୪.୪୪%, ଜ୍ୟୋତିଷରେ ୧୦୦%, କର୍ମକାଣ୍ଡରେ ୮୩.୩୩%, ନ୍ୟାୟରେ ୮୬%, ସାହିତ୍ୟରେ ୮୩.୮୯%, ବ୍ୟାକରଣରେ ୮୪.୭୦%, ପୁରାଣରେ ୮୦% ଏବଂ ବେଦରେ ୬୪.୨୮% ପ୍ରତିଶତ ରହିଛି ବୋଲି କୁଳପତି ପ୍ରଫେସର ଦାଶ ସୂଚନା ଦେଇଛନ୍ତି।

## ଶିଳ୍ପ ବିଭାଗର ୫ କ୍ୱାର୍ଟର କର୍କଟ ରୋଗ କେନ୍ଦ୍ରକୁ ହସ୍ତାନ୍ତର

**କଟକ ଅଫିସ, ୨୯।୫:** ଆଚାର୍ଯ୍ୟ ହରିହର କର୍କଟ ରୋଗ କେନ୍ଦ୍ରର କଳେବର ବଢିବ। ପୂର୍ବ ବୈଠକ ଅନୁଯାୟୀ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପରିସରରେ ଥିବା ଶିଳ୍ପ ବିଭାଗର ୫ଟି କ୍ୱାର୍ଟର ଗତ ମଙ୍ଗଳବାର କର୍କଟ ରୋଗ କେନ୍ଦ୍ରକୁ ହସ୍ତାନ୍ତର କରାଯାଇଛି। ଉକ୍ତ କ୍ୱାର୍ଟରଗୁଡ଼ିକୁ କର୍କଟ ରୋଗ କେନ୍ଦ୍ର ନିଜ ଦଖଲକୁ ନେବା ପରେ ତାହାକୁ ଭଙ୍ଗାଯାଇ ସେଠାରେ କର୍କଟ ରୋଗ କେନ୍ଦ୍ରର ନୂଆଘର ନିର୍ମାଣ କରାଯିବ। ସୂଚନାଥାଉ କି, କର୍କଟ ରୋଗ କେନ୍ଦ୍ର ପରିସରରେ ଶିଳ୍ପ ବିଭାଗର କ୍ୱାର୍ଟର ରହିଥିଲା। କର୍କଟ ରୋଗ କେନ୍ଦ୍ର ପାଇଁ ସ୍ଥାନ ଅଭାବ ହେବାରୁ ଏହି କ୍ୱାର୍ଟରକୁ ଭାଙ୍ଗିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ପ୍ରସ୍ତାବରେ ସରକାର ମୋହର ମାରିବା ପରେ ତାହା କାର୍ଯ୍ୟକାରୀ ହୋଇଛି।

**CORRIGENDUM**

Court of the Recovery officer
Debt Recovery Tribunal
CDA, Sector, -7, Plot No. c-71,
Cuttack-753014
Ref: RP No. 130/2013/CTC
(Arising out of O.A. No.187/2011)
Subject: Notice for Settling Sale Proclamation published on **10.08.2018.** Please read the Khata No. **192/49** instead of 192/48 Published in "Dharitri" & "Business Standard" on dated 10.08.2018.

Sd/- (R P Patnaik)
Recovery Officer

# ଫନୀ ପୁନରୁଦ୍ଧାର କାର୍ଯ୍ୟ ସମୀକ୍ଷା କଲେ ନୂଆ ଶକ୍ତିମନ୍ତ୍ରୀ



ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ବୁଧବାର ଶପଥ ଗ୍ରହଣ ଉତ୍ସବ ପରେ ନୂତନ ଶକ୍ତି ଓ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଶକ୍ତି ବିଭାଗ ପରିଦର୍ଶନ କରି ବାତ୍ୟା 'ଫନୀ' ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ବିଭାଗୀୟ ସଚିବ ହେମନ୍ତ ଶର୍ମା ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ଶକ୍ତିମନ୍ତ୍ରୀଙ୍କୁ ବାତ୍ୟା ପୁନରୁଦ୍ଧାର କାର୍ଯ୍ୟ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଅବଗତ କରାଯାଇଥିଲା। ପ୍ରତ୍ୟେକ ଦିନ ପାଖାପାଖି ୧୦ହଜାର ଘରୋଇ ବିଦ୍ୟୁତ୍ ସଂଯୋଗ କରାଯିବା ସହିତ ସମସ୍ତଙ୍କୁ ବିଦ୍ୟୁତ୍ ସେବା ଯୋଗାଣ ପ୍ରକ୍ରିୟା ଜାରି ରହିଛି ବୋଲି ବିଭାଗୀୟ ଅଧିକାରୀ ଅବଗତ କରାଇଥିଲେ। ଫନୀ କ୍ଷୟକ୍ଷତି ମୁକାବିଲା ପାଇଁ ଆବଶ୍ୟକ ଅର୍ଥ ସଂକ୍ରାନ୍ତରେ ଆଲୋଚନା କରିବା ସହ ଆଗାମୀ ବଜେଟ ଲାଗି ଚିଠା ପ୍ରସ୍ତୁତ କରିବା ଲାଗି ମନ୍ତ୍ରୀ ମିଶ୍ର ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ। ରାଜ୍ୟର ଶକ୍ତି ଚାହିଦା ଓ ଉତ୍ପାଦନ ସଂକ୍ରାନ୍ତରେ ପଚାରି ବୁଝିବା ପରେ ସୌର ଏବଂ ବାୟୋମାସ୍ ଉତ୍ସରୁ ଶକ୍ତି ଉତ୍ପାଦନ ଲାଗି ପ୍ରସ୍ତାବ ରଖିଥିଲେ। ସେହିପରି ଚିରସ୍ରୋତା ଜଳ ଉତ୍ସଗୁଡ଼ିକ ନିକଟରେ କିପରି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ କରାଯାଇପାରିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟୁତ୍ ଆଘାତରେ ମରୁଥିବା ହାତୀମାନଙ୍କୁ ସୁରକ୍ଷିତ ରଖିବା ଓ ଦୁର୍ଘଟଣା ଏଡାଇବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ଘୋଷଣାପତ୍ରରେ ଶକ୍ତି ବିଭାଗ ଲାଗି ଉଦ୍ଦିଷ୍ଟ ଲକ୍ଷ୍ୟକୁ କିପରି ହାସଲ କରିହେବ ସେନେଇ ପ୍ରସ୍ତୁତି ଆରମ୍ଭ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ଶକ୍ତିମନ୍ତ୍ରୀ ମିଶ୍ର।

# ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

**ନୟାଗଡ଼ ଅଫିସ,୨୯।୫:** ସ୍ତ୍ରୀକୁ ହତ୍ୟା କରିବା ପରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି ସ୍ୱାମୀ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ନୟାଗଡ଼ ଜିଲା ଚମ୍ପତିପୁର ଟ୍ରେନ୍ ଲାଇନ୍ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାରଦାଣ୍ଡି ଗ୍ରାମର ଶରତ ବେହେରା। ବୁଧବାର ସକାଳେ ସ୍ଥାନୀୟ ଲୋକେ ଟ୍ରେନ୍ ଲାଇନ୍ ଉପରେ ଶରତଙ୍କ ମୃତଦେହ ପଡ଼ିଥିବା ଦେଖି ଇଟାମାଟି ପୋଲିସକୁ ଖବର ଦେଇଥିଲେ। ପୋଲିସ ବିଳମ୍ବରେ ପହଞ୍ଚିବାରୁ ସକାଳ ୯ଟାରେ ଆସୁଥିବା ଟ୍ରେନ୍‌ଟି ମୃତଦେହ ଉପରେ ପୁନର୍ବାର ଚଢ଼ି ଯିବାରୁ ତାହା ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମଙ୍ଗଳବାର ରାତିରେ ସେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଏ ନେଇ ଇଟାମାଟି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷେ ପୁରୀ ଜିଲା କୁମ୍ଭାରପଡା ଥାନା ଅଧୀନ ଦଣ୍ଡତୋଟାର ଏକ ଭଡା ଘରୁ ମଙ୍ଗଳବାର ଶରତଙ୍କ ସ୍ତ୍ରୀ ପୂଜାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କୁ ଶରତ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଶରତ ରାଜସୁନାଖଳାର ପୂଜା ବେହେରାଙ୍କୁ ୧୦ବର୍ଷ ତଳେ ବିବାହ କରିଥିଲେ। ସେମାନଙ୍କ ପୁଅ ଝିଅ ମାମୁ ଘରେ ରହୁଥିଲେ। ଶରତ ଦିନମଜୁରିଆ ଭାବେ କାମ କରୁଥିଲେ। କିଛି ମାସ ହେଲା ଏହି ପରିବାର କୁମ୍ଭାରପଡ଼ା ଥାନା ଦଣ୍ଡତୋଟା ଅଞ୍ଚଳ ଜଗନ୍ନାଥ କଲୋନୀରେ ଭଡ଼ାରେ ରହୁଥିଲେ। ମଙ୍ଗଳବାର ଅପରାହ୍ନରେ ପୋଲିସ ଉକ୍ତ ଭଡ଼ା ଘରୁ ପୂଜାଙ୍କ ମୃତଦେହ ଉଦ୍ଧାର କରିଥିଲା। ଶରତ ୨ ଦିନ ତଳେ ପୂଜାଙ୍କୁ ହତ୍ୟା କରି ଏକ କମ୍ବଳରେ ଗୁଡ଼ାଇ ଖଟ ତଳେ ପିଙ୍ଗି ଦେଇ ଫେରାର୍ ହୋଇଯାଇଥିଲେ। ପୂଜାଙ୍କ ସାନ ଭଉଣୀଙ୍କ ଅଭିଯୋଗ କ୍ରମେ କୁମ୍ଭାରପଡା ଥାନା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାତିରେ ଶରତ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

**ଏସ୍.ଇ. ରେଳପଥ ଟେଣ୍ଡର**

**ଖୋଲା ଟେଣ୍ଡର ବିଜ୍ଞପ୍ତି ନଂ.: ସିଟିଇ-ଏଚ୍‌କ୍ୟୁ-ଏନ୍ଆଇଟି-ଡବ୍ଲ୍ୟୁ-୦୫-୨-୧୯, ତାରିଖ: ୨୪।୦୫।୨୦୧୯**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଞ୍ଜିନିୟର/ଟିଆର୍.II, ଦକ୍ଷିଣ ପୂର୍ବ ରେଳପଥ, କୋଲକାତାଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। **କାର୍ଯ୍ୟର ନାମ:** ଫ୍ଲାଶ୍ ବଟ୍ ୱେଲ୍ଡିଂ ପ୍ଲାଣ୍ଟ, ଦକ୍ଷିଣ ପୂର୍ବ ରେଳପଥ, ଝାରସୁଗୁଡ଼ାର ରେଳପଥ ପରିସରରେ ଠିକାଦାରଙ୍କ ନିଜସ୍ୱ ଶ୍ରମବଳ, ସାଧନ ଓ କାରଖାନା ସହିତ ଭାରପ୍ରାପ୍ତ ଇଞ୍ଜିନିୟରଙ୍କ ନିର୍ଦ୍ଦେଶ ଅନୁଯାୟୀ ମେଟାଲାଇଜିଂ ଏରିଆ ତଥା ଷ୍ଟାକିଂ ଏରିଆ ନିମନ୍ତେ ରେଲ୍‌ୱେ ଗାଣ୍ଟ୍ରି ଏବଂ କନ୍‌ଭେୟର/ୱାଗନ୍ ମାଧ୍ୟମରେ ହଏଷ୍ଟ ବ୍ୟବହାର କରି ବ୍ଲାଷ୍ଟିଂ, ଜିଙ୍କ୍ ମେଟାଲାଇଜିଂ ଏବଂ ୬୦ କିଗ୍ରା ରେଲ୍‌ର ପେଣ୍ଟିଂ ଏବଂ ଫିଡ୍ ଇନ୍ ପାଇଁ ୨୦ଆରପି ରେଲ୍‌ର ଲିଫ୍ଟିଂ, ଲୋଡିଂ/ଅନ୍‌ଲୋଡିଂ। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୬,୩୮,୪୪,୪୮୮.୫୪। **ଅମାନତ ଜମା ରାଶି:** ₹୪,୬୯,୨୦୦/-। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୨୭।୦୬।୨୦୧୯ରିଖ ୧୫.୦୦ ଘଟିକାରେ। **ୱେବ୍‌ସାଇଟ୍ ବିବରଣୀ:** ଉପରୋକ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡରିଂ ତଥା ଅନ୍‌ଲାଇନ୍ ଅଂଶଗ୍ରହଣର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ। PR-213

**ପୂର୍ବ ତଟ ରେଳପଥ**

**ପରାମର୍ଶ ସେବା**

ଟେଣ୍ଡର ବିଜ୍ଞପ୍ତି ନଂ.eT-SrDME-WAT-109-2019

**କାର୍ଯ୍ୟର ନାମ :** ୱାଲ୍ଟିୟର ମଣ୍ଡଳର ବିଶାଖାପାଟଣା, ଅରକୁ, ଜଗଦଳପୁର, ରାୟଗଡ଼ା, ସିହ୍ମାଚଲମ୍ ଏବଂ ଶ୍ରୀକାକୁଲମ୍ ରୋଡ୍ ରେଳ ଷ୍ଟେସନଗୁଡ଼ିକ ଠାରେ ISO 14001 : 2015 ର କାର୍ଯ୍ୟାନ୍ୱୟନ ନିମନ୍ତେ ପରାମର୍ଶ ସେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹5,38,000/-, EMD (ଟଙ୍କାରେ) : ₹10,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 2,360/-, କାର୍ଯ୍ୟ ଶେଷ ହେବା ଅବଧି : 02(ଦୁଇ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.06.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ୱାଲ୍ଟିୟର

PR-113/K/19-20

# କୁତ୍ସିତ ବୃତ୍ତି



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଏ ପୃଥିବୀରେ ଯେତେ ସର୍ଭେ କରାଯାଇଛି, ସେଥିରୁ ଜଣାପଡ଼ିଛି ଯେ ନାଳନର୍ଦ୍ଦମା ସଫାକରିବା, ବିଶେଷକରି ପ୍ରାଣୀ (ଗାଈ, ଘୁଷୁରି, କୁକୁଡ଼ା ପ୍ରଭୃତି) ଫାର୍ମ ଓ କଂସେଇଖାନା ପରିସରର ନର୍ଦ୍ଦମା ସଫାକରିବା ସବୁଠାରୁ ତଳସ୍ତରର କାମ। କୋଟି କୋଟି ଲୋକ କଂସେଇଖାନାରେ କାମ କରନ୍ତି, ଯେଉଁମାନେ ପ୍ରାଣୀକୁ ଘୋଷାରିବା, ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ କରି ଟାଙ୍ଗିବା, ରକ୍ତ ବୁହାଇବା, ତାଙ୍କ ହାଡ଼ ଭାଙ୍ଗିବା, ଗଳା କାଟି ହତ୍ୟାକରିବା ଓ ଜିଅନ୍ତା ଚମ ଛାଲିବା ପ୍ରଭୃତି କାମ କରନ୍ତି। ଏମାନେ ପ୍ରତ୍ୟକ୍ଷ ହତ୍ୟାକାରୀ। କିନ୍ତୁ ସମାନ ପ୍ରକାର ଭୟଙ୍କର କାର୍ଯ୍ୟ ହେଉଛି ଏହି ପ୍ରାଣୀମାନଙ୍କୁ ସୀମିତ ଅପରିଚ୍ଛନ୍ନ ପରିବେଶରେ ଦୟନୀୟ ଭାବେ ବଢ଼ାଇବା, ସେମାନଙ୍କୁ ଦୈନିକ ଇଞ୍ଜେକ୍ସନ ଦେବା, ସେମାନଙ୍କ ଖାଦ୍ୟ ଓ ମଳମୂତ୍ର ସଫା କରିବା, ସେମାନଙ୍କୁ ବସ୍ତା ଖୁନ୍ଦିଲା ପରି ଟ୍ରକ୍‌ରେ ଚଢ଼ାଇବା ଏବଂ କଂସେଇଖାନାରେ ପହଞ୍ଚିଲା ପରେ ଅଧାମରା ଅବସ୍ଥାରେ ସେମାନଙ୍କୁ ପୁଣି ଟ୍ରକ୍‌ରୁ ଟାଣି ଟାଣି ତଳକୁ ଓହ୍ଲାଇବା ଇତ୍ୟାଦି। ଜଣେ କୁକୁଡ଼ା ଫାର୍ମ କର୍ମଚାରୀ ବର୍ଷକୁ ହାରାହାରି ୩୫,୦୦୦ କୁକୁଡ଼ାଙ୍କୁ ହତ୍ୟା କରେ। ଏହି ଲୋକମାନେ ଅତ୍ୟନ୍ତ ଅପରିଚ୍ଛନ୍ନ ଓ ଦୁର୍ଗନ୍ଧଯୁକ୍ତ ପରିବେଶରେ କାମ କରନ୍ତି। ଏମାନଙ୍କୁ ସାଧାରଣତଃ ମୋଟ ପ୍ରକ୍ରିୟାର କୌଣସି ଗୋଟିଏ ଅଂଶ ଉପରେ ତାଲିମ ଦିଆଯାଇଥାଏ। ଉଦାହରଣସ୍ୱରୂପ କିଛି କର୍ମଚାରୀ ପ୍ରାଣୀକୁ ମାରନ୍ତି ଓ ତା'ର ରକ୍ତ ବୁହାନ୍ତି, କିଛି ଲୋକ ତାକୁ ବିଭିନ୍ନ ଅଂଶରୁ କାଟି ଚର୍ବି, ମାଂସ, ହାଡ଼ ଇତ୍ୟାଦି ଅଲଗା କରନ୍ତି। କିଛି ଲୋକ ପ୍ରାଣୀଟି ଜିଇଥିବା ଅବସ୍ଥାରେ ତା'ର ଚମଡ଼ା ଛାଲନ୍ତି। ପୁଣି କିଛି ଲୋକ ପ୍ରାଣୀକୁ ଜିଅନ୍ତା ଫୁଟାପାଣିରେ ପକାନ୍ତି। ଏହି କର୍ମଚାରୀମାନେ ଅସଂଖ୍ୟ ପ୍ରାଣୀଙ୍କର ଭୟ ଓ ଯନ୍ତ୍ରଣାର ବିଭିନ୍ନ ଅବସ୍ଥାକୁ ଦେଖି ଦେଖି ଘଣ୍ଟା ପରେ ଘଣ୍ଟା, ଦିନ ପରେ ଦିନ ସମୟ ଅତିବାହିତ କରନ୍ତି। ମରୁଥିବା ପ୍ରାଣୀମାନଙ୍କର ନିରବଚ୍ଛିନ୍ନ ଆର୍ତ୍ତ ଚିତ୍କାର ଭିତରେ ସେମାନେ କାମ କରନ୍ତି। ଶେଷରେ ଘରକୁ ଫେରନ୍ତି ଶୁଖିଲା ରକ୍ତର ଜୀବାଣୁମାନଙ୍କୁ ସାଙ୍ଗରେ ନେଇ। ରାତିରେ ଶୋଇ ଶୋଇ ସେମାନେ କି ସ୍ୱପ୍ନ ଦେଖୁଥିବେ ଏବଂ ଜୀବନର କେଉଁ ଲକ୍ଷ୍ୟ ସେମାନଙ୍କୁ ଉଦ୍‌ବେଳିତ କରୁଥିବ? କେତେଜଣ ଯୁବତୀ ଜଣେ କଂସେଇଖାନା କର୍ମଚାରୀଙ୍କୁ ବାହାହେବାକୁ ରାଜି ହେବେ? 'ତୁମ ବାପା କ'ଣ କରନ୍ତି' ବୋଲି କେହି ପଚାରିଲେ ଏହି କଂସେଇଙ୍କ ପିଲା କି ଉତ୍ତର ଦେବେ? ଏହି କାରଣରୁ ସମ୍ଭବତଃ ସବୁ କଂସେଇଖାନା କର୍ମଚାରୀ କୌଣସି ଏକ ମଇଳା ବସ୍ତିରେ ଖୁନ୍ଦିଖାନ୍ଦି ହୋଇ ଏକାଠି ବାସ କରନ୍ତି, ଯେଉଁଠି ଅପରାଧ ହାର ସବୁଠାରୁ ଅଧିକ ଥିବା ଦେଖାଯାଏ। ତେଣୁ ସେମାନେ ସବୁବେଳେ ନିଜ ପରି ଲୋକ ସଂସ୍ପର୍ଶରେ ଆସନ୍ତି। ଯେଉଁ କଂସେଇଖାନା କର୍ମଚାରୀଙ୍କ ସହ ମାଛଧରାଳିମାନେ ବି ଥାଆନ୍ତି, ସେମାନେ ଦିନସାରା ସମୁଦ୍ରରେ ସାମୁଦ୍ରିକ ଜୀବମାନଙ୍କୁ ଧରିବା ଓ ମାରିବା କାମରେ ଲାଗିଥାନ୍ତି।

ଏମାନେ କେତେ କଦର୍ଯ୍ୟ କାମ କରନ୍ତି, ଭାବିଲେ ଆଶ୍ଚର୍ଯ୍ୟ ଲାଗେ। କିଛି କର୍ମଚାରୀ ପ୍ରାଣୀମାନଙ୍କ ହସ୍ତମୈଥୁନ କରାଇ ସେମାନଙ୍କ ଶୁକ୍ର ସଂଗ୍ରହ କରନ୍ତି। କୃଷକ ତଥା ଗବେଷକମାନଙ୍କର କୃତ୍ରିମ ପ୍ରଜନନ ପାଇଁ ଏପରି ଶୁକ୍ରର ଚାହିଦା ରହିଥାଏ। ଷଣ୍ଢମାନଙ୍କଠାରୁ ଏପରି ଭାବେ ଶୁକ୍ର ସଂଗ୍ରହ କରିବାକୁ ଯାଇ ବହୁ ଲୋକ ଗୁରୁତର ଭାବେ ଆହତ ହେବାର ଦେଖାଯାଇଛି। ଏହାର ଅନ୍ୟ ପ୍ରକାର ଉପାୟ ବି ଅଛି ଯାହାକୁ କୁହାଯାଏ ଇଲେକ୍ଟ୍ରୋଇଜାକୁଲେଶନ।

କୁକୁଡ଼ାଛୁଆଙ୍କର ଲିଙ୍ଗନିର୍ଣ୍ଣୟ ଆଉ ଏକ ଜଘନ୍ୟ କାର୍ଯ୍ୟ। ଏହି କାର୍ଯ୍ୟ କରୁଥିବା ଲୋକ ନବଜାତ କୁକୁଡ଼ାଛୁଆକୁ ଉପରକୁ ଓଲଟାଇ ଧରି ତା'ର ମଳଦ୍ୱାରକୁ ଚିପି ମଳ ବାହାର କରିବା ପରେ ସେଥିରେ ଆଙ୍ଗୁଠି ପୂରାଇ ଲିଙ୍ଗନିର୍ଣ୍ଣୟ କରିଥାଏ। ଅଣ୍ଡିରା ବୋଲି ଜଣାପଡ଼ିଲେ ସେହି ଛୁଆମାନଙ୍କୁ ମାରିଦିଆଯାଏ। କିଛି ଲୋକ ଠେକୁଆ ଓ ମେଣ୍ଢାମାନଙ୍କ ଲୋମ କାଟିବା କାର୍ଯ୍ୟ କରନ୍ତି। ଏହି ପ୍ରକ୍ରିୟାରେ କେତେକ ପ୍ରାଣୀଙ୍କ ହାଡ଼ ଭାଙ୍ଗିଯିବା ସହ ଅନେକଙ୍କ ଦେହରେ କ୍ଷତ ସୃଷ୍ଟି ହୁଏ ଏବଂ ପ୍ରାଣୀମାନେ ବିକଳରେ ଚିତ୍କାର କରନ୍ତି।

ଧନୀ ଲୋକମାନଙ୍କର ରୋଗଣା ହଂସ ବା ବତକଙ୍କ ଯକୃତରେ ତିଆରି ଖାଦ୍ୟ ଅତି ପ୍ରିୟ। ଏହି ଯକୃତ କାଢ଼ିବା ଲୋକକୁ କୁହାଯାଏ ଷ୍ଟଫର। ସେମାନେ ହଂସ ବା ବତକଙ୍କ ଖାଦ୍ୟନଳୀ ଭିତରେ ଏକ ଆଲୁମିନିୟମ୍ ବା ପ୍ଲାଷ୍ଟିକ୍ ନଳୀ ଭର୍ତ୍ତି କରି ଯକୃତକୁ ବାହାର କରନ୍ତି। ଏହି ପ୍ରକ୍ରିୟାରେ ସଂପୃକ୍ତ ହଂସ ବା ବତକଟି ମୃତ୍ୟୁବରଣ କରେ। ଷ୍ଟଫର ଦିନସାରା ଏହି କାମରେ ଲାଗିଥାଏ। କିଛି ଲୋକ ଘୁଷୁରିକୁ ଛୁରି ଭୁସି ହତ୍ୟା କରିବା କାମରେ ଲାଗିଥାନ୍ତି। ବିଶ୍ୱାସ କରାଯାଏ ଯେ ଘୁଷୁରିଟି ମରିବା ପୂର୍ବରୁ ତାକୁ ଅନେକ ଥର ଛୁରା ମାରିଲେ ହିଁ ତା'ର ମାଂସ ଖାଦ୍ୟ ଉପଯୋଗୀ ହୋଇପାରିବ। କିଛି କର୍ମଚାରୀ କଂସେଇଖାନାରୁ ପ୍ରାଣୀଙ୍କ ହାଡ଼, ରକ୍ତ, ଚର୍ମ ଇତ୍ୟାଦି ଆଣି ସେଗୁଡ଼ିକୁ ବିଭିନ୍ନ ଉପାୟରେ ପ୍ରକ୍ରିୟାକରଣ କରି ତାହାକୁ ସାବୁନ, ସାର, ମହମବତି, ଔଷଧ ଇତ୍ୟାଦି ଉତ୍ପାଦନରେ ବ୍ୟବହାର ଲାଗି ଉପଯୋଗୀ କରନ୍ତି।

ମଣିଷ ଜୀବନ ଅତ୍ୟନ୍ତ କ୍ଷୁଦ୍ର ବା ସ୍ୱଳ୍ପକାଳସ୍ଥାୟୀ। ଆପଣ କ'ଣ ଚାହିଁବେ ଏହି କ୍ଷୁଦ୍ର ଜୀବନକୁ ଅନ୍ୟ ପ୍ରାଣୀମାନଙ୍କ ହତ୍ୟାରେ ବିନିଯୋଗ କରିବା ଲାଗି? ଏଥିରୁ ଅବଶ୍ୟ ଆପଣ କିଛି ଟଙ୍କା ରୋଜଗାର କରିପାରନ୍ତି ମାତ୍ର କେବଳ କିଛି ଟଙ୍କା ରୋଜଗାର ଜୀବନର ଉଦ୍ଦେଶ୍ୟ ନୁହେଁ। ତା'ଛଡ଼ା ଏହି କର୍ମଚାରୀମାନଙ୍କୁ ତାଙ୍କ ପରିଶ୍ରମ ତୁଳନାରେ ବହୁତ କମ୍ ମଜୁରି ଦିଆଯାଏ ଏବଂ ସେମାନଙ୍କୁ କଦର୍ଯ୍ୟ ପରିବେଶରେ କାମ କରିବାକୁ ହୁଏ। ଆପଣ ଅନ୍ୟ କିଛି କାର୍ଯ୍ୟ କରି ବି ଜୀବିକା ନିର୍ବାହ କରିପାରିବେ। କିନ୍ତୁ ଭାରତରେ ଏହା ଏକପ୍ରକାର କୌଳିକ ବୃତ୍ତିରେ ପରିଣତ ହୋଇଛି। କଂସେଇଖାନାରେ କାମ କରୁଥିବା ଲୋକମାନଙ୍କର ପିଲାମାନେ ବି ପାଠଶାଠ ନ ପଢ଼ି ଅଳ୍ପ ବୟସରୁ ସେଇ କଂସେଇଖାନାରେ ହିଁ କାମକରିବା ଦେଖାଯାଏ। ପ୍ରତ୍ୟେକ କଂସେଇଖାନା କର୍ମଚାରୀ ଯକ୍ଷ୍ମା, ଶ୍ୱାସ, ଶ୍ୱାସନଳୀ ପ୍ରଦାହ, ଆଖି, ନାକ ଓ ଗଳା କୁଣ୍ଡେଇ ହେବା, ଶ୍ରବଣଶକ୍ତି ହ୍ରାସ ଆଦି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥାନ୍ତି। ଅଧିକାଂଶ କଂସେଇଖାନାରେ ସପ୍ତାହରେ ସାତଦିନ ଯାକ ୨୪ ଘଣ୍ଟା କାମ କରାଯାଏ। ପ୍ରତି ଘଣ୍ଟାରେ ହଜାର ହଜାର ପ୍ରାଣୀଙ୍କୁ କାଟିବା ଓ ପ୍ରକ୍ରିୟାକରଣ କରିବାକୁ ପଡୁଥିବାରୁ କର୍ମଚାରୀଙ୍କୁ ଏପରି କି ଛୁରି ପଜେଇବା ପାଇଁ ବି ସମୟ ମିଳେ ନାହିଁ। ଛୁରି ଦନ୍ଥରା ହୋଇଗଲେ ଅଧିକ ବଳପ୍ରୟୋଗ କରି କାଟିବାକୁ ପଡ଼େ। ସେଥିରେ ପ୍ରାଣୀକୁ କଷ୍ଟ ହେବା ସହ ନିଜ ହାତକୁ ବି କଷ୍ଟ ହୁଏ ଓ ହାତ ଖଣ୍ଡିଆ ହୁଏ। ସେଥିପାଇଁ କର୍ମଚାରୀମାନଙ୍କ ହାତ, ନେଡ଼ି, ବାହୁ, କାନ୍ଧ ଓ ପିଠିରେ ଯନ୍ତ୍ରଣା ହୁଏ। ମାଛଧରାଳିମାନେ ସମୁଦ୍ରରେ ଅଧିକ ସମୟ କଟାନ୍ତି। ସେଥିପାଇଁ ସେମାନଙ୍କୁ ପ୍ରତିକୂଳ ପାଣିପାଗଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହେବାର ଦେଖାଯାଏ। ମଣିଷ ଏପରି କୁତ୍ସିତ ବୃତ୍ତି ଆପଣେଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ବୃତ୍ତି ଦ୍ୱାରା ସେମାନେ କେବଳ କିଛି ପ୍ରାଣୀ ବଂଶକୁ ନିପାତ କରନ୍ତି ନାହିଁ ବରଂ ଜଳ, ଜମି ଓ ବାୟୁକୁ ଦୂଷିତ କରି ଅନ୍ୟ ପ୍ରାଣୀ ତଥା ମଣିଷମାନଙ୍କୁ ବି ବିପଦରେ ପକାନ୍ତି। ଏମାନଙ୍କ ଲାଗି ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଘଟୁଛି। ତେଣୁ ଆମ ସରକାର ମାଂସ ରପ୍ତାନି ବୃଦ୍ଧି କରିବାକୁ ଉଦ୍ୟମ ନ କରି ବରଂ ଏହି କର୍ମଚାରୀମାନଙ୍କୁ ଅନ୍ୟ କାମରେ ତାଲିମ ଦେଇ ସେମାନଙ୍କ କର୍ମନିଯୁକ୍ତିର ବ୍ୟବସ୍ଥା କରି ସମାଜରେ ସେମାନଙ୍କର ସମ୍ମାନଜନକଭାବେ ବଞ୍ଚିବାଟାକୁ ସୁନିଶ୍ଚିତ କରିବା ଦରକାର। ଆପଣମାନେ ବି ନିରାମିଷାଶୀ ହୋଇ ଏଥିରେ ସେମାନଙ୍କୁ ସାହାଯ୍ୟ କରିପାରିବେ।

Email: gandhim@nic.in

# କ୍ରିକେଟାୟ ନମଃ



ଡ. କୁଳାଙ୍ଗାର

ଭାଇରେ କ୍ରିକେଟ ଖେଳ କି ମନ୍ତର କଲା, ବୁଢ଼ାହଡ଼ା ଭେଣ୍ଡିଆ ପିଲା ସଭିଙ୍କୁ ପାଗଳ କଲା...! କ୍ରିକେଟ କ୍ରିକେଟ ଘୋଷିଘୋଷି ଆମେ ଏ ଶବ୍ଦଟିକୁ ମନ୍ତ୍ରରେ ପରିଣତ କରିସାରିଲେଣି। ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏହା ଅନେକଙ୍କର ରୋଜଗାର ଓ ଆନନ୍ଦର ଉତ୍ସ ପାଲଟିଛି। ତେବେ କ୍ରିକେଟକୁ ଏକ ଆଧ୍ୟାତ୍ମିକ ଖେଳ କହିଲେ ଅତ୍ୟୁକ୍ତି ହେବନାହିଁ।

ଆମେ ବହୁଦିନରୁ କ୍ରିକେଟ ଖେଳାଳିଙ୍କୁ ଭଗବାନ ରୂପେ ଗ୍ରହଣ କରିଆସିଛେ। କିଏ ଠାକୁର ଘରେ ତାଙ୍କ ଫଟୋ ରଖି ପୂଜା କଲାଣି ତ କିଏ ତାଙ୍କର ଶୁଭକାମନା କରି ଖୋଳ କୀର୍ତ୍ତନ ସହ ହୋମଯଜ୍ଞର ଆୟୋଜନ କଲାଣି। କେଉଁଠି କ୍ରିକେଟ ଖେଳାଳିଙ୍କର ପୂଜା ପାଇଁ ମନ୍ଦିର ବି ତୋଳା ହେଲାଣି। ଈଶ୍ୱର ପ୍ରେମରେ ପାଗଳୀ ହୋଇ ଯୁବତୀ ଭକ୍ତ ନିଜକୁ ସମର୍ପିତ କରିଦେବା ପରି ଅନେକ ଯୁବତୀ କ୍ରିକେଟ ଖେଳାଳିଙ୍କ ପ୍ରେମରେ ଏକପାଖିଆ ମଜ୍ଜି ଆଜୀବନ ଅବିବାହିତ ରହିଯାଉଛନ୍ତି। ଆଧ୍ୟାତ୍ମିକତା ବା ଭକ୍ତିରେ ଉପବାସ ରଖିବା ପରି କ୍ରିକେଟ ଖେଳରେ ପିଲାଏ ଭୋକଶୋଷ ଭୁଲି ଯାଉଛନ୍ତି।

ଆଧ୍ୟାତ୍ମିକତାରେ ପୋଷାକ ଏକ ନିର୍ଦ୍ଦିଷ୍ଟ ଭୂମିକା ବହନ କରିଥାଏ। ଗୁରୁ ଅବା ଧର୍ମ ସବୁର ପୋଷାକ ସ୍ୱତନ୍ତ୍ର। ଦେଖନ୍ତୁ କ୍ରିକେଟରେ ମଧ୍ୟ ସେଇ ଏକା କଥା। ସବୁ ଦଳର ଅଲଗା ଅଲଗା ପୋଷାକ, ଯାହା ସେମାନଙ୍କର ପରିଚୟ ମଧ୍ୟ। ଏ ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଗୋଲ ଆଉ କ୍ରିକେଟ ପଡ଼ିଆ ମଧ୍ୟ ଚକ୍ରାକାର। ପ୍ରବଚନ ଆଧ୍ୟାତ୍ମିକତାର ଅନ୍ୟତମ ବିଭବ। ସମାନ ପ୍ରକାର କଥା କ୍ରିକେଟରେ ମଧ୍ୟ ଦେଖିବାକୁ ମିଳିଥାଏ। ଏଠାରେ ଧାରା ବିବରଣୀ କାର୍ଯ୍ୟକୁ ଦର୍ଶନ, ଶ୍ରବଣ କରାଯାଏ। କ୍ରିକେଟ ଭକତେ କ୍ରିକେଟ ଖେଳକୁ ସ୍ୱଚକ୍ଷୁରେ ଦର୍ଶନ କରିବାକୁ ଧାଆନ୍ତି। ଯିଏ ନ ଯାଇ ପାରିଲା ଟିଭି, ମୋବାଇଲ୍ ଜରିଆରେ ଦର୍ଶନ କରି ପାପମୋଚନ କରିଥାଆନ୍ତି। କିଏ ରେଡିଓ ଜରିଆରେ ପାପମୋଚନ କରିଥାଆନ୍ତି ତ କିଏ ପରଦିନ ଖବରକାଗଜରୁ ପଢ଼ିଥାଆନ୍ତି। ଯିଏ ଏହି ସୌଭାଗ୍ୟ ହାସଲ କରି ନ ପାରିଲା ସିଏ କିଛି ନ ହେଲେ ସ୍କୋର୍ କେତେ ହେଲା ଜାଣିବାକୁ ଚେଷ୍ଟା କରିଥାଆନ୍ତି।

ମୃତ୍ୟୁଦଣ୍ଡ ଦେବାକୁ ଯାଉଥିବା ଜନୈକ ଜଜ୍ ସାହେବ ଅପରାଧୀକୁ ପଚାରିଲେ– ତୁମର ଶେଷଇଚ୍ଛା କ'ଣ? ଅପରାଧୀ କହିଲା– ହଜୁର୍ ମୁଁ ମରିବା ପୂର୍ବରୁ ଆଜି କ୍ରିକେଟ ଲିଗ୍‌ରେ ସିଂହ ଓ ବାଘଦଳ ମଧ୍ୟରେ ଚାଲିଥିବା ମ୍ୟାଚ୍‌ର ସର୍ବଶେଷ ସ୍କୋର୍ ଜାଣିବାକୁ ଚାହେଁ! ଅପରାଧୀର କଥା ଶୁଣି ଜଜ୍ କହିଲେ– ଓହୋ! ମ୍ୟାଚ୍ ଟାଇମ୍ ଆରମ୍ଭ ହୋଇଗଲାଣି ତା'ହେଲେ। ହଉ ମୁଁ ଆସୁଛି। ଅଦାଲତର କାର୍ଯ୍ୟକ୍ରମ ଆଜିପାଇଁ ସ୍ଥଗିତ ରହିଲା। ଏହି ଘଟଣାରୁ ଏହା ପ୍ରତୀତ ହେଉଛି କି ଆଧ୍ୟାତ୍ମିକତା ପରି କ୍ରିକେଟ ମଧ୍ୟ ଚମତ୍କାର କରି ଜୀବନ ବଞ୍ଚାଇ ଦେଇପାରେ।

ଠାକୁର ଦର୍ଶନ କରିବାକୁ ଯାଇ ପ୍ରେମରେ ପଡିବା ପରି କ୍ରିକେଟ ଖେଳ ଦେଖିବାକୁ ଯାଇ କିଛି ଘଣ୍ଟା ଭିତରେ ମଧ୍ୟ ପ୍ରେମ ହୋଇ ଯାଇପାରୁଛି। ଜଣେ କ୍ରିକେଟପ୍ରେମୀ ଲୋକର ଝିଅ ସହିତ ଜଣେ ପ୍ରବଚକର ପ୍ରେମ ହୋଇଗଲା। ଝିଅଠାରୁ ସବୁକଥା ଶୁଣି ବାପା କହିଲେ– ମୋର ଇଚ୍ଛା ତୁ ଗୋଟେ କ୍ରିକେଟ ଖେଳାଳିକୁ ବାହା ହୋଇଥାଆନ୍ତୁ! ହେଲେ ଏମିତି ବାବାଜିଆଟେ ବାଛିଲୁ କାହିଁକି? ଝିଅ କହିଲା– ବାପା, କ୍ରିକେଟ ଖେଳାଳି ଓ ପ୍ରବଚକ ଭିତରେ ବିଶେଷ ଫରକ ନାହିଁ ତ। ଉଭୟରେ ଆଧ୍ୟାତ୍ମିକତା ଖୁନ୍ଦି ହୋଇରହିଥାଏ। ବାପା ପଚାରିଲେ– କିପରି? ଝିଅ ବୁଝେଇଲା– ଆଧ୍ୟାତ୍ମିକ ଅନୁଭବ ମାଗଣାରେ ମିଳେନା। ଠାକୁର ହୁଅନ୍ତୁ କି ଧାର୍ମିକ ଗୁରୁ ମହାରାଜ, ଦର୍ଶନ ପାଇଁ ମୋଟା ଦକ୍ଷିଣା ଦେବାକୁ ହୋଇଥାଏ। ସେହିପରି କ୍ରିକେଟ ପାଇଁ ମୋଟାଅଙ୍କ ଦେଇ ଟିକେଟ କିଣିବାକୁ ହୋଇଥାଏ। ଏ ଜୀବନ ଏକ ଦୌଡ଼। ଶୂନ୍ୟରୁ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଯେମିତି ଦୌଡିବାକୁ ହୁଏ, ପୋତା ହୋଇଥିବା ଷ୍ଟମ୍ପର ଏପାଖରୁ ସେପାଖକୁ ସେମିତି ଦୌଡିବାକୁ ହୋଇଥାଏ। ଷ୍ଟମ୍ପର ସଂଖ୍ୟା ମଧ୍ୟ ତିନି। କେବେ ଏହା ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ପ୍ରତୀକ ତ କେବେ ଏହା ପ୍ରଚଣ୍ଡ ତ୍ରିଶୂଳ ପରି। ସାମାନ୍ୟ ସନ୍ଦେହରେ ହରି ଛୁ ମାରିବା ପରି ସାମାନ୍ୟ ଅସତର୍କତାରେ ଷ୍ଟମ୍ପ୍ ଖସି ଯାଇପାରେ। ଆମେ କ'ଣ କରୁଛେ, ଭୁଲ୍ କି ଠିକ୍ ଯେମିତି ଅନବରତ ଈଶ୍ୱର ଦେଖୁଛନ୍ତି, ଠିକ୍ ସେହିପରି କ୍ରିକେଟ ମ୍ୟାଚ୍‌ରେ ଅମ୍ପାୟାର ଆଖି ମେଲାକରି ଚାହିଁଥାଆନ୍ତି। ମର୍ତ୍ତ୍ୟରେ ଫାଙ୍କିଦେଲେ ମଧ୍ୟ ଉପରବାଲା ପାପପୁଣ୍ୟର ହିସାବ କରିବା ପରି ତୃତୀୟ ଅମ୍ପାୟାର ମଧ୍ୟ ତାହା କରିବା ପାଇଁ ବସିଥାଆନ୍ତି। ମହାଭାରତରେ ଶ୍ରୀକୃଷ୍ଣ ଯେମିତି ଅର୍ଜ୍ଜୁନକୁ ନାନା ଉପଦେଶ ଦେଇଛନ୍ତି, କ୍ରିକେଟ ଖେଳାଳିମାନେ ଠିକ୍ ସେମିତି ଚିତ୍ର ଓ ଚଳଚ୍ଚିତ୍ର ମାଧ୍ୟମରେ ପ୍ରକଟ ହୋଇ ବିଜ୍ଞାପନ ଯୁଦ୍ଧରେ ଆମକୁ ବିଭିନ୍ନ ଦ୍ରବ୍ୟ ବ୍ୟବହାର କରିବା ପାଇଁ ଉପଦେଶ ଦେଇଥାଆନ୍ତି। ପ୍ରବଳ ଭକ୍ତି କାରଣରୁ ଆମେମାନେ ସେ ଉପଦେଶ ସବୁକୁ ମାନିକରି ବଜାରରୁ ଉକ୍ତ ଦ୍ରବ୍ୟଗୁଡ଼ିକୁ କିଣି ଆଣୁଛେ।

ଝିଅର ଯୁକ୍ତିରେ ପ୍ରଭାବିତ ହୋଇ ବାପା ସେ ବିବାହ ପ୍ରସ୍ତାବରେ ରାଜିହୋଇଯିବା ସହିତ ମନେମନେ ଭାବିଲେ ପୂର୍ବରୁ ପର୍ବପର୍ବାଣିରେ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରିବାକୁ ଦାବି ହେଉଥିଲା। ଏବେ ରୋଚକ କ୍ରିକେଟ ମ୍ୟାଚ୍‌ର ଫାଇନାଲକୁ ଛୁଟି ଘୋଷଣା କରିବାକୁ ଜୋରଦାର ଦାବି ହେବା ଦରକାର, ଯାହା ଫଳରେ ଲୋକେ ନିଶ୍ଚିନ୍ତରେ ବସି ଖେଳ ଦେଖିବା ସହ 'ଓଁ କ୍ରିଂ କ୍ରିକେଟାୟ ନମଃ' ମନ୍ତ୍ରକୁ ଜପ କରିପାରନ୍ତେ!

ମୋ– ୯୩୩୮୫୮୧୩୦୯

## ଏଇ ଭାରତରେ

ବିବାହ ଭୋଜିରେ ବରକନ୍ୟାଙ୍କୁ ଉପହାର ପାଣିଭର୍ତ୍ତି ମାଠିଆ। ଏ କଥା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ୍ୟ। ମଧ୍ୟପ୍ରଦେଶରେ ପିଇବା ପାଣି ସମସ୍ୟା ଉତ୍କଟ ହେବାରେ ଲାଗିଛି। ସମ୍ପ୍ରତି ଏଠାରେ ଏକ ବିବାହ ଭୋଜିରେ ଯୋଗଦେଇଥିବା ଲୋକେ ବରକନ୍ୟାଙ୍କୁ ପାଣିଭର୍ତ୍ତି ମାଠିଆ ଉପହାର ଭାବେ ପ୍ରଦାନ କରିଛନ୍ତି। ସ୍ଥାନୀୟ ଖରଗୋନ୍ ଜିଲାର ରାୟଟେମରୀରେ ଏଭଳି ଘଟଣା ଘଟିଛି। ଏହି ପାହାଡ଼ିଆ ଆଦିବାସୀ ଗାଁରେ ପିଇବା ପାଣି ସମସ୍ୟା ଦୀର୍ଘଦିନ ଧରି ଲାଗିରହିଛି। ଗାଁରେ ବାସକରୁଥିବା କୁବେର ସିଂଙ୍କ ପୁଅଙ୍କ ବିବାହ ଭୋଜିରେ ଖାଦ୍ୟପଦାର୍ଥ ରନ୍ଧା ଯିବାର ଥିଲା। ତେବେ ଏଥିରେ ମୁଖ୍ୟ ପ୍ରତିବନ୍ଧକ ସାଜିଥିଲା ପିଇବା ପାଣି। ଏନେଇ କୁବେର ସିଂ ଗାଁର ସରପଞ୍ଚ ଏବଂ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ସଭିଏଁ ଏକ ମାଠିଆ ପାଣି ନେଇ ବିବାହ ଭୋଜିକୁ ଆସିବାକୁ ରାଜି ହୋଇଥିଲେ। ଏବେ ଏହି ନିଆରା ବିବାହକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେବା ସହିତ ଏହା ବିଭିନ୍ନ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ଶକତିର ସେବୀ ସୁଦ୍ଧା ଶୁଣିପାରେ ଯୁକତିର ବାଣୀ
ବଦଳାଇ ପାରେ ହୃଦ ମଥା ତାର ଲୋଡା ନାହିଁ ହାଣି
ମାଲିକ ଶ୍ରମିକ ପ୍ରଜା ନିଷ୍ପେସିତ ଦୀନ ଧନବାନ
ବିନା ରକ୍ତେ ସମ୍ଭବଇ ସକଳ ଭେଦର ଅବସାନ!
କହ କହ ଆଉଥରେ ଶୁଣିବାକୁ ଉତ୍କର୍ଣ୍ଣା ଧରଣୀ
ଜ୍ୱଳନ୍ତ ତା' କ୍ଷତ ପରେ ଲାଗୁ ତବ ବିଷଲ୍ୟକରଣୀ
ଶୁଣାଅ ଶୁଣାଅ ପୁଣି କିଏ ମିଥ୍ୟା କିଏ ପଥଭ୍ରାନ୍ତ
ହେ ଅଟଳ ସତ୍ୟସନ୍ଧ! ହେ କଠୋର ସାଧକ ଅଶାନ୍ତ।

(ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | | | | | | | | | | | | C |
| 0 | | | | D | 1 | | | C | | 8 | B | | | |
| 7 | 4 | | 5 | E | | | 9 | | | | | 0 | 8 | 1 |
| 9 | 8 | 5 | A | 3 | | | | | | | 2 | | B | |
| | 1 | | 2 | | 6 | 4 | 7 | | | | | D | | A |
| 5 | | | 7 | | | | 0 | | | | 6 | | | |
| | 6 | | | | | 2 | | | 0 | B | | | 5 | |
| 2 | 3 | 8 | | | | C | A | 9 | | 1 | | 7 | | |
| | | 0 | | 8 | 9 | D | | B | | | | | | |
| | | D | | 4 | | | 8 | 3 | | C | | B | | 2 |
| | | | | | 2 | | | 0 | 3 | | D | 4 | | |
| | | 4 | 8 | 5 | | | | | 1 | | | 9 | D | 7 |
| | | E | | | C | | | 5 | | 2 | 0 | | 3 | |
| | | 1 | | | | | | | | 9 | | 5 | | |
| | | | | | | 3 | | | 7 | 6 | 5 | A | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | A | 7 | 4 | B | 8 | 5 | 2 | 0 | E | 3 | 6 | 1 | 9 | C |
| 6 | 1 | 5 | 0 | D | E | C | 9 | 7 | B | 8 | 2 | 3 | 4 | A |
| B | 4 | 2 | 1 | 9 | A | 6 | 8 | 3 | C | D | 7 | 5 | E | 0 |
| C | E | 0 | 6 | 3 | 7 | 4 | A | D | 1 | 9 | 5 | B | 2 | 8 |
| 9 | 8 | 3 | 5 | 2 | C | 1 | B | E | A | 4 | 0 | 7 | 6 | D |
| 8 | 0 | C | 9 | A | 5 | 2 | 4 | 6 | 3 | 7 | B | D | 1 | E |
| 7 | D | 4 | E | C | 2 | A | 5 | B | 9 | 0 | 1 | 6 | 8 | 3 |
| 2 | 5 | B | 7 | 8 | 6 | 3 | E | 1 | D | C | A | 9 | 0 | 4 |
| E | 6 | 1 | 3 | 0 | D | 7 | C | 9 | 8 | 2 | 4 | A | 5 | B |
| A | 3 | 9 | B | 1 | 4 | 0 | D | 8 | 5 | 6 | E | 2 | C | 7 |
| 4 | 9 | E | C | 7 | 1 | D | 0 | 5 | 2 | B | 3 | 8 | A | 6 |
| 1 | C | 6 | 2 | 4 | B | 8 | 7 | A | 0 | 5 | D | E | 3 | 9 |
| 0 | B | 8 | D | 6 | 3 | E | 1 | 2 | 4 | A | 9 | C | 7 | 5 |
| 3 | 2 | D | A | 5 | 0 | 9 | 6 | C | 7 | E | 8 | 4 | B | 1 |
| 5 | 7 | A | 8 | E | 9 | B | 3 | 4 | 6 | 1 | C | 0 | D | 2 |

ଗତକାଲିର ଉତ୍ତର

# ଅସାଧୁ ନିର୍ବାଚନ



ପ୍ରଦୀପ୍ତ ନାୟକ

ନିର୍ବାଚନ ଏକ ଗଣତାନ୍ତ୍ରିକ ପ୍ରକ୍ରିୟା। ଭାରତୀୟ ସମ୍ବିଧାନ ଓ ନୀତିନିୟମ ଅନୁସାରେ ପ୍ରତ୍ୟେକ ସାବାଳକ ନାଗରିକ ସ୍ୱାଧୀନ ଭାବରେ ନିଜ ଇଚ୍ଛାରେ ଭୋଟ ଦେଇପାରିବେ, ପ୍ରଚାର କରିପାରିବେ ଏବଂ ପ୍ରାର୍ଥୀ ହୋଇପାରିବେ। ଏଥିନିମନ୍ତେ ଭାରତର ପ୍ରଥମ ସାର୍ବଭୌମ ସରକାର ୧୯୫୧ ମସିହାରେ 'ଜନପ୍ରତିନିଧି ଆଇନ' ପାସ୍ କରି ଦେଶବାସୀଙ୍କ ସର୍ବବିଧ ବିକାଶ ନିମନ୍ତେ କାର୍ଯ୍ୟକାରୀ କରି ଆସୁଛନ୍ତି। ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁସାରେ ଦେଶରେ ନିର୍ବାଚନ ପରିଚାଳନା ନିମନ୍ତେ ନିର୍ବାଚନ କମିଶନ ଗଠିତ ହୋଇଛି। ଏହା ହେଉଛି ଏକ ସ୍ୱୟଂଶାସିତ ସାମ୍ବିଧାନିକ ଅନୁଷ୍ଠାନ। କୌଣସି ରାଜନୈତିକ ଦଳର ବିଚାରଧାରା କିମ୍ବା ନେତାଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ନିର୍ବାଚନକୁ ସୁଚାରୁରୂପେ ପରିଚାଳନା କରିବା କ୍ଷେତ୍ରରେ ଏହି ମହାନ୍ ଅନୁଷ୍ଠାନର ଗୁରୁଦାୟିତ୍ୱ ରହିଛି। ନିର୍ବାଚନରେ ଭାଗ ନେଉଥିବା ସମସ୍ତ ରାଜନୈତିକ ଦଳ, ପ୍ରାର୍ଥୀ ଓ ସରକାରୀ କର୍ମଚାରୀଙ୍କର ସାଧୁତା, ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱ ରହିବା ବିଧେୟ। ସମ୍ବିଧାନ ଓ ଜନପ୍ରତିନିଧି ଆଇନ ଅନୁସାରେ ନର୍ବାଚନ କମିଶନଙ୍କ ନିର୍ବାଚନ ପରିଚାଳନା କ୍ଷେତ୍ରରେ ଅଖଣ୍ଡ କ୍ଷମତା ଅଛି। କେବଳ ସର୍ବୋଚ୍ଚ ନ୍ୟାୟାଳୟଙ୍କ ବ୍ୟତୀତ ଦେଶର ଅନ୍ୟ କୌଣସି ଅନୁଷ୍ଠାନ ନିର୍ବାଚନ କମିଶନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିପାରିବେ ନାହିଁ। ତାହାକୁ ସମ୍ମାନ ଦେବା ଏକାନ୍ତ ଅପରିହାର୍ଯ୍ୟ। ଯିଏ ଅମାନ୍ୟ କରିବ ତାକୁ ଆଇନ୍ ଅନୁସାରେ କମିଶନ ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଛି।

ଆମ ଦେଶର ସମ୍ବିଧାନ ଓ ଗଣତାନ୍ତ୍ରିକ ପରମ୍ପରା ଅନୁସାରେ ସରକାର ଗଠନରେ ରାଜନୈତିକ ଦଳମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିର୍ବାଚନରେ ବିଜୟଲାଭ କରୁଥିବା ଦଳ ଓ ତା'ର ନେତାମାନେ ଯେତେ ପ୍ରଗତିଶୀଳ, ନୀତିବାନ୍ ଓ ଜନ ସପକ୍ଷବାଦୀ ହୁଏ ସେ ସରକାର ସେତେ ଜନାଭିମୁଖୀ ହୁଏ ଓ ଦେଶର ବିକାଶ ଗତିଶୀଳ ହୁଏ। ଆନ୍ତର୍ଜାତିକ କ୍ଷେତ୍ରରେ ଦେଶର ସମ୍ମାନ ସେତେ ବୃଦ୍ଧି ପାଏ। ଏଠି ସାବାଳକ ଭୋଟ ପ୍ରଥା ଅନୁସାରେ ସଂଖ୍ୟାଧିକ ମତ ପାଉଥିବା ଦଳ ସରକାର ଗଠନ କରୁଛି। ଏହା ଗଣତନ୍ତ୍ର ପାଇଁ ଏକ ସୁସ୍ଥ ବ୍ୟବସ୍ଥା ନୁହେଁ। ଏଥିରେ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ନାହିଁ କିମ୍ବା ସେଥିନିମନ୍ତେ ଦାବି ଜୋରଦାର ହେଉନାହିଁ। ଦେଖାଯାଇଛି ଭାରତର ନିର୍ବାଚନ ପରିଚାଳନା ସୁବ୍ୟବସ୍ଥିତ ହେଉନାହିଁ କିମ୍ବା ଆଚରଣବିଧି ରାଜନୈତିକ ଦଳମାନେ ଠିକ୍‌ଭାବରେ ପାଳନ କରୁନାହାନ୍ତି। ପ୍ରଚାରରେ ଅଶାଳୀନ ମନ୍ତବ୍ୟ ପ୍ରଦାନ କରିବା, ବାହୁବଳ ପ୍ରୟୋଗ କରି ବୁଥ୍ ଦଖଲ କରିବା, ଗୁଣ୍ଡାଗର୍ଦ୍ଦି କରି ବିରୋଧୀ ପକ୍ଷଙ୍କୁ ଆକ୍ରମଣ କରିବା, ଭୟଭୀତ କରିବା, ପ୍ରଚାର ଅଭିଯାନକୁ ବ୍ୟୟବହୁଳ କରିବା, ପ୍ରଚୁର କଳାଟଙ୍କା ଓ ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ର ବଣ୍ଟନ କରିବା ସହ ଭୋଜିଭାତ, ମଦମାଂସରେ ଭସାଇ ଭୋଟରଙ୍କୁ ପ୍ରଭାବିତ କରାଯାଉଛି। ଏହି ପରମ୍ପରା ୧୯୭୦ ମସିହା ପରଠାରୁ କଂଗ୍ରେସ ଦଳ ଓ ପରେ ବିଭିନ୍ନ ଆଞ୍ଚଳିକ ଦଳମାନେ ଊଣା ଅଧିକେ କରି ଆସୁଥିଲେ, ଯାହାଦ୍ୱାରା ଭୋଟରମାନେ ପ୍ରଭାବିତ ହେଉଥିଲେ। ମାତ୍ର ଏହି ଧାରା ୨୦୦୦ ମସିହାଠାରୁ କ୍ଷିପ୍ର ଗତିରେ ବୃଦ୍ଧି ପାଇଛି। ୨୦୧୯ରେ ଶେଷ ହୋଇଥିବା ନିର୍ବାଚନ ଅତୀତର ସମସ୍ତ ରେକର୍ଡ଼କୁ ଭଙ୍ଗ କରି ସର୍ବାପେକ୍ଷା ବ୍ୟୟବହୁଳ ବ୍ୟଭିଚାରରେ ବୁଡ଼ିଗଲା। ନିର୍ବାଚନ କମିଶନ ତା'ର ଅତୀତର ସମସ୍ତ ପତିଆରାକୁ ଜଳାଞ୍ଜଳି ଦେଇ ଶାସକ ଦଳର ହାତବାରିସି ଭାବରେ କାର୍ଯ୍ୟ କରିବା ପ୍ରତୀୟମାନ ହେଲା। ଏହି ନିର୍ବାଚନରେ ଭାଜପା ଅଧିକ ଫାଇଦା ନେବା ନିମନ୍ତେ ୭ ପର୍ଯ୍ୟାୟର ଏକ ଲମ୍ବା ସମୟ ପର୍ଯ୍ୟନ୍ତ ଭୋଟ ଗ୍ରହଣ କାର୍ଯ୍ୟ ଚାଲୁ ରଖିଲେ। ଦୀର୍ଘ ୩ ମାସ ଧରି ନିର୍ବାଚନ ପ୍ରକ୍ରିୟା ଓ ଆଚରଣବିଧି ଲାଗୁ କରିବା ଫଳରେ ଜନସାଧାରଣଙ୍କର ତେଲଲୁଣ ସଂସାରରେ ଅଧିକ କ୍ଷତି ପହଞ୍ଚିଲା ଓ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଲା। ସର୍ବାଧିକ ନେତା ନିଜର ବ୍ୟବସାୟୀ ମନୋଭାବଯୁକ୍ତ ରାଜନୈତିକ ସ୍ୱାର୍ଥସାଧନ ନିମନ୍ତେ କାଠବେଙ୍ଗ ଡେଇଁଲା ପରି ଏ ଦଳରୁ ସେ ଦଳକୁ ଡିଆଁଡେଇଁ କଲେ। ଅଭିଜ୍ଞ ଓ ସଚ୍ଚୋଟ କର୍ମୀମାନେ ଅଲୋଡ଼ା ହୋଇଗଲେ। ନିର୍ବାଚନ କମିଶନଙ୍କ ଏକ ହିସାବରୁ ଜଣାଯାଇଛି ଯେ, ୨୦୧୯ ସାଧାରଣ ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ମାର୍ଚ୍ଚ ୧୦ ତାରିଖ ପରଠୁ ଏପ୍ରିଲ ୨୫ ତାରିଖ ମଧ୍ୟରେ କେନ୍ଦ୍ର ଆଉ ରାଜ୍ୟଗୁଡ଼ିକରେ ଶାସନରେ ଥିବା ବିଭିନ୍ନ ଦଳର କର୍ମକର୍ତ୍ତା ଓ ତାଙ୍କର ଏଜେଣ୍ଟମାନଙ୍କଠାରୁ ୩୧୬୬ କୋଟି ଟଙ୍କା ମୂଲ୍ୟର ନଗଦ ରାଶି, ମାଦକଦ୍ରବ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ନିର୍ବାଚନ ଅଧିକାରୀମାନେ ଜବତ କରିଛନ୍ତି। ଏହା ୨୦୧୪ ନିର୍ବାଚନ ଅପେକ୍ଷା ୨ଗୁଣରୁ ଢେର୍ ଅଧିକ। ୨୦୧୪ରେ ୧୨୦୦ କୋଟି ଟଙ୍କା ଜବତ ହୋଇଥିଲା। ଏପ୍ରିଲ ୨୫ଠାରୁ ମେ ୨୨ ତାରିଖ ମଧ୍ୟରେ ସମପରିମାଣର ରାଶି ମଧ୍ୟ ଜବତ ହୋଇଛି ବୋଲି ଖବର ପ୍ରକାଶ ପାଇଛି। ସେଥିମଧ୍ୟରୁ ୭୫୦ କୋଟି ନଗଦ ଟଙ୍କା, ୨୪୦ କୋଟି ଟଙ୍କାର ମଦ, ୯୪୪ କୋଟି ଟଙ୍କାର ସୁନା ଅଳଙ୍କାର ଓ ଗୃହ ଉପକରଣ ଏବଂ ୧୧୮୩ କୋଟି ଟଙ୍କାର ଡ୍ରଗ୍ସ, ମାଦକ ଦ୍ରବ୍ୟ ବାଣ୍ଟି ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରି ନିଜର ରାଜନୈତିକ ଫାଇଦା ଚରିତାର୍ଥ କରାଯାଇଛି। ଯଦି ଏତେ ପରିମାଣ ଜବତ ହୋଇଛି, ତେବେ ନିଶ୍ଚିତ ଭାବରେ ଏହାଠାରୁ ବହୁ ଅଧିକ ଗୁଣ ବଣ୍ଟାଯାଇଛି। ସେଥିମଧ୍ୟରୁ ସବୁଠାରୁ ଅଧିକ ତାମିଲନାଡୁରୁ ୯୩୫ କୋଟି ଟଙ୍କା, ଗୁଜରାଟରୁ ୫୪୫କୋଟି ଟଙ୍କା ଏବଂ ଅନ୍ୟାନ୍ୟ ସମସ୍ତ ରାଜ୍ୟରୁ ବି ଟଙ୍କା ଜବତ ହୋଇଛି। ତା'ଛଡ଼ା ୪୪୫ଟି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଘଟଣା ଓ ହିଂସା ସଂଘଟିତ ହୋଇଛି। ସବୁଠାରୁ ବେଶି ହୋଇଛି ପଶ୍ଚିମବଙ୍ଗ ଓ ତ୍ରିପୁରାରେ। ନିର୍ବାଚନ କମିଶନ ଏବେ ଆକଳନ କରିଛନ୍ତି ଯେ, ପ୍ରାୟ ୫୦ ହଜାର କୋଟି ଟଙ୍କା ଏହି ନିର୍ବାଚନରେ ଖର୍ଚ୍ଚ ହୋଇଛି। ଏହା ହେଉଛି ସମଗ୍ର ପୃଥିବୀରେ ସର୍ବାଧିକ। ପରିତାପର ବିଷୟ ହେଉଛି ଭାରତ ଭଳି ଏକ ଦରିଦ୍ର ରାଷ୍ଟ୍ରରେ ଯଦି ଏତେ ବିଶାଳ ପରିମାଣର ରାଶି ଖର୍ଚ୍ଚ ହେଉଛି ତେବେ ସେ ଦେଶର ଲୋକମାନଙ୍କର ବିକାଶ କିଭଳି ସମ୍ଭବ ହେବ। ଯଦି କଳାଟଙ୍କା ନ ଥିବା ଓ କୋଟି କୋଟି ଟଙ୍କା ଖର୍ଚ୍ଚ କରିପାରୁ ନ ଥିବା ଜ୍ଞାନୀ, ଗୁଣୀ ଓ ସମାଜସେବୀମାନେ ରାଜନୀତିରେ ପ୍ରବେଶ କରିପାରିବେ ନାହିଁ, ଆଇନର ଶାସନ ଭୂଲୁଣ୍ଠିତ ହେବ।

ଟିକରପଡ଼ା, କାକଟପୁର, ପୁରୀ,
ମୋ–୯୪୩୭୦୫୩୩୨୯

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପୂର୍ଣ୍ଣ ବାତ୍ୟା ପ୍ରପୀଡ଼ିତ ବ୍ଲକ୍

ମହାଶୟ,

ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ରାଜ୍ୟ ସରକାର କଟକ ଜିଲାର କଣ୍ଟାପଡା ଓ ନିଆଳି ବ୍ଲକକୁ ସମ୍ପୂର୍ଣ୍ଣ ବାତ୍ୟା ପ୍ରପୀଡିତ ବ୍ଲକ ଭାବେ ଘୋଷଣା କରିଛନ୍ତି। ଏହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ । ଅନୁରୂପ ଭାବରେ ଜଗତ୍‌ସିଂହପୁର ଜିଲାର ବିରିଡି ଓ ରଘୁନାଥପୁର ବ୍ଲକକୁ ସମ୍ପୂର୍ଣ୍ଣ ବାତ୍ୟା ପ୍ରପୀଡ଼ିତ ବ୍ଲକ ଭାବରେ ସରକାର ଘୋଷଣା କରନ୍ତୁ। ପ୍ରଳୟଙ୍କରୀ ବାତ୍ୟା ଫନୀ ପ୍ରଭାବରେ ଜଗତ୍‌ସିଂହପୁର ଜିଲାର ବିରିଡି ଓ ରଘୁନାଥପୁର ବ୍ଲକରେ ଯେପରି ବ୍ୟାପକ କ୍ଷୟକ୍ଷତି ହୋଇଛି ତାହା ୧୯୯୯ ମହାବାତ୍ୟା ତୁଳନାରେ କୌଣସି ଦୃଷ୍ଟିରୁ କମ୍ ନୁହେଁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର,
ବିରିଡି, ଜଗତ୍‌ସିଂହପୁର

### ଭୂତଳେ ବିଦ୍ୟୁତ୍ କେବୁଲ ନେବା ବ୍ୟବସ୍ଥା ହେଉ

ପୂର୍ବର ଚକ୍ରବାତ ମହାବାତ୍ୟା, ହୁଡ୍‌ହୁଡ୍, ଫାଇଲିନ, ତିତ୍‌ଲି ପରେ ବର୍ତ୍ତମାନର ଫନୀ ବାତ୍ୟାରୁ ବିଦ୍ୟୁତ୍ ବ୍ୟାହତ ହେବା ସହ ଟେଲି କମ୍ୟୁନିକେଶନ, ଟିଭି ବନ୍ଦ ରହିବାରୁ ଜନସାଧାରଣ ଏକରକମ ଅନ୍ଧାରରେ ଅନ୍ଧ ପରି ରହିଲେ। ଏପରି ଦୁଃସ୍ଥିତି ଅନେକବାର ଆସିପାରେ। ତେଣୁ ଏହି ସମସ୍ୟା ଦୂରୀକରଣ ନିମନ୍ତେ ଭୂ–ଗର୍ଭରେ ବିଦ୍ୟୁତ୍ କେବୁଲ ନେବାର ବ୍ୟବସ୍ଥା କରାଯିବା ଉଚିତ। ଜଳ ବିଦ୍ୟୁତ୍ କେନ୍ଦ୍ର ଉପରେ ନିର୍ଭର ନ କରି ତାମିଲନାଡୁରେ ପବନ କଳ ମାଧ୍ୟମରେ ବିଦ୍ୟୁତ୍ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ମିଳିପାରୁଛି। ଆମେ ପାରସ୍ପରିକ ସହାୟତା କ୍ରମେ ସୌର ବିଦ୍ୟୁତ୍ କେନ୍ଦ୍ରରୁ ବିଜୁଳି ପାଇପାରିବା। ବାୟୋ ଗ୍ୟାସ ପ୍ଲାଣ୍ଟ ସ୍ଥାପନ କରି ଆଲୋକ ବ୍ୟବସ୍ଥା ଓ ରୋଷେଇ କରିହୁଅନ୍ତା।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୩୦ ମେ ୧୯୯୪

- ଆସାମର କୋକ୍ରାଝର ଜିଲାରେ ବୋଡୋ ଓ ଅଣବୋଡୋ ସଂଘର୍ଷରେ ୨୫ ଜଣ ନିହତ।
- ବାଂଲାଦେଶର ସନ୍ଦୀପ ଦ୍ୱୀପ ନିକଟରେ ଏକ ଲଞ୍ଚ ବୁଡିଯିବାରୁ ୬୦ ଜଣଙ୍କର ପ୍ରାଣହାନି।

# ୩୯ ବର୍ଷ ପରେ ଟିଟିଲାଗଡ଼କୁ ମନ୍ତ୍ରୀ ପଦ

ଟିଟିଲାଗଡ଼, ୨୯।୫ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ବୁଧବାର କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି । ଏନେଇ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ଜନସାଧାରଣ ଏବଂ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ବିଜେଡିରୁ ଟିକେଟ ପାଇ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରୁ ଟୁକୁନି ବଲାଙ୍ଗୀର ଜିଲାରେ ପ୍ରଥମ ମହିଳା ବିଧାୟିକା ଭାବେ ୨୦୧୪ରେ ନିର୍ବାଚିତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ପୂର୍ବାପେକ୍ଷା ଅଧିକ ଭୋଟରେ ନିର୍ବାଚିତ ହୋଇଥିଲେ । ନବୀନଙ୍କ ମନ୍ତ୍ରିମଣ୍ଡଳରେ ତାଙ୍କୁ ସାମିଲ କରାଯିବା ପରେ ସେ ବଲାଙ୍ଗୀର ଜିଲାର ପ୍ରଥମ ମହିଳା ମନ୍ତ୍ରୀ ଭାବେ ରେକର୍ଡ ସ୍ଥାପନ କରିଛନ୍ତି। ଅନ୍ୟପକ୍ଷେ ରାଜ୍ୟ କ୍ୟାବିନେଟରେ ସ୍ଥାନ ପାଇବାରେ ଟୁକୁନି ହେଉଛନ୍ତି ବଲାଙ୍ଗୀର ଜିଲାରୁ ଅଷ୍ଟମ। ତାଙ୍କ ପୂର୍ବରୁ ବଲାଙ୍ଗୀର ଜିଲାରୁ ରାଜେନ୍ଦ୍ର ନାରାୟଣ ସିଂଦେଓ, ଡା. ରାମପ୍ରସାଦ ମିଶ୍ର, ଅଇଁଠୁ ସାହୁ, ଅନଙ୍ଗ ଉଦୟ ସିଂଦେଓ, ନରସିଂହ ମିଶ୍ର, କନକ ବର୍ଦ୍ଧନ ସିଂଦେଓ, ଯୋଗେନ୍ଦ୍ର ବେହେରା ରାଜ୍ୟ କ୍ୟାବିନେଟରେ ସ୍ଥାନ ପାଇଥିଲେ। ଅପରପକ୍ଷେ ଦୀର୍ଘ ୩୯ ବର୍ଷ ପରେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ମନ୍ତ୍ରୀ ପଦ ଫେରିପାଇଛି।

**ଟୁକୁନି ସାହୁଙ୍କୁ ମନ୍ତ୍ରୀ ପଦ ମିଳିବା ପରେ ସବୁଠି ଉତ୍ସାହ**

୧୯୮୦ରେ ଟିଟିଲାଗଡ଼ ବିଧାୟକ ଲଳିତ ମୋହନ ଗାନ୍ଧୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାରରେ ରାଷ୍ଟ୍ରମନ୍ତ୍ରୀ ଭାବେ ସ୍ଥାନ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବଲାଙ୍ଗୀର ଜିଲାର ୫ଟି ବିଧାନସଭା ଆସନ ମଧ୍ୟରୁ ୨ଟିରେ ବିଜେଡି ବିଜୟୀ ହୋଇଛି। ଟୁକୁନିଙ୍କୁ ବରିଷ୍ଠତା, ଦଳ ପ୍ରତି ଆନୁଗତ୍ୟ, ସାଙ୍ଗଠନିକ ଦକ୍ଷତା ପାଇଁ ମନ୍ତ୍ରୀ ପଦ ମିଳିଥିବା ଆଲୋଚନା ହୋଇଛି। ଦିବଂଗତ ସ୍ୱାମୀ ତଥା ରାଜ୍ୟ ଯୁବ ସମ୍ପାଦକ ଅଭିମନ୍ୟୁ ସାହୁଙ୍କୁ ହତ୍ୟା ପରେ ଟୁକୁନିଙ୍କୁ ଦଳ ୨୦୧୪ ନିର୍ବାଚନରେ ଟିଟିଲାଗଡ଼ରୁ ପ୍ରାର୍ଥୀ କରିଥିଲା। ଗୃହିଣୀରୁ ରାଜନେତା ପାଲଟିଥିବା ଟୁକୁନି ସ୍ୱାମୀ ଅଭିମନ୍ୟୁଙ୍କ ସଙ୍ଗଠନ ତଥା ନବୀନଙ୍କ ଲୋକପ୍ରିୟତାକୁ ପାଥେୟ କରି ନିର୍ବାଚନକୁ ଓହ୍ଲାଇଥିବା ବେଳେ ୧୪ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ବୁଧବାର ଟୁକୁନିଙ୍କୁ ମନ୍ତ୍ରୀ ପଦ ମିଳିବା ପରେ ଉତ୍ସାହିତ ଶତାଧିକ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ଟିଟିଲାଗଡ଼ସ୍ଥିତ ହନୁମାନ ବ୍ୟାୟାମଶାଳାରେ ଥିବା ଅଭିମନ୍ୟୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ଦଳ ପକ୍ଷରୁ କାଳୀଚରଣ ପାନୁଆ, ବବୃ ରତେଇ, ରତନ ହାତୀ, ତପନ ହେର୍ଣ୍ଣା, ଦିଲୀପ ବେହେରା, ସନ୍ତୋଷ ସାହୁ, ରବି ବାଗ, ଦେବାଶିଷ ସୌରା, ବାପୁନି ପଣ୍ଡା. ପ୍ରତାପ ସିଂ, ଜନସନ ବିହାରୀ, ମୁନା ବେହେରା, ଜିତୁ ପାଢ଼ୀ, ନରେଶ ପାଢ଼ୀ ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଟୁକୁନିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ଟିଟିଲାଗଡ଼ରୁ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ବରିଷ୍ଠ ନେତା ପ୍ରେମ ଜୈନ, ଲାଲା ବର୍ମା, ଆଶିଷ ବେହେରା, ରଣଜିତ ପୃଷ୍ଟି, ଶମ୍ଭୁପ୍ରସାଦ ସାହୁ, ଦିଲୀପ ବାଗ, ଦୀପକ ମିଶ୍ର, ଅରୁଣ ମିଶ୍ର, ରୁଟୁ ବାଗ, ଅରୁଣ ବାଗ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରମାକାନ୍ତି ପୁଟେଲ, ସୁନୀଲ ସାହୁ, ରାଜକିଶୋର ଡାଙ୍ଗ, ଅଶୋକ ପାଢ଼ୀ ପ୍ରମୁଖ ବହୁ ନେତା ରାଜଧାନୀ ଯାଇଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ଇଂଲଣ୍ଡରେ କ୍ରିକେଟ...

ଥରେ ଲେଖାଏ ଟ୍ରଫି ଜିତିବାର ସ୍ୱାଦ ପାଇଥିବାବେଳେ ଇଂଲଣ୍ଡ ପାଇଁ ଏହା ଏପର୍ଯ୍ୟନ୍ତ ଅପହଞ୍ଚ ଇଲାକା ହୋଇ ରହିଛି। ଦଳ ୧୯୭୯, ୧୯୮୭ ଓ ୧୯୯୨ରେ ଫାଇନାଲ ଖେଳିଥିଲେ ହେଁ ୩ଥର ଯାକ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଏଥର ଆୟୋଜକଭାବେ ଇଂଲଣ୍ଡ ଟାଇଟଲ ଦାବିଦାର ଭାବେ ଉଭା ହୋଇଛି। ଇଂଲଣ୍ଡ ପାଇଁ ବିଶ୍ୱକପ ଆୟୋଜନ ଏହା ପ୍ରଥମ କଥା ନୁହେଁ। ପୂର୍ବରୁ ଏହି ଦେଶରେ ୧୯୭୫, ୧୯୭୯, ୧୯୮୩ ଓ ୧୯୯୯ରେ ବିଶ୍ୱକପ ଆୟୋଜିତ ହୋଇସାରିଛି। ତେବେ ଏଥର ଖେଳାଳିଙ୍କ ଫର୍ମ ବିଶ୍ୱକପକୁ ହଟ୍ ଫେଭରାଇଟ ସିଟ୍‌ରେ ବସାଇଛି।

ଏଥର ପ୍ରତିଯୋଗିତାରେ ଭାଗ ନେଉଥିବା ଦଳଗୁଡ଼ିକ ପରସ୍ପର ସହିତ ଖେଳିବା ପରେ ଶ୍ରେଷ୍ଠ ୪ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ପ୍ରଥମ ସେମିଫାଇନାଲ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡଠାରେ ଜୁଲାଇ ୯ ଓ ଦ୍ୱିତୀୟ ସେମିଫାଇନାଲ ଏଜବାଷ୍ଟନଠାରେ ଜୁଲାଇ ୧୧ରେ ଖେଳାଯିବ। ମେଗା ଫାଇନାଲ କ୍ରିକେଟର ମକ୍କା ଭାବେ ପରିଚିତ ଲର୍ଡ୍ସ ଗ୍ରାଉଣ୍ଡରେ ଜୁଲାଇ ୧୪ରେ ଅନୁଷ୍ଠିତ ହେବ। କ୍ରିକେଟର ଏହି ସର୍ବୋଚ୍ଚ ପ୍ରତିଯୋଗିତା ପାଇଁ କ୍ରୀଡ଼ା ପ୍ରେମୀଙ୍କ ନିକଟରେ ଏବେ ନାହିଁ ନ ଥିବା ଉତ୍କଣ୍ଠା। ଭାରତୀୟ ଦଳର ଶୁଭ ମନାସି ଏବେ ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଯାଇଛି ପୂଜାର୍ଚ୍ଚନା। ଇଂଲଣ୍ଡ, ଅଷ୍ଟ୍ରେଲିଆ ସହିତ ଭାରତ ହଟ୍ ଫେଭରାଇଟ ତାଲିକାରେ ଥିବାରୁ କ୍ରୀଡ଼ାପ୍ରେମୀଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି। ଏବେ କେବଳ ଟୁର୍ନାମେଣ୍ଟ ଆରମ୍ଭକୁ ଅପେକ୍ଷା।

### ଟ୍ରକ୍ ଧକ୍କାରେ ବାପା...

(ନଂ.ଓଡ଼ି୨୩ଜି-୭୦୪୯) ସହିତ ଉକ୍ତ ବାଇକର ଧକ୍କା ହେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ବାପା,ମା ଓ ପୁଅଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କୁଡ଼ାଲୋଇ ଓ ଆଖପାଖ ଗାଁର ଲୋକେ ଆସି ରାସ୍ତା ଅବରୋଧ କରିବା ସହିତ ମୃତକଙ୍କ ପରିବାର ସଦସ୍ୟଙ୍କୁ ଉପଯୁକ୍ତ କ୍ଷତିପୂରଣ ପାଇଁ ଦାବି କରିଥିଲେ। ଏଥିପାଇଁ ଜାତୀୟ ରାଜପଥରେ ଗାଡିମୋଟର ଅଟକି ରହିଥିଲା । ଖବର ପାଇ ଲଖନପୁର ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ, ବ୍ରଜରାଜନଗର ଏସ୍‌ଡ଼ିପିଓ ନୃପଚରଣ ଦଣ୍ଡସେନା ଓ ବେଲପାହାଡ଼ ଥାନା ଆଇଆଇସି ରଶ୍ମିତା ବେହେରା ପ୍ରମୁଖ ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ଟ୍ରକ୍ ମାଲିକ ଓ ରେଡ଼କ୍ରସରୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା । ପରେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏ ସଂକ୍ରାନ୍ତରେ ବେଲପାହାଡ଼ ଥାନା ପୋଲିସ ଏକ ମାମଲା (ନଂ.୯୩/୨୦୧୯) ରୁଜୁ ହୋଇଛି । ଫେରାର୍ ଟ୍ରକ୍ ଚାଳକକୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି ।

■ ନବୀନଙ୍କ ଶପଥ ଗ୍ରହଣ ଉତ୍ସବ

# ଶୁଭେଚ୍ଛା ଜଣାଇଲେ ବହୁ କେନ୍ଦ୍ରୀୟ ନେତା

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ନବୀନ ପଟ୍ଟନାୟକ ଓଡ଼ିଶାରେ ୫ମ ଥର ଲାଗି ସରକାର ଗଠନ କରିଛନ୍ତି। ବୁଧବାର ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆଠାରେ ମନ୍ତ୍ରିମଣ୍ଡଳ ଶପଥଗ୍ରହଣ ଉତ୍ସବ ଆୟୋଜନ କରାଯାଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବଡ ବଡ ଲୋକ ନବୀନଙ୍କ ଶପଥ ଉତ୍ସବରେ ଯୋଗ ଦେଇଥିଲେ। ବହୁ କଂଗ୍ରେସ ନେତାଙ୍କୁ ମଧ୍ୟ ଶପଥ ଉତ୍ସବରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ହେଲେ ଭାଜପାର କୌଣସି ବିଧାୟକ ଏହି ଉତ୍ସବରେ ଯୋଗ ଦେଇ ନ ଥିଲେ । କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା। ତେବେ ଭାଜପାର ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କୌଣସି ନିମନ୍ତ୍ରଣ ପାଇ ନ ଥିବା ଅଭିଯୋଗ କରିଛନ୍ତି। ତେବେ ଗୋଟିଏ ପଟେ ରାଜ୍ୟ ନେତୃମଣ୍ଡଳୀ ନିମନ୍ତ୍ରଣ ପାଇ ନ ଥିବା କଥା କହୁଥିବା ବେଳେ ଅନେକ କେନ୍ଦ୍ରୀୟ ନେତା କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଆଗକୁ ଉଭୟ ରାଜ୍ୟ ଓ କେନ୍ଦ୍ର ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବହୁ ନେତା ଟୁଇଟ୍ କରି ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ କରି ନବୀନଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ମନ୍ତ୍ରିମଣ୍ଡଳ ରାଜ୍ୟବାସୀଙ୍କ ସମସ୍ତ ଆଶା ପୂରଣ କରିବେ ବୋଲି ସେ ଆଶାବ୍ୟକ୍ତ କରୁଥିବା କହିଛନ୍ତି। ଏହାସହ କେନ୍ଦ୍ର ସବୁବେଳେ ଓଡ଼ିଶା ଉନ୍ନତି ପାଇଁ ସହଯୋଗର ହାତ ବଢାଇବ ବୋଲି ମଧ୍ୟ ମୋଦି ଉଲ୍ଲେଖ କରିଛନ୍ତି। ସେହିପରି କଳାହାଣ୍ଡି ଏମ୍‌ପି ତଥା ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ମଧ୍ୟ ଟୁଇଟ୍ କରି ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦ୍ର ସବୁବେଳେ ରାଜ୍ୟ ସରକାରଙ୍କ ସାଙ୍ଗରେ ରହିବ ବୋଲି ସେ ଉଲ୍ଲେଖ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶା ସରକାର କେନ୍ଦ୍ରକୁ ସହଯୋଗ କରିବା ସହ ଓଡ଼ିଆ ଝିଅ, ପୁଅମାନଙ୍କ ଉନ୍ନତି ପାଇଁ କାମ କରିବ ବୋଲି ସେ କହିଛନ୍ତି। ସେହିପରି ନବୀନଙ୍କ ୫ମ ପାଳି ପାଇଁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।

**ଭାଜପା ବିଧାୟକଙ୍କୁ ନିମନ୍ତ୍ରଣ ହୋଇ ନ ଥିବା କହିଲେ**

ଅନ୍ୟପଟେ କେନ୍ଦ୍ରୀୟ ନେତାମାନଙ୍କ ଶୁଭେଚ୍ଛା ଭିତରେ ରାଜ୍ୟ ନେତାମାନଙ୍କୁ ଶପଥ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରା ନ ଯିବା ଘଟଣାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଧରଣର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଜୟନାରାୟଣଙ୍କ ପରେ ପୁରୀରୁ ବିଧାୟକ ହୋଇଥିବା ଜୟନ୍ତ ଷଡଙ୍ଗୀ ଏବଂ ବ୍ରହ୍ମଗିରିର ନବନିର୍ବାଚିତ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମଧ୍ୟ ସରକାରୀସ୍ତରରୁ କୌଣସି ନିମନ୍ତ୍ରଣ କିମ୍ବା ଫୋନ୍ କଲ ପାଇ ନ ଥିବା କହିଛନ୍ତି। ତେବେ ଭାଜପାରୁ ବିଧାୟକମାନଙ୍କୁ ଡକା ନ ଯିବା ଘଟଣାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସହିଲେ ଘରବାସ**
**ନଇଲେ ବନବାସ ।**

ତେଲଲୁଣର ସଂସାର ଭିତରେ ଘର କରିଥିଲେ ଅନେକ ଦୁଃଖକଷ୍ଟ ଓ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏସବୁକୁ ଭ୍ରୂକ୍ଷେପ ନ କରି ନିଜ କର୍ମପଥରେ ଆଗେଇ ଚାଲିଲେ ଘରସଂସାର କରିବା ସହଜସାଧ୍ୟ ହୋଇଯାଇଥାଏ। ପରନ୍ତୁ ଏଥିରେ ବିଚଳିତ ହୋଇ ଭାଙ୍ଗିପଡ଼ିଲେ ସଂସାର କରିବା କଷ୍ଟକର ହୋଇପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ସାଇ ପଡ଼ିଶା ଘର,**
**ଛିଦ୍ର କଥାକୁ ଡର ?**

ସାଇପଡ଼ିଶାରେ ଘର କରିଥିଲେ ବେଳ ଅବେଳରେ ଅନେକ କଥା ଶୁଣିବାକୁ ପଡ଼ିଥାଏ। ତାଙ୍କର ଏପରି କଟୁଭରା କଥା ଶୁଣି ସେଥିରେ ବ୍ୟତିବ୍ୟସ୍ତ ହେବା ବା ବିଚଳିତ ହୋଇଯିବା ଶୋଭାପାଇ ନ ଥାଏ। ଏପରିସ୍ଥଳେ ଏହାକୁ ନଜର ଅନ୍ଦାଜ କରି ନିଜ ବାଟରେ ନିଜେ ଚଳିବା ଶ୍ରେୟସ୍କର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶୈଳବାଳା ମହାପାତ୍ର**
ଡିମିରି, ଅଡଶପୁର, କଟକ
ଆବିର୍ଭାବ: ୧୯୪୫
(କାର୍ତ୍ତିକ ଶୁକ୍ଳସପ୍ତମୀ)
ତିରୋଧାନ: ୧୯୯୮
(ଜ୍ୟେଷ୍ଠକୃଷ୍ଣ ଏକାଦଶୀ)
ଏକବିଂଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ହତଭାଗ୍ୟ ସ୍ୱାମୀ-ଜଳଧର ମହାପାତ୍ର ଓ ଶୋକସନ୍ତପ୍ତ ପରିବାରବର୍ଗ। ଧର୍ମନିବାସ, ଏ.ଏଲ୍-୬୪, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ଧ-୧୨୬୬୯

**୩୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଗୋପୀନାଥ ପଣ୍ଡା**
୬୨, ବାପୁଜୀ ନଗର
ତିରୋଧାନ: ୩୧।୦୫।୧୯୮୯
(ଜ୍ୟେଷ୍ଠ କୃଷ୍ଣ ଏକାଦଶୀ)
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ଶୋକସନ୍ତପ୍ତ: ପରିବାରବର୍ଗ।
ଧ-୧୨୬୦୬

**୨୩ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଇଂ ଦୟାନିଧି ମହାପାତ୍ର**
ଗ୍ରାମ- ବଡ଼ଝରିଲୋ, କଟକ
ନିବାସ- ଜି-୫, ଜୟଗୁରୁ ନିବାସ, ବିଜେବି ନଗର, ଭୁବନେଶ୍ୱର
ଆବିର୍ଭାବ: ୦୨।୦୧।୧୯୨୩
ତିରୋଧାନ: ୧୩।୦୫।୧୯୯୬
ତୁମର ଆଦର୍ଶ ଆମ ଚଲାପଥରେ ସହାୟକ ହେଉ, ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:** ଝିଅ-ଜ୍ୱାଇଁ, ପୁଅ-ବୋହୂ ଓ ନାତି-ନାତୁଣୀମାନେ ।
ଧ-୬୬୫୪୭


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ
ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357
9758645827

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ହିନ୍ଦୁସ୍ତାନ ଫାଇନାନ୍ସ
(ପଞ୍ଜୀକୃତ କମ୍ପାନୀ)
ଥରେ ସେବାର ସୁଯୋଗ ଦିଅନ୍ତୁ
୪୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ମାର୍କଶିଟ୍ - ବ୍ୟବସାୟ - ପର୍ସନାଲ
ଆଧାରକାର୍ଡ - ପ୍ରପର୍ଟି - ଏଗ୍ରିକଲ୍ଚର
ସମସ୍ତ ଋଣ ମାତ୍ର 12-24 ଘଣ୍ଟାରେ
ବିଶ୍ୱାସ ଆପଣଙ୍କର - କାମ ଆମର
କମ୍ ସମୟ ଓ ସହଜ କିସ୍ତି
2% ସୁଧ - 40% ରିହାତି
ମହିଳା/ଚାଷୀଙ୍କୁ ବିଶେଷ ରିହାତି
9548438832, 7055960410
908, Ward Backside Anand market, Dhiman Line, Yamuna Nagar, Haryana

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 6390091675
8527858125
9454715754

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

DHARITRI Career appointment Every Wednesday and Saturday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜି କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ

- ଦଳୀୟ ପ୍ରାର୍ଥୀ ଓ ବରିଷ୍ଠ ନେତାଙ୍କ ସହ କେନ୍ଦ୍ରୀୟ ନେତାଙ୍କ ଆଲୋଚନା
- ନିରଞ୍ଜନଙ୍କ ବିରୋଧରେ ଅଭିଯୋଗ ପାଇଁ ନେତାଙ୍କ ମେଳି

ଭୁବନେଶ୍ୱର,୨୯ ।୫(ବ୍ୟୁରୋ)

କଂଗ୍ରେସ ବିପର୍ଯ୍ୟୟର କାରଣ ଖୋଜିବାକୁ ଦଳ ପକ୍ଷରୁ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଦୁଇଟି ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହେବ। ପର୍ଯ୍ୟାୟକ୍ରମେ କେନ୍ଦ୍ରୀୟ ନେତାମାନେ ବିପର୍ଯ୍ୟୟର କାରଣ ଖୋଜିବାକୁ ସ୍ଥିର କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ନେତାମାନଙ୍କ ସହ ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ, ଟି.ଏସ୍ ସିଂଦେଓଙ୍କ ସମେତ ଅନ୍ୟ ନେତୃମଣ୍ଡଳୀ ଆଲୋଚନା କରିବେ। ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଉଭୟ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀମାନେ ବିପର୍ଯ୍ୟୟର କାରଣ ଉପସ୍ଥାପନ କରିବେ। ୧୦ଟା୪୫ରେ ପ୍ରାର୍ଥୀମାନଙ୍କୁ ବୈଠକରେ ଯୋଗଦେବାକୁ କୁହାଯାଇଛି। ଏହାପରେ ଅପରାହ୍ଣରେ ଦଳର ବରିଷ୍ଠ ନେତାମାନଙ୍କ ସହ ବୈଠକ ବସିବ। ଏଥିରେ ପ୍ରାର୍ଥୀ ହୋଇ ନ ଥିବା ନେତାମାନେ ସାମିଲ ହୋଇ ଦଳ ଖରାପ ପ୍ରଦର୍ଶନ କରିବାର କାରଣ କହିବେ। ଏହିସବୁ ନେତାଙ୍କ ସହ ଆଲୋଚନା କରି କେନ୍ଦ୍ରୀୟ ନେତାମାନେ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ଜଣାପଡ଼ିଛି। ତେବେ କଂଗ୍ରେସର ହେବାକୁ ଥିବା ବୈଠକରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଅଭିଯୋଗ କରିବା ଲାଗି ବହୁ ନେତା ପ୍ରସ୍ତୁତ ହୋଇସାରିଥିବା ଚର୍ଚ୍ଚା ଜୋର୍ ଧରିଛି। ନିକଟରେ ନିରଞ୍ଜନଙ୍କ ବିରୋଧରେ ବହୁ ବରିଷ୍ଠ ନେତା ମଧ୍ୟ ଖୋଲାଖୋଲି ଅଭିଯୋଗ କରିଛନ୍ତି। ବହୁ ନେତା ବୈଠକରେ ସବୁ କଥା ଉଠାଇବା ପାଇଁ ମେଳି କରୁଥିବା ମଧ୍ୟ ଶୁଣିବାକୁ ମିଳୁଛି।

## କଟକ ଉନ୍ନୟନ କର୍ତ୍ତୃପକ୍ଷ
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 13ରେ ପ୍ଲଟ୍ ନଂ 13-2E/1002 ଟିକୁ ସୁଲୋଚନା ପଣ୍ଡା, ସ୍ୱାମୀ – ସନାତନ ପଣ୍ଡା, ସା/ପୋ – କଙ୍କଡାଯୋଡି, ଭାୟା – ନୂଆପାଟଣା, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ସୁଲୋଚନା ପଣ୍ଡାଙ୍କ ମୃତ୍ୟୁପରେ ତାଙ୍କର ନ୍ୟାୟିକ ଉତ୍ତରାଧିକାରୀ ଶ୍ରୀ ସ୍ୱାଧୀନ କୁମାର ପଣ୍ଡା (ପୁତ୍ର), ପିତା – ସନାତନ ପଣ୍ଡା, ସା/ପୋ – କଙ୍କଡାଯୋଡି, ଭାୟା – ନୂଆପାଟଣା, ଜିଲ୍ଲା – କଟକ ଉକ୍ତ ପ୍ଲଟ ଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## MINOR IRRIGATION DIVISION, NAYAGARH

Tel No. (06753)253277, e-Mail ID: eemidivisionnayagarh@gmail.com

No. 971 Dated 27.05.2019

**2nd Corrigendum to Bid Identification No- EEMIDN 10/ 2018-19 & Bid Identification No. EEMIDN 11/ 2018-19**

**No. 20-A:-** After lifting of model code of conduct of General Election, 2019 the transparent Lottery of Bid Identification No. EEMIDN 10/ 2018-19 and Bid Identification No. EEMIDN 11/ 2018-19 is rescheduled to be conducted on 11.06.2019 at 11.00 A.M. at Division office.

Hence the bidders are requested to attend division office or to depute their representatives with valid authorisation for finalization of tender through lottery system at the above venue.

All other terms and conditions remain unchanged.

***(B.K.Subudhi) Executive Engineer,***
***M.I. Division, Nayagarh***

32260/11/0002/1920

## ZILLA SWASTHYA SAMITI, KEONJHAR
## CHIEF DISTRICT MEDICAL & PUBLIC HEALTH OFFICER, KEONJHAR

Advt. No.2730 Date: 29.05.2019

### Tender Call Notice

No.16-E:- Sealed tenders are invited from registered Agency/Organization/Society for BMW management in District Head Quarter Hospital/Sub Divisional Hospital/ CHC/PHC of Keonjhar. Details regarding the terms and conditions and Tender papers may be downloaded from **www.kendujhar.nic.**in up to dt.20.06.2019. The Tender document should reach to the office of the undersigned by 20.06.2019 up to 05.00 P.M through Reg. Post / Speed Post only along with all the relevant documents and E.M.D. The Pre Bid Meeting will be held on 06.06.2019 and the Tender will be opened on dated 21.06.2019 at 11:00 A.M at DTU Conference Hall, DHH, Keonjhar in presence of the bidders/ their authorized representatives.

The undersigned has reserves the right to reject or cancel any or all the Tender without assigning any reason thereof.

Sd./- Chief District Medical &
Public Health Officer, Keonjhar

10033/11/0001/1920

## Government of Odisha
## Office of the Executive Engineer, Quality Control Division, Bariniput

At/PO: Bariniput (Koraput), Odisha, Email id:- qualitycontroldivision@yahoo.com

**QUOTATION CALL NOTICES No.01/2019-20 Dt:28.05.2019**
**FOR HIRING VEHICLES**

**No. 19-A:-** Sealed Quotations are invited from interested reputed Travel Agents /Tour Operators or private individuals for hiring following vehicles including driver, which shall confirm to the following terms and conditions for official use on monthly rent basis.

| S.No. | Type of vehicles | Minimum Average Mileage |
|---|---|---|
| 1 | Hiring of Private vehicle for use of Executive Engineer, Q.C. Division, Bariniput. (Marshal/ Mahindra Max/ Bolero/ equivalent) | 10 Kmpl. |
| 2 | Hiring of Private vehicle for use of Assistant Executive Engineer, Q.C. Division, Bariniput. (Marshal/ Mahindra Max/ Bolero/ equivalent) | 10 Kmpl. |

1. The Quotations completed in all respect should reach the undersigned on or before 13.00 Hrs on 19.06.2019 and shall be opened on 19.06.2019 at 13.30Hrs in presence of the bidders or their authorized representatives.
2. The application form of Quotations containing General Bid information & terms and Condition for Hiring of Vehicle etc. will be available with the Office of the Executive Engineer, Quality Control division, Bariniput, Dist.- Koraput from 04.06.2019 to 19.06.2019 upto 13.00Hrs on payment of Rs.100/- (Rupees one Hundred) only.
3. The authority reserves the right to reject any or all quotation without assigning any reason thereof.
4. Further details can be seen in the Govt. of Odisha Web-site.(http://www.orissa.gov.nic.in).

***Signature of Quotationer*** ***Executive Engineer, Quality Control Division, Bariniput***

32373/11/0001/1920

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS CIRCLE, SUNDARGARH

No.25-O

**E-Procurement Notice, Online – RWSESNG – 04 of 2019-20 Letter No.1101/Dtd.27.05.2019**
**E-mail address-serw_sundargarh@yahoo.com**

1. Type of the Work : Road Works (MMSY)
2. Total No. of works : 02 No. of Roads
3. Estimated cost : Varies from Rs.173.93 Lakh to Rs.316.55 Lakh
4. Class of contractor : 'B' Class, 'A' Class & 'Special' Class
5. Period of completion : Nine to Eleven Calendar Months
6. Cost of tender paper : The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required : The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS : Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of Division Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder".
9. GST : Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details :

| Procurement Officer | Bid Identification No. | Availability of tender online for bidding | | Last Date & time of seeking tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle,Sundargarh | RWSESNG-04 of 2019-20 | 04.06.2019 11:00 AM | 28.06.2019 3:00 PM | 27.06.2019 3:00 PM | 03.07.2019 11:00 AM | 10.07.2019 11:00 AM |

Further details can be seen from the website www.tendersorissa.gov.in
N.B: Corrigendum if any may be seen in this website. www.tendersorissa.gov.in
Authority reserves the right to reject any or all the tenders without assigning any reasons thereof.

Sd./- Superintending Engineer
Rural Works Circle, Sundargarh

25133/11/0006/1920

## କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ ତାଲିମ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଅଧିନସ୍ଥ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟଠାରେ ଟ୍ରାକ୍ଟର, ପାୱାର ଟିଲର ଓ ଧାନରୁଆ ଯନ୍ତ୍ରର ଚାଳନା ଓ ରକ୍ଷଣାବେକ୍ଷଣ ବିଷୟରେ ତାଲିମ୍ କାର୍ଯ୍ୟକ୍ରମ ବର୍ଷର ବିଭିନ୍ନ ସମୟରେ ନିମ୍ନ ସାରଣୀ ଅନୁସାରେ କରାଯିବ ।

| | |
|---|---|
| ୧. ଟ୍ରାକ୍ଟର ଚାଳନା ଓ ରକ୍ଷଣାବେକ୍ଷଣ | ଜୁନ୍ ୧୭-୨୯, ୨୦୧୯<br>ଅକ୍ଟୋବର ୧୪-୨୬,୨୦୧୯ |
| ୨. ଧାନରୁଆ ଯନ୍ତ୍ର ଚାଳନା, ରକ୍ଷଣାବେକ୍ଷଣ ଓ ମସିଣା ତଳି ପ୍ରସ୍ତୁତି ପ୍ରଣାଳୀ | ଜୁଲାଇ ୧୫-୨୭, ୨୦୧୯<br>ଜାନୁଆରୀ ୧୩-୨୫, ୨୦୨୦ |
| ୩. ପାୱାର ଟିଲର ଚାଳନା ଓ ରକ୍ଷଣାବେକ୍ଷଣ | ଅଗଷ୍ଟ୧୯-୩୧, ୨୦୧୯<br>ନଭେମ୍ବର ୧୮-୩୦, ୨୦୧୯ |

ଇଚ୍ଛୁକ ପ୍ରାର୍ଥୀ, ପ୍ରାର୍ଥିନୀ ତାଲିମ୍ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଧଳା କାଗଜରେ ନିଜର ନାମ, ପିତାଙ୍କ ନାମ, ଠିକଣା, ଶିକ୍ଷାଗତ ଯୋଗ୍ୟତା, ବୟସ, ଫୋନ୍ ନମ୍ବର, ଇ-ମେଲ୍ (ଯଦିଥାଏ) ସହ କେଉଁ ବିଷୟରେ ତାଲିମ୍ ପାଇଁ ଇଚ୍ଛୁକ ଲେଖି ଦରଖାସ୍ତ କରିପାରିବେ । ଇ-ମେଲ/ହ୍ୱାଟ୍‌ସ୍‌ଆପ୍‌ରେ ମଧ୍ୟ ଆବେଦନ କରିପାରିବେ । ପ୍ରତ୍ୟେକ ତାଲିମ୍ କାର୍ଯ୍ୟକ୍ରମର ଅବଧି ଦୁଇ ସପ୍ତାହ ଏବଂ ପ୍ରତ୍ୟେକ ଥର କୋଡିଏ ଜଣ ପ୍ରାର୍ଥୀଙ୍କୁ ତାଲିମ୍ ଦିଆଯିବ । ପ୍ରଥମେ ଆବେଦନ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ । ତାଲିମ୍ ସମୟରେ ପ୍ରାର୍ଥୀଙ୍କୁ କୃଷକ ନିବାସରେ ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା ପ୍ରକଳ୍ପ ଦ୍ୱାରା କରାଯିବ । ତାଲିମ୍‌ରେ ଯୋଗଦେବା ନିମନ୍ତେ (ଥରକପାଇଁ) ବସ୍/ରେଳ ଦ୍ୱିତୀୟ ଶ୍ରେଣୀ ଭଡା ଟିକଟ ଅନୁସାରେ ପ୍ରଦାନ କରାଯିବ । ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ବୟସ ୨୦-୩୫ ବର୍ଷ ମଧ୍ୟରେ ହୋଇଥିବା ଦରକାର । ତାଲିମ୍ ଶେଷରେ ଯୋଗ୍ୟ ପ୍ରାର୍ଥୀ/ ପ୍ରାର୍ଥିନୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ । ଆବେଦନ କରିବାର ଠିକଣା :-

**Principal Investigator, RKVY Project on SITDHAM**
**College of Agricultural Engineering and Technology**
**OUAT, Bhubaneswar-751003**
**E-mail : pirkvy.htam@gmail.com, Mob/Whatsapp : 9937660440**

## ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର

ନଂ **6423** ଭୁବନେଶ୍ୱର ତା୨୯।୦୫।୨୦୧୯
**IM(TR)-୨୪/୧୯**

### ବିଜ୍ଞାପନ

ସରକାରୀ ବସ୍ ଭଡ଼ା ସୂତ୍ରରେ ଚଳାଇବାର ବିଜ୍ଞପ୍ତି ତଥା ଦରଖାସ୍ତ ଗ୍ରହଣ କରିବାର ଅବଧିକୁ ତା୨୮।୦୫।୧୯ ପରିବର୍ତ୍ତେ ତା୦୭।୦୬।୧୯ରିଖକୁ ବର୍ଦ୍ଧିତ କରାଗଲା। ଟେଣ୍ଡର ସବିଶେଷ ସର୍ତ୍ତାବଳୀ ପୂର୍ବ ବିଜ୍ଞାପନ ଅନୁଯାୟୀ ଅପରିବର୍ତ୍ତିତ ରହିବ। ଟେଣ୍ଡର ଖୋଲାଯିବାର ସ୍ଥାନ, ତାରିଖ ଓ ସମୟ ନିମ୍ନରେ ଦିଆଗଲା।

୧. **ବ୍ରହ୍ମପୁର ଡିଭିଜନ–** ତା୧୦।୦୬।୧୯ରିଖ ସକାଳ ୧୧.୦୦ ଘଟିକା, ପରିବହନ ଭବନ, ଭୁବନେଶ୍ୱର।
୨. **ଭୁବନେଶ୍ୱର ଡିଭିଜନ–** ତା୧୧।୦୬।୧୯ରିଖ ସକାଳ ୧୧.୦୦ ଘଟିକା ପରିବହନ ଭୁବନ, ଭୁବନେଶ୍ୱର।
୩. **ସମ୍ବଲପୁର ଡିଭିଜନ–** ତା୧୨।୦୬।୧୯ରିଖ ସକାଳ ୧୧.୦୦ଘଟିକା ପରିବହନ ଭୁବନ, ଭୁବନେଶ୍ୱର।

**ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ**
**ସ୍ୱା./- ରୁଦ୍ର ପ୍ରସନ୍ନ ସାହୁ (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

## No.18-O Government of Odisha "e" Procurement Notice

**Bid Identification No. : Online-AGL-04 of 2019-2020**

| | | | |
|---|---|---|---|
| 1. | Name of the Work | : | Building Works |
| 2. | Estimated Cost. | : | Rs. 17.89 lakhs to Rs 20.03 lakhs |
| 3. | Period of Completion | : | 03 (Three), 05(Five) Calendar Months |
| 4. | Date & time of availability of bid document in the portal | : | From 12.06.2019 to 22.06.2019 upto 5.00 P.M. |
| 5. | Last Date/time for receipt of bids In the portal | : | 22.06.2019 upto 5.00 P.M. |
| 6. | Name & Address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in

sd./-
Executive Engineer
R.W.Division, Angul

25096/11/0001/1920

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No.RDM–LAA–MBJ–0066–2018/1049 R&DM, Dated: 9 JAN 2019

No.XXI-07:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପଚାଖଳି ସବ ମାଇନର–୧ଏବଂ ବୈଶିଙ୍ଗା ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା–ଇଦର (ଅତିରିକ୍ତ), ଥାନ–ବେତନଟି ନଂ୪୦, ତହସିଲ–ମୋରଡା, ଜିଲ୍ଲା–ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୦୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପଚାଖଳି ସବ ମାଇନର–୧ ଏବଂ ବୈଶିଙ୍ଗା ଶାଖା କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ବାରିପଦା।
୬. **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୁରଭଞ୍ଜ | ମୋରଡା | ଇଦର (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୦.୮୧ | ଏ. ୦.୦୯ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ ମୟୁରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ**

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା–୪୭/୨୦୧୮
ଏ.୦.୦୯ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଅତିରିକ୍ତ ପଚାଖଳି ସବ୍‌ମାଇନର–୧ ଏବଂ ବୈଶିଙ୍ଗା ଶାଖା କେନାଲ ନିମନ୍ତେ ମୌଜା–ଇଦର, ଥାନା–ବେତନଟି ନଂ୪୦, ତହସିଲ–ମୋରଡା, ଜିଲ୍ଲା–ମୟୂରଭଞ୍ଜ

| ଖାତା ନଂ ଓ ସତ୍ୱ | ପ୍ଲଟ୍ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତର ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୭୬ | ୬୯୭ | ୦.୬୭ | ୦.୦୭ | ଡାହି ଏକ | ରସାନନ୍ଦ ସି. ତପସ୍ୱିନୀ ସିପି : କାଲୁରାମ ସି, ନିଶାମାଣି ସି, ସ୍ୱା: କାଲୁରାମ ସି, ଜା–ଭଞ୍ଜପୁରାଣ, ବା:ଆଣୁଆ |
| ୧୧୪/୩୫ | ୭୦୫ | ୦.୧୪ | ୦.୦୨ | ଡାହି ଏକ | ଉପେନ୍ଦ୍ର ଘୋଷ ହାଇସ୍କୁଲ ବାର ବାଇଲ, ଇଦର ଥା: ବେତନଟୀ: ଜି–ମୟୂରଭଞ୍ଜ |
| ମୋଟ | ୨ ପ୍ଲଟକୁ | ଏ.୦.୮୧ ଡେ.ମି. | ଏ.୦.୦୯ ଡେ.ମି. | | |

24001/14/0007/1920

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା, ଜିଲ୍ଲା- କନ୍ଧମାଳ

### WALK-IN-INTERVIEW

ବିଜ୍ଞାପନ ସଂଖ୍ୟା: **1084 (I)** ତାରିଖ: **29.05.2019**

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା ଦ୍ୱାରା ଆର୍ଥିକ ବର୍ଷ ୨୦୧୯–୨୦ ପାଇଁ କୋଟଗଡ଼, ତୁମୁଡ଼ିବନ୍ଧ, ବାଲିଗୁଡ଼ା, କ.ନୂଆଗାଁ, ଦାରିଙ୍ଗବାଡ଼ି, ରାଇକିଆ, ଘୁ.ଉଦୟଗିରି, ଚକାପାଦ ଏବଂ ଟିକାବାଲି ବ୍ଲକର ଅନୁସୂଚିତ ଜନଜାତି (ST) ବର୍ଗର ୧୮ ବର୍ଷରୁ ୩୫ ବର୍ଷ ବୟସର ଯୋଗ୍ୟ ପ୍ରାର୍ଥୀ ଏବଂ ପ୍ରାର୍ଥିନୀମାନଙ୍କୁ ମାଗଣାରେ (Free) ବିଭିନ୍ନ ପ୍ରକାର ଆବାସିକ (Residential) ନିଯୁକ୍ତିଭିତ୍ତିକ ତାଲିମ ଯୋଗାଇଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ପ୍ରାର୍ଥୀ ଏବଂ ପ୍ରାର୍ଥିନୀ ଦରଖାସ୍ତ ଫର୍ମ ସହିତ ସେମାନଙ୍କର ୩ ଗୋଟି ପାସ୍‌ପୋର୍ଟ ଫଟୋ, ଶିକ୍ଷାଗତ ଯୋଗ୍ୟତା, BPL/ Ration Card (ପରିବାର କିମ୍ବା ନିଜର), ଚଳିତ ବର୍ଷର ଜାତି ପ୍ରମାଣପତ୍ର (Caste Certificate), ଚଳିତ ବର୍ଷର ବାସସ୍ଥାନ ପ୍ରମାଣପତ୍ର (Resident Certificate), ଚଳିତ ବର୍ଷର ଆୟ ପତ୍ର (ପରିବାର କିମ୍ବା ନିଜର ଏବଂ ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର ସହିତ ତା୧୯।୦୬।୨୦୧୯ରିଖ ଦିବା ୧୦.୦୦ ଘଟିକା ସମୟରେ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ବାଲିଗୁଡ଼ାଙ୍କ କାର୍ଯ୍ୟାଳୟରେ ନିଜେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ସେମାନଙ୍କର ପ୍ରମାଣପତ୍ର ଇତ୍ୟାଦିର ଯାଞ୍ଚ କରାଇବା ପାଇଁ ଅନୁରୋଧ। ଯାଞ୍ଚ ପ୍ରକ୍ରିୟା ପରେ ଯୋଗ୍ୟ ବିବେଚିତ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଯଥାଶୀଘ୍ର ବିଭିନ୍ନ ତାଲିମ କେନ୍ଦ୍ରକୁ ପଠାଯିବ। ଦରଖାସ୍ତ ଫର୍ମ ଏବଂ ତାଲିମ ସମ୍ବନ୍ଧୀୟ ସବିଶେଷ ତଥ୍ୟାବଳୀ ଜିଲ୍ଲା Website www.kandhamal.nic.in ରୁ ପାଇପାରିବେ।

| କ୍ର.ନଂ | ଧନ୍ଦା ବା ତାଲିମ | ତାଲିମ ସମୟ | ଶିକ୍ଷାଗତ ଯୋଗ୍ୟତା |
|---|---|---|---|
| ୧. | **Placement Linked Employability Training PLET** | | |
| | ANM (Only for Girls). | ୨ ବର୍ଷ | +୨ ପାସ୍ |
| | DMLT (Diploma in Medical Laboratory Technician) | ୨ ବର୍ଷ | +2 Science or Equivalent examinations with Biology as one of the subjects. |
| | DMRT (Diploma in Medical Radiography Technician) | ୨ ବର୍ଷ | +2 Science or Equivalent examinations with Biology as one of the subjects. |
| | Accounting & Tally | ୩ ମାସ | ୧୦ ପାସ୍ |
| | Health care & Multi Purpose Worker | ୩ ମାସ | ୧୦ ପାସ୍ |
| | Sewing Machine Operator | ୨ ମାସ | ୧୦ ପାସ୍ |
| | Diploma Hotel Management | ୧ ବର୍ଷ ୬ ମାସ | +୨ ପାସ୍ |
| ୨. | **PRT (Pre-Recruitment Training)** | | |
| | Bank P.O./Bank Clerical/ Orissa Civil Service (OCS)/ Staff Selection Communication (SSC) | ୪ ମାସ | +୩ ମାସ |

ଉପରୋକ୍ତ ତାଲିମ ନିମନ୍ତେ ପ୍ରାର୍ଥୀଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ।

**ସ୍ୱା./- ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା**

## THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

CAD-36

### CORRIGENDUM NO. 8

**SELECTION OF MINE DEVELOPER CUM OPERATOR (MDO) FOR KURMITAR IRON ORE MINE**
**Reference: RfP No. 32/OMC/PROJ/13 dated 02.03.2019**

In inviting reference to the above, it is for the information of all interested parties who wish to participate in the bidding process that in consideration of requests made by some interested parties, the management of OMC has revised the schedule of the following events of the bid document to as follows:

**Schedule of Bidding Process**

| Sl No. | Event | Revised Scheduled Date |
|---|---|---|
| 14 | Last date for downloading the bid documents | 18.06.2019 Time:1600 Hours |
| 15 | Bid due date (also the last date and time for physical submission of copies of documents related to Techno-Commercial Proposal) | 19.06.2019 Time:1600 Hours |
| 16 | Opening of Techno-Commercial proposals (on the website of MSTC) | 20.06.2019 Time:1100 Hours |
| 17 | Opening of documents submitted physically by bidders (in presence of Bidders who choose to attend) | 21.06.2019 Time:1100 Hours Venue: OMC House Bhubaneswar |

30005/11/0006/1920 **General Manager (Projects)**

## OFFICE OF THE PRINCIPAL GOPABANDHU AYURVEDA MAHAVIDYALAYA, PURI

**NO.1299 GAM. Puri DATED : 28.05.2019**

### TENDER CALL NOTICE

**No.19-E:-** Sealed tenders are invited from suppliers / firms / Contractors having valid up to date Income Tax & GST Clearance Certificate for supply of dietary articles to Gopabandhu Ayurveda Mahavidyalaya and Hospital, Puri, Odisha for the financial year 2019-2020 or till finalization of the next tender. Details of articles with their specifications and terms and conditions for supply of dietary articles can be obtained from the office of the undersigned during office Hour on submission of written application on payment of Rs.100.00 (Rupees One hundred) only in cash towards cost of tender documents.

I. Date of commencement of Sale of tender documents Dt. 07.06.2019.
II. The last date and time of receipt of tender paper Dt. 21.06.2019

*By Regd. Post/Speed Post only.*

Sd./- Principal
Gopabandhu Ayurveda Mahavidyalaya, Puri

**10044/11/0001/1920**

## GOVERNMENT OF ODISHA
## DEPARTMENT OF WATER RESOURCES

**Office of the Executive Engineer, Harabhangi Irrigation Division, Adava, Dist: Gajapati, email ID- eeharabhangi@gmail.com**

**INVITATION FOR BIDS**
**e-Procurement Notice No.: EE– HID- 01/2019-20**

**No.17-A:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-Procurement portal http://tenderodisha.gov.in.

| | | | |
|---|---|---|---|
| 1. | Type of the work | : | Flood protection and Building works. |
| 2. | No. of works | : | 4(Four) Nos. |
| 3. | Class of contractor. | : | 'D', 'C' & 'B' Class |
| 4. | Bid identification No. | : | EE-HID-NO.01/2019-20 to 04/2019-20 |
| 5. | Estimated cost. | : | Rs. 7.00 Lakhs to Rs. 24.00 Lakhs |
| 6. | Period of completion | : | 3 (Three months) |
| 7. | Date and time of Availability & submission of bids in the portal. | : | From 01.06.2019 to 11.00 AM to 11.06.2019 , 5.00 PM |
| 8. | Date of opening of bid | : | 12.06.2019, 11.00 AM in the e-Procurement cell, Harabhangi Irr. Division, Adava |
| 9. | Date of lottery among similar lowest bidders (If required) | : | 18.06.2019, 11.00 AM |
| 10. | Name of the officer inviting bid. | : | Executive Engineer, Harabhangi Irrigation Division, Adava, Gajapati. |
| 11. | Any addendum/corrigendum/cancellation of tender can also be seen in the said Website. | | |
| 12. | Further details can be seen from Government Website-http:// tenderodisha.gov.in. | | |

**Executive Engineer,**
**Harabhangi Irrigation Division,**
**Adava, Gajapati (761217)**

**32021/11/0002/1920**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩୦ ମେ, ୨୦୧୯

ଜଣେ ଭିନ୍ନକ୍ଷମ ନାବାଳକଙ୍କ ଯୌନାଙ୍ଗରେ ତାଙ୍କର ସମ୍ପର୍କୀୟ ଇଟା ବାନ୍ଧି ନିର୍ଯାତନା ଦେବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୟୁପିର ଶାହାଜାହାନ୍‌ପୁରରେ ଭିନ୍ନକ୍ଷମ ନାବାଳକ ସାଥୀଙ୍କ ସହ ଖେଳୁଥିବାବେଳେ ଯୁକ୍ତିତର୍କ ହୋଇଥିଲା। ସେମାନେ ନାବାଳକଙ୍କୁ ମାଡ଼ ମାରିବା ସହ ତାଙ୍କ ଯୌନାଙ୍ଗରେ ଇଟା ବାନ୍ଧି ଦେଇଥିଲେ। ପରେ ତାଙ୍କ ଭଉଣୀ ଓ ମା'ଙ୍କୁ ମାଡ଼ ମାରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



# କେନ୍ଦ୍ର କ୍ୟାବିନେଟ: ମୋଦି, ଶାହଙ୍କ ମନ୍ତ୍ରଣା

ନୂଆଦିଲ୍ଲୀ, ୨୯।୫



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମାଗତ ଦ୍ୱିତୀୟ ଥର ଲାଗି ସରକାର ଗଢ଼ିବାକୁ ଯାଉଥିଲାବେଳେ କେଉଁମାନେ ତାଙ୍କ କ୍ୟାବିନେଟରେ ସ୍ଥାନ ପାଇବେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିଶେଷ କରି ୪ ପ୍ରମୁଖ ବିଭାଗ ପ୍ରତିରକ୍ଷା, ଅର୍ଥ, ସ୍ୱରାଷ୍ଟ୍ର ଏବଂ ବହିର୍ବ୍ୟାପାର ବିଭାଗ କାହା ହାତରେ ରହିବ ଏହାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମନ୍ତ୍ରୀ ଚୟନ ଓ ବିଭାଗ ବଣ୍ଟନ ନେଇ ବୁଧବାର ମୋଦି ଓ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ଏହି ବୈଠକରେ ନୂଆ ମନ୍ତ୍ରୀମାନଙ୍କ ନାଁ ଚୂଡ଼ାନ୍ତ ହୋଇଥିବା ଜାଣିବାକୁ ମିଳିଛି। ପୂର୍ବ ସରକାରର କେତେଜଣ ବରିଷ୍ଠ ମନ୍ତ୍ରୀ ସେମାନଙ୍କ ସ୍ଥାନ ବଜାୟ ରଖିବାକୁ ଥିବାବେଳେ ଆଉ କେତେକ ନୂଆ ମୁହଁ ନୂତନ ମନ୍ତ୍ରିମଣ୍ଡଳରେ ସାମିଲ ହେବାକୁ ଯାଉଛନ୍ତି। ଭାଜପା ଅଧ୍ୟକ୍ଷ ଅମିତ ଶାହ ମନ୍ତ୍ରିମଣ୍ଡଳରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଆସନ୍ତାବର୍ଷ କେତେକ ପ୍ରମୁଖ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଶାହ ଭାଜପା ଅଧ୍ୟକ୍ଷ ପଦରେ ରହିପାରନ୍ତି ବୋଲି ମଧ୍ୟ କଳ୍ପନା ଜଳ୍ପନା ପ୍ରକାଶ ପାଇଛି।

ରାଜନାଥ ସିଂ, ନୀତିନ ଗଡକରୀ, ନିର୍ମଳା ସୀଥାରାମନ୍, ସ୍ମୃତି ଇରାନୀ, ରବିଶଙ୍କର ପ୍ରସାଦ, ପୀୟୁଷ ଗୋୟଲ, ଧର୍ମେନ୍ଦ୍ର ପ୍ରଧାନ, ନରେନ୍ଦ୍ର ସିଂ ତୋମାର, ପ୍ରକାଶ ଜାଭଡେକର ମନ୍ତ୍ରିମଣ୍ଡଳରେ ସ୍ଥାନ ବଜାୟ ରଖିପାରନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ହରାଇଥିବା ଇରାନୀଙ୍କୁ ପ୍ରମୁଖ ବିଭାଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ୱାସ୍ଥ୍ୟଗତ କାରଣରୁ ମନ୍ତ୍ରିମଣ୍ଡଳରେ ସାମିଲ ହେବେ ନାହିଁ ବୋଲି ମୋଦିଙ୍କୁ ପତ୍ର ଲେଖି ଜଣାଇଥିବାବେଳେ ତାଙ୍କୁ ନିଷ୍ପତ୍ତିରେ ପରିବର୍ତ୍ତନ ଲାଗି ଅନୁରୋଧ କରାଯାଇପାରେ ବୋଲି ଜଣାପଡିଛି। ମୋଦି ବୁଧବାର ରାତିରେ ଜେଟଲୀଙ୍କ ସରକାରୀ ବାସଭବନକୁ ଯାଇ ଆଲୋଚନା କରିଛନ୍ତି। ତେବେ ସେମାନଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଛି ତାହା ଜଣାପଡିନାହିଁ। ପଶ୍ଚିମବଙ୍ଗ, ଓଡିଶା ଓ ତେଲେଙ୍ଗାନାରେ ଭାଜପାର ଶକ୍ତି ବୃଦ୍ଧି ହୋଇଥିବାରୁ ଉକ୍ତ ରାଜ୍ୟରୁ ଅଧିକ ଏମ୍‌ପି ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ଆଶା କରାଯାଉଛି। ସେହିପରି ସହଯୋଗୀ ଜେଡିୟୁ ଏବଂ ଶିବସେନାକୁ ଦୁଇଟି ଲେଖାଏ ଏବଂ ଏଲ୍‌ଜେପି, ଏସ୍‌ଏଡି ଏବଂ ଏଆଇଏଡିଏମ୍‌କେକୁ ଗୋଟିଏ ଲେଖାଏ ମନ୍ତ୍ରୀପଦ ମିଳିପାରେ। ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କୁ ବହିର୍ବ୍ୟାପାର ଏବଂ ସ୍ମୃତି ଇରାନୀଙ୍କୁ ପ୍ରତିରକ୍ଷା ମିଳିପାରେ ବୋଲି ଶୁଣିବାକୁ ମିଳୁଛି। ସେହିପରି ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନଙ୍କୁ କୃଷିମନ୍ତ୍ରୀ କରାଯାଇପାରେ। ଅମିତ ଶାହ ମନ୍ତ୍ରିମଣ୍ଡଳରେ ସାମିଲ ହେଲେ ତାଙ୍କୁ ସ୍ୱରାଷ୍ଟ୍ର, ପ୍ରତିରକ୍ଷା କିମ୍ବା ଅର୍ଥ ମନ୍ତ୍ରଣାଳୟ ମିଳିପାରେ ବୋଲି ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

- ମନ୍ତ୍ରୀ ହେବା ପାଇଁ ଜେଟ୍‌ଲୀ ଅମଙ୍ଗ
- ମନାଇବାକୁ ଘରକୁ ଗଲେ ମୋଦି
- ବସୁନ୍ଧରାଙ୍କୁ ବହିର୍ବ୍ୟାପାର, ଇରାନୀଙ୍କୁ ପ୍ରତିରକ୍ଷା ଦାୟିତ୍ୱ ନେଇ ଚର୍ଚ୍ଚା



ନୂଆଦିଲ୍ଲୀରେ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ସୂର୍ଯ୍ୟାସ୍ତ ବେଳେ ଏକ ପାଣି ଟାଙ୍କିରେ ବସା ବାନ୍ଧିଛନ୍ତି ପାରା।

# ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ

ନୂଆଦିଲ୍ଲୀ, ୨୯।୫(ଆଇଏଏନ୍‌ଏସ୍)

ଶପଥ ଗ୍ରହଣ ଉତ୍ସବ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଜୁନ୍‌ରୁ ତିନିମାସ ପାଇଁ ବିଦେଶ ଗସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ଜଣାପଡିଛି। ଏହି ସମୟ ମଧ୍ୟରେ ସେ ମାଲଦ୍ୱୀପ, କିର୍‌ଗିଜସ୍ତାନ, ଜାପାନ ପ୍ରଭୃତି ଦେଶକୁ ଗସ୍ତ କରିବାକୁ ଥିବାବେଳେ ବଜେଟ ପାଇଁ ମଧ୍ୟ ସମୟ ଦେବେ। ପ୍ରଥମ ଗସ୍ତରେ ମୋଦି ଜୁନ ୭-୮ରେ ମାଲଦ୍ୱୀପ ଗସ୍ତରେ ଯିବା ଆଶା କରାଯାଉଛି। ଜୁନ୍ ୧୩-୧୪ରେ କିର୍‌ଗିଜସ୍ତାନର ରାଜଧାନୀ ବିଶ୍‌କେକ୍‌ରେ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବାର୍ଷିକ ସମିଟ୍‌ରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଜୁନ୍ ୨୮ରୁ ୨୯ ପ୍ରଧାନମନ୍ତ୍ରୀ ଜାପାନ ଯାଇ ଜି-୨୦ ସମିଟ୍‌ରେ ଯୋଗଦେବେ। ଏହି ଅବସରରେ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଥିବା ବିମ୍‌ଷ୍ଟେକ୍‌ସଦସ୍ୟ ରାଷ୍ଟ୍ରର ନେତାମାନଙ୍କୁ ମଧ୍ୟ ମୋଦି ଭେଟିବେ।

# ରାଜ୍ୟ ସଭାରୁ ଇସ୍ତଫା ଦେଲେ ଶାହ, ପ୍ରସାଦ, କାନିମୋଝି

**ନୂଆଦିଲ୍ଲୀ, ୨୯।୫ :** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ, କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଓ ଡିଏମ୍‌କେ ନେତ୍ରୀ କାନିମୋଝି ବୁଧବାର ରାଜ୍ୟ ସଭାରୁ ଇସ୍ତଫା ଦେଇଛନ୍ତି। ଲୋକ ସଭା ନିର୍ବାଚନରେ ଏମାନେ ବିଜୟଲାଭ କରିବା ପରେ ରାଜ୍ୟ ସଭା ଛାଡ଼ିଛନ୍ତି। ଶାହ ଗାନ୍ଧୀନଗରରୁ ରେକର୍ଡ଼ ୫.୫୭ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଅନୁରୂପଭାବେ ପ୍ରସାଦ ପାଟ୍‌ନାସାହିବ୍‌ରୁ ୨.୮୪ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ ହୋଇ ଲୋକ ସଭାକୁ ପ୍ରଥମ ଥର ଆସିଛନ୍ତି। ସେହିଭଳି ଡିଏମ୍‌କେ ନେତ୍ରୀ କାନିମୋଝି ମଧ୍ୟ ସାଧାରଣ ନିର୍ବାଚନରେ ଥୁର୍ଥକୋଡ଼ି ଆସନରେ ବିଜୟୀ ହୋଇଥିଲେ। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ପ୍ରାର୍ଥୀଙ୍କୁ ୩ ଲକ୍ଷରୁ ଅଧିକ ଭୋଟରେ ପରାସ୍ତ କରିଥିଲେ।



କାନିମୋଝି

# ଭାରତ ସହ ଏକାଠି କାମ କରିବ ଆମେରିକା

ୱାଶିଂଟନ, ୨୯।୫(ପି.ଟି.)

ଭାରତ ଆମେରିକାର ବଡ ସହଯୋଗୀ ଓ ଭାଗୀଦାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳିରେ ଅନେକ ପ୍ରସଙ୍ଗରେ ଟ୍ରମ୍ପ ପ୍ରଶାସନ ନୂଆଦିଲ୍ଲୀ ସହ ଘନିଷ୍ଠ ଭାବେ କାର୍ଯ୍ୟ କରିବ ବୋଲି ଏହାର ବହିର୍ବ୍ୟାପାର ବିଭାଗ ମୁଖପାତ୍ର ମୋର୍ଗାନ୍ ଓର୍ଟାଗୁସ୍ କହିଛନ୍ତି। ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପେଓ ତାଙ୍କର ଭାରତୀୟ ପ୍ରତିପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଲୋକ ସଭା ନିର୍ବାଚନରେ ଭାଜପାର ବିପୁଳ ବିଜୟ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଉପରାଷ୍ଟ୍ରପତି ମାଇକ୍ ନେନ୍ସ ଏବଂ ପମ୍ପେଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇଥିଲେ।



ମୋର୍ଗାନ୍ ଓର୍ଟାଗୁସ

# ପୁଣି ଚର୍ଚ୍ଚାରେ ରାହୁଲଙ୍କ ପିଡି

ନୂଆଦିଲ୍ଲୀ, ୨୯।୫(ଆଇଏଏନ୍‌ଏସ୍)



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପୋଷା କୁକୁର ପିଡି ପୁଣିଥରେ ଚର୍ଚ୍ଚାକୁ ଆସିଛି। ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟକୁ ନେଇ ମର୍ମାହତ ରାହୁଲଙ୍କ ସହ ସମୟ ବିତାଇବା ପାଇଁ ସମ୍ଭବତଃ ପିଡି ହେଉଛି ଏକମାତ୍ର ସାଥୀ। ଗତ ୨୫ ତାରିଖରେ ରାହୁଲ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ପରେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ତାଙ୍କୁ ବୁଝାଇବା ପାଇଁ ୧୨ ତୋଗ୍‌ଲକ୍ ଲେନ୍‌ସ୍ଥିତ ବାସଭବନକୁ ନେତା ଓ ସମ୍ପର୍କୀୟଙ୍କ ସୁଅ ଛୁଟୁଥିବାବେଳେ ରାହୁଲ ବଛା ବଛା କେତେଜଣଙ୍କ ସହ ଆଲୋଚନା କରୁଛନ୍ତି। ଏଭଳି ସମୟରେ ବୁଧବାର ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ସହ ସାକ୍ଷାତ ପରେ ପିଡିକୁ ରାହୁଲ ବୁଲାଇବାକୁ ନେଇଥିଲେ। ସେ ପିଡିକୁ ନିଜ ଗାଡ଼ି ପଛ ସିଟ୍‌ରେ ବସାଇ କାର୍ ଡ୍ରାଇଭ୍‌ରେ ଯାଉଥିବା ବେଳର ଫଟୋକୁ କଂଗ୍ରେସ ନେତା ଅନୀଲ ଶର୍ମା ଟୁଇଟ୍ କରିଛନ୍ତି। ସୋସିଆଲ ମିଡିଆରେ ଏହା ଭାଇରାଲ ହୋଇଛି। ଜଣେ ୟୁଜର୍ସ ଟୁଇଟ୍ କରିଛନ୍ତି, ଆପଣଙ୍କ ବିଷୟରେ ଆମକୁ ଜଣାନାହିଁ। କିନ୍ତୁ ଏକ କୁକୁର ଜଣେ ମଣିଷଙ୍କ ସବୁଠୁ ଉତ୍ତମ ବନ୍ଧୁ ବୋଲି ଏହି ଫଟୋରୁ ପ୍ରମାଣିତ ହେଉଛି। ପ୍ରକାଶ ଯେ, ୨୦୧୭ରେ ରାହୁଲ ପ୍ରଥମଥର ପାଇଁ ଏକ ଭିଡିଓ ଟୁଇଟ୍ କରି ପିଡିକୁ ସାମ୍ନାକୁ ଆଣିଥିଲେ। ଏହାଙ୍କ ପାଇଁ କିଏ ଟୁଇଟ୍ କରୁଛି ବୋଲି ଲୋକେ ପଚାରୁଛନ୍ତି। ପିଡି ମୋ ଲାଗି ଟୁଇଟ୍ କରୁଛି ବୋଲି ରାହୁଲ ସେଥିରେ ଉଲ୍ଲେଖ କରିଥିଲେ।

## ୧ରେ କଂଗ୍ରେସ ସଂସଦୀୟ ଦଳ ବୈଠକ

ନୂଆଦିଲ୍ଲୀ, ୨୯।୫

ନିର୍ବାଚନରେ ପରାଜୟ ପରେ ନବନିର୍ବାଚିତ କଂଗ୍ରେସ ଏମ୍‌ପିଙ୍କ ବୈଠକ ପ୍ରଥମଥର ଲାଗି ଆସନ୍ତା ୧ ତାରିଖରେ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଅନୁଷ୍ଠିତ ହେବ। ବୈଠକରେ ସଂସଦୀୟ ଦଳର ନୂଆ ନେତା ଚୟନ କରାଯିବ। ସୋନିଆ ଗାନ୍ଧୀ କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷ ରହିଥିବାବେଳେ ବୈଠକରେ ନବନିର୍ବାଚିତ ୫୨ ଏମ୍‌ପିଙ୍କ ସମେତ ରାଜ୍ୟସଭା ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହିବେ।

## ଆଜି ଶପଥ ନେବେ ଜଗନ୍

**ବିଜୟୱାଡା, ୨୯।୫:** ଆନ୍ଧ୍ରପ୍ରଦେଶର ନୂଆ ମୁଖ୍ୟମନ୍ତ୍ରୀ ଭାବେ ୱାଇଏସ୍‌ଆର ସିପି ଅଧ୍ୟକ୍ଷ ଜଗନ୍‌ମୋହନ ରେଡ୍ଡୀ ଗୁରୁବାର ଶପଥ ନେବେ। ଏଥିପାଇଁ ବିଜୟୱାଡାର ଇନ୍ଦିରା ଗାନ୍ଧୀ ମ୍ୟୁନିସିପାଲ ଷ୍ଟାଡିୟମରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମଧ୍ୟାହ୍ନ ୧୨ଟା ୨୩ ମିନିଟରେ ରାଜ୍ୟପାଳ ଇ.ଏସ୍.ଏଲ୍ ନରସିଂହା ଜଗନଙ୍କୁ ଶପଥ ପାଠ କରାଇବେ।



ବେଙ୍ଗାଲୁରୁରେ କର୍ନାଟକ କଂଗ୍ରେସ ବିଧାୟକ ଦଳ ବୈଠକରେ ସମନ୍ୱୟ ସମିତି ଅଧ୍ୟକ୍ଷ ସିଦ୍ଦାରାମାୟା, ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ଏବଂ କେପିସିସି ସଭାପତି ଦୀନେଶ ରାଓ ।

## ଏଜେଏଲ୍ ଜମି ଦଖଲକୁ ନେବ ଇଡି

ନୂଆଦିଲ୍ଲୀ, ୨୯।୫(ପି.ଟି.)

ପିଏମ୍‌ଏଲ୍‌ଏ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ କଂଗ୍ରେସ ଦଳ ମାଲିକାନାରେ ଥିବା ଆସୋସିଏଟେଡ୍ ଜର୍ନାଲ୍‌ସ ଲିମିଟେଡ (ଏଜେଏଲ)ର ପଞ୍ଚକୁଲାସ୍ଥିତ ୬୪.୯୩ କୋଟି ଟଙ୍କା ମୂଲ୍ୟରସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୁବ୍‌ଶୀଘ୍ର ଦଖଲକୁ ନେବ। ୨୦୦୫ରେ ହରିୟାଣା ସରକାର ବେଆଇନ ଭାବେ ଉକ୍ତ ସଂସ୍ଥାକୁ ଏହି ଜମି ମଞ୍ଜୁର କରିଥିଲେ। ମନି ଲଣ୍ଡରିଂ ନିରାକରଣ ଆଇନ ଅନୁଯାୟୀ ପିଏମ୍‌ଏଲ୍‌ଏ କର୍ତ୍ତୃପକ୍ଷ ଇଡିଙ୍କ ନିର୍ଦ୍ଦେଶନାମାକୁ ଅନୁମୋଦନ କରିଛନ୍ତି। ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡା କ୍ଷମତାର ଦୁରୁପଯୋଗ କରି ଏଜେଏଲ୍‌କୁ ବେଆଇନ ଭାବେ ଜମି ହସ୍ତାନ୍ତର କରିଥିଲେ। ପିଏମ୍‌ଏଲ୍‌ଏ ଗତବର୍ଷ ଡିସେମ୍ବର ୧ରେ ଅସ୍ଥାୟୀ ଭାବେ ସମ୍ପତ୍ତି ବାଜ୍ୟାପ୍ତ ନିର୍ଦ୍ଦେଶନାମା ଜାରି କରିଥିଲେ। ସେହିଦିନ ସିବିଆଇ ମଧ୍ୟ ହୁଡା ଓ ଅନ୍ୟମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ଗାନ୍ଧୀ ପରିବାର ଓ ବରିଷ୍ଠ କଂଗ୍ରେସ ନେତାଙ୍କ ନିୟନ୍ତ୍ରଣରେ ଥିବା ଏଜେଏଲ୍ ନ୍ୟାଶନାଲ ହେରାଲ୍ଡ ଖବରକାଗଜର ପ୍ରକାଶନ ସଂସ୍ଥା।

# ପୂର୍ବତନ ସେନା ଅଧିକାରୀ ବିଦେଶୀ ଘୋଷିତ

ଗୁଆହାଟୀ, ୨୯।୫

ରାଷ୍ଟ୍ରପତି ମେଡାଲ୍ ପାଇଥିବା ଆସାମର ଜଣେ ପୂର୍ବତନ ସେନା ଅଧିକାରୀଙ୍କୁ ବୁଧବାର ଗିରଫ କରାଯାଇଛି। କାମରୂପସ୍ଥିତ ବୈଦେଶିକ ନ୍ୟାୟାଳୟରେ ତାଙ୍କୁ ଜଣେ ବିଦେଶୀ ବୋଲି ଘୋଷଣା କରାଯାଇଥିବା ପୋଲିସ କହିଛି। କାମରୂପ ଜିଲାର ବୋକୋ ପୋଲିସ ଷ୍ଟେଶନ ଅଧିନ କୋଲୋହିକାସ୍ ଗ୍ରାମରେ ମହମ୍ମଦ ସନା ଉଲ୍ଲା ବାସକରନ୍ତି। ଏବେ ସେ ବର୍ଡର ପୋଲିସ ଏସ୍‌ଆଇଭାବେ କାର୍ଯ୍ୟ କରୁଛନ୍ତି।

ଏହି ଘଟଣାକୁ ନେଇ ୨୦୦୮ ମସିହାରେ ସନା ଉଲ୍ଲାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସନ୍ଦିଗ୍ଧ ଭୋଟରଭାବେ ତାଙ୍କୁ ଭୋଟର ତାଲିକାରେ ରଖାଯାଇଥିଲା। ଏବେ ଏଭଳି ଘଟଣା ପଦାକୁ ଆସିବା ପରେ ତାଙ୍କୁ ଗୋଲପାରା କ୍ୟାମ୍ପରେ ଅଟକ ରଖାଯାଇଛି ବୋଲି କାମରୂପ ଜିଲା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ ସାଇକିଆ ପ୍ରକାଶ କରିଛନ୍ତି। ତେବେ ସନା ଉଲ୍ଲା ନିଜକୁ ଜଣେ ଭାରତୀୟ ବୋଲି ଦାବିକରି ତାଙ୍କ ପାଖରେ ଆବଶ୍ୟକ ପ୍ରମାଣପତ୍ର ଥିବା ଦର୍ଶାଇଛନ୍ତି। ସେନାରେ ୩୦ ବର୍ଷ କଟାଇ ରାଷ୍ଟ୍ରପତି ପଦକ ପାଇଥିବା ସନା ଉଲ୍ଲା କହିଛନ୍ତି ଯେ, ସ୍ଥାନୀୟ ଚମ୍ପୋପାରା ହାଇସ୍କୁଲରେ ସେ ମାଟ୍ରିକ ପାସ୍ କରିଛନ୍ତି। ତାଙ୍କ ପାଖରେ ଭୋଟର ପରିଚୟପତ୍ର, ପୈତୃକ ସମ୍ପତ୍ତିର ପ୍ରମାଣପତ୍ର ଆଦି ରହିଥିବା ପରିବାର ପକ୍ଷରୁ ଦାବି କରାଯାଇଛି। ଆମେ ଟ୍ରିବ୍ୟୁନାଲ ରାୟ ବିରୋଧରେ ଗୁଆହାଟୀ ହାଇକୋର୍ଟରେ ଆବେଦନ କରିବୁ ବୋଲି ସନା ଉଲ୍ଲାଙ୍କ ପରିବାର ପକ୍ଷରୁ ପ୍ରକାଶ କରାଯାଇଛି।



ମହମ୍ମଦ ସନା ଉଲ୍ଲା

# ଟିଏମ୍‌ସି ବିଧାୟକ ମୋନିରୁଲ୍ ଭାଜପାରେ ସାମିଲ

ନୂଆଦିଲ୍ଲୀ/କୋଲକାତା, ୨୯।୫

## ମମତାଙ୍କୁ ପୁଣି ଝଟକା




ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ଜଣେ ପରେ ଜଣେ ବିଧାୟକ ଦଳ ଛାଡ଼ି ଭାଜପାରେ ମିଶିବାରେ ଲାଗିଛନ୍ତି। ଏହାକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଶକ୍ତ ଧକ୍କା ଲାଗିଛି। ମଙ୍ଗଳବାର ଟିଏମ୍‌ସି ବିଧାୟକଙ୍କ ସହ କେତେଜଣ କାଉନ୍‌ସିଲର୍ ଭାଜପାରେ ସାମିଲ ହୋଇଥିବାବେଳେ ବୁଧବାର ପୁଣି ଜଣେ ବିଧାୟକ ଗୈରିକ ଦଳରେ ମିଶିବା ମମତାଙ୍କ ଚିନ୍ତା ବଢ଼ାଇଦେଇଛି। ଟିଏମ୍‌ସି ବିଧାୟକ ମୋନିରୁଲ୍ ଇସ୍‌ଲାମ୍ ତୃତୀୟ ବିଧାୟକଭାବେ ଦଳ ଛାଡ଼ିଛନ୍ତି। ମୋଦିଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ' ସ୍ଲୋଗାନ ତାଙ୍କୁ ଦଳ ପ୍ରତି ଅନୁପ୍ରାଣିତ କରିଛି ବୋଲି ଭାଜପା କହିଛି। ବିଧାୟକ ମୋନିରୁଲ୍‌ଙ୍କ ସହ ଟିଏମ୍‌ସିର ବହୁ କାର୍ଯ୍ୟକର୍ତ୍ତା ମଧ୍ୟ ଏହି ଅବସରରେ ଭାଜପାରେ ସାମିଲ ହୋଇଛନ୍ତି। ଟିଏମ୍‌ସି ଶାସନରେ ଅସନ୍ତୁଷ୍ଟ ହୋଇ କିଛିଦିନ ମଧ୍ୟରେ ଦଳର ୬ ବିଧାୟକ ଓ କେତେକ ପୂର୍ବତନ ସାଂସଦ ଭାଜପାରେ ସାମିଲ ହେବେ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ହଷ୍ଟେଲରେ ନିଆଁ: ବର୍ତ୍ତିଲେ ୫୦ ଛାତ୍ରୀ

ନୂଆଦିଲ୍ଲୀ, ୨୯।୫(ପି.ଟି.)

ପଶ୍ଚିମ ଦିଲ୍ଲୀର ଜନକପୁରୀ ମେଟ୍ରୋ ଷ୍ଟେଶନ୍ ନିକଟରେ ଥିବା ଏକ ବାଳିକା ହଷ୍ଟେଲ୍‌ରେ ବୁଧବାର ଅଗ୍ନିକାଣ୍ଡ ଘଟିବାରୁ ୬ ଜଣ ଛାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଅତ୍ୟଧିକ ଧୂଆଁ ଯୋଗୁ ଛାତ୍ରୀମାନେ ଅଣନିଃଶ୍ୱାସୀ ହୋଇପଡ଼ିଥିବା ଅଗ୍ନିସମ ବିଭାଗର ମୁଖ୍ୟ ଅଧିକାରୀ ଅତୁଲ ଗର୍ଗ ପ୍ରକାଶ କରିଛନ୍ତି। ତେବେ ମୃତ୍ୟୁମୁଖରୁ ଅଳ୍ପକେ ୫୦ଜଣ ଛାତ୍ରୀ ବର୍ତ୍ତିଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ରାତି ୩ଟାରେ ବାଳିକା ହଷ୍ଟେଲ୍‌ରେ ଏହି ନିଆଁ ଲାଗିଥିଲା। ସମସ୍ତେ ଶୋଇଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ବିଦ୍ୟୁତଜନିତ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରକାଶ। ଏହାକୁ ଲିଭାଇବା ଲାଗି ୪ ଦମକଳ ଗାଡ଼ି ମଧ୍ୟ ପହଞ୍ଚିଥିଲା। ତେବେ ସଙ୍ଗେସଙ୍ଗେ ଛାତ୍ରୀମାନଙ୍କୁ ନିରାପଦ ସ୍ଥାନକୁ ନିଆଯାଇ ପାରିଥିଲା।



## ଛାତ୍ରଙ୍କୁ ଘାସ ଖାଇବାକୁ ବାଧ୍‌କଲେ ଶିକ୍ଷକ

**ଇସ୍‌ଲାମାବାଦ୍, ୨୯।୫:** ପାକିସ୍ତାନର ପଞ୍ଜାବ ପ୍ରଦେଶସ୍ଥିତ ଫତେପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ସ୍କୁଲ ଶିକ୍ଷକ ହମିଦ୍ ରାଜା ଦଣ୍ଡସ୍ୱରୂପ ଜଣେ ଛାତ୍ର(୭)ଙ୍କୁ ଘାସ ଖାଇବାକୁ ବାଧ୍ୟ କରିବାରୁ ତାଙ୍କ ନାମରେ ମାମଲା ରୁଜୁ ହୋଇଛି। ସହପାଠୀଙ୍କ ଗହଣରେ ବହି ପଢ଼ ନ ହେଲେ ଘାସ ଖାଇବାକୁ ବାଧ୍ୟ ବୋଲି ସେ କଶନ୍‌ଙ୍କୁ ବାଧ୍ୟ କରିବା ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। କଶନ୍‌ଙ୍କ ବାପାଙ୍କ ଅଭିଯୋଗ ପରେ ଶିକ୍ଷକଙ୍କ ବିରୋଧରେ ମାମଲା ପୋଲିସ ରୁଜୁ କରି ତଦନ୍ତ ଚଳାଇଛି।

# ଅରୁଣାଚଳରେ ପୁଣି ଖଣ୍ଡୁ ସରକାର

ଇଟାନଗର, ୨୯।୫(ପି.ଟି.)

ଅରୁଣାଚଳ ପ୍ରଦେଶର ଦଶମ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ ଭାଜପା ନେତା ପେମା ଖଣ୍ଡୁ ବୁଧବାର ଶପଥ ଗ୍ରହଣ କରିଛନ୍ତି। ଦୋର୍ଜି ଖଣ୍ଡୁ କନ୍‌ଭେନଶନ ସେଣ୍ଟରରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟପାଳ ବ୍ରିଗେଡିୟର (ଅବସରପ୍ରାପ୍ତ) ବି.ଡି. ମିଶ୍ର ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଉପମୁଖ୍ୟମନ୍ତ୍ରୀ ଚୋନା ମୈନଙ୍କ ସମେତ ୧୧ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ କେ ସଙ୍ଗମା, ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନୈଫିଉ ରିଓ, ୱାଇ ପାଟନ, ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ୍, ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂ, ଭାଜପା ସାଧାରଣ ସମ୍ପାଦକ ରାମ ମାଧବ ପ୍ରମୁଖ ଯୋଗଦେଇଥିଲେ। ଖଣ୍ଡୁଙ୍କ ନୂଆ କ୍ୟାବିନେଟରେ ପୂର୍ବ ମନ୍ତ୍ରିମଣ୍ଡଳର ୬ ଜଣ ମନ୍ତ୍ରୀଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ଚୌନା ମୈନ, ୱାଙ୍ଗକି ଲୋୱାଙ୍ଗ, ହୋନ୍‌ଚୁନ୍ ଗଣ୍ଡମ୍, କାମଲୁଙ୍ଗ ମୋସାଙ୍ଗ, ଅଲୋ ଲିବାଙ୍ଗ ଏବଂ ବାମାଙ୍ଗ ଫେଲିକ୍ସ। ଏହାବ୍ୟତୀତ ପୂର୍ବରୁ ଉପବାଚସ୍ପତି ଥିବା ଟୁମକେ ବାଗ୍ରାଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି।




ପେମା ଖଣ୍ଡୁଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଉଛନ୍ତି ରାଜ୍ୟପାଳ ବି.ଡି. ମିଶ୍ର।

ପେମା ଖଣ୍ଡୁ ହେଉଛନ୍ତି ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦୋର୍ଜି ଖଣ୍ଡୁଙ୍କ ପୁଅ। ୨୦୧୧ ହେଲିକପ୍ଟର ଦୁର୍ଘଟଣାରେ ଦୋର୍ଜିଙ୍କ ପରଲୋକ ହୋଇଥିଲା। କ୍ରୀଡା ଓ ସଙ୍ଗୀତ ପ୍ରତି ଆଗ୍ରହୀ ଥିବା ପେମା ଖଣ୍ଡୁ ଅରୁଣାଚଳପ୍ରଦେଶ ରାଜନୀତିରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛନ୍ତି। ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ପଦ୍ମ ଫୁଟାଇବାରେ ତାଙ୍କର ବଡ଼ ଭୂମିକା ରହିଛି। ପେମା ପ୍ରଥମେ ନୋବୁମ ଟୁକିଙ୍କ ସରକାରରେ ଜଳସମ୍ପଦ ମନ୍ତ୍ରୀ ଭାବେ ଯୋଗଦେଇଥିଲେ। ୨୦୧୬ ଜୁଲାଇରେ ସେ ପ୍ରଥମେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୫ ମାସ ମଧ୍ୟରେ ସେ ଓ ତାଙ୍କ ମନ୍ତ୍ରିମଣ୍ଡଳ ଦୁଇ ଥର ଦଳବଦଳ କରି କଂଗ୍ରେସରୁ ପିପୁଲ୍ସ ପାର୍ଟି ଅଫ୍ ଅରୁଣାଚଳ ଏବଂ ପରେ ଭାଜପାକୁ ଯାଇଥିଲେ।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।

- ଫ୍ରାଙ୍କ୍ଲିନ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସିଏସ୍‌ସି ଇ-ଗଭର୍ନାନ୍ସ ସର୍ଭିସ ଇଣ୍ଡିଆ ଲିଃ ପକ୍ଷରୁ ଜାତୀୟସ୍ତରୀୟ କର୍ମଶାଳା, ହୋଟେଲ ପ୍ରେସିଡେନ୍ସି, ସକାଳ ୯ଟା।
- ଓଡ଼ିଶା ହର୍ଟିକଲଚର ଅଫିସର ସର୍ଭିସ ଆସୋସିଏଶନର ବାର୍ଷିକ ସାଧାରଣ ସଭା, ଇମେଜର ନୂତନ କନଫରେନ୍ସ ହଲ, ସିରିପୁର, ପୂର୍ବାହ୍ନ ୧୧ଟା ୩୦।
- ସୁରଭି ଅନୁଷ୍ଠାନ ପକ୍ଷରୁ ୧୭ତମ ଏକାମ୍ର ନୃତ୍ୟ ମହୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଓଡ଼ିଶା ଡ୍ୟାନ୍ସ ଏକାଡେମୀର ୩୫ତମ ବାର୍ଷିକ ଉତ୍ସବରେ ନୃତ୍ୟମୟୂରା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

କାକଟପୁର,୨୯।୫(ଡି.ଏନ.ଏ.): ବର୍ତ୍ତମାନ ସାରା ରାଜ୍ୟରେ ଅଗ୍ନିବର୍ଷା ହେଉଛି। ଉପକୂଳବର୍ତ୍ତୀ ଅସ୍ତରଙ୍ଗ, କାକଟପୁର, ନୟାହାଟ, ତୁଳସୀପୁର, ବାଙ୍ଗୁରିଙ୍ଗା ଆଦି ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏହି ଖରା ଯୋଗୁ କାକଟପୁର ଅଞ୍ଚଳର ଜଣେ ଚାଷୀଙ୍କ ବୁଧବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କେନ୍ଦ୍ରାପଟି ଗ୍ରାମର କାଳନ୍ଦୀ ଦାସ(୪୮)। କାଳନ୍ଦୀ ବୁଧବାର ମଧ୍ୟାହ୍ନରେ ବିଲକୁ ଯାଇଥିବା ବେଳେ ସେଠାରେ ହଠାତ ଅଚେତ ହୋଇ ପଡ଼ିଥିଲେ। ଗ୍ରାମବାସୀ ଓ ତାଙ୍କ ପରିବାରଲୋକେ ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ତେବେ ଖୁବଶୀଘ୍ର ମୃତ ଚାଷୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅସ୍ତରଙ୍ଗ କଂଗ୍ରେସ ନେତା ବାଉରିବନ୍ଧୁ ମହାନ୍ତି ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ଟ୍ୟୁଶନ ଛାତ୍ରୀଙ୍କୁ ଅସଦାଚରଣ: ଶିକ୍ଷକ ଗିରଫ

ଭୁବନେଶ୍ୱର,୨୯।୫(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ଟ୍ୟୁସନ ଛାତ୍ରୀଙ୍କୁ ଅସଦାଚାରଣ କରିବା ଅଭିଯୋଗରେ ପୋଲିସ ବୁଧବାର ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳର ନାରାୟଣ ଖୁଣ୍ଟିଆ। ସୂଚନା ଅନୁଯାୟୀ, ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଛାତ୍ରୀ ଜଣଙ୍କ ନାରାୟଣଙ୍କ ନିକଟକୁ ଟ୍ୟୁସନ ଯାଉଥିଲେ। ମଙ୍ଗଳବାର ସକାଳ ପ୍ରାୟ ସାଢେ ୯ଟା ରେ ଛାତ୍ରୀଙ୍କ ପରିବାର ଲୋକ ଘରେ ନ ଥିବା ବେଳେ ନାରାୟଣ ଘରକୁ ଯାଇ କିଛି ସମୟ ରହିଚାଲିଯାଇଥିଲେ। ସନ୍ଧ୍ୟାରେ ଛାତ୍ରୀଜଣକ ଅଭିଯୁକ୍ତ ଶିକ୍ଷକ ଅସଦାଚାରଣ କରିଥିବା ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଏବଂ ପଡୋଶୀ ଉତକ୍ଷିପ୍ତ ହେବା ସହ ନାରାୟଣଙ୍କୁ ଡକାଇଥିଲେ। ନାରାୟଣ ପହଞ୍ଚିବାରୁ ଅଭିଭାବକ ଘରେ ନ ଥିବା ବେଳେ କାହିଁ ଘରକୁ ଆସିଥିଲେ ବୋଲି ଗ୍ରାମବାସୀ ପଚାରି ମାଡ ମାରିବା ସହ ଲଣ୍ଡା କରି ପୋଲିସ ଜିମାରେ ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୦୬/୧୯)ରୁଜୁ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରିଥିଲା।

## ଫନୀ ପାଇଁ ମହିଳା ଚନ୍ଦନ ବାତିଲ

ପୁରୁଣା ଭୁବନେଶ୍ୱର, ୨୯।୫ (ଡି.ଏନ.ଏ.): ଫନୀ ପାଇଁ ଚଳିତବର୍ଷ ଏକାମ୍ର ମହିଳା ଚନ୍ଦନ କମିଟି ପକ୍ଷରୁ ଉତ୍ସବକୁ ବାତିଲ କରାଯାଇଛି। ପ୍ରତିବର୍ଷ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ବିଭିନ୍ନ ସାହି କମିଟି, ନିଯୋଗ ପକ୍ଷରୁ ଚନ୍ଦନ ଉତ୍ସବ ପାଳିତ ହୋଇଥାଏ। ମହିଳା ଚନ୍ଦନ ମହୋତ୍ସବ କମିଟି ପକ୍ଷରୁ ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ପୁରୀ ଜିଲାର ଖେଲାଉର ଗ୍ରାମରେ କୁନି କୁନି ପିଲାଙ୍କୁ ଖାତା, କଲମ, ପେନସିଲ ଆଦି ବଣ୍ଟନ କରିଛନ୍ତି। କମିଟିର ଅଧକ୍ଷା ରଶ୍ମି ମହାପାତ୍ର ଏହି ସୂଚନା ଦେଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ■ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

# ଜୁନ୍ ୨୫ ସୁଦ୍ଧା ସରିବ ସବୁ କାମ

ପୁରୀ ଅଫିସ, ୨୯।୫

ଜୁନ୍ ୨୫ତାରିଖ ପୂର୍ବରୁ ସବୁ କାମ ଶେଷ ହୋଇଯିବ। ରଥଯାତ୍ରା ବେଳକୁ କୌଣସି ଅସୁବିଧା ହେବନାହିଁ। ଯାତ୍ରୀ, ପର୍ଯ୍ୟଟକଙ୍କ ସୁବିଧାକୁ ପ୍ରାଧାନ୍ୟ ଦିଆଯାଇ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି ବୋଲି ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ବଡଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ପରିସରରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନୀଲ ସାମଲଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିବାବେଳେ ବିଶେଷକରି ସ୍ୱାସ୍ଥ୍ୟ, ପରିମଳ ଏବଂ ଜାତୀୟ ରାଜପଥ ବିଭାଗର ଆଲୋଚନା ବେଳେ ବୈଠକ ବେଶ୍ ସରଗରମ୍ ରହିଥିଲା।

ପ୍ରଥମେ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ବାତ୍ୟାରେ ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲାପାଳ ବଲୱନ୍ତ ସିଂ ପ୍ରାରମ୍ଭିକ ସୂଚନା ଦେବା ପରେ ବୈଠକ ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ ରଥକାଠ ଏବଂ ରଥ ନିର୍ମାଣ ସମ୍ପର୍କରେ ସୂଚନା ଦେଇଥିଲେ। ଗତବର୍ଷ ବଳକା ଥିବା ୧୯୫ ଖଣ୍ଡ କାଠକୁ ବାଦ୍ ଦେଇ ଏଥର ୬୭୦ ଖଣ୍ଡ କାଠ ଆସିବାକୁ ଥିଲା। ବର୍ତ୍ତମାନ ସୁଦ୍ଧା ନୟାଗଡ଼ ଏବଂ ବୌଦ୍ଧ ବନମଣ୍ଡଳରୁ ୬୪୬ ଖଣ୍ଡ କାଠ ଆସିଛି। ଅବଶିଷ୍ଟ ୨୪ ଖଣ୍ଡ କାଠ ଖୁବଶୀଘ୍ର ପହଞ୍ଚିବ। ସେହିପରି ମଙ୍ଗଳବାର ସୁଦ୍ଧା ପ୍ରତ୍ୟେକ ରଥର ୪ଟି ଲେଖାଏ ଚକ ତିଆରି ସରିଛି। ୧୨ଟି ଟଣା ଦଉଡ଼ି ଏବଂ ୩ଟି ଘେର ଦଉଡ଼ି ପାଇଁ ଓଡ଼ିଶା କତା ନିଗମକୁ ଅର୍ଡର ଦିଆଯାଇଛି। ସେମାନେ ୬ଟି ଟଣା ଦଉଡ଼ି ତିଆରି କରିସାରିଲେଣି। ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ଏହା ପହଞ୍ଚିବ ବୋଲି ନୀତି ପ୍ରଶାସକ କହିଥିଲେ । ଏହାବ୍ୟତୀତ ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ ଉପରେ ବିବରଣୀ ରଖିଥିଲେ। ପରେ ସିଡିଏମ୍‌ଓ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେବା ସହ ପାନୀୟଜଳ ବିଶୋଧନ ପାଇଁ କ୍ଲୋରିନ ବଟିକା ବଣ୍ଟାଯାଇଥିବା କହିଥିଲେ। ମାତ୍ର ଏଥିରେ ଆପତ୍ତି ଉଠାଇଥିଲେ ଉପସ୍ଥିତ ବୁଦ୍ଧିଜୀବୀ। ସିଡିଏମ୍‌ଓ ଯାହା କହୁଛନ୍ତି ତାହାର ସତ୍ୟତା ନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଏ ନେଇ ବୈଠକ ବେଶ୍ ସରଗରମ୍ ହୋଇଥିଲା। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଏଥିରେ ହସ୍ତକ୍ଷେପ କରିଥିଲେ। ସହରାଞ୍ଚଳରେ କ୍ଲୋରିନ ଟାବ୍‌ଲେଟ ବଣ୍ଟନ ଉପରେ ଫୋକସ ଦେବାକୁ ସେ ସିଡିଏମ୍‌ଓଙ୍କୁ କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରୁ ରୋଗୀଙ୍କୁ ରେଫର୍ କରାଯାଉଥିବା ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏତଦ୍‌ବ୍ୟତୀତ ଅନେକ ଯନ୍ତ୍ରପାତି ନଷ୍ଟ ନେଇ ବୁଦ୍ଧିଜୀବୀ ରୁଦ୍ର ସିଂ ପ୍ରଶ୍ନ ଉଠାଇଥିଲେ। ଏକ୍ସ-ରେ, ସୋଡିୟମ୍ ପୋଟାସିୟମ୍ ଟେଷ୍ଟ ମେଶିନ ଅଚଳ ହୋଇପଡ଼ିଛି ଏବଂ ଡାୟାଲେସିସ୍ ପାଇଁ ଆଇସିୟୁ ନାହିଁ ବୋଲି ସିଂ କହିଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଜିଲାପାଳଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବା ଲାଗି ସିଡିଏମ୍‌ଓଙ୍କୁ ପରାମର୍ଶ ଦେଇଥିଲେ।




ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ଉପସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲାପାଳ, ବିଧାୟକ ଓ ଅନ୍ୟମାନେ।

- ■ ସ୍ୱାସ୍ଥ୍ୟ, ପରିମଳକୁ ନେଇ ସରଗରମ୍ ଆଲୋଚନା
- ■ ଅକ୍ଷୟ ତୃତୀୟା ପୂର୍ବରୁ ମରାମତି ହେବ ବଡ଼ଦାଣ୍ଡ

ରଥଯାତ୍ରା ସମୟରେ ୨୪ଘଣ୍ଟିଆ ଜଳଯୋଗାଣ କରାଯିବ ବୋଲି ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଥିଲା। ବାତ୍ୟା ପରେ ୧୧ଟି ଓଭରହେଡ୍ ଟାଙ୍କି ମଧ୍ୟରୁ ୯ଟି କାର୍ଯ୍ୟକ୍ଷମ ହେଲାଣି। ତୋଟା ଗୋପୀନାଥ ଏବଂ ଘୋଡା ବଜାର ଟାଙ୍କି ଅଧିକ କ୍ଷତିଗ୍ରସ୍ତ ହୋଇଥିବାରୁ ଏହା କାର୍ଯ୍ୟକ୍ଷମ ହେବାକୁ ବିଳମ୍ବ ହେବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ରଥଯାତ୍ରା ସମୟରେ ସରକାରଙ୍କ ପକ୍ଷରୁ ଆସୁଥିବା ପାଣି ପାଉଚ୍ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବୁଦ୍ଧିଜୀବୀ ଦାବି କରିଥିଲେ। ଏହାକୁ ବନ୍ଦ କରାଯିବ ବୋଲି ପ୍ରଶାସନିକ ଅଧିକାରୀ କହିଛନ୍ତି। ସେସୁ ପକ୍ଷରୁ ନିରବଚ୍ଛିନ୍ନ ବିଦ୍ୟୁତ୍ ବ୍ୟବସ୍ଥା ଲାଗି କୁହାଯାଇଥିଲା।

ପରିମଳକୁ ନେଇ ବୈଠକ ସରଗରମ୍ ହୋଇଥିଲା। ବାତ୍ୟା ପରେ ପୁରୀ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏବେ ବି ଅନେକ ଜାଗାରୁ ଆବର୍ଜନା ଉଠିନି। ଆଗକୁ ବର୍ଷା ଆସୁଛି। ଏ ପର୍ଯ୍ୟନ୍ତ ଡ୍ରେନ୍ ସଫେଇ କାମ ସରି ନ ଥିବାରୁ ବୁଦ୍ଧିଜୀବୀମାନେ ପୁରୀ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଶଙ୍କର ଦାଶଙ୍କୁ ଘେରିଥିଲେ। କାହିଁକି ମାର୍ଚ୍ଚ ଆରମ୍ଭ ପରିବର୍ତ୍ତେ ସବୁବର୍ଷ ମେ ଶେଷ କିମ୍ବା ଜୁନ୍‌ରେ ଡ୍ରେନ୍ ସଫେଇ ହେଉଛି ବୋଲି ପ୍ରଶ୍ନ କରିଥିଲେ। ସେହିପରି ଷ୍ଟ୍ରିଟ୍ ଲାଇଟ୍ ଏ ପର୍ଯ୍ୟନ୍ତ ଜଳିପାରିଲା ନାହିଁ। ଏମିତି ଅନେକ ପ୍ରସଙ୍ଗ ପୌରପରିଷଦ ଅଧିକାରୀଙ୍କ ସମ୍ମୁଖରେ ରଖାଯାଇଥିଲା। ତେବେ ଜିଲାପାଳ ଏଥିରେ ହସ୍ତକ୍ଷେପ କରିଥିଲେ। ଡ୍ରେନ୍ ସଫେଇ କାମ ଆମେ ଧାର୍ଯ୍ୟ ସମୟ ପୂର୍ବରୁ କରିକି ଦେଖାଇଦେବୁ ବୋଲି କହିଥିଲେ। ସର୍ବୋଦୟ ନଗର ଅଞ୍ଚଳରେ ଡ୍ରେନ୍ ସଫା ହେଉ ନ ଥିବା ବୁଦ୍ଧିଜୀବୀ ବଦ୍ରିମିଶ୍ର ଅଭିଯୋଗ କରିଥିଲେ। ଏଥିପ୍ରତି ଧ୍ୟାନ ଦେବାକୁ ଆର୍‌ଡିସି ନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ପିପିଲି ଫ୍ଲାଏ ଓଭରବ୍ରିଜ୍ ତଳ ଏବଂ ବୀରହରେକୃଷ୍ଣପୁର ଛକ ପାଖରେ ଜାତୀୟ ରାଜପଥ ମରାମତି କରାଯାଉ ନ ଥିବାରୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଅଧିକାରୀଙ୍କୁ ପ୍ରଶ୍ନ କରାଯାଇଥିଲା। ୫ଦିନ ମଧ୍ୟରେ ଏହି କାମ ଶେଷ କରାଯିବ। ଜୁନ୍ ୨୫ ସୁଦ୍ଧା ମଙ୍ଗଳା ଘାଟଠାରୁ ଷ୍ଟର୍ଲିଂ ରାସ୍ତାର ବାମପାର୍ଶ୍ୱ ସମ୍ପୂର୍ଣ୍ଣ ହୋଇଯିବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ବଡ଼ଦାଣ୍ଡ ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ଜାତୀୟ ରାଜପଥ ବିଭାଗ ପିଚୁ କାମ କରିବା ବେଳେ ପୋତି ଦେଉଛି। ଏହାଦ୍ୱାରା ବଡଦାଣ୍ଡ ଉଚ୍ଚା ହୋଇଯାଉଥିବାବେଳେ ଶ୍ରୀମନ୍ଦିର ତଳୁଆ ରହୁଛି। ଫଳରେ ମନ୍ଦିରରୁ ପାଣି ନିଷ୍କାସନ ଠିକ୍ ଭାବେ ହେଉନାହିଁ। ଅକ୍ଷୟ ତୃତୀୟା ପରେ ରଥକାଠ ରହୁଥିବା ସ୍ଥାନ କାମ ହୋଇପାରୁ ନାହିଁ। ତେଣୁ ଏଣିକି ଅକ୍ଷୟ ତୃତୀୟା ପୂର୍ବରୁ ବଡ଼ଦାଣ୍ଡ ମରାମତି କାମ କରିବାକୁ ଜାତୀୟ ରାଜପଥ (ଏନ୍‌ଏଚ୍)ବିଭାଗକୁ କେନ୍ଦ୍ରାଞ୍ଚଳ ଆଇଜି ପରାମର୍ଶ ଦେଇଥିଲେ। ବୈଠକରେ ବିଦ୍ୟୁତ୍, ପାନୀୟ ଜଳ, ପରିବହନ, ଆଇନ ଶୃଙ୍ଖଳା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲା ପରିଷଦ ଅଧକ୍ଷ ଜ୍ୟୋର୍ତିମୟ ଦଳାଇ, ଉପଜିଲାପାଳ ଭବତାରଣ ସାହୁ ଉପସ୍ଥିତ ଥିଲେ।

## ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ରାସ୍ତା ହେଉଛି ସଙ୍କୁଚିତ

ପୁରୁଣା ଭୁବନେଶ୍ୱର, ୨୯।୫(ଡି.ଏନ.ଏ.)

ଜବର ଦଖଲକାରୀଙ୍କ ଯୋଗୁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ଶହ ଶହ ଏକ ଜମି ଠାକୁରଙ୍କ ତହବିଲକୁ ଫେରିବା ଆଶା ଆଶଙ୍କା ଥିବାବେଳେ ଏବେ ଶ୍ରୀଲିଙ୍ଗରାଜଙ୍କ ଜାନିଯାତ୍ରାରେ ବ୍ୟବହୃତ ବିଜେ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଅନେକ ବିଜେ ରାସ୍ତା ଉପରେ ଜବରଦଖଲକାରୀମାନେ ମାଡ଼ି ଘର, ଡ୍ରେନ୍, ପାଚେରୀ ନିର୍ମାଣ କରିଥିବାବେଳେ ରାସ୍ତାଗୁଡିକକୁ ବିପର୍ଯ୍ୟସ୍ତ କରିବା ଦେଖାଦେଇଛି। ଦିନ କେଇଟାରେ ଠାକୁରଙ୍କ ଶିବ ବିବାହ ଉତ୍ସବ ବା ଶୀତଳଷଷ୍ଠୀ ପର୍ବ ପାଳିତ ହେବ। ମହାପ୍ରଭୁ ଶ୍ରୀଲିଙ୍ଗରାଜ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ ଶ୍ରୀକେଦାରଗୌରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ବିବାହ ଉତ୍ସବ ସାରି ଠାକୁର କେଦାରଗୌରୀ ଛକ, ନଳାମୁହଁ ସାହି, ବିନ୍ଦୁସାଗର ରାସ୍ତାରୁ ଶୀତଳଷଷ୍ଠୀ ମାର୍ଗ ରାସ୍ତାରେ ଶୋଭାଯାତ୍ରାରେ ବାହାରି ରଥଦାଣ୍ଡକୁ ବାହାରିବେ। ଏବେ ଏହି ବିଜେ ରାସ୍ତା ସଙ୍କୁଚିତ ହୋଇଯାଇଛି। ସେହିଭଳି ରାସ୍ତାର ଶେଷଭାଗ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଖାଲ ଢିପ, ମୋରମ ରାସ୍ତାରେ କିଛି ଭାଗ ଡ୍ରେନ ଖୋଲା ରହିଛି। ଶତାଧିକ ଶ୍ରଦ୍ଧାଳୁ ଓ ବରଯାତ୍ରୀଙ୍କ ମେଳରେ ଠାକୁର ଏଠାରେ ଗନ୍ତବ୍ୟ କରିବେ। ରାସ୍ତାଟିର ଏହି ଅଂଶରେ ଭକ୍ତମାନେ ଦୁର୍ଘଟଣାର ଶିକାର ହେବେ ତାହା କହିହେବ ନାହିଁ। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ, ମନ୍ଦିର ପ୍ରଶାସନ ଉଭୟପାର୍ଶ୍ୱରୁ ଜବରଦଖଲ ହଟାଇ ବିଜେରାସ୍ତାକୁ ପ୍ରଶସ୍ତୀକରଣ ଏବଂ ସୌନ୍ଦର୍ଯ୍ୟକରଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



ରଥ ନିର୍ମାଣରେ ନିମଗ୍ନ ଦୁଇ କୁନି କାରିଗର।

## ରଥଖଳାରେ କୁନି କାରିଗର

ପୁରୀ ଅଫିସ,୨୯।୫

- ■ ଜେଜେ, ବାପାଙ୍କଠାରୁ ନେଉଛନ୍ତି ତାଲିମ
- ■ ଗଢ଼ାହେବେ ରଥଖଳାର ଭବିଷ୍ୟତ

ଶ୍ରୀନଅର ସମ୍ମୁଖ ରଥଖଳାରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ। ଅକ୍ଷୟ ତୃତୀୟା ଦିନ ରଥ କାମ ଅନୁକୂଳ ହୋଇଥିଲା। ତୁମ୍ବ କାମ ସରିବା ପରେ ଏବେ ଚକା ନିର୍ମାଣ ଚାଲିଛି। ନୃସିଂହ ଚତୁର୍ଦ୍ଦଶୀରେ ରୂପକାର ସେବକ ରଥଖଳାରେ ଯୋଗଦାନ କରିଛନ୍ତି। ବୁଧବାରଠାରୁ ରୂପକାର ସେବକଙ୍କ ପିଲାମାନେ ମଧ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ରଥଖଳା ଏବେ ରୂପକାର ସେବକ ପିଲାଙ୍କ ପ୍ରଶିକ୍ଷଣ କେନ୍ଦ୍ର ପାଲଟିଛି। ବାତ୍ୟା ଓ ଖରାଛୁଟି ପାଇଁ ଏବେ ସ୍କୁଲ ବନ୍ଦ ରହିଛି। ତେଣୁ କୁନି କାରିଗରମାନେ ଏହି ପାରମ୍ପରିକ ସେବାକୁ ଆଦରି ଜେଜେ, ବାପା, ଦାଦାଙ୍କ ଠାରୁ କାମ ଶିଖିବାରେ ମନ ଦେଇଛନ୍ତି।

ନନ୍ଦିଘୋଷ ରଥର ରୂପକାର ସେବକ ରାଜେନ୍ଦ୍ର ମହାପାତ୍ରଙ୍କ ପୁଅ ଜଗନ୍ନାଥ ଓରଫ ଜଗା ୫ବର୍ଷ ବୟସରେ ରଥଖଳାରେ ପାଦ ଥାପିଥିଲେ। ଏବେ ତାଙ୍କ ବୟସ ୧୭। ବର୍ତ୍ତମାନ ସେ ବିଶ୍ୱମ୍ଭର ବିଦ୍ୟାପୀଠରେ ୯ମ ଶ୍ରେଣୀର ଛାତ୍ର। କଣଗୁଜ, ପଟାଗୁଜ ଏବଂ ନାଟଗୁଜ କାମରେ ପାରଙ୍ଗମ ହୋଇଗଲେଣି। ଜଗନ୍ନାଥ କହିଛନ୍ତି, ଏହି ସେବାରେ ଆନନ୍ଦ ରହିଛି। ବାପାଙ୍କ ଭଳି ଜଣେ ରୂପକାର ସେବକ ହେବାକୁ ସେ ଆଶା ରଖିଛନ୍ତି।

ସ୍ୱର୍ଗତ ଦେବରାଜ ମହାପାତ୍ରଙ୍କ ପୁଅ ଶୁଭମ(୧୫) ଏବଂ ଲିଙ୍ଗରାଜଙ୍କ ପୁଅ ପ୍ରକାଶ (୧୫) ଉଭୟ ବିଶ୍ୱମ୍ଭର ବିଦ୍ୟାପୀଠର ଛାତ୍ର। ଏକାସାଙ୍ଗରେ କାମ ଶିଖିବା ଆରମ୍ଭ କରିଥିଲେ। ଉଭୟ ବର୍ତ୍ତମାନ ସିଂହବରାଳ କାମ କରୁଛନ୍ତି। ଗତବର୍ଷଠାରୁ କାହ୍ନୁ ମହାପାତ୍ରଙ୍କ ପୁଅ ସୂର୍ଯ୍ୟପ୍ରକାଶ(୬) ରଥଖଳାରେ ଯୋଗଦେଇଛନ୍ତି। ବାପା, ଜେଜେଙ୍କଠାରୁ କାମ ଶିଖୁଛନ୍ତି ଓମ୍ ପ୍ରକାଶ। କାଠରେ ଅଙ୍କା ହୋଇଥିବା ଚିତ୍ରରେ ଖୋଦେଇ କରିବା ଶିକ୍ଷା ନେଉଛନ୍ତି। ବାପା ପଞ୍ଚାନନ କୁହନ୍ତି, ୩ବର୍ଷ ବୟସରେ ସେ ଆପେ ରଥଖଳାକୁ ଆସିବାକୁ ମନ ବଳାଇଥିଲା। ତାହାର ଆଗ୍ରହକୁ ଦେଖି ଏଠାକୁ ଆଣିଥିଲି।

ଏମାନଙ୍କ ମଧ୍ୟରେ ସବୁଠାରୁ ଛୋଟ କୁନି କାରିଗର ହେଉଛନ୍ତି ସୂର୍ଯ୍ୟପ୍ରକାଶ। ତପୋବନ ଆଦର୍ଶ ବିଦ୍ୟାଳୟରେ ପଢୁଛନ୍ତି। ଗତବର୍ଷଠାରୁ ରଥଖଳାରେ କାମ କରୁଛନ୍ତି। କୁନି ହାତରେ ନିହଣ ଓ ମୁଗୁର ଧରି ଚିତ୍ରିତ ସିଂହବିରାଳରେ ଖୋଦେଇ କରୁଛନ୍ତି। ତାଙ୍କ ଦୁଇଭାଇ ଶୁଭମ ଓ ପ୍ରକାଶ କୁହନ୍ତି, ରଥଖଳାରେ କାମ କରିବା ଭାଗ୍ୟରେ ଥିଲେ ମିଳେ। ଆମେ କାମ କରିବାବେଳେ ବହୁ ଭକ୍ତ, ପର୍ଯ୍ୟଟକ ଠିଆ ହୋଇ ଦେଖନ୍ତି। ଆମ ସହିତ ଫଟୋ ଉଠାନ୍ତି। ବହୁତ ଖୁସି ଲାଗେ। ଏଥିରେ ଯେଉଁ ଆନନ୍ଦ ରହିଛି, ତାହା ଖେଳକୁଦରେ ନାହିଁ। ଏ ସମ୍ପର୍କରେ ବରିଷ୍ଠ ରୂପକାର ଗଣେଶ ମହାପାତ୍ର କହିଛନ୍ତି, ଏହା ହେଉଛି ଆମର ପାରମ୍ପରିକ ସେବା। ମୁଁ ମଧ ପିଲାବୟସରୁ କାମ ଶିଖିଥିଲି। ଏହା ବର୍ତ୍ତମାନ ସେମାନଙ୍କ ତାଲିମ ନେବା ସମୟ। ଏହି ସମୟରେ ଆମେ ତାଙ୍କୁ ହାତ ଧରି କାମ ଶିଖାଇଥାଉ।

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ ଅଫିସ, ୨୯।୫

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ହୋଇଛି। ଦ୍ୱିତୀୟ ଭୋଗମଣ୍ଡପ ପରେ ଏହି ନୀତି ଆରମ୍ଭ ହୋଇଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଦତ୍ତମହାପାତ୍ର ସେବକମାନେ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ୨୦ ପର୍ଯ୍ୟନ୍ତ ଏହି ନୀତି ସମ୍ପନ୍ନ କରିଥିଲେ। ସେମାନେ ପ୍ରାକୃତିକ ପ୍ରଣାଳୀରେ ପ୍ରସ୍ତୁତ କରିଥିବା ପ୍ରସାଧାନ ସାମଗ୍ରୀରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଇଥାଏ। ଏହି ନୀତି ସରିବା ପରେ ପରେ ମହାସ୍ନାନ ହୋଇଥିଲା। ଏହାପରେ ଭକ୍ତମାନଙ୍କୁ ପୁନଶ୍ଚ ଠାକୁରଙ୍କ ଦର୍ଶନ ପାଇଁ ଛଡ଼ାଯାଇଥିଲା ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

## ପ୍ରଜନନ କେନ୍ଦ୍ରକୁ ପ୍ରତ୍ୟାବର୍ତ୍ତନ କଲା ଶାଗୁଣା

ନରାଜ,୨୯।୫(ଡି.ଏନ.ଏ.)

ବାତ୍ୟା ଫନୀରେ ସବୁକିଛି ଭାଙ୍ଗି ଛାରଖାର ହୋଇଯାଇଥିବା ବେଳେ ସେଥିରୁ ବାଦ ପଡିନାହିଁ ନନ୍ଦନକାନନର ଉଭିଦ୍ ଉଦ୍ୟାନରେ ଥିବା ଶାଗୁଣା ପ୍ରଜନନ କେନ୍ଦ୍ର। ଫନୀରେ ପ୍ରଜନନ କେନ୍ଦ୍ର ଘରଟିର ଦୁଇପାର୍ଶ୍ୱର କିଛି କାଠଜାଲି ଖସି ଯିବା ଫଳରେ ଶାଗୁଣାମାନଙ୍କୁ ସେଠାରୁ ଉଦ୍ଧାର କରାଯାଇ ଏକ ଛୋଟ ଘରେ ଅସ୍ଥାୟୀ ଭାବେ ରଖାଯାଇଥିଲା। ପ୍ରଜନନ କେନ୍ଦ୍ରଟି ସମ୍ପୂର୍ଣ୍ଣ ଠିକ ହେବାପରେ ମଙ୍ଗଳବାର ସେମାନଙ୍କର ରକ୍ତର ନମୁନା ପରୀକ୍ଷା କରାଯାଇ ପୂର୍ବ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଶାଗୁଣାମାନଙ୍କର ଏବେ ମିଳନ ସମୟ ଥିବାରୁ କେତେକ ଶାଗୁଣା ଅଳ୍ପ ଦିନ ମଧ୍ୟରେ ଅଣ୍ଡା ଦେବାର ଲକ୍ଷଣ ପରିଲକ୍ଷିତ ହେଉଛି।

ସୂଚନାରୁ ପ୍ରକାଶ, ୧୯୯୯ ମହାବାତ୍ୟା ପରଠାରୁ ସାଧାରଣ ପରିବେଶରୁ ଶାଗୁଣା ଲୋପ ପାଇଯାଇଛନ୍ତି। ଏଥିନେଇ ଗତ ୨୦୦୮ ମସିହାରେ ଏଠାରେ ଏକ ଶାଗୁଣା ପ୍ରଜନନ କେନ୍ଦ୍ର କରାଯାଇ ଶାଗୁଣା ବଂଶ ବୃଦ୍ଧି କରାଯିବାର ଯୋଜନା କେନ୍ଦ୍ର ଜଙ୍ଗଲ ପରିବେଶ ବିଭାଗ ତରଫରୁ ଏଠାରେ କରାଯାଇଥିଲା। ଏହା ନନ୍ଦନକାନନ ପ୍ରତିଷ୍ଠା ଦିବସରେ ଉଦ୍‌ଘାଟିତ ହୋଇଯାଇଛି। ଏଥିପାଇଁ ଗତ ନଭେମ୍ବର ୨୭ରେ ଗ୍ୱାଲିୟର ଚିଡିଆଖାନାରୁ ୧୨ଟି ଲଙ୍ଗବିଲିଡି ପ୍ରଜାତିର ଶାଗୁଣା ଅଣାଯାଇଛି।






ଦୋଳବେଦୀ କମାରଶାଳାରେ ଅରକଣ୍ଟା ପ୍ରସ୍ତୁତ କରାଯାଉଛି।



ଭୋଇ ସେବକମାନେ ରଥଦଣ୍ଡା ପାଇଁ କାଠ ପକାଉଛନ୍ତି।

## ରଥଖଳାରୁ... ୨୧ ଚକ ନିର୍ମାଣ ସରିଲା

ପୁରୀ ଅଫିସ,୨୯।୫

ଆଗକୁ ଆସୁଛି ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଶ୍ରୀନଅର ସମ୍ମୁଖ ରଥଖଳାରେ ଆଗେଇ ଚାଲିଛି ରଥକାମ। ତାଳଧ୍ୱଜ ରଥର ମୁଖ୍ୟ ମହାରଣା ନରସିଂହ ମହାପାତ୍ର, ଦର୍ପଦଳନ ରଥର କୃଷ୍ଣଚନ୍ଦ୍ର ମହାରଣା ଏବଂ ନନ୍ଦିଘୋଷ ରଥର ବିଜୟ ମହାପାତ୍ରଙ୍କ ନେତୃତ୍ୱରେ ଦ୍ରୁତ ଗତିରେ କାମ ଜାରି ରହିଛି। ପବିତ୍ର ଅକ୍ଷୟତୃତୀୟାରେ ରଥକାମ ଅନୁକୂଳ ହୋଇଥିଲା। ପ୍ରଥମେ ଆରମ୍ଭ ହୋଇଥିଲା ତୁମ୍ବ କାମ। ତୁମ୍ବରେ ସୂତା ବାଡ଼ିଆ କରାଯାଇ ବିନ୍ଧ କରାଯାଇଥିଲା। ବିନ୍ଧରେ ସିଙ୍ଗଡ଼ା ବାଡ଼ିଆ କରାଯାଇ ପଇ ସଂଯୋଗ କରି ଚକା ନିର୍ମାଣ ଚାଲିଛି। ଭଉଁରିରେ ତିନି ରଥର ଦୁଇଟି ଲେଖାଏଁ ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଥିଲା। ବୁଧବାର ସୁଦ୍ଧା ତିନି ରଥର ୨୧ଟି ଚକ ନିର୍ମାଣ ସରିଛି। ସେପଟେ ନୃସିଂହ ଚତୁର୍ଦ୍ଦଶୀଠାରୁ ଆରମ୍ଭ ହୋଇଛି କଣଗୁଜ କାମ। ରୂପକାର ସେବକ କଣଗୁଜ କାମରେ ବ୍ୟସ୍ତ ଅଛନ୍ତି। କାଠରେ ନୃସିଂହବିରାଳ ଖୋଦେଇ କରୁଛନ୍ତି। ଅନ୍ୟପଟେ



କରତି ସେବକ କାଠ ଚିରଟ କରୁଛନ୍ତି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଦଣ୍ଡା ଓ ଅଖ କାମ ଅନୁକୂଳ ହେବ। ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ ଚାଲିଛି। ତିନି ରଥର ତିନୋଟି ଦଣ୍ଡାକାଠ ପଡ଼ିଥିବା ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ମଙ୍ଗଳବାର ସୁଭଦ୍ରା ରଥ ଚକ ତୁମ୍ବରେ ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିବା ପରେ ଏହାକୁ ପରିବର୍ତ୍ତନ କରାଯାଇଛି। ଦୋଳବେଦୀ କୋଣ ଅସ୍ଥାୟୀ କମାରଶାଳରେ କମାର ସେବକମାନେ କଣ୍ଟା ପ୍ରସ୍ତୁତ କରିବାରେ ଲାଗିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩୦ ମେ, ୨୦୧୯



ଯବାନ ଓ କିଷାନର ଜୟ ହିଁ ଦେଶ ଓ ଜାତିର ଜୟ।
- ଲାଲବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ୍ ଋଣ ଠକେଇ ୧୭ବର୍ଷ ପରେ ଆଉଜଣେ ଗିରଫ, ଜେଲ୍ ଗଲେ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ):** ଢେଙ୍କାନାଳସ୍ଥିତ ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ୍ ଋଣ ଠକେଇର ଅନ୍ୟତମ ଅଭିଯୁକ୍ତଙ୍କୁ ୧୭ବର୍ଷ ପରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବୁଧବାର ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଜିଲା ଗନ୍ଦିଆ ଥାନା ଅଧୀନ କୁସୁମ ତଳିଆ ଅଞ୍ଚଳର ବୁଦ୍ଧିମନ୍ତ ସାହୁ। ସୂଚନାନୁସାରେ, ୧୯୯୫ରୁ ୨୦୦୧ ମଧ୍ୟରେ ୨୦ ଜଣଙ୍କୁ ୯୪.୪୨ ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଋଣ ପରିଶୋଧ ନ ହେବାରୁ ୨୦୧୬ ସୁଦ୍ଧା ସୁଧକୁ ମିଶାଇ ଏହାର ପରିମାଣ ୩.୬୩ କୋଟିରେ ପହଞ୍ଚିଥିଲା। ଏନେଇ ଇଓଡବ୍ଲ୍ୟୁରେ ଅଭିଯୋଗ ହେବା ପରେ ତତ୍କାଳୀନ ଡିଏସ୍‌ପି ଗଣେଶଚନ୍ଦ୍ର ପ୍ରଧାନ ୧୧/୧୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଜାଲ୍ କାଗଜପତ୍ରମାଧ୍ୟମରେ ଋଣ ନିଆଯାଇଥିବା ଜଣାପଡିଥିଲା। ପରେ ଏହି ଠକେଇରେ ସମ୍ପୃକ୍ତ ଥିବା ଅଭିଯୋଗରେ ତତ୍କାଳୀନ ବ୍ୟାଙ୍କ ସଭାପତି ସୁକାନ୍ତ ମିଶ୍ର, ସମ୍ପାଦକ ନିରଞ୍ଜନ କର ଓ ନିର୍ଦ୍ଦେଶକ ଭାରତ ଚନ୍ଦ୍ର ସାମଲ ଏବଂ ପଞ୍ଚାନନ ସ୍ୱାଇଁଙ୍କ ସହ ୯ଜଣ ଋଣ ଗ୍ରହୀତାଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ବୁଦ୍ଧିମନ୍ତ ଜାଲ କାଗଜପତ୍ରରେ ବ୍ୟାଙ୍କ କର୍ମମର୍ତ୍ତାଙ୍କୁ ହାତେଇ ୩ ଲକ୍ଷ ଟଙ୍କା ଋଣ ନେଇଥିଲେ। ଋଣ ଟଙ୍କା ନ ଶୁଝିବାରୁ ୨୦୧୮ ସୁଦ୍ଧା ତାହା ବୃଦ୍ଧି ପାଇ ୧୦.୯୭ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ବୁଧବାର ଢେଙ୍କାନଳ ଅଞ୍ଚଳରେ ପୋଲିସ ଚଢାଉ କରି ଅଭିଯୁକ୍ତ ବୁଦ୍ଧିମନ୍ତଙ୍କୁ ଗିରଫ ପରେ ତାଙ୍କୁ ଢେଙ୍କାନାଳ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭରାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ଜାଲରେ ଫସିଲେ ଦୁଇ ବିଷଧର ସାପ
# ଚନ୍ଦନ ବୋଡ଼ାକୁ ଗିଳିଲା ନାଗ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ କଉଡ଼ିଖଣି ଗ୍ରାମରେ ପଦନି ସାହୁଙ୍କ ଘର ଚାରିପଟେ ଘେରାଯାଇଥିବା ଜାଲରେ ଏକ ବଡ଼ ନାଗ ସାପ ପଡି ଛନ୍ଦି ହୋଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସାପ ଉଦ୍ଧାର ପାଇଁ ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ସୁଶାନ୍ତ କୁମାର ବେହେରା ଘଟଣା ସ୍ଥଳରେ ପହଞ୍ଚିଥିଲେ। ସୁଶାନ୍ତ ପ୍ରଥମେ ଏହାକୁ ଏକ ସାଧାରଣ ଘଟଣା ବୋଲି ଭାବି ଜାଲକୁ କାଟି ନାଗସାପକୁ ଖୋଲା ଜାଗାକୁ ଆଣିଲେ। କିଛି ସମୟ ଭିତରେ ସାପଟିର ପେଟ ଫୁଲିଥିଲା ଓ ସେ ଗିଳିଥିବା ଖାଦ୍ୟକୁ ବାନ୍ତି କରିବାକୁ ଉଦ୍ୟମ କଲା। କିନ୍ତୁ ତା' ପାଟି ଏବଂ ଦାନ୍ତରେ ଜାଲର ସୂତା ଛନ୍ଦି ହୋଇଥିବାରୁ ଖାଦ୍ୟଟିକୁ ବାନ୍ତି କରିପାରି ନ ଥିଲା। ଏହାଦେଖି ସୁଶାନ୍ତ ଧୀରେ ଧୀରେ ପାଟିରୁ ଜାଲ ସୂତାକୁ କାଟିବାରେ ଲାଗିଲେ ଏବଂ ସାପଟି ବାନ୍ତି କରିବାକୁ ଆରମ୍ଭ କଲା। ପ୍ରଥମେ ନାଗର ପାଟିରୁ ଗିଳିଥିବା ଅନ୍ୟ ଏକ ସାପର ଲାଞ୍ଜ ଦେଖାଗଲା। ଉକ୍ତ ସାପଟିରେ ମଧ ଜାଲ ଛନ୍ଦି ହୋଇ ରହିଥିବାରୁ ନାଗ ପାଟିରୁ ବାହାରିବା ସମ୍ଭବପର ହେଉ ନ ଥିଲା। ତେଣୁ ସୁଶାନ୍ତ ନାଗ ପାଟି ଭିତରେ ଥିବା ସାପର ଜାଲକୁ ଧୀରେ ଧୀରେ ବାହାରକୁ ଆଣି କାଟିଥିଲେ। ଏହାପରେ ନାଗ ସମ୍ପୂର୍ଣ୍ଣ ସାପଟିକୁ ବାନ୍ତି କରିଥିଲା। ପରେ ଜଣାପଡିଲା ଯେ ନାଗ ଗିଳିଥିବା ସାପଟି ୩ ଫୁଟରୁ ଉର୍ଦ୍ଧ୍ୱ ଲମ୍ବର ଏକ ବିଷଧର ଚନ୍ଦନ ବୋଡ଼ା। ଏହି ଘଟଣାକୁ ଚମତ୍କାର ଘଟଣା ବୋଲି ବର୍ଣ୍ଣନା କରି ସ୍ନେକ୍ ହେଲ୍ପ ଲାଇନ ସମ୍ପାଦକ ତଥା ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ନାଗସାପ ଚନ୍ଦନବୋଡ଼ାକୁ ଶିକାର କରିବା ବା ଗିଳିବା ନୂଆ କଥା ନୁହେଁ। କିନ୍ତୁ ଜାଲରେ ପଡ଼ିଥିବା ଏକ ଚନ୍ଦନବୋଡ଼ାକୁ ନାଗଟି ଗିଳି ନିଜେ ସେହି ଜାଲରେ ଫସିବା ସମ୍ଭବତଃ ବିରଳ ଘଟଣା। ନାଗସାପର ବିଷ ନ୍ୟୁରୋଟକ୍ସିକ ଅର୍ଥାତ୍ ସ୍ନାୟୁ ପ୍ରଭାବୀ ଏବଂ ଚନ୍ଦନବୋଡ଼ା ବିଷ ହେମୋଟକ୍ସିକ ଅର୍ଥାତ୍ ରକ୍ତ ସଞ୍ଚାଳନ ପ୍ରଭାବୀ। ନାଗ ସାପ କାମୁଡ଼ିଲେ ଦ୍ରୁତଗତିରେ ଲକ୍ଷଣ ପ୍ରକାଶ ପାଇବା ସହ ଜନ୍ତୁଟିର ଶୀଘ୍ର ମୃତ୍ୟୁ ଘଟିଥାଏ। ତେଣୁ ନାଗ ଏବଂ ଚନ୍ଦନବୋଡା ଲଢ଼େଇରେ ସର୍ବଦା ନାଗ ହିଁ ବିଜୟୀ ହେବାର ନଜିର ରହିଛି ବୋଲି ଶୁଭେନ୍ଦୁ କହିଛନ୍ତି।



# କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହେଲେ ପ୍ରଦୀପ ମହାରଥୀ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**



ପିପିଲିର ନବନିର୍ବାଚିତ ବିଧାୟକ ପ୍ରଦୀପ ମହାରଥୀ ସାମୟିକ ଅସୁସ୍ଥ ହେବା ପରେ ବୁଧବାର ରାତିରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମଧୁମେହ ରୋଗ ଯୋଗୁ ସେ ଚିକିତ୍ସାଧୀନ ଥିଲେ। ହଠାତ୍ ସନ୍ଧ୍ୟାବେଳେ ଶରୀରରେ ଯନ୍ତ୍ରଣା ଅନୁଭବ କରିବାରୁ ପ୍ରଥମେ ତାଙ୍କୁ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରମାନେ ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ମେଡିସିନ ୱାର୍ଡକୁ ପଠାଇଥିଲେ।

## କାନ୍‌ସରେ ସ୍ୱପ୍ନା ପତିଙ୍କ 'ଅନ୍ତର୍ଧ୍ୱନି'
# ରେଡ୍ କାର୍ପେଟରେ ପୁଣି ଝଲସିଲା ସମ୍ବଲପୁରୀ ଶାଢ଼ି



ସ୍ୱପ୍ନା ପତି

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ଚଳିତବର୍ଷର କାନ୍‌ସ ଫିଲ୍ମ ଫେଷ୍ଟିଭାଲ ସହ ଯୋଡ଼ି ହୋଇଯାଇଛି ଆଉ ଏକ ଓଡ଼ିଆ ଲିଙ୍କ୍। ଓଡ଼ିଶା ଜନ୍ମିତ ଅଭିନେତ୍ରୀ ତଥା ମଡେଲ ସ୍ୱପ୍ନା ପତିଙ୍କ ଅଭିନୀତ ଏବଂ ରାଜେଶ କୁମାର ମହାନ୍ତିଙ୍କ ପ୍ରଯୋଜିତ ହିନ୍ଦୀ ଫିଲ୍ମ 'ଅନ୍ତର୍ଧ୍ୱନି' ସମ୍ମାନଜନକ କାନ୍‌ସ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଛି। କେବଳ ଏତିକି ନୁହେଁ, ଫିଲ୍ମରେ ସ୍ୱପ୍ନାଙ୍କ ଅଭିନୟ ସହ ଏହାର କନ୍‌ସେପ୍ଟକୁ କାନ୍‌ସରେ ଯୋଗଦେଇଥିବା ବହୁ ବରିଷ୍ଠ ବ୍ୟକ୍ତିତ୍ୱ ପ୍ରଶଂସା କରିଛନ୍ତି। ୯ଥର ଜାତୀୟ ପୁରସ୍କାର ବିଜେତା ନିର୍ଦ୍ଦେଶକ ପଦ୍ମଶ୍ରୀ ଅପୂର୍ବ କିଶୋର ବୀର୍ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିବାବେଳେ ପ୍ରମୁଖ ଭୂମିକାରେ ସ୍ୱପ୍ନାଙ୍କ ସମେତ ଗୌରବ ପାଣ୍ଡାଲା, ଚୈତନ୍ୟ ସୋଲାନକର, ତୁଷାର ଆଚାର୍ଯ୍ୟ, ଜିତେନ୍ଦ୍ର କୁମାର ଜେନା ପ୍ରମୁଖ ଅଭିନୟ କରିଛନ୍ତି। ଓଡ଼ିଶା ଜନ୍ମିତ ରାଜେଶ କୁମାର ମହାନ୍ତି ଫିଲ୍ମ ପ୍ରଯୋଜନା କରିଛନ୍ତି। ଏହି ସାଇକୋଲୋଜିକାଲ ଥ୍ରୀଲର୍ ଫିଚର ଫିଲ୍ମ ସମ୍ପୂର୍ଣ୍ଣଭାବେ ପ୍ରାକୃତିକ ଲାଇଟ୍‌ରେ ଶୁଟିଂ କରାଯାଇଛି। ଜଙ୍ଗଲ ଏବଂ ଏହାର ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶ ଫିଲ୍ମର ମୁଖ୍ୟ ଉପାଦାନ ହୋଇଥିବାବେଳେ ଏହା ଓଡ଼ିଶା, ଉତ୍ତରାଖଣ୍ଡ ଏବଂ ମୁମ୍ବାଇରେ ଶୁଟିଂ ହୋଇଛି। ଅନ୍ୟପକ୍ଷରେ କାନ୍‌ସରେ ଫିଲ୍ମର ସ୍କ୍ରିନିଂରେ ଭାଗନେବାକୁ ଯାଇଥିବା ନିର୍ଦ୍ଦେଶକ ଏ.କେ. ବୀର୍‌ଙ୍କ ସହ ଅଭିନେତ୍ରୀ ସ୍ୱପ୍ନା ପତି ଓ ପ୍ରଯୋଜକ ରାଜେଶ କୁମାର ମହାନ୍ତି କାନ୍‌ସ ରେଡ୍ କାର୍ପେଟ୍‌ରେ ଚାଲିଥିଲେ। ଏହି ଅବସରରେ ସ୍ୱପ୍ନା ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ସମ୍ବଲପୁରୀ ଶାଢ଼ି ପିନ୍ଧି ର୍‌ୟାମ୍ପରେ ଚାଲିବା ମୁଖ୍ୟ ଆକର୍ଷଣ ସାଜିଥିଲା। ପୂର୍ବରୁ ଓଡ଼ିଶା ଜନ୍ମିତ ଫିଲ୍ମ ପ୍ରଯୋଜକ ଜିତେନ୍ଦ୍ର ମିଶ୍ର ମଧ କାନ୍‌ସ ରେଡ୍ କାର୍ପେଟରେ ସମ୍ବଲପୁରୀ ଜ୍ୟାକେଟ୍‌ରେ ନଜର ଆସିଥିଲେ। ଚଳିତବର୍ଷ କାନ୍‌ସରେ ଓଡ଼ିଶା ସହ ଜଡ଼ିତ ଥିବା ଏକାଧିକ ଫିଲ୍ମ ପ୍ରଦର୍ଶିତ ହୋଇଥିବାବେଳେ ଏଠାରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତର ଝଲକ ନୂଆ ଗୌରବ ଆଣିଥିଲା।

## ଶପଥ ଗ୍ରହଣ ପରେ ପ୍ରତିକ୍ରିୟା ...

ମୁଖ୍ୟମନ୍ତ୍ରୀ ପୁନର୍ବାର ବିଶ୍ୱାସ ରଖି ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇଛନ୍ତି। ପୂର୍ବଥର ଦେଇଥିବା ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଛି। ଚଳିତଥର ଗୁରୁତ୍ୱପୂର୍ଣ୍ଣ ଅର୍ଥ ଓ ଅବକାରୀ ବିଭାଗ ମିଳିଛି। ଏହି ଦାୟିତ୍ୱକୁ ମଧ ଉତ୍ତମ ରୂପେ ସମ୍ପାଦନ କରିବାକୁ ଚେଷ୍ଟା କରିବି।

**- ନିରଞ୍ଜନ ପୂଜାରୀ, ଅର୍ଥ ଓ ଅବକାରୀ ମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛନ୍ତି, ସେ ଦାୟିତ୍ୱ ସୁଚାରୁରୂପେ ତୁଲାଇଛି। ପୂର୍ବଥର ଭଳି ଏଥର ମଧ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ କରିଛନ୍ତି। ତେଣୁ ତାଙ୍କ ବିଶ୍ୱାସଭାଜନ ହୋଇ କାମ କରିବାକୁ ଚେଷ୍ଟା କରିବି।

**- ପ୍ରଫୁଲ୍ଲ ମଲିକ, ଇସ୍ପାତ, ଖଣି ଓ ପୂର୍ତ୍ତମନ୍ତ୍ରୀ**

ମୁଁ ଜଣେ ସମର୍ପିତ କର୍ମୀ, ନେତା ନୁହେଁ। ବିଜୁ ବାବୁଙ୍କ ଲିଗାସୀ ବଞ୍ଚାଇବା ଆମର ପ୍ରାଥମିକତା। ରାଜନୀତି ଜୀବନ ପ୍ରାରମ୍ଭରୁ ଗରିବ, ଖଟିଖିଆ, ମେହନତି ମଣିଷ ପାଇଁ କାମ କରୁଛି। ମୁଖ୍ୟମନ୍ତ୍ରୀ ମନ୍ତ୍ରୀପଦ ଦେଇ ନୂଆ ଦାୟିତ୍ୱ ଦେଇଛନ୍ତି। ଏହି ଦାୟିତ୍ୱକୁ ସମ୍ପୂର୍ଣ୍ଣ ନିଷ୍ଠାର ସହ ପାଳନ କରିବି।

**- ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମବାୟ ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ**

ବିଧାୟିକା ହେବି ବୋଲି କେବେ ଭାବି ନ ଥିଲି। ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରିଛି। ମୁଖ୍ୟମନ୍ତ୍ରୀ ମୋତେ ମନ୍ତ୍ରୀ କରି ଟିଟିଲାଗଡବାସୀଙ୍କ ସମେତ ସମଗ୍ର ବଲାଙ୍ଗୀର ଜିଲାକୁ ପୁରସ୍କୃତ କରିଛନ୍ତି। ମହିଳା ଓ ଶିଶୁ ବିକାଶ ଭଳି ବିଭାଗରେ ସମସ୍ତଙ୍କ ସହଯୋଗ ନେଇ କାର୍ଯ୍ୟ କରିବି।

**- ଟୁକୁନି ସାହୁ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ**

ସବୁବେଳେ ସବୁ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିଛି। ପୁନର୍ବାର ବିଶ୍ୱାସ କରି ଦାୟିତ୍ୱ ଦେଇଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ। ପୂର୍ଣ୍ଣଭାବେ ସମର୍ପିତ ହୋଇ କୃଷି ଏବଂ ମିଳିଥିବା ଅନ୍ୟାନ୍ୟ ବିଭାଗର କାର୍ଯ୍ୟ କରିବି।

**- ଅରୁଣ ସାହୁ, କୃଷି, ଉଚ୍ଚଶିକ୍ଷା ମନ୍ତ୍ରୀ**

ଫନୀ ଦ୍ୱାରା ଉପକୂଳ ଓଡ଼ିଶା ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଭିତ୍ତିଭୂମି ପୁନରୁଦ୍ଧାର ମୋର ପ୍ରାଥମିକତା ହେବ।

**- ସୁଦାମ ମାରାଣ୍ଡି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା**

ରାଜ୍ୟରେ ମେଡିକାଲ କଲେଜ ଖୋଲାଯାଇଛି। ସାରା ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରାଯିବ। ଆଗାମୀ ଦିନରେ ଯେପରି କୌଣସି ଡାକ୍ତର ପଦବୀ ଖାଲି ନ ପଡେ, ସେଥିପ୍ରତି ଦୃଷ୍ଟି ଦେବି।

**- ନବ ଦାସ, ସ୍ୱାସ୍ଥ୍ୟମନ୍ତ୍ରୀ**

ଫନୀ ଦ୍ୱାରା ପର୍ଯ୍ୟଟନ ବିଭାଗ ବହୁଳ କ୍ଷତିଗ୍ରସ୍ତ ହୋଇଛି। ପର୍ଯ୍ୟଟନ ଆମ ରାଜ୍ୟର ପରିଚୟ, ତେଣୁ କ୍ଷତିଗ୍ରସ୍ତ ପର୍ଯ୍ୟଟନ ଭିତ୍ତିଭୂମି ପୁନରୁଦ୍ଧାର ମୋର ପ୍ରାଥମିକତା ହେବ।

**- ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପର୍ଯ୍ୟଟନ ମନ୍ତ୍ରୀ**

ଫନୀ ଦ୍ୱାରା ବିଦ୍ୟୁତ ବିଭାଗର ଭିତ୍ତିଭୂମି ବହୁଳ କ୍ଷତିଗ୍ରସ୍ତ ହୋଇଛି। ନିକଟରେ ରାଜ୍ୟ ପ୍ରଶାସନ ଦ୍ରୁତଗତିରେ ତାହାର ପୁନରୁଦ୍ଧାର ଜାରି ରଖିଛି। ଏହି କାର୍ଯ୍ୟକୁ ଆହୁରି ଦ୍ରୁତ କରିବା ମୋର ପ୍ରାଥମିକତା ହେବ। ଖୁବ୍ କମ୍ ଦିନରେ ଫନୀ କ୍ଷତିଗ୍ରସ୍ତ ବିଦ୍ୟୁତ ଭିତ୍ତିଭୂମି ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ।

**- ଦିବ୍ୟଶଙ୍କର ମିଶ୍ର, ଶକ୍ତିମନ୍ତ୍ରୀ**

ସବୁ ସମୟରେ ସବୁ ଦାୟିତ୍ୱକୁ ଗ୍ରହଣ କରିଥାଏ। ମନ୍ତ୍ରୀ କରି ଗୁରୁତ୍ୱ ବିଭାଗ ଦେଇ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି। ତାଙ୍କ ବିଶ୍ୱାସଭାଜନ ହୋଇ କାର୍ଯ୍ୟ କରିବାକୁ ଚେଷ୍ଟା କରିବି।

**- ସମୀର ରଞ୍ଜନ ଦାଶ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ**

ଯୁବବର୍ଗ ରାଜନୀତିକୁ ଆସିବା ଦରକାର। ସମାଜର ବିକାଶ ଯୁବକଙ୍କ ବିକାଶ ଉପରେ ନିର୍ଭରଶୀଳ। ଶିକ୍ଷାଗତ ଯୋଗ୍ୟତା, ଆଇଟି ଉପାଦେୟତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟ ରଖି ମୋତେ ମନ୍ତ୍ରୀପଦ ଦିଆଯାଇଛି ବୋଲି ମନେକରୁଛି। ପ୍ରଥମଥର ବିଧାୟକ, ମନ୍ତ୍ରୀ ହେବା ଅନୁଭୂତି ନିଆରା।

**- ତୁଷାରକାନ୍ତି ବେହେରା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ**

# ୫ ଚୋରା ବାଇକ ଜବତ, ଦୁଇ ଗିରଫ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ନୟାପଲ୍ଲୀ ଥାନା ପୋଲିସ ଗାଡ଼ି ଚେକିଂ କରୁଥିବାବେଳେ ବାଇକ ଚୋରି ରାକେଟକୁ ଧରିଛି। ଏହି ର୍‌ୟାକେଟରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ଚୋରା ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହି ଶ୍ରୀରାମ ନଗରରେ ରହୁଥିବା ଜିତେନ୍ଦ୍ର ପ୍ରଧାନ ଓ ଏମ.ଦେବା ରେଡ୍ଡୀ। ପୋଲିସ ସୂଚନା ମୁତାବକ, ମଙ୍ଗଳବାର ରାତିରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ଷ୍ଟିୱାର୍ଟ ଛକରେ ପୋଲିସ ବାଇକ କାଗଜପତ୍ର ଚେକିଂ କରୁଥିଲା। ଜିତେନ୍ଦ୍ର ଓ ଏମ୍. ଦେବା ଓଡି ୦୫ୱାଇ ୬୦୯୩ ନମ୍ବର ବିଶିଷ୍ଟ ବାଇକରେ ଆସୁଥିବାବେଳେ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ମାତ୍ର ସେମାନେ ଗାଡିର କାଗଜପତ୍ର ଦେଖାଇ ପାରି ନ ଥିଲେ। ପୋଲିସର ସନ୍ଦେହ ହେବାରୁ ଉଭୟଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଉଭୟ ଚୋରା ବାଇକ ରାକେଟରେ କାମ କରୁଥିବା ଜଣାପଡିଥିଲା। ପୋଲିସ ସେମାନଙ୍କ ବୟାନ ଆଧାରରେ ସାଲିଆ ସାହିସ୍ଥିତ ଘରେ ଚଢାଉ କରିଥିଲା। ଅଭିଯୁକ୍ତ ଦେବା ଓ ଜିତେନ୍ଦ୍ରଙ୍କ ଘର ପଛପଟେ ପାଲ ଘୋଡାଯାଇ ରହିଥିବା ଆଉ ୪ ବାଇକ ରହିଥିବା ଦେଖିବାକୁ ମିଳିଥିଲା। ଯାଞ୍ଚ ପରେ ସେଗୁଡିକ ଚୋରା ବାଇକ୍ ବୋଲି ଜଣାପଡିବାପରେ ଜବତ କରାଯାଇଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା କରି ପୋଲିସ ଚୋରା ବାଇକ୍ ର୍‌ୟାକେଟ ସମ୍ପର୍କରେ ବହୁ ତଥ୍ୟ ହାସଲ କରିଛି। ସେମାନେ କଟକ ଜିଲା ଆଠଗଡ ଅଞ୍ଚଳରେ ଥିବା ଏକ ବାଇକ ଚୋରି ରାକେଟ ସହ ମିଶି କାମ କରୁଥିବା କହିଛନ୍ତି। ପୋଲିସ ୨୫୫/୧୯ରେ ଏକ ମାମଲା ରୁଜୁକରି ଦୁଇ ଅଭିଯୁକ୍ତ ଜିତେନ୍ଦ୍ର ଓ ଦେବାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ଦର୍ଶକଙ୍କୁ ମତୁଆଲା କଲା କଥକ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

୧୭ତମ ଏକାମ୍ର ନୃତ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ବୁଧବାର ସୂଚନାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସୁରଭି ପକ୍ଷରୁ ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ଗୁରୁ କୁଳମଣି ଦାସଙ୍କ ଦ୍ୱାରା ମଦ୍ଦଳ ଓ ତବଲାର ଏକ ଦ୍ୱୈତ ସଙ୍ଗୀତ ପରିବେଷଣ କରାଯାଇଥିଲା। କୋରାପୁଟର ଅର୍ପିତା ସାମଲ, ନୂଆଦିଲ୍ଲୀସ୍ଥିତ ସିମରନ ଜମାନ ଏକକ ଓଡ଼ିଶୀ ନୃତ୍ୟ, ଜୟନ୍ତ କସ୍ତୁଆରଙ୍କ ଏକକ କଥକ ନୃତ୍ୟ ଏବଂ ସୁରଭି ଅନୁଷ୍ଠାନର ଦଳଗତ ନୃତ୍ୟ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ଶିଳ୍ପୀମାନେ ମଞ୍ଚରେ ପାଶ୍ଚାତ୍ୟ କଳାର ଅନନ୍ୟ ଶୋଭାକୁ ଦର୍ଶକଙ୍କ ନିମିତ୍ତ ପରିବେଷଣ କରିଥିଲେ। ଏହି ଅବସରରେ ଗୁରୁ ଜୟନ୍ତ କସ୍ତୁଆରଙ୍କୁ ଧିରେନ୍ଦ୍ରନାଥ ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୩୧ତାରିଖ ପର୍ଯ୍ୟନ୍ତ ଚାଲିବ।

**ଏକାମ୍ର ନୃତ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**



ସିମରନ ଜମାନଙ୍କ ଏକକ ଓଡ଼ିଶୀ ନୃତ୍ୟ।

# ପୁରୀରେ ମାଗଣା ସ୍ୱାସ୍ଥ୍ୟ ଶିବିର



**ପୁରୀ ଅଫିସ,୨୯।୫**

ବାତ୍ୟା ପରେ ପୁରୀ ସହରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ଲୋକ ବିଭିନ୍ନ ସଂକ୍ରାମକ ରୋଗର ଶିକାର ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେଉଛନ୍ତି। ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଭୁବନେଶ୍ୱରସ୍ଥ ବିଏନ୍‌ଆଇ ଗ୍ରୁପ୍ ଓ ଜଗନ୍ନାଥ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ବୁଧବାର ହୋଟେଲ ଅଭିଷେକ ଇଣ୍ଟରନ୍ୟାଶନାଲ ନିକଟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢେ ୧ଟା ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଇଣ୍ଡିଆନ ମେଡିକାଲ ଆସୋସିଏଶନ ଏବଂ ଇଣ୍ଡିଆନ ପେଡିଆଟ୍ରିକ୍ ଆସୋସିଏଶନ ଓଡ଼ିଶା ରାଜ୍ୟ ଶାଖା ମଧ ସମର୍ଥନ କରିଥିଲେ। ଡା. ବିଶ୍ୱଜିତ ମିଶ୍ର, ଡା. ପ୍ରତାପ ବେହେରା, ଡା. ଜଗଦୀଶ ପ୍ରସାଦ ସାହୁ, ଡା. ବିଭୂଦତ୍ତ ସାହୁ, ଡା. ପରେଶ ପଟ୍ଟନାୟକ, ଡା. ଶୋଭା ଦାଶ, ଡା. ଆରଭିଏସ୍ କୁମାର, ଡା. ନଭନୀତ୍ ଗୁପ୍ତା, ଡା. ନିରଞ୍ଜନ ଦାସ, ଡା. ଦେବଦତ୍ତ ସେନାପତି, ଡା. ସୁବ୍ରତ ମହାନ୍ତି ଶିବିରରେ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ସ୍କାଉଟ୍ ଗାଇଡ୍‌ର ମୁଖ୍ୟ ଆୟୁକ୍ତଙ୍କୁ 'ଏସିଆ ତାରକା' ସମ୍ମାନ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସର ରାଜ୍ୟ ମୁଖ୍ୟ ଆୟୁକ୍ତ ତଥା ଜାତୀୟ ପରିଷଦର ଉପସଭାପତି ଡ. କାଳିପ୍ରସାଦ ମିଶ୍ରଙ୍କୁ 'ଏସିଆ ତାରକା' ସମ୍ମାନ ମିଳିଛି। ଏସିଆ ପାସିଫିକ୍ ଅଞ୍ଚଳରେ ସ୍କାଉଟ୍ ଗାଇଡ୍‌ର ବିକାଶ ଦିଗରେ ତାଙ୍କର ସର୍ବୋତ୍କୃଷ୍ଟ ସାଧନା ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଦିଲ୍ଲୀର କ୍ରିଷ୍ଣା ମେନନ୍ ଭବନରେ ବୁଧବାର ଅନ୍ତର୍ଜାତୀୟ ଆଇନ୍ ଶିକ୍ଷା ଓ ପରିଚାଳନା ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଶିକ୍ଷା, ଅର୍ଥ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଜାତୀୟ ଆଲୋଚନାଚକ୍ର ଅବସରରେ ଡ. ମିଶ୍ରଙ୍କୁ ଏହି ସମ୍ମାନ ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି।



ସୂଚନାଯୋଗ୍ୟ, ୧୯୯୦ରେ ତତ୍କାଳୀନ ରାଷ୍ଟ୍ରପତି ଆର୍. ଭେଙ୍କଟରମଣଙ୍କଠାରୁ ଡ. ମିଶ୍ର ଜାତୀୟସ୍ତରରେ ସ୍କାଉଟ୍ ଓ ଗାଇଡ୍‌ର ସର୍ବୋଚ୍ଚ ପୁରସ୍କାର 'ରଜତ ହସ୍ତୀ' ପାଇଛନ୍ତି। ସେହିଭଳି ୨୦୧୦ରେ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କଠାରୁ ମଧ ସେ ଅଧିସଦସ୍ୟ ସ୍ୱର୍ଣ୍ଣପଦକ ଲାଭ କରିଥିଲେ।

## ଫଟୋରେ ଖବର



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ୩୫ତମ ବାର୍ଷିକ ଉତ୍ସବ 'ନୃତ୍ୟମ୍ବଦା'ରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।




ନରେନ୍ଦ୍ର ମୋଦିଙ୍କ ଶପଥ ଗ୍ରହଣର ଅବ୍ୟବହିତ ପୂର୍ବରୁ ବୁଧବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ଦିଅ ନାହିଁ।
-ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### କଂଗ୍ରେସକୁ ଭୋଟ ଦେବାରୁ ପାଣି ବନ୍ଦ

ଖୋର୍ଦ୍ଧା ଅଫିସ,୨୯।୫:ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅରାଙ୍ଗ ଗାଁରେ ଭୋଟ ଗଣତି ପରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ମୋଟର ଅଚଳ ହୋଇଛି ଦର୍ଶାଇ ପାଣି ବନ୍ଦ କରାଯାଇଛି। କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବାରୁ ପାଣି ବନ୍ଦ କରାଯାଇଥିବା କେତେଜଣ ଲୋକ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ଏପରି କି ଦାୟିତ୍ୱରେ ଥିବା କର୍ମଚାରୀ ରାଜନୀତି କରୁଥିବା ଅଭିଯୋଗ ରହିଛି। ଏ ସମ୍ପର୍କରେ ଟାଙ୍ଗିଆପଡା ସରପଞ୍ଚ କଲ୍ୟାଣ ଦଳେଇ କୁହନ୍ତି ୨୫ ତାରିଖରେ ବୋରିଂ ମୋଟର ଖରାପ ଯୋଗୁ ପାନୀୟଜଳ ଯୋଗାଣ ବନ୍ଦ ରହିଛି। କର୍ମଚାରୀଙ୍କଠାରୁ ସୂଚନା ପାଇବା ପରେ ୨୭ ତାରିଖରେ ମରାମତି କରିବାକୁ ଦିଆଯାଇଛି। ଦିନେ ଦୁଇଦିନ ଭିତରେ ଜଳଯୋଗାଣ ହୋଇଯିବ ବୋଲି କହିଛନ୍ତି । ପାଣି ବନ୍ଦ ନେଇ ରାଜନୀତି ହୋଇଥିବା ଅଭିଯୋଗ ମୁଁ ପାଇନାହିଁ ।

### ପଲଟନ ପଡ଼ିଆରେ ହେବ ଶହୀଦ କୃତ୍ତିବାସଙ୍କ ପ୍ରତିମୂର୍ତ୍ତି

ଖୋର୍ଦ୍ଧା ଅଫିସ,୨୯।୫:ବାଣପୁର ସହର ପଲଟନ ପଡ଼ିଆରେ ଶହୀଦ କୃତ୍ତିବାସ ପାଟ୍ଟଶାଣୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ଚଳିତବର୍ଷ ମୁକ୍ତି ଦିବସ ପାଳନ ଅବସରରେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସ୍ଥାନୀୟ ବ୍ୟକ୍ତିଙ୍କ ସହଯୋଗରେ ପଲଟଣ ପଡିଆରେଠାରେ ସ୍ଥାନ ନିରୂପଣ କରାଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଛନ୍ତି। ବିଧାୟକଙ୍କ ସହ ବୁଧବାର ପଲଟନ ପଡିଆଠାରେ ବ୍ଲକ ଉପାଧକ୍ଷ ଅଜୟ କୁମାର ରାଉଳ, ଏନ୍ଏସି ଉପାଧକ୍ଷ ଦାଶରଥି ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗୋପୀନାଥ ମହାରଣା, ବିକ୍ରମ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବାଣପୁରରେ ପଇକମାନଙ୍କୁ ଏକତ୍ରିତ କରି କୃତ୍ତିବାସ ଇଂରେଜଙ୍କ ବିରୋଧରେ ଲଢେଇ କରିଥିଲେ। ଏପରି କି ୧୮୩୬ ଜୁନରେ ବାଣପୁରକୁ ପ୍ରଥମେ ସ୍ୱାଧୀନତାର ସ୍ୱାଦ ଚଖାଇଥିଲେ। ପରେ କେତେଜଣ ଦେଶଦ୍ରୋହୀ ଇଂରେଜଙ୍କ ସହ ହାତ ମିଳାଇ କୃତ୍ତିବାସଙ୍କୁ ଧରାଇ ଦେଇଥିଲେ। କଳାପାଣିରେ କୃତ୍ତିବାସ ଦଣ୍ଡ ଭୋଗି ପ୍ରାଣବଳୀ ଦେଇଥିଲେ। ତାଙ୍କୁ ମନେ ପକାଇ ପ୍ରତ୍ୟେକ ବର୍ଷ ଜୁନ ୧ ରେ ମୁକ୍ତି ଦିବସ ପାଳନ କରାଯାଉଛି। ହେଲେ ଏହି ବୀର ପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ ତାହା ଶୀତଳଭଣ୍ଡାରରେ ରହୁଥିଲା।

### ରାମଚରିତ ମାନସ ନବାହ୍ନ ପାରାୟଣ



ବୋଲଗଡ଼,୨୯।୫(ଡି.ଏନ୍.ଏ.)-ବୋଲଗଡ଼ ବ୍ଲକ ଅସରଳା ଗ୍ରାମରେ ଅନୁଷ୍ଠିତ ରାମଚରିତ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମର ବୁଧବାର ପୂର୍ଣ୍ଣାହୁତି ହୋଇଛି। ଏଠାରେ ୨୧ବର୍ଷ ଧରି ପ୍ରତିବର୍ଷ ଉତ୍ସବ ଆୟୋଜିତ ହୋଇଆସୁଛି। ସୋମବାର ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରତିଦିନ ସକାଳ ସମୟରେ ସୂର୍ଯ୍ୟପୂଜା ଓ ଗୋପୂଜା ପରେ ପୂର୍ବାହ୍ନ ୯ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ପାରାୟଣ ଅନୁଷ୍ଠିତ ହେଉଥିଲା । ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ, ରାତି ୮ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ହେଉଥିଲା। ପଣ୍ଡିତ କୈଳାସ ଚନ୍ଦ୍ର କର ବ୍ୟାସ ଓ ଧାରକ ଭାବେ ରମେଶ ଚନ୍ଦ୍ର କର ଦାୟିତ୍ୱ ଗ୍ରହଣ କରିଥିଲେ । କର୍ତ୍ତା ଭାବେ ବୈକୁଣ୍ଠ ଚରଣ ମହାପାତ୍ର ଏବଂ ରବି ନାରାୟଣ ବରାଡ ଯୋଗଦେଇଥିଲେ।

### ଶ୍ରୀରାମଲୀଳା ଉତ୍ସବ ଉଦ୍‌ଯାପିତ

ବୋଲଗଡ଼,୨୯।୫(ଡି.ଏନ୍.ଏ.)-ବୋଲଗଡ଼ ବ୍ଲକ ସାନପଦରସ୍ଥିତ କାଳିକା ଦେବୀଙ୍କ ପୀଠରେ ଆୟୋଜିତ ଶ୍ରୀରାମଲୀଳା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମ ୧୪ଦିନ ଧରି ଚାଲିଥିଲା । ପ୍ରତି ସନ୍ଧ୍ୟାରେ ନୃତ୍ୟାଭିନୟ ମାଧମରେ କଳାକାରମାନେ ରାମଲୀଳା ପରିବେଷଣ କରୁଥିଲେ । ସ୍ଥାନୀୟ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା । ବୁଧବାର ଶ୍ରୀରାମ ଚନ୍ଦ୍ରଙ୍କ ରାଜ୍ୟାଭିଷେକ, ଅପରାହ୍ନରେ ନଗର ପରିକ୍ରମା କାର୍ଯ୍ୟକ୍ରମ ଅବସରରେ ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ କରି ଗ୍ରାମ ବୁଲିଥିଲେ। ସନ୍ଧ୍ୟାରେ ଗ୍ରାମର ନୂଆପୋଖରୀରେ ସମସ୍ତେ ଯମୁନା ସ୍ନାନ କରିଥିଲେ ।

# ଗୋରୁ ମଡ଼କ, କାରଣ ଅସ୍ପଷ୍ଟ

■ କପିଳେଶ୍ୱରପୁର ଗାଁରେ ୫ରୁ ଊର୍ଦ୍ଧ୍ୱ ଗୋରୁ ମୃତ, ୬୦ରୁ ଅଧିକ ରୋଗାକ୍ରାନ୍ତ

■ ମୃତ ଗୋରୁଙ୍କୁ ପୋତି ଦିଆଯାଉଛି ଜନବସତି ଅଞ୍ଚଳରେ

ନିରାକାରପୁର,୨୯।୫(ଡି.ଏନ୍.ଏ.)

ଗୋ ସମ୍ପଦର ବିକାଶ ନିମନ୍ତେ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତେବେ ବାତ୍ୟା ପରେ ଗୋ ବଂଶ ବୃଦ୍ଧି ପ୍ରତି ବିପଦ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତି ଗୋପାଳକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବାଲିଗାଁ(କପିଳେଶ୍ୱରପୁର)ଗ୍ରାମରେ ଏବେ ଗୋ ମଡ଼କ ଦେଖିବାକୁ ମିଳିଛି। ୫ରୁ ଊର୍ଦ୍ଧ୍ୱ ଗୋରୁ ଓ ବାଛୁରିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ୬୦ରୁ ଊର୍ଦ୍ଧ୍ୱ ଗୋରୁ ରୋଗାକ୍ରାନ୍ତ ହୋଇଥିବାରୁ ଚିକିତ୍ସା କରାଯାଉଛି। ହେଲେ ଗୋରୁ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମଙ୍ଗଳବାର ଏକ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଟିମ୍ ଗ୍ରାମର ଘରକୁ ଘର ବୁଲି ଗାଈ, ବାଛୁରିଙ୍କ ଚିକିତ୍ସା କରିଥିଲେ। ୫ ଗୋରୁଙ୍କ ଗୋବର ପରୀକ୍ଷା ପରେ ଏମାନେ କୃମିରୋଗରେ ଆକ୍ରାନ୍ତ ହୋଇଥିବା କୁହାଯାଉଛି।

ଏହି ପରିସ୍ଥିତିରେ ଚାଷୀ ବବ୍ରୁବାହନ ଜେନା କୁହନ୍ତି, ମୋର ଗୋଟିଏ ଗାଈ, ୨ଟି ଛଡ଼ା ଓ ଗୋଟିଏ ବାଛୁରି ଅଛି। ମୁଁ କ୍ଷୀର ଓ ଦହି ବିକି ପରିବାର ପୋଷଣ କରେ। ବାତ୍ୟାରେ ଗୋରୁମାନଙ୍କ ପାଇଁ ସରକାରୀ ସାହାଯ୍ୟ ମିଳିନାହିଁ। ଖାଦ୍ୟାଭାବ, ରୌଦ୍ରତାପ ଯୋଗୁ ଗୋରୁମାନଙ୍କ ପତଳା ଝାଡ଼ା ହେଉଛି। ଏ ପରିସ୍ଥିତିରେ କ'ଣ କରିବି ମୋତେ କିଛି ବୁଦ୍ଧି ଦେଖାଯାଉନି। ସେହିପରି ଗାଁର ଶଶାଙ୍କ ଜେନା କହିଥିଲେ, ଆମର ଗୋଟିଏ ଜର୍ସି ବାଛୁରି ଥିଲା। ମୁହଁରୁ ଝାଳ ବାହାରି ଗଳା ଫୁଲିଗଲା। ଏହାର ୪ ରୁ ୫ ଘଣ୍ଟା ପରେ ଛଟପଟ ହୋଇ ବାଛୁରିଟି ମରିଗଲା। ଗାଁର ଗୋବିନ୍ଦ ମହାପାତ୍ର କହିଥିଲେ, ବାତ୍ୟାର ଏତେଦିନ ପରେ ମଧ ଗୋ ଖାଦ୍ୟ ମିଳିନାହିଁ ଏବଂ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଗାଈ ଓ ବାଛୁରି ରହୁଛନ୍ତି। ଗ୍ରାମର ଗୋ ମଡ଼କ ସ୍ଥିତି ଅନୁଧ୍ୟାନ ନିମନ୍ତେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଗାଡ଼ିରେ ଆସିଥିବା ମେଡିକାଲ ଟିମ୍‌ର ପ୍ରାଣୀ ଚିକିତ୍ସକ ଦୀପ୍ତି ପଟ୍ଟନାୟକ କହିଥିଲେ, ଆମେ ଖବରପାଇ ଗ୍ରାମରେ ପହଞ୍ଚି ୬୦ ଗୋରୁଙ୍କ ଚିକିତ୍ସା ବ୍ୟବସ୍ଥା କରିଛୁ। ଭୋକ ଓ ହଜମ ପାଇଁ ମଲ୍‌ଟି ଭିଟାମିନ୍ ପାଉଡର ଦେଇଛୁ। ଝାଡା, କାଶ ଓ ଥଣ୍ଡା ପାଇଁ ଔଷଧ ବଣ୍ଟନ କରାଯାଇଛି। ପ୍ରାଣୀ ଚିକିତ୍ସକ ଭକ୍ତ ଚରଣ ଦଳେଇ କହିଥିଲେ ଯେ, ଆମେ ୭ ଦିନ ପୂର୍ବରୁ ଗାଁରେ ପହଞ୍ଚି ବଜବଜିଆ ରୋଗର ଭାକ୍ସିନ ଏବଂ କୃମିନାଶକ ଔଷଧ ଦେଇଛୁ। ତେବେ କେତେକ ଔଷଧ ଯୋଗାଣ ନ ଥିବାରୁ ଗୋରୁମାନଙ୍କ ରକ୍ତ ନମୁନା ସଂଗ୍ରହ କରିପାରିନୁ। ଅତିଶୀଘ୍ର ରକ୍ତ ନମୁନା ସଂଗ୍ରହ କରି ଫୁଲନଖରାଠାରେ ଥିବା ପ୍ରାଣୀ ରୋଗ ଗବେଷଣା କେନ୍ଦ୍ରକୁ ପଠାଯିବା ପରେ କେଉଁ କାରଣରୁ ଏବଂ କି ପ୍ରକାର ରୋଗ ହେଉଛି ତାହା ଜାଣି ଚିକିତ୍ସା କରାଯିବ। ବିଭିନ୍ନ କାରଣରୁ ପ୍ରାୟ ୮ ରୁ ୯ ମାସର ଗୋରୁଙ୍କ ମୃତ୍ୟୁ ହୋଇଥିବା ନେଇ ସେ ସୂଚନା ଦେଇଥିଲେ।



ଗୋରୁଙ୍କର ଚିକିତ୍ସା ଚିକିତ୍ସକମାନେ କରୁଛନ୍ତି ।

■ ଅତିରିକ୍ତ ତହସିଲଦାରଙ୍କୁ ଚାପୁଡ଼ା ମାରିବା ଘଟଣା

# ବିଡିଓଙ୍କ ନାଁରେ ଥାନାରେ ଅଭିଯୋଗ

ବାଲକାଟୀ,୨୯।୫(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଏକ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଜଣେ ଅଧସ୍ତନ କର୍ମଚାରୀଙ୍କୁ ଚାପୁଡା ମାରିବା ଘଟଣା ମହଙ୍ଗା ପଡିଛି। ଏହି ଘଟଣା ଉପଜିଲାପାଳଙ୍କ ଦ୍ୱାରା ଅପୋସ ବୁଝାମଣା ହୋଇଥିବା ସତ୍ତ୍ୱେ ତାହା ଫେଲ ମାରିଛି। ଫଳରେ ଉକ୍ତ କର୍ମଚାରୀ ଜଣକ ବିଡିଓଙ୍କ ନାମରେ ବାଲିଅନ୍ତା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ସୋମବାର ସନ୍ଧ୍ୟା ସୁଦ୍ଧା ଫନୀଜନିତ ରିପୋର୍ଟ ଜିଲାପାଳଙ୍କୁ ଦେବା ପାଇଁ ଉକ୍ତ ବ୍ଲକ କର୍ମଚାରୀଙ୍କ ମଧ୍ୟରେ ପ୍ରସ୍ତୁତି ଚାଲିଥାଏ। ରିପୋର୍ଟକୁ କମ୍ପ୍ୟୁଟରରେ ସମୀକ୍ଷା କରିବା ପାଇଁ ବିଡିଓ, ଅତିରିକ୍ତ ତହସିଲଦାର, ଏବିଡିଓ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର ମଧ ଉପସ୍ଥିତ ଥିଲେ। ଉକ୍ତ ରିପୋର୍ଟ ଆଲୋଚନାକୁ ନେଇ ବିଡିଓ ଓ ଅତିରିକ୍ତ ତହସିଲଦାରଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବିଡିଓ ଉତ୍ତ୍ୟକ୍ତ ହୋଇ ସର୍ବସମ୍ମୁଖରେ ଅତିରିକ୍ତ ତହସିଲଦାରଙ୍କୁ ଚାପୁଡା ମାରିଥିଲେ। ଫଳରେ ଅତିରିକ୍ତ ତହସିଲଦାର ଥାନାରେ ଏତଲା ଦେବାକୁ ଅଡି ବସିବାରୁ ଅନ୍ୟ କର୍ମଚାରୀମାନେ ବୁଝାଶୁଝା କରି ଅଟକାଇଥିଲେ। ପରେ ଉପଜିଲାପାଳଙ୍କ ଦ୍ୱାରା ଘଟଣା ସମାଧାନ ହୋଇଥିଲା। ମାତ୍ର ଏଥିରେ ଅତିରିକ୍ତ ତହସିଲଦାର ଅସନ୍ତୁଷ୍ଟ ବ୍ୟକ୍ତ କରି ଥାନାରେ ଅଭିଯୋଗ କରିଥିଲେ। ଏପରିକି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭୁବନେଶ୍ୱର ଡିସିପିଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ। ଅପରପକ୍ଷେ ଏହି ଘଟଣାର ବାଲିଅନ୍ତା ଥାନାରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପ୍ରଦୀପ କୁମାର ରାଉତ କହୁଥିବାବେଳେ ମାମଲା ନଂ ମାଗିବାରୁ, ସେ ଏକ ମିଟିଂରେ ଅଛନ୍ତି ବୋଲି ପୂର୍ବାହ୍ନ ୯ଟା ୪୦ରେ କହିଥିଲେ। ପୁଣି ଅପରାହ୍ନ ୫ଟାରେ ପଚାରିବାରୁ ଷ୍ଟାପ ମିଟିଂରେ ଅଛି, ରାତି ୭ଟାରେ ଫୋନ କରିବାକୁ କହିଥିଲେ। ପୁଣି ରାତିରେ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ତଦନ୍ତ ଚାଲୁଛି କାଲି କହିବି କହି ଫୋନ ରଖିଦେଇଥିଲେ। ଏହି ମାମଲାରେ ପୋଲିସର ଭୂମିକାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

■ ବହୁ ପ୍ରତୀକ୍ଷିତ ଜଟଣୀ ଫ୍ଲାଏ ଓଭର

# ବ୍ରିଜ୍ କାମ ଆରମ୍ଭ ପାଇଁ ବିଧାୟକଙ୍କ ପୂଜାର୍ଚ୍ଚନା

ଜଟଣୀ,୨୯।୫(ଡି.ଏନ.ଏ.):

ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ଜଟଣୀ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ପୁଣି ଆରମ୍ଭ କରିବାକୁ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ଉଦ୍ୟମ ଆରମ୍ଭ କରିଛନ୍ତି । ଏଥିପାଇଁ ସମର୍ଥକଙ୍କ ଗହଣରେ ବୁଧବାର ଅଧାପନ୍ତରିଆ ଭାବେ ପଡ଼ିଥିବା ବ୍ରିଜ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ଖୋର୍ଦ୍ଧା ଆର୍‌ଆଣ୍ଡବିର ଏସ୍‌ଡିଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ମଧ ଉପସ୍ଥିତ ରହିଥିଲେ। ଏ ନେଇ ବିଧାୟକ ସୁର କୁହନ୍ତି, ଯେଉଁମାନେ ବ୍ରିଜ ନିର୍ମାଣରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ବିରୋଧ କରାଯିବା ସହ କଡ଼ା ଜବାବ ଦିଆଯିବ। ଶୀଘ୍ର କିପରି ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ସେଥିପାଇଁ ପ୍ରାଥମିକତା ଦିଆଯିବ। ଦାୟିତ୍ୱରେ ଥିବା ବିଭାଗକୁ ସହଯୋଗ କରାଯିବ। ଏହାସହ ବ୍ରିଜ ପାଇଁ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଥଇଥାନ କରାଯିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଟାଉନ୍ କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, କଂଗ୍ରେସ ନେତା ପ୍ରମୋଦ ହରିଚନ୍ଦନ, ବିଜୟ ଛୋଟରାୟ, ପୂର୍ବତନ କାଉନ୍‌ସିଲର ଲୁସେନ୍ ରାୟ, ଅନନ୍ତ ବେହେରା, ଜଟାଧାରୀ ପ୍ରଧାନ, କୃଷ୍ଣଚନ୍ଦ୍ର ନାୟକ, ଶୁଭେନ୍ଦୁ ପରିଜା, ବିଷ୍ଣୁ ସାହୁ, ଜିଲା କଂଗ୍ରେସ ଓବିସି ସେଲ୍ ସଭାପତି କଳିଙ୍ଗ ସାହୁଙ୍କ ସମେତ ଲକ୍ଷ୍ମୀଧର ବିଶ୍ୱାଳ, ବୃନ୍ଦାବନ ସାହୁ, ରାଜ୍ୟ ଛାତ୍ର କଂଗ୍ରେସ ସଂଯୋଜକ ସମ୍ବିତ ମଙ୍ଗରାଜ, ଗତିଶ୍ୱର ବେହେରା ଓ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ ।



ବ୍ରିଜ କାମ ଲାଗି ପୂଜାର୍ଚ୍ଚନା ଚାଲିଛି ।

ଖୋର୍ଦ୍ଧା-ପିପିଲି ମୁଖ୍ୟରାସ୍ତାର ଜଟଣୀ ସୀତାରାମଛକ ନିକଟରେ ରହିଛି ଅଣଓସାରିଆ ଅଣ୍ଡରଗ୍ରାଉଣ୍ଡ। ଏହି ଅଣ୍ଡରଗ୍ରାଉଣ୍ଡ ଯୋଗୁ ଦୀର୍ଘବର୍ଷ ହେବ ଜଟଣୀ ସମେତ ବାହାର ଅଞ୍ଚଳ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଏଠାରେ ଅନେକ ସମୟରେ ପାଣି ଜମି ରହି ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କପଥ ଘଣ୍ଟା ଘଣ୍ଟା ଧରି ବିଚ୍ଛିନ୍ନ ହୋଇପଡ଼ିଥାଏ। ଅନେକ ସମୟରେ ଏଠାରେ ଦୁର୍ଘଟଣା ଘଟି ଜୀବନହାନି ମଧ ହେଉଛି। ଏଣୁ ଅଣ୍ଡରଗ୍ରାଉଣ୍ଡ ଉପରେ ବ୍ରିଜ ନିର୍ମାଣ ପାଇଁ ଦୀର୍ଘ ୪୦ ବର୍ଷ ହେବ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ଶେଷରେ ୨୦୧୩ରେ ଏଠାରେ ବ୍ରିଜ୍ ନିର୍ମାଣ ପାଇଁ ରାଜ୍ୟ ସରକାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଥିପାଇଁ ସେତେବେଳେ ୫୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। କାର୍ଯ୍ୟ ଯେତେ ବିଳମ୍ବ ହେଉଛି ବ୍ୟୟ ଅଟକଳ ମଧ ବୃଦ୍ଧି ପାଉଛି। ହେଲେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ଓ ଅନ୍ୟାନ୍ୟ କାରଣରୁ ଏହା ବିବାଦୀୟ ହୋଇପଡ଼ି ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ହୋଇରହିଛି। ଶେଷରେ ଏହାର ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ପଣ୍ଡା ଇନ୍‌ଫ୍ରା ପ୍ରୋଜେକ୍ଟକୁ ଏଥିରୁ ସରକାର ହଟେଇ ଦେଇଥିଲେ। ଏପରି ବାଦ ବିବାଦ ଭିତରେ ଜଟଣୀ ଜନସାଧାରଣ ହିଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ଅଧାପନ୍ତରିଆ ଭାବେ ପଡି ରହିଥିବା ବ୍ରିଜ ଯୋଗୁ ପୂର୍ବ ଅସୁବିଧାଠାରୁ ଏହା ବଳିଯାଇଛି। ଏ ନେଇ ଆରଆଣ୍ଡବି ଏସ୍‌ଡିଓ ପୂର୍ଣ୍ଣଚନ୍ଦ୍ର କୁହନ୍ତି, ପୂର୍ବ ଠିକା ସଂସ୍ଥାକୁ ହଟାଯିବା ପରେ ବିରଜା କନ୍‌ଷ୍ଟ୍ରକ୍‌ଶନ୍ ନାମକ ନୂତନ ଠିକାସଂସ୍ଥାକୁ ଏହାର ବଳକା କାର୍ଯ୍ୟ କରିବାକୁ ଚୁକ୍ତିନାମା ହୋଇଛି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଅବଧି ଦେଢ଼ବର୍ଷ ରହିଛି। ତେବେ ଏହା ପୂର୍ବରୁ କାର୍ଯ୍ୟ ସାରିବାକୁ ଉଦ୍ୟମ କରାଯିବ।

## ଚୋରି ପିକ୍‌ଅପ୍ ଭ୍ୟାନ୍ ଜବତ, ୨ ଗିରଫ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)–

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପ୍ରାଚୀବିହାର ଅଞ୍ଚଳରୁ ଚୋରି ବୋଲେରୋ ପିକ୍‌ଅପ୍ ଭ୍ୟାନକୁ ପୋଲିସ ବୁଧବାର କଟକ ମଗୁଳି ଛକରୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଟକ ଜିଲା ଜଗତପୁର ପୀରବଜାର ଅଞ୍ଚଳର ଡ୍ରାଇଭର ଜବାହର ଖାନ୍ ଓ ସହଯୋଗୀ ଟାଙ୍ଗୀ ଅଞ୍ଚଳର ଅନ୍ତର୍ଯ୍ୟାମୀ ଦାସ। ପୋଲିସ ସୂଚନାନୁସାରେ, ୧୦ ତାରିଖ ରାତିରେ ପଳାଶୁଣୀ ପ୍ରାଚୀବିହାର ଅଞ୍ଚଳରେ ରହୁଥିବା ପ୍ରମୋଦ କୁମାର ବାରିକଙ୍କ ଘର ଆଗରୁ ଏକ ବୋଲେରୋ ପିକଅପ ଭ୍ୟାନ (ନଂ. ଓଡି୦୨ଭି୬୫୪୩) ଚୋରି ହୋଇଯାଇଥିଲା। ଅଭିଯୋଗ ପରେ ପୋଲିସ ୧୯୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଚୋରି ଗାଡ଼ି ସଂକ୍ରାନ୍ତରେ ଖବର ପାଇ ବୁଧବାର ସକାଳ ସାଢେ ୭ଟାରେ ପୋଲିସ ଟିମ୍ ମଗୁଳି ଛକ ନିକଟରେ ଚଢ଼ାଉ କରି ତାହାକୁ ଠାବ କରିଥିଲା। ଯାଞ୍ଚ ଓ ଗିରଫ ଡ୍ରାଇଭର ଜବାହର ଓ ହେଲ୍‌ପର ଅନ୍ତର୍ଯ୍ୟାମୀଙ୍କୁ ପଚରାଉଚରା ପରେ ଚୋରି ସମ୍ପର୍କରେ ଜଣାପଡିଥିଲା। ସେମାନେ ଗାଡ଼ି ଚୋରି ପରେ ଜଗତପୁର ଅଞ୍ଚଳରେ ଥିବା ଏକ ଗ୍ୟାରେଜରେ ଚେସିସ୍, ଇଞ୍ଜିନ ଓ ଗାଡି ନମ୍ବର ବଦଳାଇଥିଲେ। ବାଲେଶ୍ୱରରେ ନୂଆ ରେଜିଷ୍ଟ୍ରେଶନ କରିବାକୁ ନେଉଥିଲେ। ତେବେ ତାଳଚେର ଅଞ୍ଚଳରେ ରହୁଥିବା ପପୁ ଖାନ୍ ନାମକ ଯୁବକ ତାଙ୍କୁ ଉକ୍ତ ଚୋରା ପିକ୍‌ଅପ ବିକ୍ରି କରିଥିବା ସେମାନେ ପୋଲିସକୁ କହିଛନ୍ତି। ପୋଲିସ ସେମାନଙ୍କୁ ପଚରାଉଚରା ପରେ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

■ ବେଆଇନ ମଦ କାରବାର ରୋକିବାକୁ ତାତିଲେ ମହିଳା

# ପୋଲିସ ବଦଳରେ ମହିଳାଙ୍କ ଚଢ଼ାଉ



ମହିଳାମାନେ ମଦ ବିରୋଧରେ ଗାଁକୁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି ।

ବେଗୁନିଆ,୨୯।୫ (ଡି.ଏନ.ଏ.)

ସାମାଜିକ ଚଳଣିରେ ଦେଖା ଦେଇଥିବା ପାରିବାରିକ ବିଶୃଙ୍ଖଳା ସୃଷ୍ଟି ପାଇଁ ନିଶା ଦ୍ରବ୍ୟ ସେବନ ହିଁ ପ୍ରମୁଖ କାରଣ ଅଟେ। ତେବେ ଏହି ବେଆଇନ ମଦ କାରବାରକୁ ରୋକ୍ ନ ଲଗାଇଲେ ଆମ ସୁନ୍ଦର ଘର ସଂସାର ଉଜୁଡିଯିବ ବୋଲି ଗାଁ ଗହଳିରେ ମହିଳାମାନଙ୍କ ପକ୍ଷରୁ ଆଭାଷ ମିଳୁଛି। ଏ ନେଇ ମଧ କେତେକ ସ୍ଥାନରେ ମହିଳାମାନେ ନିଶା ଦ୍ରବ୍ୟ କାରବାରକୁ ରୋକିବା ପାଇଁ ଆଗକୁ ବାହାରିଛନ୍ତି। ହାତଗୁଞ୍ଜା ନେଇ ଯାହା ଅବକାରୀ ବିଭାଗ କରି ନ ପାରୁଛି ତାହା ଆମେ କରି ଦେଖାଇବୁ ବୋଲ ମହିଳାମାନେ ସଙ୍କଳ୍ପ ନେଲେଣି। ଏହି ପରିପ୍ରେକ୍ଷୀରେ ବେଗୁନିଆ ଥାନା କଣ୍ଟାବାଡ ଗ୍ରାମରେ ମହିଳାମାନେ ଗତ ୩ ଦିନ ହେଲା ଜାଗ୍ରତ ହୋଇଥିବା ଦେଖିବାକୁ ମିଳିଛି। ପ୍ରଥମେ ମଦ ବିରୋଧୀ ସଚେତନ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ଗତ ୨ ରାତିରେ ୨ ଜଣ ମଦ କାରବାର କରୁଥିବା ବେପାରୀଙ୍କୁଧରିପୋଲିସ ଜିମା ଦେଇଛନ୍ତି। ତେବେ ପୋଲିସ ସେମାନଙ୍କୁ ଜେରା କରୁଛି ବୋଲି କହି ଘଟଣାକୁ ଲୋକଲୋଚନକୁ ଆଣି ନାହିଁ। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳରେ ଚୋରା ବେପାରୀ ଏବଂ ସେବନ କରୁଥିବା ଯୁବପିଢିମାନଙ୍କ ମହଲରେ ଭୟ ସଞ୍ଚାର ହୋଇଛି। ତେବେ କିଛିଦିନ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ମାଦକ ଦ୍ରବ୍ୟ ବେପାର ପ୍ରାୟତଃ ବନ୍ଦ ହୋଇଗଲାଣି ବୋଲି ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ସଫେଇ ଦିଆଯାଇଥିଲା। ହେଲେ କଣ୍ଟାବାଡ ଅଞ୍ଚଳରେ ଯଦି ମାଦକ ଦ୍ରବ୍ୟ ବେପାର ଭୂସ୍ୱର୍ଗ ପାଲଟିଛି ତାହା ହେଲେ ଥାନା ଅଧୀନ ଅଞ୍ଚଳରେ କିଭଳି ଭାବେ ଏହି ବେପାରୀ ସାମ୍ରାଜ୍ୟ ବିସ୍ତାର କରୁଥିବେ ବୁଦ୍ଧିଜୀବୀମାନଙ୍କ ମହଲରେ ପ୍ରଶ୍ନ ଉଠିଛି। ହେଲେ ବେଗୁନିଆ ଥାନା ଅଞ୍ଚଳରେ ସାମ୍ରାଜ୍ୟ ବିସ୍ତାର କରିଥିବା ବେଆଇନ ମଦ ବେପାରୀଙ୍କୁ କେବେ ଅଙ୍କୁଶ ଲଗାଇବ ତାହା ସାଧାରଣରେ ଚର୍ଚ୍ଚା ଜୋର ହେଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ବେଆଇନ ମଦ କାରବାରକୁ ରୋକିବା ପାଇଁ ଟିମ୍ ଗଠନ କରାଯାଇଛି।

# ଧର୍ମଚର୍ଚ୍ଚା, କବାଲିରେ ଉତ୍ସବ ମୁଖର

ଖୋର୍ଦ୍ଧା ଅଫିସ,୨୯।୫

ରମଜାନ ମାସର ୨୩ ତମ ଦିବସ ବୁଧବାର କାଇପଦରସ୍ଥିତ ସର୍ବଧର୍ମ ସମନ୍ୱୟ ପୀଠ ପୀର ବାବା ବୋଖାରୀଙ୍କ ପୀଠରେ ବୋଖାରୀ ବାବାଙ୍କ ଉର୍ସ ଉତ୍ସବ(ଜନ୍ମ) ଆରମ୍ଭ ହୋଇଛି। ଏହା ୨୪ତମ ଦିବସରେ ଶେଷ ହେବ। ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ବିଭିନ୍ନ ସମ୍ପ୍ରଦାୟର ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ବାବାଙ୍କ ଦର୍ଶନ କରିଛନ୍ତି। ଧର୍ମଚର୍ଚ୍ଚା ଓ କବାଲିରେ ପୀଠ ଉତ୍ସବ ମୁଖର ହୋଇଉଠିଛି। ଏ ଅବସରରେ ବୁଧବାର ସନ୍ଧ୍ୟା ୬ଟା ୧୫ମିନିଟ୍‌ରେ ଇଫତାର ହୋଇଥିଲା। ପରେ ଭକ୍ତମାନେ ନମାଜ ପାଠ କରିଥିଲେ। ଏହାପରେ ରୋଜା(ଉପବାସ) ରଖିଥିବା ଭକ୍ତ ଲଙ୍ଗର(ପ୍ରସାଦ) ସେବନ କରିଥିଲେ। ୮ଟା ବେଳେ ଆଜାନ୍ ହୋଇଥିଲା। ପ୍ରାୟ ୨ଘଣ୍ଟା ଧରି ନମାଜ ପାଠ କରାଯାଇଥିଲା। ତେବେ ରାତି ୮ଟାରୁ ଧର୍ମଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବାର୍ଷିକ ଉର୍ସ ଉତ୍ସବରେ ବାବାଙ୍କ ସ୍ନାନ, ଚାନ୍ଦୁଆ ଚଢ଼ା, ଧୂପ ଓ ପୂଜାର୍ଚ୍ଚନା ରାତି ୨ଟା୪୫ମିନିଟ୍ ସୁଦ୍ଧା ଧର୍ମଚର୍ଚ୍ଚା ଲାଗି ରହିବ। ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର, କଟକ, ଭୁବନେଶ୍ୱର ଆଦି ରାଜ୍ୟ ତଥା ବିହାର, କର୍ନାଟକ, ଦିଲ୍ଲୀ ପ୍ରଭୃତି ରାଜ୍ୟ ବାହାରୁ ଆସିଥିବା ଭକ୍ତମାନେ ଠାକୁରଙ୍କ ଦର୍ଶନ କରିଥିଲେ।



ବୋଖାରୀ ବାବାଙ୍କ ଉର୍ସ ଉତ୍ସବରେ ଯୋଗ ଦେଇଥିବା ଶ୍ରଦ୍ଧାଳୁମାନେ ।

■ ୫ ଆନ୍ତଃଜିଲା ଡକାୟତ ଜେଲଗଲେ

# ତଦନ୍ତ ଲାଗି ରିମାଣ୍ଡରେ ଅଣାଯିବ

ଖୋର୍ଦ୍ଧା ଅଫିସ,୨୯।୫

ଖୋର୍ଦ୍ଧା ଜିଲାର ବେଗୁନିଆ ଥାନା ପୋଲିସ ୫ ଜଣ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବେଗୁନିଆ ଥାନା ଗୋଡା ଗାଁର ପିଣ୍ଟୁ ମାଝି(୨୨), ଖୋର୍ଦ୍ଧା ସଦର ଥାନା କାଇପଦର ଗାଁର ଉମେଶ ସାହୁ(୨୩), ନୟାଗଡ ଜିଲା ଖଣ୍ଡପଡା ଥାନା ବଣବାଣପୁର ଗାଁର ସୁବ୍ରତ କୁମାର ପ୍ରଧାନ ଓରଫ ଗମ୍ଭା(୨୮), ପୀତାମ୍ବର ପ୍ରଧାନ ଓରଫ ବରିଆ(୩୫), ମିଥୁନ ବେହେରା(୨୩)। ସେମାନଙ୍କର ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଖୋର୍ଦ୍ଧା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଖୋର୍ଦ୍ଧା ଡିଏସ୍‌ପି ଓମ ପ୍ରକାଶ ପାତ୍ର ଓ ବେଗୁନିଆ ଥାନା ଆଇଆଇସି ରଶ୍ମୀ ରଞ୍ଜନ ସାହୁଙ୍କ ସୂଚନା ଅନୁସାରେ, ଗୋଡା ଗାଁର ପିଣ୍ଟୁଙ୍କର ସହଯୋଗୀ ଥିଲେ କାଇପଦର ଗାଁର ଉମେଶ। ଉଭୟ ଅପରାଧୀ ବେଗୁନିଆ, ବୋଲଗଡ, ଜଙ୍କିଆ, ଖୋର୍ଦ୍ଧା, କଟକ ଜିଲାର ବାଙ୍କୀ ଓ ନୟାଗଡ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ବୋମାମାଡ, ଗୁଳିକାଣ୍ଡ, ବ୍ୟାଙ୍କ ଲୁଟ୍, ଏଟିଏମ୍ ଗାଡିକୁ ବୋମାମାଡ କରି ୯୪ ହଜାର ଟଙ୍କା ଲୁଟ୍, ଖଣି ଅଞ୍ଚଳରେ ଜେସିବି ଗାଡି ପୋଡି, ହତ୍ୟା ଉଦ୍ୟମ, ଗୁଳି କରିବା ପରି ଅପରାଧ ଘଟାଇ ପୋଲିସର ନିଦ ହଜାଇ ଦେଇଥିଲେ। ସେହିପରି ବଲାଙ୍ଗୀର ଜିଲାରେ ଏମାନଙ୍କର ଆପରାଧିକ ସ୍ଥଳ ମଧ ରହିଛି। ଏଭଳିସ୍ଥଳେ କିଛି ନୂଆ ଅପରାଧ ଘଟାଇବାକୁ ଗତ ୧୮ ତାରିଖ ଶନିବାର ବେଗୁନିଆ ଥାନାର କାଳଚୁଆ ପାହାଡରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ପୋଲିସକୁ ଦେଖି ଅପରାଧୀ ଦ୍ୱୟ ଗୁଳି ଚାଳନା କରି ଖସିଯିବାକୁ ଚେଷ୍ଟା କରିଥିଲେ। ଅପରାଧୀଙ୍କ ଗୁଳିମାଡରେ ବେଗୁନିଆ ଥାନା ଆଇଆଇସି ଆହତ ହୋଇଥିଲେ। ହେଲେ ପୋଲିସ ପାଲଟା ଜବାବ ଦେଇ ଅନୁରୂପ ଗୁଳି ଚାଳନା କରି ଏନ୍‌କାଉଣ୍ଟର କରିଥିଲା। ଏହି ସମୟରେ ସେକେଣ୍ଡ ଅଫିସର ବିଜୟ ମଲ୍ଲିକ ଦୁଇ ଅପରାଧୀଙ୍କ ଗୋଡକୁ ଗୁଳି କରି କାବୁ କରିବାରେ ସକ୍ଷମ ହୋଇଥିଲେ। ଉଭୟଙ୍କର ଡାହାଣ ଗୋଡର ଆଣ୍ଠୁ ତଳକୁ ଗୁଳି ବାଜିଥିଲା। ଚିକିତ୍ସାରତ ସମୟରେ ଦୁଇ ଡକାୟତଙ୍କୁ ପଚରାଉଚୁରା ସମୟରେ ପିଣ୍ଟୁଙ୍କ ଗ୍ୟାଙ୍ଗରେ ୮ରୁ ଊର୍ଦ୍ଧ୍ୱ ସାମିଲ ଥିବା ଜଣାପଡିଥିଲା। ତେବେ ମୋବାଇଲ ଟ୍ରାକିଂ କରି ବେଗୁନିଆ ଥାନା ପୋଲିସ ସୁବ୍ରତ, ପୀତାମ୍ବର ଓ ମିଥୁନଙ୍କୁ ମଙ୍ଗଳବାର ଧଳାପଥରଠାରୁ ଗିରଫ କରିଥିଲା। ଏହି ୩ ଜଣ ଅପରାଧୀ କଟକ ଜିଲାର କଳାପଥରରେ ଘରଭଡା କରି ରହୁଥିଲେ। ଏହି ୫ ଡକାୟତଙ୍କୁ ରିମାଣ୍ଡରେ ଅଣାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯିବ ବୋଲି କୁହାଯାଇଛି।

ଅପରପକ୍ଷେ ଏପ୍ରିଲ୍ ୭ ଓ ୯ ତାରିଖରେ କାଳଚୁଆ ମୁଣ୍ଡିଆରେ ବୋମାମାଡ ଓ ଜେସିବି ପୋଡି, ୧୨ ତାରିଖରେ ଏଟିଏମ୍ ଗାଡିକୁ ବୋମାମାଡ କରି ୯୪ ହଜାର ୩୦୯ ଟଙ୍କା ଲୁଟି ନେଇଥିଲେ। ଏହିପରି ବିଭିନ୍ନ ଅପରାଧରେ ୫ ଡକାୟତ ଜଡିତ ଥିଲେ। ଅପରାଧୀମାନଙ୍କୁ ଗିରଫ ଲାଗି ଏସ୍‌ପି ଅମୂଲ୍ୟ ଦାସଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ହୋଇଥିଲା। ପିଣ୍ଟୁ ଓ ଉମେଶଙ୍କଠାରୁ ଗୋଟିଏ ମାଉଜର, ୨ ଗୁଳି, ୨ ମୋବାଇଲ ଫୋନ, ୨ଟି ବାଇକ୍ ଜବତ ହୋଇଥିଲା। ପିଣ୍ଟୁ ଓ ଉମେଶଙ୍କ ନାଁରେ କଟକ, ଖୋର୍ଦ୍ଧା, ନୟାଗଡ ଜିଲାର ବିଭିନ୍ନ ଥାନାରେ ୧୪ଟି ମକଦ୍ଦମା ରହିଛି। ସେହିପରି ସୁବ୍ରତ, ପୀତାମ୍ବର ଓ ମିଥୁନ୍‌ଙ୍କ ଠାରୁ ୩ଟି ମୋବାଇଲ ଫୋନ, ଆଧାରକାର୍ଡ, ପାନ କାର୍ଡ ଜବତ ହୋଇଛି। ସେହିଭଳି ସୁବ୍ରତ ଓ ପୀତାମ୍ବରଙ୍କ ନାଁରେ ବିଭିନ୍ନ ଥାନାରେ ୪ଟି ମାମଲା ରହିଛି। ତେବେ ଏଟିଏମ୍ ଗାଡିକୁ ବୋମାମାଡ କରି ଲୁଟ୍ ଘଟଣାରେ ଟଙ୍କା ଜବତ ହୋଇପାରିନାହିଁ। ଡକାୟତମାନେ ଏହି ଟଙ୍କାରେ ବାଇକ୍ କିଣି ଦେଇଛନ୍ତି। ଏହି ୫ ଅଭିଯୁକ୍ତଙ୍କ ନାଁରେ ବେଗୁନିଆ ଥାନାରେ ନଂ. ୫୮/୧୯, ୫୯/୧୯ ଓ ୭୪/୧୯ରେ ମାମଲା ରୁଜୁ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି।





ଗିରଫ ୫ ଡକାୟତ ।

ମୋ ଅନୁଭୂତି

# ଉତ୍ସାହିତ କରେ ପ୍ରଶଂସକଙ୍କ ଭଲପାଇବା



ଗତବର୍ଷ ଜୁନ ମାସରେ ରାଜସ୍ଥାନରେ ଓଡ଼ିଆ ଚଳଚ୍ଚିତ୍ର 'ଲୋକାଲ ଟୋକା ଲଭ ଚୋଖା'ର ଶୁଟିଂ ହେଉଥାଏ। ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିବା ଏହି ଚଳଚ୍ଚିତ୍ରରେ ରାଜସ୍ଥାନରେ ମୋଟ ୬ ଦିନର ଶୁଟିଂ ଦିନ ଧାର୍ଯ୍ୟ ହୋଇଥିଲା। ଭୋର ୫ଟାରୁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଥାଏ। ଏଣୁ ଭୋର ୩ଟାରୁ ଉଠିବାକୁ ପଡ଼େ। ପ୍ରସ୍ତୁତ ହୋଇ ଗାଡ଼ିରେ ବସି ଶୁଟିଂ ଅଞ୍ଚଳକୁ ଯାଉ। ହେଲେ ସେଠାରେ ଖରା, ଗରମ ଓ ଖାଇବା ପିଇବାରେ ଯେଉଁ ଅସୁବିଧା ହୋଇଥିଲା ତାହା କେବେ ଭୁଲି ପାରିବିନି ବୋଲି ଅଭିନେତ୍ରୀ ସନମୀରା ନାଗେଶ କହିଛନ୍ତି। ପ୍ରଥମତଃ ସେଠାକାର ଖାଦ୍ୟ ଆମ ପାଇଁ ରୁଚିକର ହୋଇ ପାରି ନ ଥିଲା। ଏହାଛଡ଼ା ଦିନ ସମୟରେ ଯେଉଁ ଖରା ହୁଏ ସେଥିରେ ବାହାରକୁ ବାହାରିବା ସମ୍ଭବ ହେଉ ନ ଥାଏ। ସେଠାରେ ଥିବା ଏକ ସ୍ଥାନ ମାର୍ବଲ ଡମ୍ପିଂ ୟାର୍ଡରେ ଗୋଟିଏ ଗୀତର ଶୁଟିଂ ଥାଏ। ଖରା ଓ ମାର୍ବଲର ପ୍ରତିଫଳନ ଯୋଗୁ ଚଷମା ପିନ୍ଧାଇ ଶୁଟିଂ ଶେଷ କରାଯାଇଥିଲା। ଏହା ଥିଲା ସନମୀରାଙ୍କ ଶୁଟି ଅନୁଭୂତି। ହେଲେ ପ୍ରଶଂସକଙ୍କୁ ନେଇ ତାଙ୍କର ରହିଛି ଏକ ଅଲଗା ଅନୁଭୂତି। ଏ ସମ୍ପର୍କରେ ସେ କହିଥିଲେ ଯେ, ଜଣେ ପ୍ରଶଂସକ ଏମିତି କିଛି କାର୍ଯ୍ୟ କରିଥିଲେ ଯାହା ତାଙ୍କ ଆଖିରେ ଖୁସିର ଲୁହ ଝରାଇ ଦେଇଥିଲା। କାରଣ ତାଙ୍କ ନାମକୁ ସ୍ୱାଗତିକା ସାହୁ ନାମ୍ନୀ ଜଣେ ଯୁବତୀ ନିଜ ହାତରେ ଟାଟୁ କରିବା ସହ ତାହାର ଭିଡିଓ ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି। ଅଳ୍ପ ଦିନର ଅଭିନୟ କ୍ୟାରିୟରରେ ତାଙ୍କୁ ଏତେ ଭଲପାଇବା ମିଳିବ ବୋଲି ସେ କେବେ ଭାବି ନ ଥିଲେ। ହେଲେ ସ୍ୱାଗତିକାଙ୍କ ଭିଡିଓ ତାଙ୍କ କ୍ୟାରିୟରରେ ଆଗକୁ ନେବାକୁ ଉତ୍ସାହିତ କରିବ ବୋଲି ସନମୀରା କହିଛନ୍ତି।

ଆଲୋ ମୋର କଣ୍ଢେଇ, ଆକାଶେ କି ରଙ୍ଗ ଲାଗିଲା, ଶପଥ, ସୁନା ଚଢ଼େଇ ମୋ ରୁପା ଚଢ଼େଇ ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବେ ଅଭିନୟ କରିଥିବା ସନମୀରା ଓଡ଼ିଆ ସିନେଜଗତରେ ଏବେ ଜଣେ ଆଗଧାଡ଼ିର ନାୟିକା। ତେବେ ସନମୀରାଙ୍କ ନାମକୁ ନେଇ ସବୁବେଳେ ଦର୍ଶକ ତଥା ସିନେପ୍ରେମୀ ଦ୍ୱନ୍ଦ୍ୱରେ ରୁହନ୍ତି। ତାଙ୍କ ପିତାଙ୍କ ନାମ ପ୍ରକାଶ ଚନ୍ଦ୍ର ସାହୁ ଓ ମା'ଙ୍କ ନାମ ବୈଜୟନ୍ତୀ ଦାସ ହୋଇଥିବାବେଳେ ସନମୀରାଙ୍କ ସାଙ୍ଗିଆ ହେଉଛି ନାଗେଶ। ଏଣୁ ସନମୀରା ଓଡ଼ିଆ ନୁହେଁ ବୋଲି ଚର୍ଚ୍ଚା ହୁଏ। ହେଲେ ନାଗସ୍ୟ ଗୋତ୍ର ଯୋଗୁ ସେ ନାଗେଶ ସାଙ୍ଗିଆ ରଖିଛନ୍ତି ବୋଲି ଜଣାଇଛନ୍ତି। ବାରିପଦାରେ ରହୁଥିବା ସନମୀରା ଏବେ ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ରୀ।

–ରିପୋର୍ଟ: କୁମାରଶ୍ରୀ ସାହୁ

# ପେସା ଡାକ୍ତର ନିଶା ସଙ୍ଗୀତ



ଡା. ଚନ୍ଦନ ଗନ୍ତାୟତ

ଧରିତ୍ରୀ ଆଳାପ

ବୃତ୍ତିରେ ସେ ଜଣେ ଡାକ୍ତର। ତଥାପି ସଙ୍ଗୀତ ପ୍ରତି ରହିଛି ତାଙ୍କର ଦୁର୍ବଳତା। ଛୋଟବେଳୁ ମା'ଙ୍କ ପ୍ରେରଣାରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିବା ଏହି ଡାକ୍ତର ଜଣକ ଏବେ ସାରା ଓଡିଶାରେ କଣ୍ଠଶିଳ୍ପୀ ଭାବେ ସୃଷ୍ଟି କରିଛନ୍ତି ନୂତନ ପରିଚୟ। ଓଡ଼ିଶା ହକି ୱାର୍ଲ୍ଡକପ ଉପଲକ୍ଷେ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ସୁରେନ୍ଦ୍ର ମଲ୍ଲିକଙ୍କ ରଚିତ ଓ ଗୁରୁ ରଘୁନାଥ ପାତ୍ରଙ୍କ ସଙ୍ଗୀତ ସଂରଚନାରେ ପରିବେଷିତ ହକି ଆନ୍ଥେମ 'ଜୟ ହୋ ହକି'ରେ କଣ୍ଠଦାନ କରି ସାରା ଓଡିଶାରେ ସେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେ ହେଲେ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଭେଷଜ ବିଭାଗ ସିନିୟର ରେସିଡେଣ୍ଟ ଡାକ୍ତର ଭାବେ କାର୍ଯ୍ୟରତ ଡା. ଚନ୍ଦନ ଗନ୍ତାୟତ। ଭାବସିନ୍ଧୁ, ନମାମୀ ରାମମ ଭଳି ଭଜନ କ୍ୟାସେଟରେ କଣ୍ଠଦାନ କରିବା ସହ ଜୟପୁର ଆକାଶବାଣୀ କେନ୍ଦ୍ରରେ ସେ ଜଣେ ବି ଗ୍ରେଡ କଣ୍ଠଶିଳ୍ପୀ ଭାବେ ପରିଚିତ। ଏହା ବ୍ୟତୀତ ଭଏସ୍ ଅଫ ଓଡିଶାରେ ଟପ୍ ୧୦ ମଧ୍ୟରେ ରହିଥିବା ବେଳେ ପୁରୀ ଜାତୀୟ ଯୁବ ମହୋତ୍ସବରେ ଲାଇଟ ଭୋକାଲରେ ପ୍ରଥମ ସ୍ଥାନ ଅଧିକାର କରି ପୂର୍ବରୁ ସେ ଜାତୀୟସ୍ତରରେ ମଧ୍ୟ ନିଜ ପରିଚୟ ସୃଷ୍ଟି କରିଥିଲେ। ଗୋପାଳପୁର ବେଳାଭୂମି ମହୋତ୍ସବ ସମେତ ରାଜ୍ୟ ତଥା ବାହାରେ ମଧ୍ୟ ନିଜ ସଙ୍ଗୀତର ଯାଦୁରେ ଦର୍ଶକଙ୍କୁ ବିଭୋର କରିଥିବା ଏହି ବ୍ୟକ୍ତିତ୍ୱଙ୍କ ସହ ଧରିତ୍ରୀର ଆଳାପ।

***ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହକି ୱାର୍ଲ୍ଡକପ ଅବସରରେ ହକି ଆନ୍ଥେମ 'ଜୟ ହୋ ହକି'ରେ କଣ୍ଠଦାନ କରି କିପରି ଅନୁଭବ କରୁଛନ୍ତି ?***

ନିଶ୍ଚିତ ରୂପେ ଗର୍ବ ଅନୁଭବ କରୁଛି। ଓଡିଶାରେ ପ୍ରଥମ ଥର ପାଇଁ ହକି ୱାର୍ଲ୍ଡକପ ଆୟୋଜିତ ହେବା ଗର୍ବର ବିଷୟ। ଏଭଳି ସମୟରେ ହକି ଉପରେ ଓଡିଆରେ ଆନ୍ଥେମରେ କଣ୍ଠଦାନ କରିବା ମୋ ପାଇଁ ଗର୍ବର କଥା। ଏହି ଆନ୍ଥେମ ଗାଇ ନିଜକୁ ଓଡିଆ ଓ ଭାରତୀୟ ବୋଲି ଗର୍ବ ଅନୁଭବ କରୁଛି।

***ସଙ୍ଗୀତ ପ୍ରତି ରୁଚି କେବେଠୁ ରହିଥିଲା ? ଏଥିପାଇଁ କାହାଠାରୁ ପ୍ରେରଣା ପାଇଥିଲେ ?***

ପିଲାବେଳୁ ଗୀତ ପ୍ରତି ରୁଚି ଥିଲା। ମା' ଶର୍ମିଳା ସାମନ୍ତରା ଓ ବାପା କୃଷ୍ଣଚନ୍ଦ୍ର ଗନ୍ତାୟତ ପାରଳାଖେମୁଣ୍ଡିରେ ଅଧ୍ୟାପକଭାବେ କାର୍ଯ୍ୟରତ ଥିଲେ। ସେହି ସମୟରେ ମା' ଜୟପୁର ଆକାଶବାଣୀ କେନ୍ଦ୍ରର କଣ୍ଠଶିଳ୍ପୀ ଥିଲେ। ଛୋଟବେଳୁ ମା'ଙ୍କଠାରୁ ପ୍ରେରଣା ପାଇ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲି। ମାତ୍ର ୪-୫ ବର୍ଷ ବୟସରୁ ଷ୍ଟେଜରେ ବହୁ ଭଜନ ଗାଇଥିଲି। ପରେ ମା'ଙ୍କ ପରାମର୍ଶ କ୍ରମେ ଗୁରୁ ରଘୁନାଥ ପାତ୍ରଙ୍କ ନିକଟରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲି।

***ଡାକ୍ତରୀ ଜୀବନର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ସଙ୍ଗୀତକୁ କିପରି ସମୟ ଦିଅନ୍ତି?***

ଦିନରେ ୮ ରୁ ୧୦ ଘଣ୍ଟା ମେଡିକାଲରେ ଡ୍ୟୁଟି ଥାଏ। ବଳକା ତଥା ଅବସର ବେଳେ ଓ ଛୁଟିରେ ସମ୍ପୂର୍ଣ୍ଣ ରୂପେ ସଙ୍ଗୀତ ପାଇଁ ସମୟ ଦିଏ। ଯେହେତୁ ପିଲାବେଳୁ ଶାସ୍ତ୍ରୀୟ ସଙ୍ଗୀତ ଅଭ୍ୟାସ କରିଆସୁଛି। ତେଣୁ ବୃତ୍ତି ସହ ସଙ୍ଗୀତ ଗାଇବାରେ ବିଶେଷ କିଛି ସମସ୍ୟା ହେଉନାହିଁ।

***ବୃତ୍ତି ଯୋଗୁ ସଙ୍ଗୀତ ଶିକ୍ଷାରେ କେବେ ସମସ୍ୟା ହୋଇଛି କି ?***

ହଁ, ମେଡ଼ିକାଲ ପାଠ ପଢ଼ିବା ବେଳେ ସଙ୍ଗୀତ ପାଇଁ ସମୟ ଦେଇ ପାରି ନ ଥିଲି। ସେହି ସମୟରେ ସଙ୍ଗୀତ ଶିକ୍ଷା କିଛି ବର୍ଷ ପାଇଁ ବାଧାପ୍ରାପ୍ତ ହୋଇଥିଲା।

***ଜୀବନର ଲକ୍ଷ୍ୟ କ'ଣ ରଖିଛନ୍ତି ?***

ଜୀବନରେ ଜଣେ ଭଲ ଡାକ୍ତର ହିସାବରେ ସବୁ ପ୍ରକାର ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇବା ହେଉଛି ମୋର ଏକମାତ୍ର ଲକ୍ଷ୍ୟ। ସୁଯୋଗ ମିଳିଲେ ଟ୍ରାଇବାଲ ଏରିଆ ତଥା ସ୍ୱାସ୍ଥ୍ୟ ସେବା ଅପହଞ୍ଚଥିବା ଅଞ୍ଚଳକୁ ଯାଇ ସେଠାରେ ଲୋକଙ୍କୁ ସେବା ଯୋଗାଇବା ପାଇଁ ଇଚ୍ଛା ରଖିଛି।

***ସଙ୍ଗୀତକୁ ନେଇ କ୍ୟାରିୟର କରିବାକୁ ଚିନ୍ତା କରିଛନ୍ତି କି ?***

ନା, କେବେ ଚିନ୍ତା କରିନି। ସଙ୍ଗୀତ ମୋ ପାଇଁ କେବଳ ହବି। ନିଜକୁ ହାଲ୍‌କା ତଥା ରିଲାକ୍ସେଶନ ପାଇଁ ମୁଁ ସଙ୍ଗୀତ ଗାଇଥାଏ। ଡାକ୍ତରୀ ଜୀବନର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ନିଜକୁ ଓ ଅନ୍ୟମାନଙ୍କ ମନୋରଞ୍ଜନ କରିବାରେ ସଙ୍ଗୀତ ମୋ ପାଇଁ ଏକ ମାଧ୍ୟମ ମାତ୍ର। ତଥାପି ଆଗାମୀ ଦିନରେ ଅନ୍ୟକୁ ପ୍ରୋତ୍ସାହିତ ତଥା ପ୍ରେରଣା ଦେବା ଭଳି ସଙ୍ଗୀତ ଗାଇବାକୁ ଇଚ୍ଛା ରଖିଛି।

***ପରିବାରରୁ ଏଥିପାଇଁ କିପରି ସମର୍ଥନ ପାଆନ୍ତି ?***

ପରିବାରରେ ସମସ୍ତଙ୍କଠାରୁ ଏଥିପାଇଁ ସମର୍ଥନ ସର୍ବଦା ମିଳିଛି। ମା'ଙ୍କ ସମେତ ବାପା, ଭଉଣୀ ଇପ୍‌ସିତା, ସ୍ତ୍ରୀ ସରସ୍ୱତୀ ସାମନ୍ତରା ସମସ୍ତେ ଯଥେଷ୍ଟ ସମର୍ଥନ ଦେଇଛନ୍ତି।

***ନୂତନ ତଥା ବୃତ୍ତି ସହ ସଙ୍ଗୀତରେ କ୍ୟାରିୟର ପାଇଁ ସଂଘର୍ଷ କରୁଥିବା କଣ୍ଠଶିଳ୍ପୀଙ୍କୁ କ'ଣ କହିବାକୁ ଚାହିଁବେ ?***

ବର୍ତ୍ତମାନ ସଙ୍ଗୀତ ପାଇଁ ବହୁତ ସୁଯୋଗ ରହିଛି। ଜଣେ ବୃତ୍ତି ସହ ମଧ୍ୟ ସଙ୍ଗୀତରେ କ୍ୟାରିୟର କରିପାରିବ। ଭାରତୀୟ ସଂସ୍କୃତି ତଥା ଶାସ୍ତ୍ରୀୟ ସଙ୍ଗୀତର ଜ୍ଞାନ ଜଣେ ସଙ୍ଗୀତଜ୍ଞ ଓ କଣ୍ଠଶିଳ୍ପୀ ଲାଗି ବହୁତ ଜରୁରୀ। ଜଣେ ଗୁରୁଙ୍କୁ ବାଛି ତାଙ୍କଠାରୁ ସଙ୍ଗୀତ ଶିକ୍ଷା କରିବା ଉଚିତ। ବର୍ତ୍ତମାନ ସମୟରେ ସଙ୍ଗୀତରେ କ୍ୟାରିୟର କରିବାକୁ ହେଲେ ସମସ୍ତ ପ୍ରକାର ସଙ୍ଗୀତ ଉପରେ ପାରଦର୍ଶିତା ଲଭିବାକୁ ହେବ। ସେଥିମଧ୍ୟରେ ଭାରତୀୟ ସଂସ୍କୃତିଭିତ୍ତିକ ସଙ୍ଗୀତର ବିକାଶ ଉପରେ ମଧ୍ୟ ଧ୍ୟାନ ଦେବାକୁ ହେବ।

## ଖାଦ୍ୟରୁଚି

### ଆବଶ୍ୟକ ସାମଗ୍ରୀ

- ଚିକେନ-୨୦୦ଗ୍ରାମ୍
- କଞ୍ଚା ଅଣ୍ଡା-୧ ଟା
- ସୋରିଷ ବଟା-୩ ଚାମଚ
- ପିଆଜ-୧୦୦ଗ୍ରାମ
- କ୍ୟାପ୍‌ସିକମ୍-୧୦୦ଗ୍ରାମ
- ପତ୍ରକୋବି-୧୦୦ଗ୍ରାମ
- ଗୋଲମରିଚ ଗୁଣ୍ଡ- ୧ଚାମଚ
- ଅଦା ପେଷ୍ଟ-ଦରକାର ଅନୁଯାୟୀ
- କନ୍‌ଫ୍ଲୋର- ଆବଶ୍ୟକ ଅନୁଯାୟୀ
- ଗ୍ରୀନଚିଲି- ଅଳ୍ପ ପରିମାଣ
- ଅଦା, ରସୁଣ, କଞ୍ଚାଲଙ୍କା
- ଆବଶ୍ୟକ ଅନୁଯାୟୀ
- ରେଡ ଚିଲି ଶସ୍- ଅଳ୍ପ ପରିମାଣର
- ଲୁଣ -ସ୍ୱାଦ ଅନୁଯାୟୀ
- ଚାଇନା ସଲ୍‌ଟ- ୧ ଚାମଚ
- ପିଆଜ ପତ୍ର- ଅଳ୍ପ
- ଧନିଆ ପତ୍ର- ଅଳ୍ପ
- ଟମାଟ ଶସ୍-ଆବଶ୍ୟକ ଅନୁଯାୟୀ



ମୁଖ୍ୟ ସେଫ୍: ସମୀର ନାୟକ

ଚିକେନରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରତି ଏବେବି ଆଦର ବଢ଼ୁଛି। ଗ୍ରାହକଙ୍କ ଆଦର ଓ ରୁଚି ଅନୁଯାୟୀ ଏବେ ହୋଟେଲଗୁଡିକ ମଧ୍ୟ ଚିକେନରେ ବିଭିନ୍ନ ନୂଆ ନୂଆ ଡିସ୍ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ରେଷ୍ଟୁରାଣ୍ଟଗୁଡିକ ମଧ୍ୟରେ ଚିକେନରେ ବିଭିନ୍ନ ଡିସ୍ ପ୍ରସ୍ତୁତ କରିବାରେ ଏକ ଚାହିଦାଯୁକ୍ତ ରେଷ୍ଟୁରାଣ୍ଟ ହେଉଛି ବ୍ରହ୍ମପୁରର ପୁରୁଣା ବସ୍‌ଷ୍ଟାଣ୍ଡ ରୋଡରେ ଥିବା ସ୍ୱାଦିଷ୍ଟ ରେଷ୍ଟୁରାଣ୍ଟ। ଏହି ରେଷ୍ଟୁରାଣ୍ଟରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ସେଥିମଧ୍ୟରୁ ଏହି ରେଷ୍ଟୁରାଣ୍ଟର ଚିକେନରେ ପ୍ରସ୍ତୁତ ମଷ୍ଟାର୍ଡର ଖୁବ୍ ଚାହିଦା ରହିଛି। ଏହି ରେଷ୍ଟୁରାଣ୍ଟରେ ଉକ୍ତ ଡିସ୍‌ର ପ୍ଲେଟ ପିଛା ମୂଲ୍ୟ ୧୩୦ଟଙ୍କା ରହିଛି। ଏହାର ପ୍ରସ୍ତୁତି ସମ୍ପର୍କରେ ରେଷ୍ଟୁରାଣ୍ଟର କୁକ୍ ସମୀର ନାୟକ କହନ୍ତି.....

ରିପୋର୍ଟ: ଦୀପକ କୁମାର ପଣ୍ଡା

# ଚିକେନ ମଷ୍ଟାର୍ଡ

### ପ୍ରସ୍ତୁତି ପ୍ରଣାଳୀ



ପ୍ରଥମେ ଚିକେନକୁ କାଟି ଭଲଭାବରେ ଧୋଇ ଏକ ପାତ୍ରରେ ରଖିବେ। ୨୦୦ଗ୍ରାମ କଟା ଚିକେନ ସହ ଗୋଟିଏ କଞ୍ଚା ଅଣ୍ଡା, ଅଦା, ରସୁଣ ପେଷ୍ଟ, ଅଳ୍ପ ଲୁଣ, ଅଳ୍ପ ପରିମାଣର ଚାଇନା ସଲ୍ଟ, ଗୋଲମରିଚ ଗୁଣ୍ଡକୁ ଭଲ ଭାବରେ ମିଶାଇ ମିଶ୍ରଣ ପ୍ରସ୍ତୁତ କରିବେ। ମିଶ୍ରଣ ପ୍ରସ୍ତୁତ ପରେ ସେଥିରେ ମଇଦା କନଫ୍ଲୋର ଦେଇ ୧୦ ମିନିଟ ଛାଡିଦେବେ। ଏହାପରେ ଚୁଲିରେ ଏକ କଡେଇ ବସାଇ ଅଳ୍ପ ତେଲ ନେବେ। ତେଲ ଗରମ ହେବା ପରେ ସେଥିରେ ଲଙ୍କା, ରସୁଣ, ଅଦା ପକାଇ ଫ୍ରାଏ କରିବେ। କିଛି ସମୟ ଫ୍ରାଏ କରିବା ପରେ ପୂର୍ବରୁ କଟାଯାଇଥିବା ପିଆଜ, କ୍ୟାପ୍‌ସିକମ, ପତ୍ରକୋବି ପକାଇ ଭାଜିବେ। ଅଳ୍ପ ଭାଜିବା ପରେ ସେଥିରେ ଲୁଣ(ସ୍ୱାଦ ଅନୁସାରେ), ଏକ ଚାମଚ ଚାଇନା ସଲ୍‌ଟ, ଗୋଟିଏ ଚାମଚ ଟମାଟ ଶସ୍, ସୋରିଷବଟା ୩ ଚାମଚ ସହ ରେଡ ଚିଲି ପେଷ୍ଟ ପକାଇ ପୁଣି ଫ୍ରାଏ କରିବେ। ଏହାପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚିକେନ ମିଶ୍ରଣକୁ ଏଥିରେ ମିଶାଇ ଫ୍ରାଏ କରିବେ। ୨ ମିନିଟ୍ ଫ୍ରାଏ କରିବା ପରେ ସେଥିରେ ଧନିଆ ପତ୍ର, ପିଆଜ ପତ୍ର ପକାଇ ଏକ ପ୍ଲେଟକୁ ବାହାର କରି ପରଷିବେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସନ୍ତୋଷ



ବସନ୍ତ



ଚିନ୍ମୟୀ



ଜୟଦେବ



ଚିନୁ



ରାଜେଶ



ଅର୍ଜୁନ



ଭାସ୍କର



ଲିଜା

# କାହାକୁ ଡରନ୍ତି ଆଲିୟା



ମଣିଷ ମାତ୍ରକେ ମନରେ ଭୟ ରହିବା ସ୍ୱାଭାବିକ। କେହି କେହି ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ଠିକ୍ ସେମିତି ଆଲିୟା। ତାଙ୍କୁ ସବୁ କଥା କୁହନ୍ତୁ, ହେଲେ ଭୂତ କଥା ପଡ଼ିଲେ ତାଙ୍କ ମନରେ ଛନକା ପଶିଯାଏ। ହେଲେ କାହିଁକି ଜାଣନ୍ତି ? ଏ ବିଷୟରେ ମହେଶ ତନୟା କ'ଣ କହୁଛନ୍ତି ଜାଣିବେନି ? 'ଭୂତକୁ ମୋର ପିଲାଦିନରୁ ଭୟ। ଥରେ ଏକ ହରର ଫିଲ୍ମ ଦେଖୁଥିବା ବେଳେ ମୋ ମନରେ ଭୟ ଜାତ ହୋଇଥିଲା। କାହିଁକି କେଜାଣି ସେହି ଭୟ ଏ ପର୍ଯ୍ୟନ୍ତ ମୋ ଭିତରେ ବସା ବାନ୍ଧି ରହିଛି। ନିକଟରେ ଏକ ହରର ଫିଲ୍ମରେ ଆକ୍ଟିଂ କରିବାକୁ ମୋତେ ଅଫର ମିଳିଥିଲା। ହେଲେ କ'ଣ କରିବି ଜାଣିପାରୁନାହିଁ। ଅଫରଟିକୁ ନେଇ ଦୋଛକିରେ ପଡ଼ିଛି। ତଥାପି ଖୁବ୍‌ଶୀଘ୍ର ଏ ନେଇ ନିଷ୍ପତ୍ତି ନେବି ବୋଲି କହିଛନ୍ତି ଆଲିୟା।' ଆଲିୟା-ରଣବୀର କପୁରଙ୍କୁ ନେଇ ନିର୍ମିତ 'ବ୍ରହ୍ମାସ୍ତ୍ର' ଖୁବ୍‌ଶୀଘ୍ର ରିଲିଜ ହେବାକୁ ଯାଉଛି, ଯାହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଆଲିୟା।


ଅନୁଷ୍କା ସେଟ୍ଟୀ

## ବଲିଉଡ୍ ହାଲ୍‌ଚାଲ୍

- ମଲାଇକା ଆରୋରାଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ଶେଷରେ ମୁହଁ ଖୋଲିଛନ୍ତି ଅର୍ଜୁନ କପୁର। 'ଆମ ଭିତରେ ପ୍ରେମ ସମ୍ପର୍କ ରହିଛି ହେଲେ କେବେ ଆମେ ବିବାହ କରିବୁ ତାହା ଠିକ୍ ହୋଇନାହିଁ ବୋଲି କହିଛନ୍ତି ଅର୍ଜୁନ।'
- ଆମ୍ମି ଜ୍ୟାକସନ ଏବେ ଗର୍ଭବତୀ ଅଛନ୍ତି। ଜୀବନର ଏହି ସୁନେଲି ମୁହୂର୍ତ୍ତକୁ ମୁଁ ମନଭରି ଉପଭୋଗ କରୁଛି ବୋଲି କହିଛନ୍ତି ସେ।
- ଚଳିତବର୍ଷ ଇଦ୍ ଅର୍ଥାତ ଜୁନ୍ ୫ରେ ରିଲିଜ ହେବାକୁ ଯାଉଛି ହିନ୍ଦୀ ସିନେମା 'ଭାରତ'। ଏଥିରେ ସଲମାନଙ୍କ ଅପୋଜିଟ୍‌ରେ ଅଛନ୍ତି କ୍ୟାଟ୍ରିନା କୈଫ। ଏହି ଫିଲ୍ମରେ ନିଜ ଭୂମିକା କୁମୁଦ ରାଇନାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି କ୍ୟାଟ୍ରିନା।
- ମଣି ରତ୍ନମଙ୍କ ଆଗାମୀ ଫିଲ୍ମର ନାୟିକା ଭାବରେ ଅଭିନୟ କରିବେ ଅନୁଷ୍କା ସେଟ୍ଟୀ।
- କରନ୍ ଜୋହର ତାଙ୍କର ଆଗାମୀ ଫିଲ୍ମରେ ଇଶାନ ଖଟ୍ଟରଙ୍କୁ ସାଇନ୍ କରାଇବାକୁ ଚାହୁଁଥିଲେ। ହେଲେ ଦୁହିଁଙ୍କ ଭିତରେ କିଛି କଥାକୁ ନେଇ ମତାନ୍ତର ହେବା ପରେ ଏହି ଫିଲ୍ମର କାଷ୍ଟିଂରୁ ବାଦ୍ ଦିଆଯାଇଛି।
- 'ତସମେ ବଦ୍ଧୁର' ସିକ୍ୱେଲ୍‌ରେ ସନି ସିଂ ଏବଂ ଫାତିମା ସାନା ଶେଖ୍ ଅଭିନୟ କରିବେ ବୋଲି ଜଣାପଡ଼ିଛି।
- ରଣବୀର ସିଂ ଏବଂ କରୀନା ଅଭିନୀତ 'ତକ୍ତ'ର ରିଲିଜ ଡେଟ୍ ଗଡ଼ି ଗଡ଼ି ଚାଲିଛି।
- କମେଡ଼ିଆନ୍ କପିଲ ଶର୍ମାଙ୍କ ଖୁସି କହିଲେ ନ ସରେ। କାରଣ ସେ ଏବେ ବାପା ହେବାକୁ ଯାଉଛନ୍ତି। ତେଣୁ ସେ ଏବେ ଅଧିକାଂଶ ସମୟ ସ୍ତ୍ରୀଙ୍କ ସହ ବିତାଉଛନ୍ତି।
- ବରୁଣ ଧାୱନ ଏବଂ ନତାଶା ଦଲାଲ ବିଚ୍ ୱେଡିଂ କରିବାକୁ ସ୍ଥିର କରିଛନ୍ତି। ଏହି ହାଇ ପ୍ରୋଫାଇଲ ମ୍ୟାରେଜ୍ ଗୋଆରେ ଅନୁଷ୍ଠିତ ହେବାର ଯୋଜନା ରହିଛି।

### ଅପେରା ହାଲ୍‌ଚାଲ୍

# ଲମ୍ବା ରେସ୍‌ର ଘୋଡ଼ା

ମନୋଜ କୁମାର ବରାଳ ଓରଫ ଗୁଲସନ୍। ସ୍କୁଲରେ ପଢ଼ିବା ବେଳେ ଏକକ ଅଭିନୟ ତାଙ୍କ ମନରେ ଅଭିନୟର ଆଶା ଜାଗ୍ରତ କରିଥିଲା। କଲେଜରେ ପଢ଼ିବା ସମୟରେ ଡ୍ରାମାରେ ଅଭିନୟ କରି ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ ସେ। ୨୦୧୫ରେ ତାଙ୍କ କ୍ୟାରିୟରରେ


ମନୋଜ

ଆସିଥିଲା ଏକ ନୂଆ ମୋଡ଼। ଥିଏଟର ଜଗତରେ ପ୍ରବେଶ କରିଥିଲେ ମନୋଜ। ଅଗ୍ରଣୀ ଥିଏଟର ଅନୁଷ୍ଠାନ ଶତାବ୍ଦୀର କଳାକାର ଏବଂ ମିରର୍ ଥିଏଟର ଗ୍ରୁପ୍‌ରେ ସାମିଲ ହୋଇ ସେ 'କିଙ୍ଗ୍ ଲିୟର, ପର କଲମ, ଯୋଦ୍ଧା, ଅର୍ଦ୍ଧନାରୀ, ବକ୍ସି ଜଗବନ୍ଧୁ, ଦେବୀ ଆଦି ପାଖାପାଖି ୪୦ଟି ଥିଏଟର ନାଟକରେ ନିଜ ଅଭିନୟ ଦକ୍ଷତା ଦେଖାଇଥିଲେ। ଏହି ସମୟରେ ତାଙ୍କର ସାକ୍ଷାତ୍ ହୋଇଥିଲା ଅପେରା ଜଗତର ନାମୀ ନିର୍ଦ୍ଦେଶକ ଲାଲା ବୀରେନ ରାୟଙ୍କ ସହ। ତାଙ୍କର କେଇ ପଦ କଥା ମନୋଜଙ୍କୁ ବେଶ୍ ପ୍ରଭାବିତ କରିଥିଲା। ତା'ପରେ ଆଉ ସେ ଡେରି ନ କରି ଚଳିତ ଯାତ୍ରା ସିଜନରେ ଅପେରା ମଇଦାନରେ ପ୍ରବେଶ କରିଥିଲେ। ବର୍ତ୍ତମାନ ରାଜଧାନୀ ଅପେରାରେ ଅଭିନୟରତ ଏହି ଲମ୍ବା ରେସ୍‌ର ଘୋଡ଼ା ଆସନ୍ତା ଯାତ୍ରା ସିଜନ୍‌ରେ ଅଗ୍ରଣୀ ଅପେରା ପାର୍ଟି ଯାତ୍ରା ରଙ୍ଗମହଲରେ ଯୋଗ ଦେଉଛନ୍ତି। ନିଜ ଅଭିନୟ କ୍ୟାରିୟର ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅନ୍ତର୍ଗତ ଓଲାସ ଗ୍ରାମରେ ଜନ୍ମିତ ତଥା ୨୬ ବର୍ଷ ବୟସ୍କ ମନୋଜ କହନ୍ତି, 'ଅଭିନୟ ନିଶା ମୋତେ ପାଗଳ କରିଦେଇଛି ବୋଲି କହିବି। ଥିଏଟର ହେଉ ଅବା ଅପେରା-ଅଭିନୟ ସମୟରେ ମୁଁ ଅନେକ କଥା ଶିଖିଛି। ମୁଁ ସବୁବେଳେ କିଛି ନିଆରା ଆକ୍ଟିଂ କରିବାକୁ ଚେଷ୍ଟା କରେ। ଆଉ ବରିଷ୍ଠ କଳାକାରଙ୍କ ନିକଟରୁ କିଛି ଶିଖିବାକୁ ପ୍ରୟାସ କରେ। ଏବେ ମୁଁ ଅପେରା ଜଗତରେ ନୂଆ। ଏଠାରେ କ୍ୟାରିୟର କରିବାକୁ ଆଶା ରଖିଛି। ଆସନ୍ତା ଯାତ୍ରା ସିଜନରେ ମୁଁ ଅପେରା ରଙ୍ଗମହଲରେ ଯୋଗ ଦେବି। ଏହି ପାର୍ଟିର ସ୍ୱତ୍ୱାଧିକାରୀ ସତ୍ୟ ଜେନା ମୋତେ ସିଲେକଶନ କରିଛନ୍ତି ତାହା ମୋ ପାଇଁ ବଡ଼ କଥା। ବିଶେଷ ଭାବର ଜଣେ ଯୁବ ଖଳନାୟକ ଭାବରେ ସେ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିପାରିଛନ୍ତି। ମନୋଜ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ସବୁ ରାଜନୀତି ରାଜଧାନୀରେ' (ଅନଳ ନାଗରାଜ), 'ଭୁଲ ହୋଇଗଲା ତୋତେ ଭଲ ପାଇ' (ବିକାଶ ଚୌଧୁରୀ), 'ଦି ଘଣ୍ଟାର ବୋହୂ ଦି ପଟ ଶଙ୍ଖା' (ଡନ୍ ସାମନ୍ତରାୟ) ଏବଂ 'ଫୁଲେଇ ଶିବାନୀ ରାଜଧାନୀରେ' (ସନିଆ ପ୍ରଧାନ)। ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ସେ ଏବେ କଟକସ୍ଥିତ ଏମ୍‌ଏସ୍ ଲ' କଲେଜରେ ଏଲ୍‌ଏଲ୍‌ବିର ତୃତୀୟ ବର୍ଷ ଛାତ୍ର। ତେବେ ଜଲିଉଡରେ ମନୋଜ କି କିମିଆ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ସାହସୀ ଶ୍ରଦ୍ଧା

ଶ୍ରଦ୍ଧା କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାହିଁକି ନା, ଆହତ ହେବା ସତ୍ତ୍ୱେ ସେ ମନକୁ ଦୃଢ଼ କରି ଯେମିତି ଶଟ୍ ଦେଲେ ତାହା ଦେଖି ସେଠାରେ ଉପସ୍ଥିତ ୟୁନିଟର ସଦସ୍ୟମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ନିକଟରେ ଏହି ଘଟଣା ଥ୍ରୀ-ଡି ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନ୍ସର'ର ଶୁଟିଂ ସେଟ୍‌ରେ ଘଟିଥିଲା। ଏକ ଆକ୍ସନ ସିନ୍ ପାଇଁ ଶଟ୍ ହେବା ସମୟରେ ତାଙ୍କର ଡାହାଣ ଗୋଡ଼ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏପରି କି ସେ ଠିକ୍ ଭାବରେ ଚାଲି ପାରି ନ ଥିଲେ। ହେଲେ ତାହାକୁ ଗୁରୁତ୍ୱ ନ ଦେଇ ସେ ଶଟ୍ ପରେ ଶଟ୍ ଦେଇ ଚାଲିଥିଲେ। ଯେତେବେଳେ ଯନ୍ତ୍ରଣା ଅସହ୍ୟ ହେଲା ସେତେବେଳେ ନିର୍ଦ୍ଦେଶକ ରିମୋ ଡି'ସୌଜା ଜାଣିପାରିଲେ। କାରଣ ସେହି ଯନ୍ତ୍ରଣା ଶ୍ରଦ୍ଧାଙ୍କ ମୁହଁରେ ଫୁଟିଉଠିଥିଲା। ଶୁଟିଂ ବନ୍ଦ କରି ଶ୍ରଦ୍ଧାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପାଖାପାଖି ଘଣ୍ଟାଏ ବିଶ୍ରାମ ନେବା ପରେ ଶ୍ରଦ୍ଧା ଫିଟ୍ ହୋଇ ପୁଣି ଥରେ ଶଟ୍ ଦେବାକୁ ଯାଇଥିଲେ। ଏହି ଫିଲ୍ମରେ ଶ୍ରଦ୍ଧାଙ୍କ ଅପୋଜିଟ୍‌ରେ ଅଛନ୍ତି ବରୁଣ ଧାୱନ। ଅପରପକ୍ଷରେ ସେ ଅଭିନୟ କରିଥିବା ତଥା ପ୍ରଭାସଙ୍କୁ ମେଲ୍ ଲିଡ୍‌ରେ କାଷ୍ଟିଂ କରାଯାଇଥିବା ତାମିଲ ଫିଲ୍ମ 'ଶାହୋ' ଚଳିତ ବର୍ଷ ଅଗଷ୍ଟ ୧୫ରେ ରିଲିଜ ହେବାକୁ ଯାଉଛି।




ହ୍ରିତିକ-ଅମିଷା

# ୯୨ ପୁରସ୍କାର

ହ୍ରିତିକ ରୋଶନଙ୍କ ପ୍ରଥମ ହିନ୍ଦୀ ସିନେମା ଥିଲା 'କହୋ ନା ପ୍ୟାର୍ ହେ'। ରାକେଶ ରୋଶନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସୁପର ହିଟ୍ ହେବା ସହ ହ୍ରିତିକଙ୍କୁ ରାତାରାତି ନାୟକ ଦୌଡ଼ରେ ସାମିଲ କରିଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମକୁ ସେତେବେଳେ ଯେତିକି ପୁରସ୍କାର ମିଳିଥିଲା ତାହା ଶୁଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ପ୍ରକଟ କରିବେ। 'କହୋ ନା ପ୍ୟାର ହେ' ସେହି ବର୍ଷ ମୋଟ ୯୨ଟି ପୁରସ୍କାର ମିଳିଥିଲା, ଯାହା ଥିଲା ଏକ ରେକର୍ଡ। ସେଥିପାଇଁ ଏହି ଫିଲ୍ମକୁ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିରେ ହ୍ରିତିକଙ୍କ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ନବାଗତା ଅମିଷା ପଟେଲ।

## ଖବର ଟବର

- ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ଏକ ନୂଆ ସିନେମାର ଶୁଟିଂ ଆରମ୍ଭ ହୋଇଯାଇଛି। ଟାଇଟଲ ରହିଛି 'ଗୋଲ ମାଲ ଲଭ୍'। ବାବୁସାନ ନାୟକ ସାଜିଥିବା ବେଳେ ତାଙ୍କ ସହ ଫିମେଲ୍ ଲିଡ୍ ଭାବରେ ସ୍କ୍ରିନ୍ ଶେୟାର କରିବେ ତମନ୍ନା। ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଶୋକ ପତି।
- ଦେବକୀ ଫିଲ୍ମସ ବ୍ୟାନରରେ ଏବଂ ମାଝି ଏଣ୍ଟରଟେନମେଣ୍ଟ ସହାୟତାରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ତୁ ଲୈଲା ମୁଁ ମଜ୍‌ନୁ'। ଦେବକୀ କାହାଣୀ ରଚନା କରିଥିବା ବେଳେ ଚିତ୍ରନାଟ୍ୟ ଏବଂ ସଂଳାପ ଦାୟିତ୍ୱରେ ଅଛନ୍ତି ରଜନୀ ରଞ୍ଜନ। ପ୍ରଯୋଜନା କରୁଛନ୍ତି ଚିନ୍ମୟୀ ପ୍ରିୟଦର୍ଶିନୀ ଏବଂ ରୋହିତ କୁମାର ମାଝି। ସରୋଜକାନ୍ତ ନିର୍ଦ୍ଦେଶନା ଦେବେ ଏବଂ ସ୍ୱର ସଂଯୋଜନା କରୁଛନ୍ତି ବିଭୂତି ଭୂଷଣ ଗଡନାୟକ।
- ନୂଆ ଓଡ଼ିଆ ସିନେମା 'ଘୋ..ଘୋ..ରାଣୀ'ର ଶୁଟିଂ ଚାଲିଛି। ଏହାର ପ୍ରଯୋଜକ ସାଜିବା ସହ ନିର୍ଦ୍ଦେଶନା ଦେଉଛନ୍ତି ବାପି ମିଶ୍ର। ଚଳଚ୍ଚିତ୍ରଟିର ବିଭିନ୍ନ ଭୂମିକାରେ ନବାଗତ ଆର୍ଯ୍ୟ, ଅର୍ଜୁନ ଏବଂ ଇପ୍‌ସିତା ଅଭିନୟ କରୁଛନ୍ତି।
- ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ତୁ ମୋର ନିହାତି ଦରକାର'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ରଥଯାତ୍ରା ଅବସରରେ ଫିଲ୍ମଟି ରିଲିଜ ହେବାର ଯୋଜନା ରହିଛି ବୋଲି ଜଣାପଡିଛି।
- ପଞ୍ଚବଟୀ ସିନେ କ୍ରିଏସନ୍ସ ବ୍ୟାନରରେ ସୁଶାନ୍ତ ନାୟକ ନିବେଦିତ ଏବଂ ହେମନ୍ତ ନାୟକ ପ୍ରଯୋଜିତ 'ସେଲଫିସ୍ ଦିଲ୍' ଜୁନ୍ ୧୩ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ବସନ୍ତ ସାହୁଙ୍କ ନିର୍ଦ୍ଦେଶନାରେ ଏହି ଚିତ୍ରରେ ନବାଗତ ଶ୍ରେୟାନଙ୍କ ନାୟିକା ସାଜିଛନ୍ତି ସୂର୍ଯ୍ୟମୟୀ। ଏମାନଙ୍କ ବ୍ୟତୀତ ବିଜୟ ମହାନ୍ତି, ମୁନ୍ନା ଖାଁ, ପପି ସନ୍ତୁକା, ସଲିଲ ମିତ୍ର, କେକେ, ଗୁଞ୍ଜୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ଶ୍ରେୟାନ-ସୂର୍ଯ୍ୟମୟୀ

Dollar 69.83 (14) | Sensex 39,502.05 (247.68) | Nifty 11,861.10 (67.65) | Gold 33,020.00 (₹150) | Silver 37,325.00 (₹225)



"ନୂଆ ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ସଂସ୍କାର ଆଣିବା ଲାଗି ଧ୍ୟାନ କେନ୍ଦ୍ରୀତ କରିବାର ଆବଶ୍ୟକତା ରହିଛି।

-ଅନିଲ ଅଗ୍ରୱାଲ, ଅଧ୍ୟକ୍ଷ, ବେଦାନ୍ତ ରିସୋର୍ସେସ



"ଭାରତୀୟ ବଜାର ଲାଗି ନୂଆ ପ୍ରଡକ୍ଟ ବଜାର ପ୍ରବେଶ ଧାରା ଜାରି ରହିଛି। ଚଳିତ ବର୍ଷ ନୂଆ ଏସ୍‌ୟୁଭି ଆଣିବାକୁ ଯୋଜନା ରହିଛି।

-ପୁନୀତ ଆନନ୍ଦ, ସିନିୟର ମାର୍କେଟିଂ ଜିଏମ୍, ହ୍ୟୁଣ୍ଡାଇ ମୋଟର୍ସ ଇଣ୍ଡିଆ

## ସଂକ୍ଷେପରେ

### ଗ୍ରାହକଙ୍କ ସହମତିରେ ଆଧାର ବ୍ୟବହାରକୁ ଅନୁମତି

**ମୁମ୍ବାଇ,୨୯-୫:** ବ୍ୟାଙ୍କଗୁଡ଼ିକ 'ଗ୍ରାହକଙ୍କୁ ଜାଣ' ବା ନୋ ୟୋର୍ କଷ୍ଟମର(କେୱାଇସି)ଯାଞ୍ଚ ଲାଗି ଗ୍ରାହକଙ୍କ ସହମତିରେ ଆଧାର ବ୍ୟବହାର କରିପାରିବେ। ଏ ସମ୍ପର୍କରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୁଧବାର ସ୍ପଷ୍ଟ କରିଛି। ଆକାଉଣ୍ଟ ଖୋଲିବାଠାରୁ ଆରମ୍ଭ କରି ଯାବତୀୟ କାର୍ଯ୍ୟଲାଗି ବ୍ୟାଙ୍କଗୁଡ଼ିକ ଲାଗି ଆର୍‌ବିଆଇ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ପରିଚୟ ଯାଞ୍ଚ ଲାଗି ୧୨ ସଂଖ୍ୟାବିଶିଷ୍ଟ ଆଧାର ନମ୍ବର ବ୍ୟବହାର ଲାଗି କେନ୍ଦ୍ର କ୍ୟାବିନେଟ ଏକ ଅଧାଦେଶ ଆଣିବାକୁ ଅନୁମୋଦନ କରିଥିଲା। କାରଣ ଏ ସଂକ୍ରାନ୍ତରେ ଆଗତ ବିଲ୍ ଲୋକ ସଭାରେ ଅନୁମୋଦନ ଲାଭ କରିଥିଲେ ହେଁ ରାଜ୍ୟ ସଭାରେ ଅଟକି ରହିଛି। ସରକାର ଅଧାଦେଶ ଆଣିବା ପରେ ଜଣେ ଶିଶୁ ୧୮ ବର୍ଷ ବୟସରେ ଚାହିଁଲେ ଆଧାରରୁ ବାହାରି ଆସିପାରିବ ବୋଲି ବ୍ୟବସ୍ଥା କରାଯାଇଛି। ସରକାରୀ ବୈଧ ପ୍ରମାଣପତ୍ର ଭାବେ ଆଧାରକୁ ଗ୍ରହଣ କରାଯାଇଥିବା ନେଇ ଆର୍‌ବିଆଇ ସ୍ପଷ୍ଟ କରିଛି।

### ଆଜି ନୀରବ ମୋଦି ପ୍ରତ୍ୟର୍ପଣ ମାମଲାର ଶୁଣାଣି

**ନୂଆଦିଲ୍ଲୀ,୨୯-୫:** ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ଗୁରୁବାର ଲଣ୍ଡନର ୱେଷ୍ଟମିନିଷ୍ଟର ଅଦାଲତରେ ହାଜର କରାଯିବ। ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ପିଏନ୍‌ବି ମହାଠକେଇ ମାମଲାରେ ଭାରତକୁ ପ୍ରତ୍ୟର୍ପଣ କରାଯିବା ନେଇ ଶୁଣାଣି ହେଉଛି। ଇତିମଧ୍ୟରେ ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍ ଅଦାଲତରେ ଗତ ଶୁଣାଣି ବେଳେ ବିଚାରପତି ଚିଫ୍ ମାଜିଷ୍ଟ୍ରେଟ୍ ଏମ୍ମା ଆର୍ବୁଥନଟ୍ ୪୮ ବର୍ଷୀୟ ମୋଦିଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କୁ ଏବେ ଦକ୍ଷିଣ-ପଶ୍ଚିମ ଲଣ୍ଡନର ୱାଣ୍ଡସୱର୍ଥ ଜେଲ୍‌ରେ ରଖାଯାଇଛି। କ୍ରମାଗତ ୩ ଥର ମୋଦିଙ୍କ ଜାମିନ ଆବେଦନ ଖାରଜ ହୋଇସାରିଲାଣି। ଗୁରୁବାର ବିଚାରପତି ଆର୍ବୁଥନଟ ପ୍ରତ୍ୟର୍ପଣ ସମ୍ପର୍କିତ ମାମଲାର ଶୁଣାଣି ଲାଗି ସମୟସୀମା ଧାର୍ଯ୍ୟ କରିପାରନ୍ତି।

### ଏପ୍ରିଲରେ ଏୟାର ଟ୍ରାଫିକ ହ୍ରାସ

**ନୂଆଦିଲ୍ଲୀ,୨୯-୫:** ଏପ୍ରିଲରେ ଘରୋଇ ଏୟାର ଟ୍ରାଫିକ ହ୍ରାସ ପାଇଛି। ଗତ ୬ ବର୍ଷ ମଧ୍ୟରେ ଏହା ପ୍ରଥମଥର ଦେଖିବାକୁ ମିଳିଛି। ଜେଟ୍ ଏୟାରୱେଜ୍ ବନ୍ଦ ହୋଇଯିବା ଏବଂ ଅନ୍ୟ କେତେକ କାରଣରୁ ଫ୍ଲାଇଟ୍ ବାତିଲ କରାଯିବାରୁ ଏପରି ଦେଖିବାକୁ ମିଳିଛି ବୋଲି ଇଣ୍ଟରନ୍ୟାଶନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏଶନ(ଆଇଏଟିଏ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଏହି ଅନ୍ତରାଷ୍ଟ୍ରୀୟ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ,ବାସ୍ତବରେ ଭାରତରେ ଏୟାରଲାଇନ୍ସ ଟ୍ରାଫିକ ବାର୍ଷିକ ଆଧାରରେ ୦.୫% କମିଛି।

### ଜିଓର ୫୦୦୦ କର୍ମଚାରୀଙ୍କୁ ଛଟେଇ

**ମୁମ୍ବାଇ,୨୯-୫:** ରିଲାଏନ୍ସ ଜିଓ ଇନ୍‌ଫୋକମ୍ ବ୍ୟୟଭାର କମାଇ କାର୍ଯ୍ୟକାରୀ ଲାଭକୁ ଅଧିକ କରିବା ଲକ୍ଷ୍ୟରେ କର୍ମଚାରୀ ଛଟେଇ ଉପରେ ଗୁରୁତ୍ୱ ଦେଇଛି। ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ କମ୍ପାନୀର ଅପରେଟିଂ ମାର୍ଜିନ(କାର୍ଯ୍ୟକାରୀ ଲାଭ) ହ୍ରାସ ପାଇଥିଲା। ଜିଓ ପକ୍ଷରୁ କଣ୍ଟ୍ରାକ୍ଟରେ ଥିବା ଏବଂ ନିୟମିତ ହୋଇଥିବା ପ୍ରାୟ ୫ହଜାର କର୍ମଚାରୀଙ୍କୁ ଛଟେଇ କରାଯାଇଛି। ସେମାନଙ୍କ ମଧ୍ୟରୁ ୬୦୦ ଜଣ ନିୟମିତ କର୍ମଚାରୀ ରହିଛନ୍ତି। ଅବଶିଷ୍ଟ କର୍ମଚାରୀ କଣ୍ଟ୍ରାକ୍ଟରେ ଥିଲେ।

### ଅପାଠୁଆଙ୍କୁ ମିଳିବନି ଡ୍ରାଇଭିଂ ଲାଇସେନ୍ସ

**ଜୟପୁର,୨୯-୫:** ରାଜସ୍ଥାନ ହାଇକୋର୍ଟ ଅପାଠୁଆ ଡ୍ରାଇଭରଙ୍କୁ ଡ୍ରାଇଭିଂ ଲାଇସେନ୍ସ ଜାରି ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଣିକିଆ ଖଣ୍ଡପୀଠ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି ଯେ, ରାସ୍ତାକଡ଼ରେ ଦର୍ଶାଯାଇଥିବା ନିର୍ଦ୍ଦେଶ, ସାଇନ୍ ବୋର୍ଡ ଅଥବା ସତର୍କ ଚେତାବନୀ ପଢ଼ି ପାରୁ ନ ଥିବା ଡ୍ରାଇଭର ପଥଚାରୀଙ୍କ ଲାଗି ବିପଦ ହେଉଛନ୍ତି ଏବଂ ସେମାନଙ୍କର କ୍ଷତି ପହଞ୍ଚାଉଛନ୍ତି। ଜଷ୍ଟିସ୍ ସଞ୍ଜୀବ ପ୍ରକାଶ ଶର୍ମା ନିଜର ୨ ପୃଷ୍ଠିଆ ଆଦେଶରେ କହିଛନ୍ତି ଯେ, ମୋଟର ବାହନ ନିୟମ କେବଳ ଲାଇସେନ୍ସ ପାଇବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ହୋଇନାହିଁ ବରଂ ପଥରେ ଚାଲୁଥିବା ସାଧାରଣ ଜନତାଙ୍କ ପାଇଁ ମଧ୍ୟ ହୋଇଛି। ସେମାନଙ୍କ ଜୀବନର ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବା ଜରୁରୀ। ରାଜସ୍ଥାନ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଏକ ଗାଇଡଲାଇନ ଜାରି କରିବାକୁ ବିଚାରପତି ତାଙ୍କ ଆଦେଶରେ ଦର୍ଶାଇଛନ୍ତି।

# ରିୟଲ ଇଷ୍ଟେଟ ଲାଗି ଆସୁଛି ରେଣ୍ଟାଲ ପଲିସି

**ନୂଆଦିଲ୍ଲୀ,୨୯-୫**

- ୧୦ବର୍ଷ ପର୍ଯ୍ୟନ୍ତ ଭଡ଼ା ଉପରେ ମିଳିବ ଟିକସ ଛାଡ
- ଦେଶରେ ନିବେଶ କାରବାର ୨୯%କୁ ହ୍ରାସ ପାଇଛି
- ଅର୍ଥନୀତିକୁ ଗତିଶୀଳ କରିବା ଉଦ୍ଦେଶ୍ୟ



ରିୟଲ ଇଷ୍ଟେଟ୍ ସେକ୍ଟର ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏକ ନୂଆ ରେଣ୍ଟାଲ ପଲିସି ଆଣିବାକୁ ଯାଉଛନ୍ତି। ଭଡ଼ା ସୂତ୍ରରେ ଘରୁ ମିଳୁଥିବା ଲାଭ ଉପରେ ୧୦ ବର୍ଷ ପର୍ଯ୍ୟନ୍ତ ଟିକସ ଛାଡ଼ ଦେବାକୁ ସରକାର ବିଚାର କରୁଛନ୍ତି। ନିବେଶକୁ ଠିକ୍ ରାସ୍ତାରେ ଆଣିବା ତଥା ଅର୍ଥନୀତିକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଏଭଳି ପ୍ରସ୍ତାବ ଉପରେ ବିଚାର କରାଯାଉଛି। ଦେଶରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ଲାଗି ଅର୍ଥ ମନ୍ତ୍ରଣାଳୟ ଏହି ରଣନୀତି ଆପଣାଇବାକୁ ଯାଉଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ନିକଟରେ ରିୟଲ ଇଷ୍ଟେଟ କମ୍ପାନୀଗୁଡ଼ିକ ସହ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ବୈଠକ ହୋଇଥିଲା। ରିୟଲ ଇଷ୍ଟେଟ ସେକ୍ଟରରେ ଦେଖାଦେଇଥିବା ଆହ୍ୱାନରୁ ମୁକ୍ତି ପାଇବାର ଉପାୟ ଜଣାଇବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ସେମାନଙ୍କୁ ଘରଭଡ଼ା ବ୍ୟବସାୟ ମଡେଲ ଉପରେ ନୋଟ୍ ଦେବାକୁ କୁହାଯାଇଛି। ଏଥିରେ ବ୍ୟୟକୁ ଛାଡ ରୂପରେ ଦାବି କରିବାକୁ ଅନୁମତି ଦିଆଯିବ। ସେହିପରି ଲାଭ ଉପରେ ୧୦ ବର୍ଷ ପର୍ଯ୍ୟନ୍ତ ଟିକସ ଛାଡ ଦିଆଯିବ ବୋଲି କୁହାଯାଇଛି। ଉଲ୍ଲେଖ କରାଯାଇପାରେ ଯେ ଗତ କିଛି ବର୍ଷ ହେଲା ଦେଶରେ ନିବେଶ କାର୍‌ବାର ଜିଡିପିର ୩୬ ପ୍ରତିଶତରୁ ହ୍ରାସ ପାଇ ୨୯ ପ୍ରତିଶତରେ ପହଞ୍ଚିଯାଇଛି। ରିୟଲ ଇଷ୍ଟେଟ କ୍ଷେତ୍ର ଧୀମା ପଡ଼ିଯିବା ଏହାର ମୁଖ୍ୟ କାରଣ ବୋଲି ଅର୍ଥ ମନ୍ତ୍ରଣାଳୟ ଦର୍ଶାଇଛି। ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୧୯-୨୦ ଲାଗି ବଜେଟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଉଦ୍ୟୋଗଜଗତ ସହ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ଭେଟଘାଟ ଚାଲିଛି। ଜୁଲାଇରେ ବଜେଟ ଉପସ୍ଥାପନ କରାଯିବା ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ, ରିୟଲ ଇଷ୍ଟେଟ କ୍ଷେତ୍ରରେ ଚାହିଦା ବୃଦ୍ଧି ଲାଗି ଜିଏସ୍‌ଟି କାଉନସିଲ୍ ଇତିମଧ୍ୟରେ ନୂଆ ଗୃହ ନିର୍ମାଣ ପ୍ରକଳ୍ପ ପାଇଁ ବିନା ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟରେ ଜିଏସ୍‌ଟି ହାରକୁ ୧ ପ୍ରତିଶତ ତଥା ଅନ୍ୟ ପାଇଁ ୫%କୁ ହ୍ରାସ କରିଛନ୍ତି। ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ସହିତ ଏହା ଯଥାକ୍ରମେ ୮ ଓ ୧୨ % ଟିକସ ରଖାଯାଇଛି। ନୂଆ ନିର୍ମାଣ କ୍ଷେତ୍ରରେ ବିଲ୍ଡର ନୂଆ ଅଥବା ପୁରୁଣା ଟିକସ ହାର ବାଛିପାରିବେ।

# ଏନ୍‌ଡିଏ ସରକାର ବିକିବେ ଶସ୍ତା ଏସି

**ନୂଆଦିଲ୍ଲୀ,୨୯-୫**



ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଶସ୍ତା ଦରରେ ଲୋକଙ୍କୁ ଏସି ଯୋଗାଇବେ। ସରକାର ଦେଶବାସୀଙ୍କୁ ବଜାର ମୂଲ୍ୟଠାରୁ ୧୫ରୁ ୨୦ ପ୍ରତିଶତ ଶସ୍ତାରେ ଏସି କିଣିବାର ସୁଯୋଗ ଦେବେ। ଏହାକୁ ସରକାରୀ କମ୍ପାନୀ ଇଇଏସ୍‌ଏଲ୍ ଲଞ୍ଚ କରିବ। ନିଜ ବଜେଟ ମଧ୍ୟକୁ ଆସୁଥିବା ଏହି ଏସିରେ କମ୍ ବିଜୁଳି ଖର୍ଚ୍ଚ ହେବ। ଏହାକୁ ଯେକେହି ଘରେ ବସି ଅନ୍‌ଲାଇନରେ କିଣିପାରିବେ। ନିଜର ପୁରୁଣା ଏସିକୁ ଏକ୍ସଚେଞ୍ଜ କରି ନୂଆ ଏସି ନେବାର ଅଫର୍ ମଧ୍ୟ ପାଇପାରିବେ। ଏହି ଏସିର ବ୍ୟବହାର ଦ୍ୱାରା ବିଜୁଳି ବିଲ୍ ପ୍ରାୟ ୩୫ରୁ ୪୦ ପ୍ରତିଶତ କମ୍ ହେବ। ଆସନ୍ତା ୧ରୁ ଦେଢ଼ ମାସ ମଧ୍ୟରେ ଏହି ସୁବିଧା ଘୋଷଣା କରାଯିବ। ଖରାପ ହେଲେ ଏଥିପାଇଁ କମ୍ପାନୀ ନିକଟକୁ ଚକ୍କର କାଟିବାକୁ ପଡ଼ିବନି। ଅନ୍‌ଲାଇନ ବୁକିଂର ୨୪ ଘଣ୍ଟା ମଧ୍ୟରେ ଘରେ ଏସି ପହଞ୍ଚିଯିବ। ଏଥିଲାଗି ଇଇଏସ୍‌ଏଲ୍ ଜୁଲାଇରୁ ସାଧାରଣ ଗ୍ରାହକଙ୍କ ଲାଗି ମାର୍କେଟ ପ୍ଲେସ୍ ଲଞ୍ଚ କରିବ। କମ୍ପାନୀ ଆସନ୍ତା ବର୍ଷକ ମଧ୍ୟରେ ୨ ଲକ୍ଷ ଲୋକଙ୍କୁ ଶସ୍ତା ଏସି ବିକ୍ରି କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛି। ତେବେ ଯାହାଙ୍କ ନାଁରେ ବିଜୁଳି ବିଲ୍ ଥିବ ସେ ହିଁ ଏହି ଏସିକୁ କିଣିପାରିବେ।

# ଚାଷୀଙ୍କ ପାଇଁ ଆସିବ ପେନ୍‌ସନ ବ୍ୟବସ୍ଥା

**ନୂଆଦିଲ୍ଲୀ,୨୯-୫**



ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ସ୍କିମ୍ ଜରିଆରେ ସାଧାରଣ ନିର୍ବାଚନ ପୂର୍ବରୁ ଦେଶର ୧୨ କୋଟି ଚାଷୀ ପରିବାରଙ୍କୁ ସହାୟତା ପ୍ରଦାନ କରିବା ପରେ ଏବେ ନରେନ୍ଦ୍ର ମୋଦି ସରକାର ଅନ୍ନଦାତାଙ୍କ ପାଇଁ ଆଉ ଏକ ବୃହତ୍ ଯୋଜନା ଆଣିବାକୁ ଯାଉଛନ୍ତି। ସାଧାରଣ ନିର୍ବାଚନ ବେଳେ ଭାଜପା ପକ୍ଷରୁ ପ୍ରକାଶିତ ଘୋଷଣାପତ୍ରରେ ଏ ସମ୍ପର୍କରେ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାକୁ କାର୍ଯ୍ୟକାରୀ କରାଗଲେ ବରିଷ୍ଠ ଚାଷୀଙ୍କୁ ପେନ୍‌ସନ ମିଳିବ। କେତେକ ରାଜ୍ୟରେ ଚାଷୀଙ୍କ ପାଇଁ ଏଭଳି ପେନସନ ଯୋଜନା ରହିଛି। କିନ୍ତୁ ରାଷ୍ଟ୍ରୀୟ ସ୍ତରରେ ଚାଷୀଙ୍କୁ ସାମାଜିକ ସୁରକ୍ଷା ଦେବା ଭଳି କୌଣସି ଯୋଜନା ନାହିଁ। ସୂଚନାଯୋଗ୍ୟ ଯେ, କିଷାନ ସମ୍ମାନ ନିଧି ଯୋଜନାରେ ୨ ହେକ୍ଟର ପର୍ଯ୍ୟନ୍ତ ଚାଷ ଜମି ପାଇଁ ଚାଷୀଙ୍କୁ ସରକାର ୩ଟି କିସ୍ତିରେ ୬ ହଜାର ଟଙ୍କା ବାର୍ଷିକ ଦେଉଛନ୍ତି। ଏବେ ୬୦ ବର୍ଷରୁ ଅଧିକ ଚାଷୀଙ୍କୁ ପେନ୍‌ସନ ଦେଇ ସରକାର ସେମାନଙ୍କ ଆର୍ଥିକ ଶକ୍ତି ବୃଦ୍ଧି କରିବାକୁ ଚାହୁଁଛନ୍ତି। ଦଳର ମୁଖପାତ୍ର ରାଜୀବ ଜେଟ୍‌ଲୀ କହିଛନ୍ତି ଯେ, ଚାଷୀଙ୍କ ଲାଗି ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତିକୁ ପାଳନ କରାଯିବ। ବାସ୍ତବରେ ହରିୟାଣା ସରକାରଙ୍କ ଏହି ଯୋଜନାକୁ ମୋଦି ସରକାର ଆପଣାଇବାକୁ ଯାଉଛନ୍ତି। ହରିୟାଣାର ଭାଜପା ରାଜ୍ୟ ସଭାପତି ସୁଭାଷ ବରାଲାଙ୍କ ନେତୃତ୍ୱରେ ଏକ କମିଟି ଅନେକ ଅଧ୍ୟୟନ ପରେ ଚାଷୀଙ୍କ ପାଇଁ ପେନ୍‌ସନ ଯୋଜନା ଲାଗୁ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟାରଙ୍କ ସରକାର ଗ୍ରହଣ କରିଥିଲେ ଏବଂ ବଜେଟରେ ଏଥିଲାଗି ୧୫୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି।

# ପୂର୍ବତଟ ରେଳପଥର ନୂଆ ମୁଖ୍ୟ ଆର୍ଥିକ ପରାମର୍ଶଦାତା

**ଭୁବନେଶ୍ୱର,୨୯-୫**



ପୂର୍ବତଟ ରେଳପଥର ନୂଆ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଭାବେ ରବି ଶଙ୍କର ମିତ୍ର ଯୋଗ ଦେଇଛନ୍ତି। ସେ ଭାରତୀୟ ରେଳବାଇ ଆକାଉଣ୍ଟସ ସେବାର ୧୯୮୭ ବ୍ୟାଚ୍ ଅଧିକାରୀ। ଏହି ନୂତନ ପଦବୀରେ ଯୋଗଦାନ ପୂର୍ବରୁ ସେ ଗୁଆହାଟିସ୍ଥିତ ଉତ୍ତର ସୀମାନ୍ତ ରେଳପଥର ମୁଖ୍ୟ ବିତ୍ତ ଅଧିକାରୀ ଓ ଅର୍ଥନୈତିକ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ। ସେ ପୂର୍ବତଟ ରେଳପଥ, ଦକ୍ଷିଣପୂର୍ବ ରେଳପଥ ଏବଂ ଚିତ୍ତରଞ୍ଜନ ରେଳ ଇଞ୍ଜିନ କାରଖାନାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଯାଜପୁର ଜିଲାର ବୈତରଣୀ ରୋଡରେ ଜନ୍ମିତ ମିତ୍ର ୧୯୮୫ରେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକୋତ୍ତର ଶିକ୍ଷା ପରେ ରେଳବାଇ ସେବାରେ ଯୋଗଦାନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆଇଟିସି ଅଧ୍ୟକ୍ଷ

**ଭୁବନେଶ୍ୱର,୨୯-୫**

ଆଇଟିସି ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ସଞ୍ଜୀବ ପୁରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶପଥ ଗ୍ରହଣ ଉତ୍ସବ ପରେ ସାକ୍ଷାତ କରିଛନ୍ତି। ବାତ୍ୟା ପ୍ରଭାବିତଙ୍କ ଲାଗି ଆଇଟିସି ପକ୍ଷରୁ ୫ କୋଟି ଟଙ୍କାର ଏକ ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପୁରୀ ପ୍ରଦାନ କରିଛନ୍ତି। ପଞ୍ଚମଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ନବୀନଙ୍କୁ ସେ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ସେହିଭଳି ରାଜ୍ୟ ସରକାର ବାତ୍ୟା ପ୍ରଭାବିତ ଲୋକଙ୍କର ପୁନର୍ବାସ ଏବଂ ଥଇଥାନ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିବାରୁ ପୁରୀ ଏହାକୁ ପ୍ରଶଂସା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ଆଇଟିସି ରାଜ୍ୟ ସରକାରଙ୍କୁ ଖାଦ୍ୟ ଏବଂ ଜରୁରୀ ଆବଶ୍ୟକତା ସାମଗ୍ରୀ ଯୋଗାଇ ଦେଇଥିଲା। ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ, ଆତିଥ୍ୟ ସେବା ଦିଗରେ କମ୍ପାନୀର ଯୋଜନା, ମାଲକାନଗିରି ଜିଲାରେ ସାମାଜିକ ସେବା ଓ ଜଙ୍ଗଲ ରକ୍ଷଣାବେକ୍ଷଣ ଦିଗରେ ପୁଞ୍ଜିନିବେଶ ଉପରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

# ଅଧିକାରୀଙ୍କ କ୍ଷମତାର ସମୀକ୍ଷା କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୯-୫**

**ଜିଏସ୍‌ଟି ଫାଙ୍କି ମାମଲା**

ସୁପ୍ରିମକୋର୍ଟ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଫାଙ୍କି ଅଭିଯୋଗରେ ଟିକସ ଅଧିକାରୀଙ୍କ ଦ୍ୱାରା ଯେକୌଣସି ବ୍ୟକ୍ତିଙ୍କୁ ଗିରଫ କରିବାର ଅଧିକାର ରହିଛି କି ନା ତାହାର ସମୀକ୍ଷା କରିବେ। ଟିକସ ଅଧିକାରୀଙ୍କ ଅଧିକାରକୁ ନେଇ ସର୍ବୋଚ୍ଚ ଅଦାଲତରେ ମାମଲା ଦାଏର ହୋଇଛି। ବୁଧବାର ଅଦାଲତ ଏହା ଉପରେ ବିଚାର କରିବା ଲାଗି ଏକମତ ହୋଇଛନ୍ତି। ଏଥିସହିତ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନୋଟିସ ମଧ୍ୟ ଜାରି କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଓ ଜଷ୍ଟିସ ଅନିରୁଦ୍ଧ ବୋଷଙ୍କ ଅବକାଶକାଳୀନ ଖଣ୍ଡପୀଠ ଏହାର ପ୍ରାରମ୍ଭିକ ଶୁଣାଣି କରିଥିଲେ ଏବଂ ଏହାର ଶୁଣାଣି ୩ ଜଣିଆ ଖଣ୍ଡପୀଠରେ ହେବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଖଣ୍ଡପୀଠ ଦର୍ଶାଇଛନ୍ତି ଯେ, ଜିଏସ୍‌ଟି ଫାଙ୍କି କ୍ଷେତ୍ରରେ ଅଭିଯୁକ୍ତଙ୍କୁ ଅଗ୍ରିମ ଜାମିନ ପ୍ରଦାନ ବେଳେ ବିଭିନ୍ନ ହାଇକୋର୍ଟ ଭିନ୍ନ ଦୃଷ୍ଟିକୋଣ ଆପଣାଇଛନ୍ତି। ଏଣୁ ଜିଏସ୍‌ଟି ଆଇନ ଅଧୀନରେ ଗିରଫ କରିବାର ଅଧିକାର ବ୍ୟବସ୍ଥା ଉପରେ ନିଷ୍ପତ୍ତି ନେବାର ଆବଶ୍ୟକତା ଦେଖାଦେଇଛି। ସମସ୍ତ ହାଇକୋର୍ଟ ଜିଏସ୍‌ଟି ଫାଙ୍କି ମାମଲାରେ ଆଗୁଆ ଜାମିନ ପ୍ରଦାନ ବେଳେ ସର୍ବୋଚ୍ଚ ଅଦାଲତର ପୂର୍ବ ଆଦେଶକୁ ଧ୍ୟାନରେ ରଖିବା ଲାଗି ଖଣ୍ଡପୀଠ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ବାସ୍ତବରେ ତେଲେଙ୍ଗାନା ହାଇକୋର୍ଟଙ୍କ ସମ୍ପର୍କରେ ଖଣ୍ଡପୀଠ ଏହା ଉଲ୍ଲେଖ କରିଥିଲେ।

# ୟୁଏସ୍ କରେନ୍ସି ମନିଟରିଂ ତାଲିକାରୁ ଭାରତୀୟ ମୁଦ୍ରା ବାଦ୍

**ୱାଶିଂଟନ,୨୯-୫**

ଆମେରିକା ଏହାର କରେନ୍ସି ମନିଟରିଂ ତାଲିକାରୁ ଭାରତୀୟ ମୁଦ୍ରାକୁ ବାଦ୍ ଦେଇଛି। ତେବେ ଚାଇନାର ମୁଦ୍ରା ଏବେ ମଧ୍ୟ ଏହି ତାଲିକାରେ ରହିଛି। ଏସିଆର ଦେଶଗୁଡ଼ିକ ଦୁର୍ବଳ ହୋଇଥିବା ନିଜର ମୁଦ୍ରାକୁ ଦୃଢ଼ କରିବାକୁ ପଦକ୍ଷେପ ନେବାକୁ ଏହା ପରାମର୍ଶ ଦେଇଛି। ବିଦେଶୀ ବିନିମୟ ଦର ଉପରେ ସନ୍ଦେହ ଉପୁଜିଲେ ଆମେରିକା ବିଦେଶୀ ମୁଦ୍ରାକୁ ମନିଟରିଂ ତାଲିକାରେ ସାମିଲ କରି ଏହା ଉପରେ ତୀକ୍ଷ୍ଣ ନଜର ରଖିଥାଏ। ବାଣିଜ୍ୟ ଅଂଶଗ୍ରହଣକାରୀଙ୍କ ବିଦେଶୀ ମୁଦ୍ରା ବିନିମୟ ନୀତି ଏବଂ ମାକ୍ରୋ ଇକୋନୋମିକ୍ସ ପ୍ରସଙ୍ଗ ଉପରେ ଆମେରିକାର ଅର୍ଥ ମନ୍ତ୍ରଣାଳୟ ପ୍ରମୁଖ କଂଗ୍ରେସକୁ ପଠାଇଥିବା ଅର୍ଦ୍ଧବାର୍ଷିକ ରିପୋର୍ଟରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଂ, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

# ଆର୍ଥିକ ଲକ୍ଷ୍ୟ ହାସଲ ଲାଗି ଶୀଘ୍ର ନିବେଶ ଆରମ୍ଭ କରନ୍ତୁ

**■ ମୋର ୨ ବର୍ଷର ପୁଅଟିଏ ଅଛି। ଏକ ଚାଇଲ୍ଡ ପ୍ଲାନ୍ କିଣିବାକୁ ଚାହୁଁଛି। ପୁଅ ବା ଝିଅର ଭବିଷ୍ୟତ ପାଠପଢ଼ା କିମ୍ବା ବାହାଘର ଖର୍ଚ୍ଚ ଲାଗି ଚାଇଲ୍ଡ ପ୍ଲାନ କିଣିବା ସମୟରେ କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ଜରୁରୀ?**

**-ପୁଷ୍ପଲତା ସ୍ୱାଇଁ, ସମ୍ବଲପୁର**

▶ ଯେକୌଣସି ଆର୍ଥିକ ଲକ୍ଷ୍ୟ ହାସଲ କରିବା ଲାଗି ଯେତେ ଶୀଘ୍ର ନିବେଶ ଆରମ୍ଭ କରିବେ ତାହା ଆପଣଙ୍କ ଲାଗି ଭଲ ହେବ। ଆର୍ଥିକ ଲକ୍ଷ୍ୟ ହାସଲ ଲାଗି ଏକ ବଳିଷ୍ଠ ଯୋଜନା ଆବଶ୍ୟକ। ନିୟମିତ ସଞ୍ଚୟ ଅଭ୍ୟାସ ରହିବା ମଧ୍ୟ ଜରୁରୀ। ଆପଣ ଯଦି ୨ ବର୍ଷର ପୁଅ ଲାଗି ଏକ ଚାଇଲ୍ଡ ପ୍ଲାନ କିଣିବାକୁ ଚିନ୍ତା କରୁଛନ୍ତି ଏହା ନିଶ୍ଚିନ୍ତ ଏକ ଭଲ ପଦକ୍ଷେପ ହେବ। ଏହା ଦ୍ୱାରା ପୁଅର ଭବିଷ୍ୟତ ସୁରକ୍ଷିତ ଏବଂ ସୁନିଶ୍ଚିତ କରିପାରିବେ।

ବର୍ତ୍ତମାନ ଆର୍ଥିକ ବଜାରରେ ପ୍ରାୟ ସବୁ କମ୍ପାନୀ ଚାଇଲ୍ଡ ପ୍ଲାନ ପ୍ରଦାନ କରୁଛନ୍ତି। ଆପଣଙ୍କ ଆର୍ଥିକ ଲକ୍ଷ୍ୟ,ଆବଶ୍ୟକତା ଏବଂ ଭବିଷ୍ୟତ ଖର୍ଚ୍ଚକୁ ଦୃଷ୍ଟି ଦେଇ ଏକ ଚାଇଲ୍ଡ ପ୍ଲାନ କିଣିବେ।

### ଭବିଷ୍ୟତ ଆର୍ଥିକ ଲକ୍ଷ୍ୟ ସୁରକ୍ଷିତ କରିବା

ଜୀବନ ବୀମା କମ୍ପାନୀଗୁଡ଼ିକ ପ୍ରଦାନ କରୁଥିବା ଚାଇଲ୍ଡ ପ୍ଲାନ ଦ୍ୱାରା ଆପଣ ପୁଅ ବା ଝିଅର ପାଠପଢ଼ା କିମ୍ବା ବାହାଘର ଖର୍ଚ୍ଚ ସବୁକୁ ସୁନିଶ୍ଚିତ କରିପାରିବେ। ଆପଣଙ୍କ ଆର୍ଥିକ ଲକ୍ଷ୍ୟକୁ ଦୃଷ୍ଟି ଦେଇ କେତେ ବର୍ଷ ଅବଧିର ଓ କେତେ ଟଙ୍କାର ବୀମା ସୁରକ୍ଷା କିଣିଲେ ପିଲାଙ୍କ ଭବିଷ୍ୟତ ସୁରକ୍ଷିତ ରହିବ ତାହା ଆପଣଙ୍କୁ ହିସାବ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ ଯଦି ପୁଅର ଭବିଷ୍ୟତ ପାଠପଢ଼ା ଖର୍ଚ୍ଚ ସବୁ ୧୮-୨୫ ବର୍ଷ ଭିତରେ ଆବଶ୍ୟକତା ରହିଛି ତେବେ ଚାଇଲ୍ଡ ପ୍ଲାନର ଅବଧି ୨୫ ବର୍ଷ ରଖିବା ଉଚିତ ହେବ। ଏହାଦ୍ୱାରା ଆପଣ ପୁଅର କଲେଜ ଆଡମିଶନ ସମୟ ଓ ପରବର୍ତ୍ତୀ ସମୟରେ ପଲିସିରୁ କିଛି ଅର୍ଥ ପାଇ ପାରିବେ।

### ପଲିସିର ଜୀବନ ବୀମା ସୁରକ୍ଷା ରାଶି

ଆର୍ଥିକ ଲକ୍ଷ୍ୟ ସବୁକୁ ଦୃଷ୍ଟି ଦେଇ ଆପଣ ନେଇଥିବା ପଲିସିର ପରିପକ୍ୱ ସମୟରେ କିମ୍ବା ନିୟମିତ ବ୍ୟବଧାନରେ କିଛି ଅର୍ଥ ପାଇବା ପାଇଁ ହିସାବ କରି ଜୀବନ ବୀମା ରାଶି ସ୍ଥିର କରିବାକୁ ପଡ଼ିବ।

**ଉଦାହରଣ-**ବର୍ତ୍ତମାନ ଇଞ୍ଜିନିୟରିଂ ପାଠପଢ଼ା ଯଦି ୧୦ ଲକ୍ଷ ଟଙ୍କା ଓ ପାଠପଢ଼ା ମୁଦ୍ରାସ୍ଫୀତି ହାର ବାର୍ଷିକ ୧୦% ତେବେ ୧୮ ବର୍ଷ ପରେ ଇଞ୍ଜିନିୟରିଂ ପାଠପଢ଼ା ଖର୍ଚ୍ଚ ଲାଗି ଆପଣଙ୍କୁ ୫୫ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରିବାକୁ ପଡ଼ିବ। ଏହାକୁ ଧ୍ୟାନ ଦେଇ ଚାଇଲ୍ଡ ପ୍ଲାନର ଜୀବନ ବୀମା ସୁରକ୍ଷା ରାଶି ବିଷୟରେ ନିଷ୍ପତ୍ତି ନେବାକୁ ପଡ଼ିବ। ଆପଣ ପାଠପଢ଼ା ଖର୍ଚ୍ଚର ମୁଦ୍ରାସ୍ଫୀତିକୁ ଜମା ଅଣଦେଖା କରି ପାରିବେ ନାହିଁ।

### ପ୍ଲାନ୍ କ୍ରୟ ବେଳେ

ଚାଇଲ୍ଡ ପ୍ଲାନ କିଣିବା ସମୟରେ ପରିବାରର ମୁଖ୍ୟ ହିଁ ଚାଇଲ୍ଡ ପ୍ଲାନ କିଣିବା ଉଚିତ୍। ଯାହା ଦ୍ୱାରା ତାଙ୍କର ଜୀବନ ବୀମା ସୁରକ୍ଷା ହୋଇପାରିବ।

### ପ୍ରିମିୟମ ୱେଭର ବେନିଫିଟ୍

ଏହି ସୁବିଧା ଦ୍ୱାରା ପୁଅର ଭବିଷ୍ୟତକୁ ସୁରକ୍ଷିତ କରିପାରିବେ। ପୁଅର ସୁନେଲି ଭବିଷ୍ୟତକୁ ନିଶ୍ଚିତ କରିବା ଲାଗି ଚାଇଲ୍ଡ ପ୍ଲାନର ପ୍ରିମିୟମ ୱେଭର ବେନିଫିଟ (ପିଡବ୍ଲ୍ୟୁବି)ରାଇଡର ନିଶ୍ଚିତ ସଂଯୋଗ କରିବେ।

**ଉଦାହରଣ ସ୍ୱରୂପ-** ଯଦି ଆପଣ ପଲିସିର ଅବଧି ଶେଷ ପର୍ଯ୍ୟନ୍ତ ଜୀବିତ ରୁହନ୍ତି ତେବେ ଚାଇଲ୍ଡ ପଲିସିର ପରିପକ୍ୱ ରାଶି ପୁଅର ଭବିଷ୍ୟତ ପାଇଁ ଖର୍ଚ୍ଚ କରିପାରିବେ। ଯଦି ପଲିସି ଅବଧି ଭିତରେ ଆପଣଙ୍କ ଅକାଳ ମୃତ୍ୟୁ ହୋଇଯାଏ ତେବେ ଆପଣଙ୍କୁ ଆଉ ଜୀବନ ବୀମା ପଲିସିର ପ୍ରିମିୟମ ପୈଠ କରିବାକୁ ପଡ଼ିବ ନାହିଁ। ପଲିସିର ସମସ୍ତ ସୁବିଧା ଏବଂ ପରିପକ୍ୱ ରାଶି ପାଇପାରିବେ ଓ ପୁଅର ଭବିଷ୍ୟତ ପାଇଁ ଖର୍ଚ୍ଚ କରିବେ। ଏହା ଦ୍ୱାରା ପୁଅର ଭବିଷ୍ୟତ ସୁନିଶ୍ଚିତ ହୋଇପାରିବ।

### କ୍ଲେମ୍ ସମାଧାନ ଧାରା ଦେଖନ୍ତୁ

ଜୀବନ ବୀମା କମ୍ପାନୀର ବିଗତ ୨୦ ବର୍ଷର ଦାବି ଅର୍ଥ ପରିଶୋଧ ଅନୁପାତ(କ୍ଲେମ ସେଟେଲମେଣ୍ଟ ରେସିଓ)କୁ ଦୃଷ୍ଟି ଦେବା ନିହାତି ଜରୁରୀ। ୧ କିମ୍ବା ୨ ବର୍ଷର ରିପୋର୍ଟ ଦେଖି କୌଣସି ନିଷ୍ପତ୍ତି ନେବା ଭୁଲ ହେବ।

ପ୍ରତ୍ୟେକ ବାପାମା ନିଜ ପିଲାଙ୍କ ଲାଗି ଚାଇଲ୍ଡ ପ୍ଲାନ ନିହାତି ନେବା ଉଚିତ୍। ପୁଅ ଓ ଝିଅର ଭବିଷ୍ୟତ ସୁନିଶ୍ଚିତ ଓ ଖୁସିଠାରୁ ବାପାମାଙ୍କ ଅନ୍ୟ କିଛି ପ୍ରାଧାନ୍ୟ ନାହିଁ। ଆମର ପରାମର୍ଶ ଆପଣ ଆଜି ହିଁ ପୁଅର ଭବିଷ୍ୟତକୁ ସୁରକ୍ଷିତ ଏବଂ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଅନ୍ତୁ।

**■ ମୁଁ ଗ୍ରାମାଞ୍ଚଳରେ ରହୁଛି। ମୋର ମାସିକ ଆୟ ୭୦୦୦ ଟଙ୍କା। ମାସିକ ୫୦୦ ଟଙ୍କା ସଞ୍ଚୟ କରିବାକୁ ଚାହୁଁଛି। ରିସ୍କ ନେବାକୁ ଚାହୁଁନାହିଁ। ବ୍ୟାଙ୍କ ଆର୍‌ଡି ଠିକ୍ ହେବ କି?**

**-ଅମର ମାଝି,ବାରିପଦା**

▶ ଆପଣ ଡାକଘର ପୌନଃପୁନିକ ଜମା ଖାତା(ଆର୍‌ଡି)ରେ ସଞ୍ଚୟ କରି ପାରନ୍ତି। ଏହି ସ୍କିମରେ ବର୍ତ୍ତମାନ ୭.୩% ବାର୍ଷିକ ସୁଧହାର ଚକ୍ରବୃଦ୍ଧି ସୁଧ ମିଳେ। ମାସିକ ୫୦୦ ଟଙ୍କା ଆସନ୍ତା ୫ ବର୍ଷ ଲାଗି ଜମା କରିପାରିବେ। ଆପଣ ଇଚ୍ଛା କଲେ ଆଉ ଅଧିକ ୫ ବର୍ଷ ବଢ଼ାଇ ସଞ୍ଚୟ କରି ପାରିବେ। ଏହି ସ୍କିମରେ ସର୍ବନିମ୍ନ ଜମା ପରିମାଣ ୧୦ ଟଙ୍କା ଏବଂ ସର୍ବୋଚ୍ଚ ସୀମା ନାହିଁ। ଜମାକାରୀ ଚାହିଁଲେ ୩ ବର୍ଷ ପରେ ଆକାଉଣ୍ଟ ବନ୍ଦ କରିପାରିବେ।

**■ ମୁଁ ଚଳିତ ବର୍ଷ ରୋଜଗାର ଆରମ୍ଭ କରିଛି। ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପିରେ ମାସିକ ୧୦୦୦ ଟଙ୍କା ନିବେଶ କରିବାକୁ ଚାହୁଁଛି। ୩୦ ବର୍ଷ ପରେ କେତେ ପାଣ୍ଠି ଗଠନ ହୋଇପାରିବ?**

**- ସୌମ୍ୟ ମିଶ୍ର, ବ୍ରହ୍ମପୁର**

▶ ମାସିକ ୧୦୦୦ ଟଙ୍କା ହିସାବରେ ଯଦି ଆସନ୍ତା ୩୦ ବର୍ଷ ନିବେଶ କରନ୍ତି ତେବେ ୧୨% ବାର୍ଷିକ ସୁଧହାର ଧରିନେଲେ ତେବେ ଆପଣ ୩୫.୨୯ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରିପାରିବେ। ଆମର ପରାମର୍ଶ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ପୂର୍ବରୁ ନିବେଶ ସମ୍ପର୍କିତ ସମସ୍ତ ରିସ୍କ ଓ ତଥ୍ୟ ଭଲ ଭାବେ ବୁଝି ନିବେଶ ଲାଗି ନିଷ୍ପତ୍ତି ନିଅନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,**
**ଭୁବନେଶ୍ୱର - ୧୦**









ବିଶ୍ୱକପ୍‌ରେ ଆମ ଦଳ ଫେଭରାଇଟ୍ ଥିଲେ ମଧ ଦକ୍ଷିଣ ଆଫ୍ରିକା ବିପକ୍ଷ ଉଦ୍‌ଘାଟନୀ ମୁକାବିଲାରେ ଆମେ ଚାପରେ ନାହୁଁ।

**–ଇଅନ ମୋର୍ଗାନ, ଇଂଲଣ୍ଡ ଅଧିନାୟକ**

# ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା ଉଦ୍‌ଘାଟନୀ ମୁକାବିଲା

**ଲଣ୍ଡନ,୨୯।୫(ଏଏଫ୍‌ପି)**

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ଲଣ୍ଡନର କେନିଂଟନ ଓଭାଲ ଗ୍ରାଉଣ୍ଡରେ ଆୟୋଜକ ତଥା ଫେଭରାଇଟ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଉଦ୍‌ଘାଟନୀ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଇଂଲଣ୍ଡର ଗତ ୪ ବର୍ଷର ପରିଶ୍ରମ ଓ ରଣନୀତି ଏହି ମ୍ୟାଚ୍‌ରେ ପରୀକ୍ଷାର ସମ୍ମୁଖୀନ ହେବ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଖେଳାଯାଇଥିବା ବିଶ୍ୱକପ୍‌ର ୨୦୧୫ ସଂସ୍କରଣ ଇଂଲଣ୍ଡ ପ୍ରଥମ ରାଉଣ୍ଡରୁ ବିଦାୟ ନେଇ ସଂଘାତିକ ବିଫଳତାର ସମ୍ମୁଖୀନ ହୋଇ ଥିଲା। ଫଳରେ ଇଂଲଣ୍ଡ ଦିନିକିଆ ଫର୍ମାଟରେ ନିଜ ଆଭିମୁଖ୍ୟ ଓ ପ୍ରଦର୍ଶନରେ ପରିବର୍ତ୍ତନ ଆଣିବାକୁ ଗୁରୁତର ଭାବେ ଯୋଜନା କରିଥିଲା।

ଗତ ୪ ବର୍ଷ ମଧ୍ୟରେ ଦିନିକିଆ ଫର୍ମାଟରେ ଇଂଲଣ୍ଡର ଆଖିଦୃଶିଆ ପରିବର୍ତ୍ତନ ହୋଇଛି। ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗର ଶୀର୍ଷ ସ୍ଥାନ ଅଧିକାର କରିଛି। ଇଂଲଣ୍ଡ ଦୁଇଥର ଦିନିକିଆରେ ସର୍ବାଧିକ ଦଳୀୟ ସ୍କୋର ହାସଲ କରିଛି। ୬ ଉଇକେଟ ହରାଇ ଇଂଲଣ୍ଡ ୪୮୧ ରନ କରି ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଇଂଲଣ୍ଡ ବ୍ୟାଟିଂ ଲାଇନ୍ ଜବରଦସ୍ତ ରହିଛି। ଜାସନ ରଏ, ଜୋ ରୁଟ, ମୋର୍ଗନ ଓ ଡାଇନାମିକ୍ ଜୋସ ବଟଲର ଆଖି ପିଛୁଳାକେ ଇନିଂସରେ ଇନିଂସରେ ପରିବର୍ତ୍ତନ କରିପାରିବେ ଓ ପ୍ରତିପକ୍ଷ ଦଳର ବୋଲିଂ ଲାଇନକୁ ଧ୍ୱଂସ କରିବାର କ୍ଷମତା ରଖୁଛନ୍ତି। ପ୍ରତିପକ୍ଷ ଦଳ ୩୭୦ ରନ ସଂଗ୍ରହ କଲେ ମଧ ଆମେ ତାଙ୍କୁ ସଫଳତାର ସହ ଚେଜ୍ କରିପାରିବୁ ଓ ଏହି ବିଶ୍ୱାସ ଦଳ ନିକଟରେ ରହିଛି ବୋଲି ଇଂଲଣ୍ଡ ଲେଗ୍ ସ୍ପିନର ଆଦିଲ ରସିଦ କହିଛନ୍ତି। ଦଳ ଯେକୌଣସି ବଡ଼ ଟାର୍ଗେଟକୁ ଚେଜ୍ କରିପାରିବ ବୋଲି ଆମ ପାଖରେ ଆତ୍ମ ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି। ଗତ ୪ ବର୍ଷ ହେବ ଆମେ ଯେଉଁ ଭଳି ପ୍ରଦଶନ କରିଆସିଛୁ ତାହାକୁ ଜାରି ରଖିବାକୁ ପ୍ରୟାସ କରିବୁ। ଏହା କାମରେ ଆସିବ ଓ ଆମେ ସଫଳ ହେବୁ ବୋଲି ରସିଦ କହିଛନ୍ତି। ଇଂଲଣ୍ଡର ଦିନିକିଆ ବିପ୍ଳବରେ ଅବଶ୍ୟ ରସିଦଙ୍କ ବଡ଼ ଭୂମିକା ରହିଛି।

ଅପରପକ୍ଷରେ ବିଶ୍ୱକପ୍ ଇତିହାସରେ ଦକ୍ଷିଣ ଆଫ୍ରିକା ଏକ ହତଭାଗ୍ୟ ଦଳ ଭାବେ ସାବ୍ୟସ୍ତ ହୋଇଛି। ଗତ ସଂସ୍କରଣରେ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପରାସ୍ତ ହୋଇଥିଲା। ଫଳରେ ଏଥର ଏହି ଦଳ କିଛି କରିଦେଖାଇବ ବୋଲି ଆଶା କରାଯାଉଛି। ଆୟୋଜକ ଦଳ ଇଂଲଣ୍ଡ ଉପରେ ନିଶ୍ଚିତ ଭାବେ ଅଧିକ ଚାପ ରହିବ ଏକଥା ଦକ୍ଷିଣ ଆଫ୍ରିକା କୋଚ୍ ଓଟିସ୍ ଗିବ୍‌ସନ ହୃଦୟଙ୍ଗମ କରିଛନ୍ତି। ଇଂଲଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ ଯୁବ ପେସର ଷ୍ଟୁଆର୍ଟ ବ୍ରଡ ଏବେ ଦିନିକିଆରେ ବେଶି ସକ୍ରିୟ ନ ଥିଲେ ମଧ ଗିବ୍‌ସନ ଏହି ଦୁଇଙ୍କ କଥାକୁ ମନେ ପକାଇଛନ୍ତି। ଅତି ଖରପ୍ ଖେଳିଲେ ଇଂଲଣ୍ଡ ଏଥର ବିଶ୍ୱକପ୍ ହାସଲ କରିବାରେ ବିଫଳ ହେବ ବୋଲି ଏହି ଦୁଇ ବୋଲର ପୂର୍ବରୁ ମତ ରଖିଥିଲେ। ସତେ ଯେପରି ଇଂଲଣ୍ଡ ବିଶ୍ୱକପ୍ ଜିତିସାରିଛି, ଏହା ଏହି ଦୁଇଙ୍କ କଥାରୁ ମନେହେଉଛି ବୋଲି ସେ କହିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଆୟୋଜକ ତଥା ବିଶ୍ୱର ୧ ନମ୍ବର ଦଳ ବିପକ୍ଷରେ ଅବତୀର୍ଣ୍ଣ ହେବା ନିଶ୍ଚିତ ଭାବେ ଏକ ବଡ଼ କଥା ଓ ଏକ ଭଲ ଆରମ୍ଭ ବୋଲି ଗିବ୍‌ସନ କହିଛନ୍ତି। ଏହା ଦ୍ୱାରା ଆମେ ଆମର ଦକ୍ଷତା ଜାଣିପାରିବୁ ଓ ଆଗକୁ କଣ କରିବାକୁ ହେବ ତାହା ସ୍ଥିର କରିବୁ। ତେବେ ୧ ନମ୍ବର ଦଳ ହୋଇ ନ ଥିଲେ ମଧ ବିଶ୍ୱକପ୍ ଜିତିବାରେ ଆମର କୌଣସି ସମସ୍ୟା ନାହିଁ। ୧ ନମ୍ବର ଦଳ ହୋଇ ନ ଥିଲେ ମଧ ଗୋଟିଏ ଦଳ ବିଶ୍ୱକପ୍ ଚାମ୍ପିୟନ ହୋଇପାରିବ।

ଅଭିଜ୍ଞ ଏବି ଡିଭିଲର୍ସ ଅବସର ନେଇଥିବାରୁ ଦକ୍ଷିଣ ଆଫ୍ରିକା ତାଙ୍କ ଅନୁପସ୍ଥିତି ଅନୁଭବ କରିବ। ତେବେ ଦଳରେ ପ୍ରତିଭାସମ୍ପନ୍ନ କ୍ୱିଣ୍ଟନ ଡି କକ୍ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ଫାଫ୍ ଡୁପ୍ଲେସଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଏଥର କିଛ କରିଦେଖାଇବା ଲକ୍ଷ୍ୟରେ ରହିଛି। ଅଭିଜ୍ଞ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ୍ କାନ୍ଧରେ ଆଘାତ ସମସ୍ୟା କାରଣରୁ ଏହି ମ୍ୟାଚ୍ ଖେଳିବେ ନାହିଁ। ଷ୍ଟେଇନ୍‌ଙ୍କ ବିନା ଦକ୍ଷିଣ ଆଫ୍ରିକା ମ୍ୟାଚ୍ ନିକଟ ଅତୀତରେ ଖେଳିବାର ଅଭ୍ୟସ୍ତ ରହିଛି। ଯୁବ ଦ୍ରୁତ ବୋଲର କାଗିସୋ ରାବାଡ଼ା ଏବେ ବିଶ୍ୱର ଅଗ୍ରଣୀ ବୋଲର ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ବ୍ୟାକ୍ ଇଞ୍ଜୁରିରୁ ମୁକ୍ତ ହୋଇ ସେ ପଡିଆକୁ ଓହ୍ଲାଇବେ। ତାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ବିଶ୍ୱକପ୍‌ର ଏହି ଉଦ୍‌ଘାଟନୀ ମ୍ୟାଚ୍‌କୁ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ସଂଖ୍ୟାରେ ଦର୍ଶକ ଉପଭୋଗ କରିବେ ଓ ଏହା ବେଶ୍ ରୋମାଞ୍ଚକ ଓ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲି, ଜୋଫ୍ରା ଆର୍ଚର, ଜନୀ ବେୟାରଷ୍ଟୋ, ଜୋସ ବଟଲର, ଟମ୍ କୁରାନ, ଲିଆମ ଡସନ, ଲିଆମ ପ୍ଲଙ୍କେଟ, ଆଦିଲ ରସିଦ, ଜୋ ରୁଟ୍, ଜାସନ ରଏ, ବେନ ଷ୍ଟୋକ୍ସ, ଜେମ୍ସ ଭିନ୍ସ, କ୍ରିସ୍ ୱୋକ୍ସ ଓ ମାର୍କ ଉଡ୍।

**ଦକ୍ଷିଣ ଆଫ୍ରିକା ଦଳ:** ଫାଫ ଡୁପ୍ଲେସି (ଅଧିନାୟକ), ହାସିମ ଅମଲା, କ୍ୱିଣ୍ଟନ ଡିକକ୍, ଜେପି ଡୁମିନି, ଇମ୍ରାନ ତାହିର, ଏଡେନ ମାରକ୍ରାମ, ଡେଭିଡ ମିଲର, କ୍ରିସ୍ ମୋରିସ୍, ଲୁଙ୍ଗି ଏନ୍‌ଗିଡି, ଆଣ୍ଡିଲ ଫେଲୁକାଓ୍ୱ, ଡ୍ୱେନ ପ୍ରିଟୋରିୟସ୍, କାଗିସୋ ରବାଡ଼ା, ତାମରେଜ ସାମସି, ଡେଲ ଷ୍ଟେଇନ୍, ରାସି ଭାନ ଡେର ଡୁସେନ।



ଲଣ୍ଡନର ବକିଂହାମ ପ୍ୟାଲେସରେ ବ୍ରିଟେନ ରାଣୀ ଏଲିଜାବେଥ୍‌ଙ୍କ ସହ ବିଶ୍ୱକପରେ ଅଂଶଗ୍ରହଣକାରୀ ୧୦ ଦଳର ଅଧିନାୟକ।



ଯେହେତୁ ଆମ ଦଳ ଅଣ୍ଡରଡଗ୍ସ ଭାବେ ଗଣାଯାଉଛି, ତେଣୁ ଆମ ଉପରେ ଚାପ କମ୍ ରହିଛି।

**–ଫାଫ୍ ଡୁ ପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ**



ଅଭ୍ୟାସ ଅବସରରେ କାଗିସୋ ରାବାଡା

## ଆଇସିସି ବିଶ୍ୱକପ୍
(ଗୁରୁବାର ମ୍ୟାଚ୍)



ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା
ସ୍ଥାନ: ଲଣ୍ଡନ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଭେନ୍ୟୁ

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଗୁରୁବାରଠାରୁ ଗ୍ରେଟ୍ ବ୍ରିଟେନରେ ଆରମ୍ଭ ହେବାକୁ ଯାଉଛି। ଏହି ମେଗା ଇଭେଣ୍ଟ ୧୧ଟି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭେନ୍ୟୁଗୁଡ଼ିକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...



**କେନିଂଟନ ଓଭାଲ**
ଅବସ୍ଥିତି- ଲଣ୍ଡନ, ସ୍ଥାପନ- ୧୮୪୫
ଦର୍ଶକ କ୍ଷମତା- ୨୫,୫୦୦, ହୋମ୍ କାଉଣ୍ଟି ଟିମ୍- ସରେ , ଫ୍ଲଡ୍ ଲାଇଟ୍- ରହିଛି
ବିଶ୍ୱକପ୍ ମ୍ୟାଚ୍- ୫



**ଟ୍ରେଣ୍ଟ ବ୍ରିଜ**
ଅବସ୍ଥିତି- ନଟିଂହାମ, ସ୍ଥାପନ- ୧୮୪୧
ଦର୍ଶକ କ୍ଷମତା- ୧୫,୩୫୦ରୁ ୧୭ ହଜାର
ହୋମ୍ କାଉଣ୍ଟି ଟିମ୍- ନଟିଂହାମଶାୟର
ଫ୍ଲଡ୍ ଲାଇଟ୍- ରହିଛି, ବିଶ୍ୱକପ୍ ମ୍ୟାଚ୍- ୫



**କାଉଣ୍ଟି ଗ୍ରାଉଣ୍ଡ**
ଅବସ୍ଥିତି- ବ୍ରିଷ୍ଟଲ, ସ୍ଥାପନ- ୧୮୮୯
ଦର୍ଶକ କ୍ଷମତା- ୧୭,୫୦୦
ହୋମ୍ କାଉଣ୍ଟି ଟିମ୍- ଗ୍ଲୁଷ୍ଟରଶାୟର
ଫ୍ଲଡ୍ ଲାଇଟ୍- ନାହିଁ,ବିଶ୍ୱକପ୍ ମ୍ୟାଚ୍- ୩



**ଲର୍ଡ୍ସ**
ଅବସ୍ଥିତି- ଲଣ୍ଡନ, ସ୍ଥାପନ- ୧୮୧୪, ଦର୍ଶକ କ୍ଷମତା- ୨୮ ହଜାର, ହୋମ୍ କାଉଣ୍ଟି ଟିମ୍- ମେରିଲବୋନ୍ କ୍ରିକେଟ୍ କ୍ଲବ, ମିଡ୍‌ଲସେକ୍ସ, ଫ୍ଲଡ୍ ଲାଇଟ୍- ରହିଛି,
ବିଶ୍ୱକପ୍ ମ୍ୟାଚ୍- ଫାଇନାଲକୁ ମିଶାଇ ୫ ମ୍ୟାଚ



**ଦି ରୋଜ୍ ବାଉଲ୍**
ଅବସ୍ଥିତି- ସାଉଥମ୍ପଟନ, ସ୍ଥାପନ- ୨୦୦୧
ଦର୍ଶକ କ୍ଷମତା- ୨୫,୦୦୦
ହୋମ୍ କାଉଣ୍ଟି ଟିମ୍- ହାମ୍ପଶାୟର
ଫ୍ଲଡ୍ ଲାଇଟ୍- ରହିଛି, ବିଶ୍ୱକପ୍ ମ୍ୟାଚ୍- ୫



**ହେଡ୍‌ଲିଂ**
ଅବସ୍ଥିତି- ଲିଡ୍ସ, ସ୍ଥାପନ- ୧୮୯୦
ଦର୍ଶକ କ୍ଷମତା- ୧୮,୩୫୦,
ହୋମ୍ କାଉଣ୍ଟି ଟିମ୍- ୟର୍କଶାୟର୍
ଫ୍ଲଡ୍ ଲାଇଟ୍- ନାହିଁ, ବିଶ୍ୱକପ୍ ମ୍ୟାଚ୍- ୫ ମ୍ୟାଚ୍



**ଦି କୁପର୍ ଆସୋସିଏଟ୍ କାଉଣ୍ଟି ଗ୍ରାଉଣ୍ଡ**
ଅବସ୍ଥିତି- ଟଣ୍ଟନ୍, ସ୍ଥାପନ- ୧୮୮୨, ଦର୍ଶକ କ୍ଷମତା- ୧୨,୫୦୦, ହୋମ୍ କାଉଣ୍ଟି ଟିମ୍- ସମରସେଟ୍
ଫ୍ଲଡ୍ ଲାଇଟ୍- ନାହିଁ, ବିଶ୍ୱକପ୍ ମ୍ୟାଚ୍- ୩



**ଓଲ୍ଡ ଟ୍ରାଫୋର୍ଡ**
ଅବସ୍ଥିତି- ମାଞ୍ଚେଷ୍ଟର୍, ସ୍ଥାପନ- ୧୮୫୭, ଦର୍ଶକ କ୍ଷମତା- ୨୬ ହଜାର, ହୋମ୍ କାଉଣ୍ଟି ଟିମ୍- ଲଙ୍କାଶାୟର, ଫ୍ଲଡ୍ ଲାଇଟ୍- ନାହିଁ
ବିଶ୍ୱକପ୍ ମ୍ୟାଚ୍- ସେମିଫାଇନାଲକୁ ମିଶାଇ ୬ ମ୍ୟାଚ୍



**ରିଭରସାଇଡ୍ ଗ୍ରାଉଣ୍ଡ**
ଅବସ୍ଥିତି- ଚେଷ୍ଟର-ଲି ଷ୍ଟ୍ରିଟ୍, ସ୍ଥାପନ- ୧୯୯୫
ଦର୍ଶକ କ୍ଷମତା- ୨୦ ହଜାର, ହୋମ୍ କାଉଣ୍ଟି ଟିମ୍- ଡରହାମ୍
ଫ୍ଲଡ୍ ଲାଇଟ୍- ନାହିଁ, ବିଶ୍ୱକପ୍ ମ୍ୟାଚ୍- ୩ ମ୍ୟାଚ୍



**ସୋଫିଆ ଗାର୍ଡେନ୍ସ**
ଅବସ୍ଥିତି- କାର୍ଡିଫ୍, ଦର୍ଶକ କ୍ଷମତା- ୧୫ ହଜାର, ହୋମ୍ କାଉଣ୍ଟି ଟିମ୍- ଗ୍ଲାମରଗନ୍, ଫ୍ଲଡ୍ ଲାଇଟ୍- ରହିଛି
ବିଶ୍ୱକପ୍ ମ୍ୟାଚ୍- ୪ ମ୍ୟାଚ୍



**ଏଜ୍‌ବାଷ୍ଟନ**
ଅବସ୍ଥିତି- ବର୍ମିଂହାମ୍, ସ୍ଥାପନ- ୧୮୮୨
ଦର୍ଶକ କ୍ଷମତା- ୨୫ ହଜାର, ହୋମ୍ କାଉଣ୍ଟି ଟିମ୍- ୱର୍କଶାୟର, ଫ୍ଲଡ୍ ଲାଇଟ୍- ରହିଛି, ବିଶ୍ୱକପ୍ ମ୍ୟାଚ୍- ସେମିଫାଇନାଲକୁ ମିଶାଇ ୫ ମ୍ୟାଚ୍

❝ ଆମର ବ୍ୟାଟିଂ ବିଭାଗ ବେଶ୍ ଶକ୍ତିଶାଳୀ ରହିଥିବାରୁ ଦିନିକିଆ କ୍ରିକେଟରେ ପ୍ରଥମ ଦଳ ଭାବେ ୱେଷ୍ଟଇଣ୍ଡିଜ ୫୦୦ ରନ୍ ଅତିକ୍ରମ କରିବ ବୋଲି ମୋର ଆଶା ରହିଛି।

–ସାଇ ହୋପ୍, ୱେଷ୍ଟଇଣ୍ଡିଜ କ୍ରିକେଟର



❝ ଲୋକେଶ ରାହୁଲ ଉପଯୁକ୍ତ ସମୟରେ ଶତକ ହାସଲ କରିଥିବାରୁ ୪ ନମ୍ବର ସ୍ଥାନରେ ସେ ବ୍ୟାଟିଂ କରିବା ଆମ ପାଇଁ ପଜିଟିଭ ହେବ।

–ବିରାଟ କୋହଲି, ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ



## ସଂକ୍ଷେପରେ

### କୁଜୁରଙ୍କ ଗୋଲରେ ଭାରତ ବିଜୟୀ

ଡବଲିନ(ଆୟର୍ଲାଣ୍ଡ), ୨୯।୫: ଶର୍ମିଳା ଦେବୀ ଓ ଓଡ଼ିଶାର ମାରିଆନା କୁଜୁରଙ୍କ ଗୋଲ ବଳରେ ଭାରତୀୟ ଜୁନିୟର ମହିଳା ହକି ଦଳ ବୁଧବାର ୨-୦ ଗୋଲରେ ପ୍ରତିପକ୍ଷ କାନାଡ଼ାକୁ ପରାସ୍ତ କରିଛି। ମେ ୩୧ରୁ ଜୁନ ୪ ପର୍ଯ୍ୟନ୍ତ ହେବାକୁଥିବା କାଣ୍ଟର ଫିଜ୍‌ଗେରାଲ୍ଡ ୨୧ ବର୍ଷରୁ କମ୍ ଚତୁଃରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ପୂର୍ବରୁ ଭାରତୀୟ ଦଳପାଇଁ ଏହାଥିଲା ଅନ୍ତିମ ୱାର୍ମଅପ୍ ଗେମ୍। ମ୍ୟାଚଟି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତର ଶର୍ମିଳା ଓ ୪ର୍ଥ କ୍ୱାର୍ଟରରେ ପେନାଲ୍ଟି କର୍ନରରୁ ଡ୍ରାଗ୍ ଫ୍ଲିକ୍ ଜରିଆରେ ଗୋଲ ଦେଇ ମାରିଆନା ଭାରତକୁ ବିଜୟୀ କରାଇଥିଲେ।

### ଓଡ଼ିଶା ଜିତିଲା

ଭୁବନେଶ୍ୱର, ୨୯।୫(କ୍ରୀଡ଼ା ପ୍ରତିନିଧି): ହରାୟାଣାର ହିସାରଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର(ଡିଭିଜନ-ଏ) ମହିଳା ହକିର ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୩-୦ ଗୋଲରେ କର୍ନାଟକକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ଗୋଲଶୂନ୍ୟ ରହିବାପରେ ତୃତୀୟ କ୍ୱାର୍ଟରରେ ସୁମି ମୁଣ୍ଡାରୀ ଓ ରେଶ୍ମି କିଶାନ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ୪ର୍ଥ କ୍ୱାର୍ଟରରେ ସୁମି ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷର ତୃତୀୟ ଗୋଲଟି ସ୍କୋର କରିଥିଲେ।

# ଭାରତୀୟ ଦଳରେ ୩ ଓଡ଼ିଆ

ନୂଆଦିଲ୍ଲୀ,୨୯।୫(ପିଟି)

ଆସନ୍ତା ୧୫ ତାରିଖରୁ ଜାପାନର ହିରୋଶିମାଠାରେ ଏଫ୍‌ଆଇଏଚ୍ ମହିଳା ସିରିଜ୍ ଫାଇନାଲ୍ସ ହକି ଟୁର୍ନାମେଣ୍ଟ ଖେଳାଯିବ। ଏଥିଲାଗି ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ବୁଧବାର ରାଣୀ ରାମ୍‌ପାଲଙ୍କ ନେତୃତ୍ୱରେ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ରାଣୀଙ୍କୁ ଗୋଲକିପର ସବିତା ଉପଅଧିନାୟକ ଭାବେ ସାହାଯ୍ୟ କରିବେ। ଦଳରେ ୩ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁନୀତା ଲାକ୍ରା, ଦୀପଗ୍ରେସ ଏକ୍କା ଓ ଲିଲିମା ମିଞ୍ଜ। ଅଭିଜ୍ଞ ସବିତା ଓ ରଜନୀ ଇଟିମାର୍ପୁ ଭାରତୀୟ ଦଳର ଗୋଲକିପିଂ ଦାୟିତ୍ୱରେ ରହିବେ। ଡିଫେନ୍ସ ଭାଗରେ ଦୀପଗ୍ରେସ, ନିଶା, ଗୁରଜିତ କୌର, ସାଲିମା ଟେଟେ ଓ ସୁନୀତା ଲାକ୍ରା। ସେହିଭଳି ମୋନିକା, ନିକି ପ୍ରଧାନ, ଲିଲିମା ମିଞ୍ଜ, ନେହା ଗୋୟଲ ଓ ସୁଶୀଲା ଚାନୁ ପୁଖରାମବାମ ମିଡ୍‌ଫିଲ୍ଡ ବିଭାଗ ସମ୍ଭାଳିବେ। ଫରୱାର୍ଡ ତଥା ଦଳର ଆକ୍ରମଣ ବିଭାଗରେ ଅଧିନାୟିକା ରାଣୀ, ବନ୍ଦନା କାଟାରିୟା, ନବଜୋତ କୌର, ଲାଲରେସିଆମି ଓ ଜ୍ୟୋତି ସ୍ଥାନ ପାଇଛନ୍ତି। ଆମ ନିକଟରେ ଯୁବ ଓ ଅଭିଜ୍ଞ ଖେଳାଳିଙ୍କ ଏକ ଭଲ ଦଳ ରହିଛି। ଆହତ ରିନା ଖୋକରଙ୍କ ବଦଳରେ ମିଡ୍‌ଫିଲ୍ଡର ବିଭାଗରେ ନିଶାଙ୍କୁ ଦଳରେ ସାମିଲ କରାଯାଇଛି। ଅଭ୍ୟାସରେ ସେ ଭଲ ପ୍ରଦର୍ଶନ କରିଥିଲେ। ନିଜ ଦାୟିତ୍ୱ ଠିକ୍ ରୂପେ ତୁଲାଇବେ ବୋଲି ମୋର ଆଶା। ଟୁର୍ନାମେଣ୍ଟ ପାଇଁ ଆମେ ଭଲ ଭାବେ ପ୍ରସ୍ତୁତ ବୋଲି ମହିଳା ଦଳର ମୁଖ୍ୟ ଜୋର୍ଡ ମାରିଜନେ କହିଛନ୍ତି।


ଦୀପଗ୍ରେସ ଏକ୍କା


ଲିଲିମା ମିଞ୍ଜ


ସୁନୀତା ଲାକ୍ରା

### ମହିଳା ହକି ସିରିଜ ଫାଇନାଲ୍ସ

ଭାରତୀୟ ମହିଳା ହକି ଦଳ: ସବିତା (ଉପଅଧିନାୟିକ), ରଜନୀ ଇଟିମାର୍ପୁ। ଡିଫେଣ୍ଡର: ଦିପ ଗ୍ରେସ ଏକ୍କା, ନିଶା, ସୁନୀତା ଲାକ୍ରା, ଗୁରଜିତ କୌର, ସାଲିମା ଟେଟେ। ମିଡ୍‌ଫିଲ୍ଡର: ମୋନିକା, ନିକି ପ୍ରଧାନ, ଲିଲିମା ମିଞ୍ଜ, ନେହା ଗୋୟଲ, ସୁଶୀଲା ଚାନୁ ପୁଖରାମବାମ। ଫରୱାର୍ଡ: ରାଣୀ (ଅଧିନାୟିକା), ବନ୍ଦନା କାଟାରିୟା, ନବନିତ କୌର, ଲାଲରେସିଆମି ଓ ଜ୍ୟୋତି।

# କୋହଲିଙ୍କ ମହମ ପ୍ରତିମୂର୍ତ୍ତି ଉନ୍ମୋଚିତ



ଲଣ୍ଡନ, ୨୯।୫(ପି.ଟି.)

ଆଇସିସି ବିଶ୍ୱକପ୍ ଶୁଭାରମ୍ଭ ଅବସରରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଭାରତୀୟ ଅଧିନାୟକ ତଥା ବ୍ୟାଟିଂ ସୁପରଷ୍ଟାର ବିରାଟ୍ କୋହଲିଙ୍କ ମହମ ପ୍ରତିମୂର୍ତ୍ତୀ ଉନ୍ମୋଚନ କରାଯାଇଛି। ଜଣାଶୁଣା ୱାକ୍ସ ମ୍ୟୁଜିୟମ ମ୍ୟାଡମ ଟୁସାଦ ଏହାର ଉନ୍ମୋଚନ କରିଛି। ଗୁରୁବାରଠାରୁ ଜୁଲାଇ ୧୫ ପର୍ଯ୍ୟନ୍ତ ଟୁର୍ନାମେଣ୍ଟ ଅସବରରେ ଏହି ପ୍ରତିମୁର୍ତ୍ତୀ ମ୍ୟାଡମ ଟୁସାଦ ମ୍ୟୁଜିୟମ୍‌ରେ ରହିବ। ଆଗାମୀ ସପ୍ତାହରେ ଦେଶରେ କ୍ରିକେଟ କ୍ରେଜ୍ ଆଶାତୀତ ଭାବେ ବୃଦ୍ଧି ଘଟିବ। ତେଣୁ ଏହି ଅବସରରେ କୋହଲିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ଏକ ବଡ଼ କଥା ବୋଲି ଲଣ୍ଡନ ସ୍ଥିତ ମ୍ୟାଡାମ ଟୁସାଦ ଜେନେରାଲ ମ୍ୟାନେଜର ଷ୍ଟିଭ ଡେଭିସ୍ କହିଛନ୍ତି। କ୍ରିକେଟ ପ୍ରଶଂସକମାନେ ସେମାନଙ୍କ ହିରୋର ଖେଳ ଉପଭୋଗ କରିବା ସଙ୍ଗେସଙ୍ଗେ ପ୍ରତିମୂର୍ତ୍ତିକୁ ଦେଖିବାରୁ ସୁଯୋଗ ହାସଲ କରିବେ ବୋଲି ସେ କହିଛନ୍ତି। ଏହି ପ୍ରତିମୂର୍ତ୍ତିରେ କୋହଲି ଭାରତୀୟ ଜର୍ସି ପିନ୍ଧିଥିବାର ଦେଖିବାକୁ ମିଳିବ। ସେହିପରି ପ୍ରତିମୂର୍ତ୍ତୀ ପାଇଁ କୋହଲି ନିଜେ ଜୋତା ଓ ଗ୍ଲୋଭ ଦେଇଛନ୍ତି। କୋହଲିଙ୍କ ପୂର୍ବରୁ ଉସେନ ବୋଲ୍ଟ, ସାର ମୋ ଫରା ଓ କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ବିଶ୍ୱକପ୍ ଅବ୍ୟବହିତ ପୂର୍ବରୁ ଲର୍ଡ୍ସରେ କୋହଲିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବା ସୌଭାଗ୍ୟର ବିଷୟ ବୋଲି ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡ ହେଡ୍ ଅଫ୍ ରିଟେଲ ଆଣ୍ଡ ଟୁର୍ସ ଟାରା କୁନିଙ୍ଗହାମ କହିଛନ୍ତି। କୋହଲିଙ୍କ ଏହି ପ୍ରତିମୂର୍ତ୍ତି ସମସ୍ତଙ୍କୁ ଆମୋଦିତ କରିବ ବୋଲି ସେ କହିଛନ୍ତି।

# ନାଡାଲ, ଫେଡରର ୩ୟ ରାଉଣ୍ଡରେ


ବିଜୟ ହାସଲ ପରେ ରାଫାଲ ନାଡାଲ।

### ଫ୍ରେଞ୍ଚ୍ ଓପନ ଟେନିସ

ପ୍ୟାରିସ, ୨୯।୫(ଏଏଫପି)

ସ୍ପେନର ରାଫାଲ ନାଡାଲ ଓ ସୁଇଜରଲାଣ୍ଡର ରୋଜର ଫେଡରର ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କ୍ଲେ-କୋର୍ଟର ରାଜାଭାବେ ପରିଚିତ ନାଡାଲ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଜର୍ମାନୀର ୟାନିକ୍ ମାଡେନଙ୍କୁ ୬-୧, ୬-୨, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ୧୭ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ୩୨ ବର୍ଷୀୟ ନାଡାଲ ବେଲଜିୟମର ଡେଭିଡ୍ ଗଫିନଙ୍କୁ ପରବର୍ତ୍ତୀ ରାଉଣ୍ଡରେ ଭେଟିବେ। ଅନ୍ୟଏକ ମ୍ୟାଚରେ ଫେଡରର ଜର୍ମାନୀର ଓସ୍କାର ଓଟ୍ଟଙ୍କୁ ୬-୪, ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ଫେଡରର ନରୱେର କାସ୍ପର ରୁଡ୍‌ଙ୍କୁ ଭେଟିବେ। ରୁଡ୍ ୬-୪, ୭-୫, ୬-୩ ସେଟ୍‌ରେ ଇଟାଲିର ମାଟେଓ ବେରେଟିନିଙ୍କୁ ହରାଇଥିଲେ। ଗ୍ରୀକ୍ ଷ୍ଟାର ଷ୍ଟିଫାନୋସ ଟିସିଟସିପାସ ବଲିଭିଆର ହ୍ୟୁଗୋ ଡେଲିଏନଙ୍କୁ ୪-୬, ୬-୦, ୬-୩, ୭-୫ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ୟୁକ୍ରେନର ଏଲିନା ସ୍ୱିଟୋଲିନା ତୃତୀୟ ରାଉଣ୍ଡରେ ୨୦୧୬ ଚାମ୍ପିୟନ ଗାବ୍ରିନ ମୁଗୁରୁଜାଙ୍କୁ ଭେଟିବେ। ମୁଗୁରୁଜା ସ୍ୱିଡେନର ଜୋହାନା ଲାର୍ସନଙ୍କୁ ୬-୪, ୬-୧ ସେଟ୍‌ରେ ହରାଇ ଆଗକୁ ବଢ଼ିଛନ୍ତି। ଗତବର୍ଷର ରନର୍ସଅପ୍ ସ୍ଲୋଆନେ ଷ୍ଟିଫେନ୍ସ ୬-୧, ୭-୬(୭/୩) ସେଟ୍‌ରେ ସାରା ସୋରିବେସ ଟର୍‌ମୋଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଡୋପିଂ ବଳୟରେ ଭାରତୀୟ ଭାରୋତ୍ତୋଳକ

ନୂଆଦିଲ୍ଲୀ, ୨୯।୫(ପି.ଟି.)

ନିଷିଦ୍ଧ ଡ୍ରଗ୍ସ ସେବନ ଅଭିଯୋଗରେ କେତେକ ଭାରତୀୟ ଭାରୋତ୍ତୋଳକ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ପକ୍ଷରୁ କରାଯାଇଥିବା ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଭାରତୀୟ ଭାରୋତ୍ତୋଳନ ଫେଡେରେଶନ(ଆଇଡବଲ୍ୟୁଏଲଏଫ) ପକ୍ଷରୁ ବୁଧବାର ଏହା ସ୍ପଷ୍ଟ କରାଯାଇଛି। ଫେବୃୟାରୀ ୨୧ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଅବସରରେ ପ୍ରତିଯୋଗୀମାନଙ୍କ ଡୋପ ଟେଷ୍ଟ କରାଯାଇଥିଲା। ତେବେ କେଉଁମାନେ ଏଥିରେ ବିଫଳ ହୋଇଛନ୍ତି ତାହା ପ୍ରକାଶ କରାଯାଇନାହିଁ। ସାମୋଆର ଆପିଆଠାରେ ଜୁଲାଇ ୯ରୁ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ ପୂର୍ବରୁ ଏପରି ଏକ ଖବର ଭାରତକୁ ଚିନ୍ତାରେ ପକାଇ ଦେଇଛି। ସାଧାରଣତଃ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ଭାରତୀୟ ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଥାନ୍ତି। ‘‘କେତେକ ଭାରୋତ୍ତୋଳକଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଛି। ତେବେ ଆମେ ନାଡାର ସମ୍ପୂର୍ଣ୍ଣ ରିପୋର୍ଟକୁ ଅପେକ୍ଷା କରିଛୁ। ଏହା ହସ୍ତଗତ ହେବାପରେ ଆମେ ଅଧିକ କିଛି କହିପାରିବୁ’’ ବୋଲି ଭାରତୀୟ ଫେଡେରେଶନର ସାଧାରଣ ସମ୍ପାଦକ ସହଦେବ ଯାଦବ ପ୍ରକାଶ କରିଛନ୍ତି।

ନିୟମ ଅନୁସାରେ ‘ଏ’ ସାମ୍ପଲ ପଜିଟିଭ୍‌ଥିବା ଭାରୋତ୍ତୋଳକଙ୍କ ‘ବି’ ସାମ୍ପଲ ପରୀକ୍ଷା କରାଯିବ। ଯଦି ଏହା ମଧ୍ୟ ପଜିଟିଭ୍ ଆସେ ତେବେ ସମ୍ପୃକ୍ତ ଭାରୋତ୍ତୋଳକମାନେ ୪ ବର୍ଷ ବାସନ୍ଦ ହେବା ସମ୍ଭାବନା ରହିଛି। ଫେଡେରେଶନ ଏ ଦିଗରେ ସତର୍କତା ଅବଲମ୍ବନ କରୁଥିଲେ ହେଁ ଏପରି ଘଟିବା ଚିନ୍ତାଜନକ ବୋଲି ଯାଦବ କହିଛନ୍ତି। ‘‘ଆମେ ଏ ଦିଗରେ ଯଥେଷ୍ଟ ସତର୍କତା ଅବଲମ୍ବନ କରୁଛୁ। ମାତ୍ର ଭାରୋତ୍ତୋଳକ ମାନଙ୍କୁ ନିୟନ୍ତ୍ରଣରେ ରଖିବା ସମ୍ଭବ ହେଉନାହିଁ। ସେମାନେ ଘରକୁ ଯାଇ ପ୍ରଦର୍ଶନରେ ଉନ୍ନତି ପାଇଁ ଶକ୍ତିବୃଦ୍ଧିକାରୀ ଡ୍ରଗ୍ସ ସେବନ କରୁଛନ୍ତି’’ ବୋଲି ସେ କହିଛନ୍ତି। ଡୋପିଂ କଥା ଉଠିଲେ ସବୁଠାରୁ ପ୍ରଭାବିତ କ୍ରୀଡ଼ା ମଧ୍ୟରେ ଭାରୋତ୍ତୋଳନ ଅନ୍ୟତମ। ଅନ୍ତର୍ଜାତୀୟ ଭାରୋତ୍ତୋଳନ ଫେଡେରେଶନ(ଆଇଡବଲ୍ୟୁଏଫ) ମଧ୍ୟ ଏ ଦିଗରେ କଡ଼ା ଆଭିମୁଖ୍ୟ ପୋଷଣ କରୁଛି। ନୂଆ ଅଲିମ୍ପିକ୍ କ୍ୱାଲିଫାଇଂ ପଲିସି ଅନୁସାରେ ଭାରତୀୟ ଭାରୋତ୍ତଳନ ସର୍ବଦା ଡୋପ୍ ବିବାଦରେ ଫସୁଛି। ଡୋପ ଟେଷ୍ଟରେ ବିଫଳ ପ୍ରତିଯୋଗୀଙ୍କ ସଂଖ୍ୟା ୧୦ ଅତିକ୍ରମ କରିଥିବାରୁ ଭାରତର ଅଲିମ୍ପିକ୍ କୋଟାକୁ ୪(୨ ମହିଳା, ୨ ପୁରୁଷ)ରେ ସୀମିତ ରଖା ଯାଇଛି। ଏହା ଯଦି ୨୦ରେ ପହଞ୍ଚେ ତେବେ ଅଲିମ୍ପିକ୍ କୋଟା ୨କୁ ହ୍ରାସ ପାଇବ।

# ୮ ଲକ୍ଷ ଟଙ୍କା ନ ଦେଲେ ଆଜୀବନ ବାସନ୍ଦ

ନୂଆଦିଲ୍ଲୀ,୨୯।୫(ପି.ଟି.)

୮ ଲକ୍ଷ ଟଙ୍କା ନ ଦେଲେ ଭାରତୀୟ ମହିଳା ରେସଲର ରୀନା ଆଜୀବନ ବାସନ୍ଦ ହେବେ। ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଜରିମାନା ଅର୍ଥ ୧୬ ଲକ୍ଷ ଟଙ୍କାର ଅଧା ଦେବାକୁ ରୀନାଙ୍କୁ ନିର୍ଦ୍ଦେଶ ଦେଇଛି। ନିୟମ ଅନୁସାରେ ଯେକୌଣସ ଡୋପ୍ ଅଫେନ୍ସ ପାଇଁ ଡବ୍ଲ୍ୟୁଏଫ୍‌ଆଇ ୟୁନାଇଟେଡ ୱାର୍ଲ୍ଡ ରେସିଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)କୁ ୧୬ ଲକ୍ଷ ଟଙ୍କା ଦେବାକୁ ବାଧ୍ୟ। ତେବେ ରୀନାଙ୍କୁ ଏହାର ଅଧା ଦେବାକୁ ପଡିବ ବୋଲି କୁହାଯାଇଛି।

୨୩ବର୍ଷରୁକମ୍ ଏସିଆନ୍ ଚାମ୍ପିୟନଶିପ୍ ରୌପ୍ୟପଦକ ବିଜୟିନୀ ରୀନା ଗତ ମାର୍ଚ୍ଚରେ ହୋଇଥିବା ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ଫଳରେ ତାଙ୍କୁ ସାମୟିକ ଭାବେ ବାସନ୍ଦ କରାଯାଇଥିଲା। ଜାତୀୟ ନିଶା ନିବାରଣ ସଂସ୍ଥା (ନାଡ଼ା) ଦ୍ୱାରା ହେବାକୁ ଥିବା ଅନ୍ତିମ ଶୁଣାଣିର ଫଳାଫଳକୁ ଡବ୍ଲ୍ୟୁଏଫ୍‌ଆଇ ଅପେକ୍ଷା କରିଛି। ଯଦି ରୀନା ଏଥିରେ ବିଫଳ ହୁଅନ୍ତି ତେବେ ତାଙ୍କୁ ୮ ଲକ୍ଷ ଟଙ୍କା ଦେବାକୁ ହେବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଗତ ବର୍ଷ ଦୁଇ ରେସଲର ଯତୀନ ଓ ମନୀଷ ଡୋପ୍ ଟେଷ୍ଟରେ ବିଫଳ ହେବା କାରଣରୁ ୟୁଡବ୍ଲ୍ୟୁଡବ୍ଲ୍ୟୁକୁ ଡବ୍ଲ୍ୟୁଏଫ୍‌ଆଇ ୩୨ ଲକ୍ଷ ଟଙ୍କା ଜରିମାନା ଦେଇଥିଲା। ତେବେ ଜରିମାନାର ଅଧା ଅର୍ଥ ଦେଇ ନ ପାରିବାରୁ ଏହି ଦୁଇ ରେସଲରଙ୍କୁ ଆଜୀବନ ବାସନ୍ଦ କରାଯାଇଥିଲା।

ଡବ୍ଲ୍ୟୁଏଫ୍‌ଆଇର ଅଧିକାରୀଙ୍କ କହିବା ଅନୁସାରେ ରୀନା ଯନ୍ତ୍ରଣା ଲାଘବ ପାଇଁ ନିଜର ବ୍ୟକ୍ତିଗତ କୋଚ୍‌ଙ୍କ ପରାମର୍ଶ କ୍ରମେ ଇଞ୍ଜେକ୍‌ଶନ ନେଇଥିଲେ। ରୀନା ଗତବର୍ଷ ଜୁନିୟର ଏସିଆନ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେହିପରି ୨୦୧୫ ଏସିଆନ କ୍ୟାଡେଟ ଚାମ୍ପିୟନଶିପ୍‌ରେ ସେ ରୌପ୍ୟ ପଦକ ହାସଲ କରିଥିଲେ।

# ଚର୍ଚ୍ଚାରେ ଧୋନୀଙ୍କ ଫିଲ୍ଡ ସେଟିଙ୍ଗ

କାର୍ଡିଫ,୨୯।୫

କ୍ରିକେଟରେ ଏମିତି କିଛି ନାହିଁ, ଯାହା ମହେନ୍ଦ୍ର ସିଂ ଧୋନୀ କରିପାରିବେ ନାହିଁ। ଭେଟେରାନ ଭାରତୀୟ କ୍ରିକେଟର ବିଶ୍ୱର ଶ୍ରେଷ୍ଠ ଉଇକେଟକିପର ନିଜର ଫିନିଶିଂ ଦକ୍ଷତା ଓ ନେତୃତ୍ୱ ଶୈଳୀ ପାଇଁ ବିଶ୍ୱରେ ପରିଚିତ। ପୂର୍ବତନ ଅଧିନାୟକ ଏଠାରେ ବାଂଲାଦେଶ ଓ ଭାରତ ମଧ୍ୟରେ ଖେଳାଯାଇଥିବା ୱାର୍ମଅପ୍ ମ୍ୟାଚ୍‌ରେ କ୍ରିକେଟ ପ୍ରଶଂସକଙ୍କୁ ଚକିତ କରି ଦେଇଛନ୍ତି। ମ୍ୟାଚ୍‌ର ୪୦ତମ ଓଭରରେ ଧୋନୀ ବ୍ୟାଟିଂ କରୁଥିବାବେଳେ ବୋଲର ଶବିର ରେହମାନଙ୍କୁ ବଲ ପକାଇବା ପୂର୍ବରୁ ଅଟକାଇ ଦେଇଥିଲେ। କାରଣ ଧୋନୀ ଫିଲ୍ଡରେ କିଛି ତ୍ରୁଟି ଦେଖିବାକୁ ପାଇଥିଲେ। ଏହାପରେ ୩୭ ବର୍ଷୀୟ ଧୋନୀ ବୋଲର ଶବିରଙ୍କୁ ମିଡ୍ ଉଇକେଟରୁ ଫିଲ୍ଡର ହଟାଇ ସ୍କୋୟାର ଲେଗ୍ ଅଞ୍ଚଳକୁ ପଠାଇବାକୁ ଉପଦେଶ ଦେଇଥିଲେ। ସଂଘର୍ଷପୂର୍ଣ୍ଣ ମୁକାବିଲା ହୋଇଥିଲେ ମଧ୍ୟ ସ୍ପିନର ଶବିର ଭାରତୀୟ ଦଳର ପୂର୍ବତନ ଅଧିନାୟକଙ୍କ ଉପଦେଶ ପାଳନ କରିଥିଲେ। ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ପ୍ରବଳ ଚର୍ଚ୍ଚା ହେବା ସହ ଭିଡିଓ ଭାଇରାଲ ହୋଇଛି। ଉଲ୍ଲେକଥାଉ କି ଧୋନୀ ୭୮ ବଲର ସମ୍ମୁଖୀନ ହୋଇ ୧୧୩ ରନ୍ କରିଥିଲେ। ଏହି ଶତକୀୟ ଇନିଂସରେ ୭ ଛକା ଓ ୮ ଚୌକା ସାମିଲ ଥିଲା।

# ଶୁଟିଂ ବିଶ୍ୱକପ୍: ମନୁ ଭାକର ୭ମ ଭାରତୀୟ

ମ୍ୟୁନିକ୍, ୨୯।୫(ପି.ଟି.)

ଦେଶର ୭ମ ଶୁଟର ଭାବେ ମନୁ ଭାକର ୨୦୨୦ ଟୋକିଓ ଅଲିମ୍ପିକ୍‌କୁ ଯୋଗ୍ୟତା ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ର ୧୦ ମିଟର ମହିଳା ଏୟାର ପିସ୍ତଲ ଇଭେଣ୍ଟରେ ୧୭ ବର୍ଷୀୟା ମନୁ ୪ର୍ଥ ସ୍ଥାନରେ ରହି ଅଲିମ୍ପିକ୍ ଟିକେଟ୍ ପାଇଛନ୍ତି। ଏହି ଇଭେଣ୍ଟର ଫାଇନାଲରେ ମନୁ ୨୦୧.୦ ସ୍କୋର କରି ୪ର୍ଥ ସ୍ଥାନରେ ରହିବା ସହ ଅଳ୍ପକେ ପୋଡିୟମ ଫିନିଶ୍ କରିବାରୁ ବଞ୍ଚିତ ହୋଇଥିଲେ। ପୂର୍ବରୁ ବିଭିନ୍ନ ବିଶ୍ୱସ୍ତରୀୟ ଇଭେଣ୍ଟରେ ପଦକ ଜିତି ସାରିଥିବା ମନୁ ଯୋଗ୍ୟତା ପର୍ଯ୍ୟାୟରେ ୫୮୨ ପଏଣ୍ଟ ସ୍କୋର କରି ୩ୟ ସ୍ଥାନରେ ରହିଥିଲେ। ଏଥିରେ ସେ ନିଜର ଶେଷ ଦୁଇ ରାଉଣ୍ଡରେ ୯୮ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ମହିଳା ୧୦ ମିଟର ପିସ୍ତଲରେ ଏହା ମଧ୍ୟ ଭାରତର ପ୍ରଥମ କୋଟା ଥିଲା। ସୌରଭ ଚୌଧାରୀ ଓ ଅଭିଷେକ ବର୍ମା ପୂର୍ବରୁ ପୁରୁଷ ୧୦ ମିଟର ଏୟାର ପିସ୍ତଲରେ ଅଲିମ୍ପିକ୍‌କୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।



## ରାଜ୍ୟ କବାଡ଼ି ରେଫରି ପରୀକ୍ଷା ୨ରେ

କଟକ ଅଫିସ,୨୯।୫

ଓଡ଼ିଶା କବାଡ଼ି ସଂଘ ଆନୁକୂଲ୍ୟରେ ଢେଙ୍କାନାଳ ଜିଲା ମହେନ୍ଦ୍ରପୁର ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନ ୨ରେ ରାଜ୍ୟ କବାଡ଼ି ରେଫ୍‌ରି ପରୀକ୍ଷା ହେବ। କବାଡ଼ି ରେଫ୍‌ରି ଯୋଗ୍ୟତା ହାସଲ ପାଇଁ ଇଚ୍ଛୁକ ପ୍ରାର୍ଥୀ ଶିକ୍ଷାଗତ ଯୋଗ୍ୟତା, ବୟସ ପ୍ରମାଣପତ୍ର, ଆଧାରକାର୍ଡ ଓ ଫଟୋ ସହ ପରୀକ୍ଷାକେନ୍ଦ୍ରରେ ନାମ ପଞ୍ଜୀକରଣ କରିପାରିବେ। ଅଧିକ ବିବରଣୀ ନିମନ୍ତେ ପରୀକ୍ଷା ସଂଯୋଜକ ଅଭିମନ୍ୟୁ ମଲ୍ଲିକ, ରାଜ୍ୟ ସଂଘର ରେଫରି ବୋର୍ଡ ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନଙ୍କ ସହ ଯୋଗାଯୋଗ କରିବାକୁ ରାଜ୍ୟ ସଂଘ ସମ୍ପାଦକ ଅଜୟ କୁମାର ବେହେରା ସୂଚନା ଦେଇଛନ୍ତି।

## ୨ୟ ରାଉଣ୍ଡରେ ଶରନ

ପ୍ୟାରିସ, ୨୯।୫(ପି.ଟି.)

ଭାରତୀୟ ଟେନିସ ଖେଳାଳି ଡିଭିଜ ଶରନ ଓ ତାଙ୍କ ବ୍ରାଜିଲୀୟ ଯୋଡ଼ିଦାର ମାର୍ସେଲୋ ଡେମୋଲାଇନର ଫ୍ରେଞ୍ଚ ଓପନ ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେମାନେ ୬-୩, ୪-୬, ୬-୨ ସେଟ୍‌ରେ ହଙ୍ଗେରୀ-ସ୍ୱିଡେନ ଯୋଡ଼ିଦାର ଫୁକ୍‌ସୋଭିକ ଓ ଲିଣ୍ଡଷ୍ଟେଡେଟ୍‌ଙ୍କୁ ପରାସ୍ତ କରିଛନ୍ତି।

# ବିଶ୍ୱକପ୍ ହାଇସ୍କୋରିଂ ହେବ

ଜ୍ୟାକ କାଲିସ୍

ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ସାରା ବିଶ୍ୱର କ୍ରିକେଟ ପ୍ରେମୀଙ୍କ ସମ୍ମୁଖରେ ଆୟୋଜକ ତଥା ଟୁର୍ନାମେଣ୍ଟ ଫେଭରାଇଟ୍ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଦକ୍ଷିଣ ଆଫ୍ରିକ ଲୋ- ପ୍ରୋଫାଇଲ ଦଳ ଭାବେ ବିବେଚିତ ହେଉଥିଲେ ମଧ୍ୟ ପ୍ରଥମ ଆରମ୍ଭ ହେବା ପରେ ଏହି ଧାରଣାରେ ପରିବର୍ତ୍ତନ ଆସିବ। କ୍ୟାରିୟରରେ ୫ଟି ବିଶ୍ୱକପ ଖେଳିବାର ସୁଯୋଗ ହାସଲ କରିଛି। ତଥାକଥିତ ଶକ୍ତିଶାଳୀ ତଥା ଫେଭରାଇଟ୍ ଓ ଦୁର୍ବଳ ଦଳ ସହ ଆମେ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛି। ବିଭିନ୍ନ ଦଳ ସହ ଖେଳି ବିଭିନ୍ନ ଢଙ୍ଗରେ ଆମେ ପ୍ରଭାବିତ ହୋଇଛୁ। ତେବେ ନକାରାତ୍ମକ ଭାବେ ପ୍ରଭାବିତ ହୋଇନାହୁଁ। ପଡିଆରେ ଆମର ପ୍ରଦର୍ଶନ ସବୁବେଳେ ଆମ ସପକ୍ଷରେ ଯାଇନଥାଏ। କୋଡୋଟି ମୁକାବିଲାରେ ଖରାପ୍ ଖେଳିଥିଲେ ମଧ୍ୟ ଆଉ କିଛିମ୍ୟାଚ୍‌ରେ ଆମେ ଭଲ ପ୍ରଦର୍ଶନ କରିଥାଉ। ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ଭଲ ପ୍ରଦର୍ଶନ କରିବ ବୋଲି ଆଶା କରୁଛି।

ଫାଫ୍ ଡୁପ୍ଲେସିଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଦଳ ଏବେ ଫୋକସ୍‌ରେ ରହିଛି। ତେବେ ଇଂଲଣ୍ଡ ଓ ଭାରତ ଉପରେ ସମସ୍ତଙ୍କ ନଜର ଅପେକ୍ଷାକୃତ ଅଧିକ ରହିଛି। ଫଳରେ ଦକ୍ଷିଣ ଆଫ୍ରିକା ପ୍ରତି ମ୍ୟାଚ୍‌ରେ ଖେଳ ଓ ରଣନୀତି ଉପରେ ମନୋନିବେଶ କରିବାର ଅଧିକ ସୁଯୋଗ ହାସଲ କରିଛି। ଦକ୍ଷିଣ ଆଫ୍ରିକା ତା’ର ଦୁଇଟି ଅଭ୍ୟାସ ମ୍ୟାଚ୍ ତଥା ୱାର୍ମଅପ୍ ଗେମ୍‌ରେ ସଫଳ ପ୍ରଦର୍ଶନ କରିଛି। ଦ୍ୱିତୀୟ ମ୍ୟାଚ୍‌ରେ ହାସିମ ଅମଲା କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିବା ପରେ ଅବଶ୍ୟ ବର୍ଷା ହୋଇଥିଲା।

ଦଳ ଚୟନ ପୂର୍ବରୁ ଅମଲା କଷ୍ଟକର ସମୟ ଦେଇ ଗତି କରିଥିଲେ। ସେତେବେଳେ ତାଙ୍କୁ ୧୫ ଜଣିଆ ବିଶ୍ୱକପ୍ ଦଳରେ ସାମିଲ କରାଯିବ ନାହିଁ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଏହି ଆକଳନ ପରିପକ୍ୱ ନ ଥିଲା ଓ ନିହାତି ହାସ୍ୟାସ୍ପଦ ଥିଲା। ଅଭିଜ୍ଞତା ଦୃଷ୍ଟିକୋଣରୁ ସେ ସମସ୍ତଙ୍କ ଆଗରେ ରହିଛନ୍ତି। ତାଙ୍କର ଅଭିଜ୍ଞତାରୁ ଦକ୍ଷିଣ ଆଫ୍ରିକା ଫାଇଦା ଉଠାଇପାରିବ। ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି)ର ଏହି ମେଗା ଇଭେଣ୍ଟରେ ସେ ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଇପାରେ। ଏହା ତାଙ୍କ କ୍ୟାରିୟର ଶେଷ ବିଶ୍ୱକପ୍ ବୋଲି କୁହାଯାଇପାରେ।

ଅଭିଜ୍ଞ ଦ୍ରୁତ ବୋଲର ଡେଲ ଷ୍ଟେଇନ୍ ପ୍ରଥମ କେତୋଟି ମ୍ୟାଚ୍ ଖେଳିପାରିବେ ନାହିଁ। ତେବେ ସେ ଫିଟ୍ ହୋଇ ଦଳରେ ସାମିଲ ହେଲେ ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ ବୋଲି ମୋର ବିଶ୍ୱାସ ଅଛି। ଅମଲା ଓ ଷ୍ଟେଇନ୍‌ଙ୍କ ଉପସ୍ଥିତି ଯୁବ ଖେଳାଳିଙ୍କୁ ପ୍ରେରଣା ଦେବ ଓ ଡ୍ରେସିଂ ରୁମ୍‌ର ମାହୋଲକୁ ସହଜ କରିବ। ଏହି ଦୁଇ ବରିଷ୍ଠ ଖେଳାଳି ନ ଖେଳିଲେ ମଧ୍ୟ ଅନ୍ୟମାନଙ୍କ ଆତ୍ମବିଶ୍ୱାସ ଓ ଏକାଗ୍ରତା ବୃଦ୍ଧି କରାଇବାରେ ସହାୟକ ହେବେ।

ଟୁର୍ନାମେଣ୍ଟରେ ଏଥର ଅଧିକ ଅଣ୍ଡରଡଗ୍ ସାମିଲ ହେବା ଆଶାକରୁଥିବା କ୍ରିକେଟ ପ୍ରଶଂସକଙ୍କ ପ୍ରତି ମୋର ସମବେଦନା ରହିଛି। ଏଥର ବିଶ୍ୱକପ୍‌ର ଫର୍ମାଟକୁ ମୁଁ ବେଶ୍ ପସନ୍ଦ କରିଛି। ଯେକୌଣସି ଦଳ ପ୍ରଥମେ କୋଡେଟି ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପରେ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ହାସଲ କରିବ। ବିଶ୍ୱକପ୍‌ରେ ସାମିଲ ହୋଇଥିବା ପ୍ରତ୍ୟେକ ୧୦ଟି ଦଳ ପରସ୍ପରକୁ ଭେଟିବେ। ଫଳରେ ପ୍ରତ୍ୟେକ ଦଳ ଲିଗ୍ ପର୍ଯ୍ୟାୟରେ ୯ଟି ଲେଖାଏ ମ୍ୟାଚ୍ ଖେଳିବାର ସୁଯୋଗ ପାଇବେ। ତେଣୁ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ, ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି କୁହାଯାଇପାରେ। ଏଥର ବିଶ୍ୱକପ୍ ହାଇସ୍କୋରିଂ ହେବ। ଏହାର ଅର୍ଥ ବ୍ୟାଟିଂରେ ଶକ୍ତିଶାଳୀ ଥିବା ଦଳ ଓ ବୋଲିଂରେ ଦକ୍ଷ ଥିବା ଉଭୟ ସୁବିଧାଜନକ ସ୍ଥିତିରେ ରହିବେ। ବୋଲିଂରେ ବିବିଧତା ଓ ଉଇକେଟ ଅକ୍ତିଆର କରିବାର କ୍ଷମତା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ତେଣୁ ଭଲ ବ୍ୟାଟିଂ କରିବା ସହ ବୋଲିଂରେ ମଧ୍ୟ କମାଲ କରିବାକୁ ହେବ। ଯେଉଁଦଳ ବ୍ୟାଟି ସହିତ ଦମ୍‌ଦାର ବୋଲିଂ କରିବ ସେହି ଦଳ ବିଜୟ ମୁକୁଟ ପିନ୍ଧିବ।

(ଗେମ ପ୍ଲାନ/ଟିଭାକ ସ୍ପୋର୍ଟ୍ସ)



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ମେ ୩୦/୨୦୧୯ Bhubaneswar, Thursday, May 30/ 2019

ADMISSION GUIDANCE FOR 2019-20
NIIS HIGHER SECONDARY SCHOOL
(Permanently Recognised by Govt. of Odisha & Affiliated to CHSE Odisha)
+2 Science Including Engineering & Medical Coaching & +2 Commerce Including CA / CS / CMA / MGMT
In Campus Hostel & Tutorials
SPECIAL FEATURES
❖ Expert & Experienced Faculties ❖ Flexible Fees Structure ❖ Transport Facilities
❖ E-Library with DELNET ❖ Doubt Clearing Classes ❖ Spoken English
❖ Scholarship for SC & ST Students ❖ Separate Furnished Hostel both Boys & Girls
❖ Modern Teaching Methodology
For more details:
SARADA VIHAR, MADANPUR, BHUBANESWAR - 752054
Visit us: www.niisinst.com / www.niisgroup.org / Email: niisadmission2019@gmail.com
Mob.: 9778899990 / 9778899991 / 9040004375 / 9438767679 / 9348233984

# ଲାଞ୍ଚ: ପୂର୍ବତନ ଆର୍‌ଆଇ ଦଣ୍ଡିତ

**କଟକ ଅଫିସ, ୨୯।୫**

ବାଲେଶ୍ୱର ଜିଲା ରେମୁଣା ତହସିଲ ଅଧୀନ ସାହୁପଡ଼ା ରାଜସ୍ୱ ମଣ୍ଡଳର ପୂର୍ବତନ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଭଗବାନ ଚନ୍ଦ୍ର ନାୟକ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ସେ ପଳପଡ଼ା ଗ୍ରାମର ଜୟନ୍ତ କୁମାର ପଣ୍ଡାଙ୍କଠାରୁ ୨ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ପଣ୍ଡାଙ୍କର ୧୦ଟି ମ୍ୟୁଟେଶନ କେସ୍‌ର ତଦନ୍ତ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ନାୟକ ତାଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରିଥିଲେ। ଏ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୪/୨୦୦୯) ରୁଜୁ ହୋଇଥିଲା। ମାମଲାର ଚାର୍ଜଶିଟ୍ ପରେ ତାହା କୋର୍ଟଙ୍କ ବିଚାରାଧୀନ ଥିଲା। ବୁଧବାର ଆଗତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ନାୟକଙ୍କୁ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ଦଣ୍ଡିତ କରିଛନ୍ତି। ଦଣ୍ଡ ଅନୁଯାୟୀ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ୍ ସହିତ ୩ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୨ ମାସ ଜେଲ୍ ଭୋଗିବାକୁ ପଡ଼ିବ। ସେହିପରି ଅନ୍ୟ ଏକ ଧାରାରେ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୨ହଜାର ଟଙ୍କା ଜରିମାନା ଦଣ୍ଡ ମିଳିଛି। ଜରିମାନା ଅନାଦାୟ ତାଙ୍କୁ ଅଧିକ ୧ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ସ୍ୱତନ୍ତ୍ର ଭିଜିଲାନ୍ସ ପିପି ସେକ୍ ହାଜିରୁଦ୍ଦିନ ଓ ଡି.ଡି. ବିଶ୍ୱାଳ ଭିଜିଲାନ୍ସ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

APPLY ONLINE : www.asbm.ac.in
ASBM Bhubaneswar
ACBSP ACCREDITED USA
ADMISSION 2019
13th Batch BBA (Hons.)
Recognised by Govt. of Odisha & Affiliated to Utkal University
Globally Accredited B-School Environment | In-Campus Hostels for Boys & Girls | College Bus for Day Scholars | International Immersion Programme
Eligibility : +2 in any stream | Students awaiting +2 result can also apply
Last Date to apply : 31-05-2019 | Entrance Test : 03-06-2019
Toll Free: 1800 3456 5855 ☎ 0674 2744881 | 2744882 | 8763127020

## ସଂକ୍ଷେପରେ

### ମହାନଦୀରୁ ଗଳିତ ମୃତଦେହ ଜବତ

**କଟକ ଅଫିସ,୨୯।୫-** ଜଗତ୍‌ପୁର ଥାନା ଅନ୍ତର୍ଗତ ସୁନାରିବଣ ଅଞ୍ଚଳ ଦେଇ ଯାଇଥିବା ମହାନଦୀରୁ ବୁଧବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ମୃତଦେହ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ତେବେ ତାଙ୍କୁ ହତ୍ୟା କରାଯାଇଛି କି ପାଣିରେ ବୁଡି ମୃତ୍ୟୁ ଘଟିଛି ତାହାର କାରଣ ଜଣାପଡିନାହିଁ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(୧୦/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜଗତପୁର ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାୟକଙ୍କ କହିବା ଅନୁଯାୟୀ, ମୃତଦେହକୁ ଦେଖିଲେ ତାହା ୨୦ରୁ ୨୫ ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ଜଣାପଡୁଛି। ତେବେ କେଉଁଠୁ, କିପରି, କେମିତି ଏଠାକୁ ମୃତଦେହ ଆସିଲା ତାହା ଉପରେ ତଦନ୍ତ ଚାଲିଛି।

### ଶିବବିବାହ ଉତ୍ସବର ପ୍ରସ୍ତୁତି ବୈଠକ

**ପୁରୁଣା ଭୁବନେଶ୍ୱର, ୨୯।୫(ଡି.ଏନ.ଏ.)-** ଭୀମଟାଙ୍ଗୀସ୍ଥିତ ଶ୍ରୀଭୀମେଶ୍ୱରଙ୍କ ଶିବ ବିବାହ ଉତ୍ସବ ଜୁନ୍ ୭ରେ ଅନୁଷ୍ଠିତ ହେବ। ୮ରେ ଶୀତଳଷଷ୍ଠୀ ଉତ୍ସବ ଶେଷ ହେବ। ଏଥିପାଇଁ ଭୀମେଶ୍ୱର ମନ୍ଦିର ସମିତି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ପୋଖରୀପୁଟର ପ୍ରଶାନ୍ତ ପାତ୍ର ଏବଂ ତାଙ୍କ ସହଧର୍ମିଣୀ ସାଗରିକା ମା' ପାର୍ବତୀଙ୍କର ପିତାମାତା ଏବଂ ଏହି ଅଞ୍ଚଳର ତପନ ପଣ୍ଡା ତାଙ୍କ ସହଧର୍ମିଣୀ ମମତା ପଣ୍ଡା ପ୍ରଭୁ ଭୀମେଶ୍ୱରଙ୍କର ପିତା, ମାତା ଭାବେ ବିବାହ କାର୍ଯ୍ୟ ସମ୍ପାଦନ କରବେ। ମନ୍ଦିର ସମିତିର ସଭାପତି ପୁରୁଷୋତ୍ତମ ସାହୁ ଏଥିରେ ଅଧକ୍ଷତା କରିଥିବାବେଳେ କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ସମ୍ପାଦକ ପଦ୍ମନାଭ ଷଡଙ୍ଗୀ, ସହସମ୍ପାଦକ ସୂର୍ଯ୍ୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଇସିଟି ଚିକିତ୍ସା ବନ୍ଦ, ଓଏଚ୍‌ଆର୍‌ସିରେ ଅଭିଯୋଗ

**କଟକ ଅଫିସ, ୨୯।୫**



ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ବିଦ୍ୟୁତ୍ ଚିକିତ୍ସା ସେବା (ଇସିଟି) ଗତ ୧ ବର୍ଷ ହେବ ବନ୍ଦ ରହିଛି। ଏହାକୁ ନେଇ ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ଓ ଦୀପକ ଆଚାର୍ଯ୍ୟ ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, ଏହି ଚିକିତ୍ସା ବନ୍ଦ ହେବା ଦ୍ୱାରା ଅନେକ ମାନସିକ ରୋଗୀ ହନ୍ତସନ୍ତ ହେଉଛନ୍ତି। ଚିକିତ୍ସା ବନ୍ଦ ହେବା ନେଇ ଉଭୟ ସାମାଜିକ କର୍ମୀ ଗତ ଡିସେମ୍ବର ୨୪ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ, କେନ୍ଦ୍ରାଞ୍ଚଳ ଆର୍‌ଡିସି ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗକୁ ଇତିମଧ୍ୟରେ ୫ ମାସ ବିତିଥିଲେ ମଧ୍ୟ ଇସିଟି ଚିକିତ୍ସା ଆରମ୍ଭ କରାଯାଇନାହିଁ। ଫଳରେ ନିତାନ୍ତ ଇସିଟି ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନେ ବାଧ ହୋଇ ଘରୋଇ ଭାବେ ଏହି ଚିକିତ୍ସା କରାଇ ଖର୍ଚ୍ଚାନ୍ତ ହେଉଛନ୍ତି। ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଅଧିକ ସଂଖ୍ୟକ ମାନସିକ ରୋଗୀ ମେଡିକାଲକୁ ଆସୁଛନ୍ତି। ମାତ୍ର ଏହି ଚିକିତ୍ସା ନ ପାଇ ସେମାନେ ନିରାଶ ହୋଇ ଘରକୁ ଫେରୁଛନ୍ତି। ସୂଚନାଥାଉ କି, ପୂର୍ବରୁ ଏସ୍‌ସିବିରେ ରୋଗୀଙ୍କୁ ସିଧାସଳଖ ଇସିଟି ଚିକିତ୍ସା ଦିଆଯାଉଥିଲା। ଅର୍ଥାତ୍ ଇସିଟି ମେଶିନରୁ ରୋଗୀଙ୍କ ମୁଣ୍ଡରେ ଏହାକୁ ସଂଯୋଗ କରାଯାଉଥିଲା। ମାତ୍ର ୨୦୧୮ରେ ମେଣ୍ଟାଲ ହେଲ୍‌ଥ କେୟାର ଆଇନ ଏହି ଚିକିତ୍ସାରେ କେତେକ ସଂଶୋଧନ ଆଣିଥିଲା। ଅର୍ଥାତ୍ ରୋଗୀଙ୍କୁ ଇସିଟି ଦେବା ପୂର୍ବରୁ ନିଶ୍ଚେତକ ଦେବା ବାଧ୍ୟତାମୂଳକ ବୋଲି ଆଇନ୍‌ରେ କୁହାଯାଇଥିଲା। ଏଭଳି ସ୍ଥିତିରେ ଏସ୍‌ସିବିରେ ନିଶ୍ଚେତକ ଡାକ୍ତରଙ୍କ ଘୋର ଅଭାବ ଇସିଟି ଚିକିତ୍ସାରେ ଅନ୍ତରାୟ ସାଜିଛି। ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡା. ସାରଦା ସ୍ୱାଇଁଙ୍କ କହିବା ଅନୁଯାୟୀ, ଇସିଟି ଚିକିତ୍ସା ପାଇଁ ଆମର ଓଟି ପ୍ରସ୍ତୁତ ଅଛି। ନିଶ୍ଚେତକ ବିଭାଗର ଡାକ୍ତର ନ ଥିବାରୁ ଏହି ଚିକିତ୍ସା ଆରମ୍ଭ କରାଯାଇ ପାରୁନାହିଁ। ସରକାରଙ୍କ ପକ୍ଷରୁ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନକୁ ନିଶ୍ଚେତକ ବିଭାଗର ୪ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ନିର୍ବାଚନ ଓ ପରେ ଫନୀ ଯୋଗୁ ସେମାନଙ୍କ ଯୋଗଦାନରେ ବିଳମ୍ବ ଉପୁଜିଛି। ଖୁବ୍‌ଶୀଘ୍ର ସେମାନେ କାର୍ଯ୍ୟରେ ଯୋଗଦେବେ। ଏହାପରେ ଇସିଟି ଚିକିତ୍ସା ଆରମ୍ଭ କରାଯିବ ବୋଲି ସ୍ୱାଇଁ କହିଛନ୍ତି।

# ନନ୍ଦନକାନନରେ ଦେଖିବାକୁ ମିଳିବନି ବିନି

**ବାରଙ୍ଗ, ୨୯।୫(ଡି.ଏନ୍.ଏ.)**



ବିନିର ଫାଇଲ ଫଟୋ

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ ସାଜିଥିବା ଓରାଙ୍ଗଓଟାନ ବିନିର ବୁଧବାର ରାତି ୯ଟା ୪୦ରେ ମୃତ୍ୟୁ ହୋଇଛି। ସେ ଶ୍ୱାସପ୍ରଶ୍ୱାସ ରୋଗ ସଂକ୍ରମଣ ହୋଇ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କିଛିଦିନ ପୂର୍ବେ ବିନି ସ୍ୱାସ୍ଥ୍ୟରେ ଅବନତି ହୋଇ ଡାକ୍ତରଙ୍କ ନଜରବନ୍ଦୀରେ ରହି ଚିକିତ୍ସା କରାଯାଉଥିଲା। ଏକ ବର୍ଷ ପୂର୍ବେ ତା'ର ଖାଦ୍ୟ ଥଳିରେ ଘାଆ ହୋଇ ପୂଜା ବାହାରିବା ପରେ ଧୀରେ ଧୀରେ ତାହା ସଂକ୍ରମଣ ହୋଇଯାଇଥିଲା। ଫିଡିଂ ଚାମ୍ବରରେ ରହି ଚିକିତ୍ସିତ ହେଉଥିବାବେଳେ ମଙ୍ଗଳବାର ଓୟୁଏଟିର ଏକ ବିଶେଷଜ୍ଞ ଦଳ ଆସି ସ୍ୱାସ୍ଥ୍ୟାବସ୍ଥାକୁ ପରିଖିବା ସହ ନନ୍ଦନକାନନ ଡାକ୍ତରଙ୍କୁ ତା' ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରି ପରାମର୍ଶ ଦେଇଥିଲେ। ୪୧ବର୍ଷ ବିନି ବାର୍ଦ୍ଧକ୍ୟ ଗ୍ରାସ ଓ ସାଥୀ ନ ଥିବା ସତ୍ତ୍ୱେ ସେ ପର୍ଯ୍ୟଟକମାନଙ୍କୁ ମନୋରଞ୍ଜନ କରିଆସୁଥିଲା। ବୁଧବାର ବିନିର ମୃତଦେହ ବ୍ୟବଚ୍ଛେଦ କରିବା ପରେ ମୃତ୍ୟୁର ସମ୍ପୂର୍ଣ୍ଣ କାରଣ ଜଣାପଡିବ। ସୂଚନାଯୋଗ୍ୟ, ବିନି ୨୦୦୩ ନଭେମ୍ବର ୨୦ରେ ପୁଣେ ଚିଡିଆଖାନାରୁ ୨୫ବର୍ଷ ବୟସ ହୋଇଥିବା ବେଳେ ନନ୍ଦନକାନନକୁ ଅଣାଯାଇଥିଲା।

■ ଦ୍ୱିତୀୟ ଦିନରେ ଅଳିଆ ପକାଇବାକୁ ଉଦ୍ୟମ

# ବିଧାୟକଙ୍କ ହସ୍ତକ୍ଷେପ ପରେ ବନ୍ଦ ହେଲା



ଅଟକି ରହିଥିବା ଅଳିଆ ବୋଝେଇ ଟ୍ରକ୍।

**ଜଟଣୀ,୨୯।୫(ଡି.ଏନ.ଏ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳର ଅଳିଆ ଆବର୍ଜନା ଜଟଣୀରେ ପକାଇବା ଉଦ୍ୟମ ବୁଧବାର ଦ୍ୱିତୀୟ ଦିନ ପିଡବ୍ଲ୍ୟୁଡି ପକ୍ଷରୁ ମଧ୍ୟ ହୋଇଥିଲା। ତେବେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ହସ୍ତକ୍ଷେପ ପରେ ଏହାକୁ ବନ୍ଦ କରାଯାଇଛି। ସ୍ଥାନୀୟ ଛଣଘର ମୌଜାରେ ଥିବା ମାଙ୍କଡ଼ା ପଥର ଖଣି ମଧ୍ୟରେ ଏହାକୁ ପକାଇବା ପାଇଁ ୨୦ରୁ ଅଧିକ ଟ୍ରକ୍‌ରେ ଭର୍ତ୍ତି ଅଳିଆ ପ୍ରଥମେ ମଙ୍ଗଳବାର ଆସିଥିଲା। ତେବେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଟ୍ରକ୍‌ଗୁଡ଼ିକ ଫେରି ଯାଇଥିଲା। ପୁନଃ ବୁଧବାର ପକାଇବାକୁ ପିଡବ୍ଲ୍ୟୁଡି ପକ୍ଷରୁ ଉଦ୍ୟମ କରାଯାଇଥିଲା। ବିଧାୟକ ରାଉତରାୟଙ୍କ ସମେତ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ସୁନୀଲ ରାଉତରାୟ, ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ ରାଉତରାୟଙ୍କ ସମେତ ଅନେକ ସ୍ଥାନୀୟ ଲୋକ ଏହାକୁ ବିରୋଧ କରିଥିଲେ। ଏ ନେଇ ଭୁବନେଶ୍ୱର ପିଡବ୍ଲ୍ୟୁଡି ଏସ୍‌ଡିଓ ତ୍ରିନାଥ ବେହେରା କୁହନ୍ତି, ଏହା ଅଳିଆ ଆବର୍ଜନା ନୁହେଁ। ଏପରିକି ଏହା ମଧ୍ୟରେ ଜରି ଖଣ୍ଡିଏ ମଧ୍ୟ ନାହିଁ। ବାତ୍ୟା ଫନୀରେ ଭାଙ୍ଗି ଯାଇଥିବା ଗଛ, ଡାଳ ଓ ଶାଖା ପ୍ରଶାଖା କେବଳ ରହିଥିଲା। ତେବେ ସ୍ଥାନୀୟ ବିଧାୟକ ମନା କରିବା ପରେ ଏହା ଜଟଣୀରେ ପକାଇବାକୁ ବନ୍ଦ କରାଯାଇଛି। ଛଣଘର ପଞ୍ଚାୟତର ସରପଞ୍ଚ ସୁନୀଲ କୁହନ୍ତି, ଏହା ପଡୁଥିବା ସ୍ଥାନର ଚତୁଃପାର୍ଶ୍ୱରେ ଅନେକ ଗ୍ରାମ ରହିବା ସହ ଆଇଓସିଏଲ୍, ଏଚ୍‌ପିସିଏଲ୍ ଡିପୋ ରହିଛି। ଏଥିସହ ଅନେକ ଶିକ୍ଷାନୁଷ୍ଠାନ ରହିଛି। ଏହାର ନିକଟ ଦେଇ ଆଇଓସିଏଲ୍ ଓ ଏଚ୍‌ପିସିଏଲ୍‌ର ଶତାଧିକ ଟ୍ୟାଙ୍କର ଟ୍ରକ୍ ଦୈନିକ ଯାତାୟାତ କରୁଛି। ଏଣୁ ପଡୁଥିବା ଗଛର ଗଣ୍ଡିଡାଳରେ ନିଆଁ ଲାଗି ଅଘଟଣ ଘଟିବା ଆଶଙ୍କା ରହିଛି ବୋଲି ସେ କହିଛନ୍ତି।

# ରେଳଧାରଣାରୁ ମୃତଦେହ ଉଦ୍ଧାର

**ଚୌଦ୍ୱାର, ୨୯।୫(ଡି.ଏନ୍.ଏ.):**

ଚୌଦ୍ୱାର ଥାନା ଅଧୀନ ବଡପଦା ଗାଁ ପାସେଞ୍ଜର ହଲ୍ଟ ନିକଟରୁ କଟକ ଜିଆରପି ପୋଲିସ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ବୟସ ଆନୁମାନିକ ୫୦ବର୍ଷ ହୋଇଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ସେ କିଛିଦିନ ହେବ ପାଖ ବଜାରରେ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଜିଆର୍‌ପି ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି।

■ ପଞ୍ଚାୟତିରାଜ ବିଭାଗର ଆରଟିଆଇ ତଥ୍ୟ

# ଉତ୍ତରଦାୟୀ ଫାଇଲ ରେକର୍ଡ ରୁମ୍‌ରୁ ଗାଏବ

**କଟକ ସଦର, ୨୯।୫(ଡି.ଏନ୍.ଏ.)**

ଗ୍ରାମାଞ୍ଚଳର ଉନ୍ନତି ପାଇଁ କେନ୍ଦ୍ର, ରାଜ୍ୟ ସରକାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ସହାୟତା ଯୋଗାଇ ଆସୁଛନ୍ତି। ଏହି ଆର୍ଥିକ ସହାୟତା ବିନିଯୋଗରେ ଅନିୟମିତତା ଦେଖାଦେଲେ ସମ୍ପୃକ୍ତ ବିଭାଗର ଉଚ୍ଚ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓମାନେ ଉତ୍ତରଦାୟୀ ରହିବେ ବୋଲି ୨୦୦୪ରେ ତତ୍‌କାଳୀନ ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ନିର୍ଦ୍ଦେଶନାମା ଜାରି କରିଥିଲେ। ୨୦୧୯ରେ ଏହି ନିର୍ଦ୍ଦେଶାନାମା ସଂକ୍ରାନ୍ତୀୟ ଫାଇଲ ବିଭାଗୀୟ ରେକର୍ଡ ରୁମରୁ ଗାଏବ ହୋଇଯାଇଛି ବୋଲି ସୂଚନା ଅଧିକାର ଆଇନ(ଆରଟିଆଇ) ତଥ୍ୟରୁ ଜଣାପଡିଛି। ଫଳରେ ସମ୍ପୃକ୍ତ ବିଭାଗର ଅର୍ଥ ଆତ୍ମସାତ, ଅନିୟମିତତା ଦେଖାଦେଲେ ଆଉ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହଜ ହେବ ନାହିଁ। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ଏକ ଅଞ୍ଚଳରେ ଚେକ୍ ଡ୍ୟାମ ନିର୍ମାଣରେ ଅନିୟମିତତା ହୋଇଥିଲା। ଏହା ଉପରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ତଦନ୍ତ ସହ ଓଡ଼ିଶା ଲୋକପାଳଙ୍କ ନିକଟରେ ୫୮ଜି/୧୯୯୯ ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ରାୟ ୧୭/୦୫/୨୦୦୪ ରେ ଆସିଥିଲା। ଏହି ରାୟକୁ ଭିତ୍ତିକରି ପଞ୍ଚାୟତିରାଜ ବିଭାଗ ପତ୍ରସଂଖ୍ୟା ୬୩୮(୬୦) ପିଆର ତା: ୨/୬/୨୦୦୪ ରେ ଉତ୍ତରଦାୟୀ ନିର୍ଦ୍ଦେଶନାମା ଜାରି କରିଥିଲେ। ୧୫ବର୍ଷ ପରେ ଏହି ଫାଇଲ ବିଭାଗୀୟ ରେକର୍ଡ ରୁମରେ ନ ଥିବା କଥା ଆରଟିଆଇ ତଥ୍ୟ ସଂଖ୍ୟା ୬୬୪୫/୫/୪/୧୮ରୁ ଜଣାପଡିଛି। ମାତ୍ର ଏହି ସୂଚନା ଅପିଲ କରିବାର ଏକ ବର୍ଷ ପରେ ଅର୍ଥାତ୍ ୨୮/୩/୨୦୧୯ ରେ ଦିଆଯାଇଥିଲା ବୋଲି ସମ୍ପୃକ୍ତ ସୂଚନା ଅଧିକାରୀ କର୍ମୀ କହିଛନ୍ତି।

# 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦାବି

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ଉତ୍କଳ ସମ୍ମିଳନୀର ଅଭିନନ୍ଦନ**

ଗତ ସାଧାରଣ ନିର୍ବାଚନରେ ବିପୁଳ ଜନସମର୍ଥନ ଲାଭ କରିବା ସହ ଲଗାତର ପଞ୍ଚମଥର ପାଇଁ ଓଡ଼ିଶାରେ ସରକାର ଗଠନ କରିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବୁଧବାର ନୂତନ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇଛି ଉତ୍କଳ ସମ୍ମିଳନୀ। ଏହି ଅବସରରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା କହିଛନ୍ତି, ପଞ୍ଚମ ପାଳିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ବନ୍ଦେ ଉତ୍କଳ ଜନନୀ'କୁ ଓଡିଶାର ରାଜ୍ୟ ସଙ୍ଗୀତ ଭାବେ ମାନ୍ୟତା ଦେବାକୁ ଆଇନ ପ୍ରଣୟନ କରନ୍ତୁ। ନବୀନ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳର ପ୍ରଥମ ପାଳିରେ ବିଚ୍ଛିନ୍ନାଞ୍ଚଳରେ ଲିପିଶିକ୍ଷା କାର୍ଯ୍ୟକ୍ରମ, ଦ୍ୱିତୀୟ ପାଳିରେ ରାଜ୍ୟରେ ଓଡିଆ ଭାଷା ପ୍ରତିଷ୍ଠାନ ପ୍ରତିଷ୍ଠା, ତୃତୀୟ ପାଳିରେ 'ଓରିଶା'ରୁ 'ଓଡ଼ିଶା' ନାମକରଣ ସହିତ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ଓ ଚତୁର୍ଥ ପାଳିରେ ଓଡିଶା ସରକାରୀ ଭାଷା ଅଧିନିୟମ ୧୯୫୪ରେ ସଂଶୋଧନ କରି ସରକାରୀ କଳରେ ଭଲ କାମ ପାଇଁ ପ୍ରୋତ୍ସାହନ ଓ ଭାଷା ବ୍ୟବହାର ନ କଲେ ଦଣ୍ଡ ବିଧାନ ବ୍ୟବସ୍ଥା କରିଛନ୍ତି। ସେହିପରି ରାଜ୍ୟରେ ବହୁ ଓଡିଆ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଛି। ତେଣୁ 'ବନ୍ଦେ ଉତ୍କଳ ଜନନୀ'କୁ ଓଡିଆର ଅସ୍ମିତା କହୁଥିବା ମୁଖ୍ୟମନ୍ତ୍ରୀ ଏଥର ଏହାକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦିଅନ୍ତୁ ବୋଲି ସେ କହିଛନ୍ତି।




27
1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅ ନାହିଁ।

-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଗୋପାଳପୁର ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି



ବାଙ୍କୀ,୨୯।୫(ବି.ପ୍ର.): ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଗୋପାଳପୁର ସେବା ସମବାୟ ସମିତିରେ ବୁଧବାର ଧାନମଣ୍ଡି ଖୋଲାଯାଇଛି। ଏଥିସହିତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣା ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ସେବା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ସରୋଜକାନ୍ତ ଜେନା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସେବା ସମବାୟ ସମିତି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ଉପସହକାରୀ ନିବନ୍ଧକ ଜ୍ୟୋତିରଞ୍ଜନ ସେଠୀ, ଚର୍ଚ୍ଚିକା ଶାଖା ପରିଚାଳକ ଅମ୍ବରିସ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ସୁଶାନ୍ତ କୁମାର ଧଳ ଧାନ କିଣା କାର୍ଯ୍ୟ ସଞ୍ଚାଳନ କରିଥିଲେ। ବାଙ୍କୀ ନିୟନ୍ତ୍ରିତ ବଜାର କମିଟି ସୌଜନ୍ୟତାରେ ସଞ୍ଚାଳିତ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୭୮୫ କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପର୍ଯ୍ୟାୟ କ୍ରମେ ଏହି ଧାନ କିଣାଯିବ।

### ସରଣ୍ଡା ବିଦ୍ୟାପୀଠ ୧୯୯୧ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ



ବାଙ୍କୀ,୨୯।୫(ବି.ପ୍ର.): ବାଙ୍କୀ ବ୍ଳକ ଅଧୀନ ସରଣ୍ଡା ବିଦ୍ୟାପୀଠ ୧୯୯୧ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଅଂଶୁପା ହ୍ରଦ କୂଳରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ନିଜ ନିଜ ପରିବାର ସହିତ ପ୍ରଥମ କରି ଉତ୍ସବରେ ସାମିଲ ହୋଇଥିବାରୁ ଆନନ୍ଦର ମାହୋଲ ସୃଷ୍ଟି ହୋଇଥିଲା ବୋଲି ଉଦ୍ୟୋକ୍ତା ପ୍ରସନ୍ନ ଜେନା, ସାଇପ୍ରସାଦ ତ୍ରିପାଠୀ ଓ ଈଶ୍ୱର ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି। ପ୍ରଥମେ ଫନୀ ପ୍ରଭାବିତ ଅଂଶୁପାର କିଭଳି ପୁଣି ସବୁଜିମା ହସି ଉଠିବ ସେ ଦିଗରେ ସମସ୍ତେ ସହଯୋଗ ଓ ଜନସଚେତନତା ସୃଷ୍ଟି ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ପରେ ଆଗାମୀ ବର୍ଷରେ ଏହି ଉତ୍ସବକୁ ଅଧିକ ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା। ପ୍ରଦୀପ ବିଶ୍ୱାଳ, ସୁମନ ଜେନା, ପବିତ୍ର ନାୟକ, ବରେନ୍ଦ୍ର ସାହୁ, ଶ୍ରୀକାନ୍ତ ମହାରଣା, ସନ୍ତୋଷ ବେହେରା, ଟୁନା ବେହେରା, ପ୍ରଶାନ୍ତ ସାହୁ, କଳ୍ପନା ମହାନ୍ତି, ତୁଳସୀ ବେହେରା, ନିରୁପମା ମହାରଣା, ଭାରତୀ ସାହୁ ପ୍ରମୁଖ ଛାତ୍ରୀଛାତ୍ର ଏକାଠି ହୋଇ ପୁରୁଣା ଦିନର ସ୍ମୃତି ବାଣ୍ଟିଥିଲେ।

### ତୃଷ୍ଣା ମେଣ୍ଟାଉଛି ଜଳଛତ୍ର



ବାଙ୍କୀ,୨୯।୫(ବି.ପ୍ର.): ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଲହରୀ ଜାରି ରହିଛି। ଏଥିଯୋଗୁ ବାଙ୍କୀ ଅଞ୍ଚଳ ଲୋକେ ସକାଳ ୯ଟାପରେ ଘରୁ ବାହାରି ପାରୁନାହାନ୍ତି। ଏପରି କି ବାଙ୍କୀ କଟକ ରାସ୍ତା ଜନଶୂନ୍ୟ ହେଇପଡୁଛି। ଏହି ପରିପ୍ରେକ୍ଷୀରେ ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ବାଙ୍କୀ ଏନଏସିର ବିଭିନ୍ନ ୱାର୍ଡରେ ଜଳଛତ୍ର ଖୋଲାଯାଇଛି। ତେବେ କେତେକ ଜଳଛତ୍ର ଠିକ୍‌ରେ ପରିଚାଳିତ ହେଉ ନ ଥିବା ଅଭିଯୋଗ ହୋଇଛି। ଏନଏସି କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ଦାବି ହୋଇଛି।

# ଆଠଗଡ଼ ଫେରିପାଇଲା ମନ୍ତ୍ରୀପଦ

## ପଦ ବଜାୟ ରଖିଲା ମାହାଙ୍ଗା

କଟକ ଅଫିସ, ୨୯।୫

ନବୀନଙ୍କ ପଞ୍ଚମ ପାଳିର ସରକାର ବୁଧବାର ଶପଥ ଗ୍ରହଣ କରିଛି। ନବୀନଙ୍କ କ୍ୟାବିନେଟ୍‌ରେ ସାମିଲ ହୋଇଛନ୍ତି ମାହାଙ୍ଗା ବିଧାୟକ ପ୍ରତାପ ଜେନା ଓ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ବାଦ୍ ପଡ଼ିଛନ୍ତି କଟକର ଆଉ ୨ ପୂର୍ବତନ ମନ୍ତ୍ରୀ ତଥା ବଡ଼ମ୍ବା ବିଧାୟକ ଦେବୀ ମିଶ୍ର ଓ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା। ନବୀନଙ୍କ ଗତ ୪ଟି ପାଳିରେ ଦେବୀ ମନ୍ତ୍ରୀପଦ ପାଇଥିବା ବେଳେ ଚଳିତଥର ବାଦ୍ ପଡ଼ିଛନ୍ତି। ସେହିପରି ନବୀନଙ୍କ ଚତୁର୍ଥ ପାଳିରେ ଚନ୍ଦ୍ରସାରଥିଙ୍କୁ କ୍ରୀଡ଼ାମନ୍ତ୍ରୀ ଦାୟିତ୍ୱ ଦିଆଯାଇଥିଲା। ହେଲେ ପଞ୍ଚମ ପାଳିରେ ଏହି ୨ ନେତାଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରତାପଙ୍କୁ ପଞ୍ଚାୟତିରାଜ, ଆଇନ ଓ ନଗର ଉନ୍ନୟନ ବିଭାଗ ମିଳିଥିବାବେଳେ ରଣେନ୍ଦ୍ରଙ୍କୁ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗର ମନ୍ତ୍ରୀପଦ ମିଳିଛି। ମୋଟାମୋଟି ଭାବେ ୧୯ ବର୍ଷ ପରେ ଆଠଗଡ଼ ମନ୍ତ୍ରୀପଦ ଫେରି ପାଇଥିବାବେଳେ ମାହାଙ୍ଗା ମନ୍ତ୍ରୀପଦ ବଜାୟ ରଖିଛି। ମାହାଙ୍ଗାରୁ କ୍ରମାଗତ ୩ ଥର ଓ କିଶନନଗରରୁ ୨ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ପ୍ରତାପ ନବୀନଙ୍କ ମନ୍ତ୍ରିମଣ୍ଡଳରେ ଅତୀତରେ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସହିତ ଆଇନ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେହିପରି ଆଠଗଡ଼ରୁ ୬ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ରଣେନ୍ଦ୍ର ୨୦୦୦ ମସିହାରେ ନବୀନଙ୍କ ପ୍ରଥମ ପାଳିର ସରକାରରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଭାବେ ୪ ବର୍ଷ ଦାୟିତ୍ୱ ତୁଲାଇଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ରଣେନ୍ଦ୍ରଙ୍କୁ ନେଇ ଅନେକ ରାଜନୈତିକ ଘନଘଟା ଘଟିଯାଇଛି। ଉପକୂଳ ଓଡ଼ିଶାର ଏହି ଟାଣୁଆ ନେତା ଜଣକ ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ପରାସ୍ତ କରି ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ। ହେଲେ ନବୀନ ସରକାରର ଗତ ୪ଟି ପାଳି ମଧ୍ୟରୁ କେବଳ ଗୋଟିଏ ପାଳିରେ ମନ୍ତ୍ରୀପଦ ପାଇ ସନ୍ତୁଷ୍ଟ ହୋଇଥିଲେ। ମନ୍ତ୍ରୀପଦ ପାଇବା ପରେ ପ୍ରତାପ କହିଛନ୍ତି, ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ନବୀନ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ତେଣୁ ରାଜ୍ୟବାସୀଙ୍କ ବିଶ୍ୱାସ ଭରସାକୁ ପୂରଣ କରିବା ଦିଗରେ ମୁଁ ନିଶ୍ଚିତ ଚେଷ୍ଟା କରିବି। ସେହିପରି ରଣେନ୍ଦ୍ର କହିଛନ୍ତି, ମୋତେ ଦିଆଯାଇଥିବା ଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦନ କରିବା ସହିତ ଲୋକଙ୍କ ପାଖରେ ସରକାରୀ ସୁବିଧା ସୁଯୋଗ ଯେପରି ସହଜରେ ପହଞ୍ଚିପାରିବ ସେ ଦିଗରେ ଚେଷ୍ଟା କରିବି।

ସୂଚନାଥାଉ କି, ଗତ ନିର୍ବାଚନରେ କଟକ ଜିଲାର ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ବିଜେଡି ୮ଟି ଆସନରେ ବିଜୟଲାଭ କରିଥିଲା। ମାହାଙ୍ଗାରେ ବିଜେଡି ପ୍ରାର୍ଥୀ ପ୍ରତାପ ଜେନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ସାରଦା ପ୍ରଧାନଙ୍କୁ ୨୯, ୫୮୫ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ସେହିପରି ଆଠଗଡ଼ରେ ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବ୍ରଜେନ୍ଦ୍ର ରାୟଙ୍କୁ ୫୭,୯୯୫ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ତେବେ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଥିବା କଟକ ସଦର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କୁହନ୍ତି, ମୁଖ୍ୟମନ୍ତ୍ରୀ ଏକ ଦୃଢ଼ ଏବଂ ଦକ୍ଷ ମନ୍ତ୍ରିମଣ୍ଡଳ ଗଠନ କରିଛନ୍ତି। ଏହି ମନ୍ତ୍ରିମଣ୍ଡଳ ରାଜ୍ୟବାସୀଙ୍କର ଆସ୍ଥାଭାଜନ ହୋଇପାରିବ ବୋଲି ମୋର ଆଶା ଓ ବିଶ୍ୱାସ ରହିଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇ ନ ଥିବାରୁ ମୁଁ ଆଦୌ ଦୁଃଖିତ ନୁହେଁ। ଅନ୍ୟପକ୍ଷରେ ଦେବୀ କହିଛନ୍ତି, କିଏ ମନ୍ତ୍ରୀ ହେବ କିଏ ନ ହେବ ତାହା ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ। ତେବେ ଆପଣ ବାଦ୍ ପଡ଼ିଥିବାରୁ ଆପଣ ଦୁଃଖି କି ବୋଲି ପ୍ରଶ୍ନରେ ଦେବୀ କହିଥିଲେ ମୁଁ ସନ୍ୟାସୀ ନୁହେଁ ଯେ ମୋର ମନ୍ତ୍ରୀ ହେବାର ଲାଳସା ନାହିଁ। ତଥାପି ମୁଖ୍ୟମନ୍ତ୍ରୀ ଦକ୍ଷ ଲୋକମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି। ନୂଆ ମନ୍ତ୍ରିମଣ୍ଡଳକୁ ମୁଁ ଶୁଭେଚ୍ଛା ଜଣାଉଛି।



ମନ୍ତ୍ରୀ ପ୍ରତାପ ଜେନାଙ୍କୁ କର୍ମୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

ନିଶ୍ଚିନ୍ତକୋଇଲି,୨୯।୫ (ସ୍ୱ.ପ୍ର./ଡି.ଏନ.ଏ.)

ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ପୁଣି ଥରେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦ ମିଳିଛି। ସେ ପୂର୍ବରୁ ସ୍ୱାସ୍ଥ୍ୟ, ଆଇନ ଓ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଥିଲେ। ଏଥର ସେ ପଞ୍ଚାୟତିରାଜ, ଆଇନ ଓ ନଗର ଉନ୍ନୟନ ବିଭାଗ ଦାୟିତ୍ୱ ପାଇଛନ୍ତି। ଏହାପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେହିପରି ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ଦଳୀୟ କର୍ମୀ ବାଣ ଫୁଟାଇ ମିଷ୍ଟାନ୍ନ ବଣ୍ଟନ କରି ଉତ୍ସବ ମନାଉଛନ୍ତି। ନିଶ୍ଚିନ୍ତକୋଇଲି ବ୍ଳକ ଅଧ୍ୟକ୍ଷା ସବିତା ଓଝା, ଉପାଧ୍ୟକ୍ଷା ସବିତା ସାମଲ, ବ୍ଳକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ବ୍ଳକ ଅଧ୍ୟକ୍ଷ ଗିରିଶ ମହାପାତ୍ର, ନରେନ୍ଦ୍ର ବାରିକ, ଅଶୋକ ଓଝା, ଯୁବ ବିଜେଡି ସଭାପତି ମିହିର ମିଶ୍ର, ଛାତ୍ର ବିଜେଡି ସଭାପତି ଜଗନ୍ନାଥ ଲେଙ୍କା, ଯୁବ ବାହିନୀ ଉପଦେଷ୍ଟା ପତିତପାବନ ସ୍ୱାଇଁ, ଜ୍ୟୋତି ପ୍ରକାଶ ସ୍ୱାଇଁ, ହିମାଂଶୁ ମହାନ୍ତି ଓ ଜିଲାପରିଷଦ ସଭ୍ୟା ସୁଭଦ୍ରା ଦାସ, ଗୀତାଞ୍ଜଳି ପଣ୍ଡା ଏବଂ ସବିତା ସାମଲ ପ୍ରମୁଖ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିର୍ବାଚନମଣ୍ଡଳୀର ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଳକରେ କର୍ମୀ ଉତ୍ସବ ପାଳନ କରୁଛନ୍ତି।



ବଡ଼ମ୍ବା ଚନ୍ଦନଯାତ୍ରା ମହୋତ୍ସବ ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ 'କଳାତୀର୍ଥ'ର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ହରି ଓଁ ତତ୍‌ସତ୍ ମହାସଂଘର ଆଧ୍ୟାତ୍ମିକ ସମ୍ମିଳନୀ

ବଡ଼ମ୍ବା,୨୯।୫(ଡି.ଏନ.ଏ.)

ବଡ଼ମ୍ବା-ନରସିଂହପୁର ଅଞ୍ଚଳର ଅଗ୍ରଣୀ ଆଧ୍ୟାତ୍ମିକ ଅନୁଷ୍ଠାନ ହରି ଓଁ ତତ୍‌ସତ୍ ମହାସଂଘ 'ଘ' ପୁଞ୍ଜର ୪ର୍ଥ ବାର୍ଷିକ ଆଧ୍ୟାତ୍ମିକ ସମ୍ମିଳନୀ ବେଲିଆପାଳସ୍ଥିତ ସତ୍ୟସନାତନ ଧର୍ମାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ କୁଳମଣି ବାରିକ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମହାସଂଘ ସଭାପତି ତ୍ରିଲୋଚନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ 'ଉଦ୍ଧବ ସନ୍ଦେଶ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସେହିପରି ଅନୁଷ୍ଠାନର ଜଣେ ଶ୍ରେଷ୍ଠ ଭକ୍ତ ତଥା ସାଗରସ୍ଥିତ ଲକ୍ଷ୍ମଣ ବାବାଙ୍କ ଅପ୍ରତ୍ୟାସିତ ଦେହାନ୍ତରେ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା କବି ଦୁର୍ଯ୍ୟୋଧନ ବରାଳ, ମାଣିଆବନ୍ଧ ମହାବିଦ୍ୟାଳୟ ସଂସ୍କୃତ ଅଧ୍ୟାପକ ଶାରଦାନନ୍ଦ ଦାଶ, ନୀଳମାଧବ ମହାବିଦ୍ୟାଳୟ ଅଧ୍ୟାପକ ଦୀନବନ୍ଧୁ ନାୟକ, ଶିକ୍ଷାବିତ୍ ଦେବରାଜ ସ୍ୱାଇଁ, ଅକ୍ଷୟ ବାବା, କାଳନ୍ଦୀ ଚନ୍ଦ୍ର ମିଶ୍ର 'ଘ' ପୁଞ୍ଜି ସଭାପତି ସତ୍ୟନାରାୟଣ ପଣ୍ଡା, ମନମୋହନ ରାଉତ, ମହେଶ୍ୱର ପ୍ରଧାନ, ଗୌରାଙ୍ଗ ପ୍ରଧାନ, ଜୟକୃଷ୍ଣ ସାହୁ, ଅଲେଖ ବାବା, ପୂର୍ଣ୍ଣିମା ଭାଟେ ପ୍ରମୁଖ ଆଲୋଚ୍ୟ ବିଷୟ ଉପରେ ନିତ୍ୟ ପ୍ରବଚନ ଦେଇଥିଲେ। ପ୍ରାକ୍ତନ ରାଷ୍ଟ୍ରୀୟ ଗୌରବ ଅଧ୍ୟକ୍ଷ ଲୋକନାଥ ସ୍ୱାଇଁ ଶାନ୍ତି ପାଠ କରିଥିଲେ।



ହରି ଓଁ ତତ୍‌ସତ୍ ମହାସଂଘର ଆଧ୍ୟାତ୍ମିକ ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

ବାଙ୍କୀ,୨୯।୫(ବି.ପ୍ର.)

ବାଙ୍କୀ ବ୍ଳକ ଅନ୍ତର୍ଗତ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କ ୨ ଦିନିଆ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅମରେଶ ସାହୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାରେ ସଞ୍ଚାଳିତ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁ, ବ୍ଳକ କାର୍ଯ୍ୟକ୍ରମ ପରିଚାଳକ ଚିତ୍ତରଞ୍ଜନ ଦାସ, ବିଜୟ କୁମାର ବେଉରା, ସ୍ୱାସ୍ଥ୍ୟ ସୁପରଭାଇଜର ମାନଭଞ୍ଜନ ଦଳେଇ ପ୍ରମୁଖ ଉପସ୍ଥିତ ରହି ମ୍ୟାଲେରିଆ ରୋଗର ନିରାକରଣ ପାଇଁ କେଉଁମାନଙ୍କ ସହାୟତାରେ ଜନସଚେତନତା ସୃଷ୍ଟି କରାଯାଇ ପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରିବର୍ଦ୍ଧିତ ମ୍ୟାଲେରିଆ ନିରାକରଣ ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ, ମଶା ବସା ବାନ୍ଧି ରହୁଥିବା ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ପରିବେଶକୁ ସଫାସୁତୁରା ରଖିବା, କୌଣସି ସ୍ଥାନରେ ଦୀର୍ଘଦିନ ପାଣି ଜମିବାକୁ ନଦେବା(ସର୍ବସାଧାରଣ ଚଳାଚଳ ସ୍ଥାନ) ଏବଂ ନିୟମିତ ମଶାରି ବାନ୍ଧି ଶୋଇବା ଆଦି ସମ୍ପର୍କରେ ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବା ପାଇଁ ପ୍ରଶିକ୍ଷଣରେ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମ୍, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହେବ।




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# କାନ୍ଥରେ ପିଟି ହୋଇ ବାଇକ୍ ଆରୋହୀ ଗୁରୁତର

ସାଲେପୁର,୨୯।୫(ଡି.ଏନ.ଏ.)

ଭୁବନେଶ୍ୱରରୁ କେନ୍ଦ୍ରାପଡ଼ା ଆଡ଼କୁ କଟକ-ଚାନ୍ଦବାଲି ରାସ୍ତାରେ ଆସୁଥିବା ଜଣେ ଯୁବକ ଶିଶୁଆ ବଜାର ପୂର୍ବରୁ ରାସ୍ତାକଡ଼ରେ ଥିବା ଜଣଙ୍କ ଘର କାନ୍ଥରେ ପିଟିହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଦମକଳ ବିଭାଗକୁ ଖବର ଦେଇଥିଲେ। ପରେ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେ କେନ୍ଦ୍ରାପଡ଼ା ଅଞ୍ଚଳର ପ୍ରିୟଦର୍ଶିନୀ ଦାଶ(୩୦)ବୋଲି ଜଣାପଡ଼ିଛି। ବୁଧବାର ସକାଳ ପ୍ରାୟ ୧୨.୩୦ରେ ଏହି ଘଟଣା ଘଟିଛି। ତାଙ୍କ ବାମ ଗୋଡ଼ରେ ଭୀଷଣ କ୍ଷତ ସୃଷ୍ଟିହେବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା।

# ଫନୀ ପ୍ରଭାବିତଙ୍କୁ ସହାୟତା

ବାଙ୍କୀ,୨୯।୫(ସ୍ୱ.ପ୍ର.)

ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଓ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ମିଳିତ ସହଯୋଗରେ ଫନୀ ବାତ୍ୟା ଦ୍ୱାରା ପ୍ରଭାବିତ ପୁରୀ ଜିଲା ସାତପଡ଼ା ପଞ୍ଚାୟତସ୍ଥ ଭୋଇ ସାହିର ଶତାଧିକ ପରିବାରକୁ ମଙ୍ଗଳବାର ସହାୟତା ପ୍ରଦାନ କରାଯାଇଛି। ସମସ୍ତ ପରିବାରକୁ ବାସନ ଓ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟଜିତ୍ ଦାସ, ଡ.ସୁଶୀଲ୍ ବାଗ, ଅଧ୍ୟାପକ ପ୍ରକାଶ ପ୍ରଧାନ, ଅଧ୍ୟାପକ ରଶ୍ମୀରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବାଙ୍କୀ କଲେଜ ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀ ଓ ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ପ୍ରଶଂସା କରିଛନ୍ତି।




ବାତ୍ୟା ବିପନ୍ନଙ୍କୁ ସହୟତା ପ୍ରଦାନ କରାଯାଉଛି।

## ■ ଚନ୍ଦନ ମହୋତ୍ସବ ଉଦ୍‌ଯାପିତ

# 'ବଡ଼ମ୍ବାର କଳା, ସଂସ୍କୃତି ଅନନ୍ୟ'

ବଡ଼ମ୍ବା,୨୯।୫(ଡି.ଏନ.ଏ.)

ବଡ଼ମ୍ବା ଚନ୍ଦନ ମହୋତ୍ସବ କମିଟି, ଜିଲା ପ୍ରଶାସନ ଓ ରାଜ୍ୟ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ବଡ଼ମ୍ବା ଗାନ୍ଧୀଛକସ୍ଥିତ ଟେନିସ୍ ପଡ଼ିଆରେ ୫ଦିନ ଧରି ଚାଲିଥିବା ଚନ୍ଦନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଦେବରାଜ ପାଟ୍ଟଶାଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ କଟକ ଗ୍ରାମାଞ୍ଚଳ ଏସ୍.ପି. ରାଧାବିନୋଦ ପାଣିଗ୍ରାହୀ ଯୋଗଦେଇ ବଡ଼ମ୍ବାର କଳା ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ବଡ଼ମ୍ବା ବ୍ଳକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ଚନ୍ଦନ ଯାତ୍ରାର ପରମ୍ପରା ଉପରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବ୍ଳକ ଅଧ୍ୟକ୍ଷା ଅନୁସୂୟା ନାଏକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ମୁରଲୀଧର ମହାପାତ୍ର, ମହେନ୍ଦ୍ର କୁମାର ପଡ଼ିଆରୀ, ମହୋତ୍ସବ କମିଟି ଉପସଭାପତି ସୁଶାନ୍ତ କୁମାର ସେଠୀ ଓ କୋଷାଧ୍ୟକ୍ଷ ଦିବାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ତରାସିଆ ଅତିଥି ପରିଚୟନ ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରମେଶ କୁମାର ବେହେରା ଓ ଶିବ ପ୍ରସାଦ ବ୍ରହ୍ମା ସଂଯୋଜନା କରିଥିଲେ। ଏହି ଅବସରରେ କୋରାପୁଟ୍, ଭବାନୀପାଟଣା ଓ ସ୍ଥାନୀୟ କଳାତୀର୍ଥ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ମହୋତ୍ସବ କମିଟି ସହସମ୍ପାଦକ ସେକ୍ ମାନୁଆର, ଉପଦେଷ୍ଟା କମିଟି ସଦସ୍ୟ ସାମ୍‌ସୁଦ୍ଦିନ୍ ଖାଁ, ରାଜେନ୍ଦ୍ର ବିଶ୍ୱାଳ, ରାକେଶ ମହାପାତ୍ର, ବିକ୍ରମ କେଶରୀ ବରାଳ, ରଶ୍ମିରଞ୍ଜନ ରଥ ଓ ରବୀନ୍ଦ୍ର ବାରିକଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



ଚନ୍ଦନ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅ ନାହିଁ।

- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଲୁଗା ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ,୨୯।୫ :** ଲୁଗା ଚୋରି କରି ବିକ୍ରି କରିବା ଅଭିଯୋଗରେ ବାଦାମବାଡି ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସଦର ଥାନା ଥାନା ଅନ୍ତର୍ଗତ ସୁଭଦ୍ରାପୁର ଅଞ୍ଚଳର ମାନସ ବିଶ୍ୱାଳ। ପୋଲିସ ତାଙ୍କଠାରୁ ୪ ଗଣ୍ଠୁଲି ଲୁଗା ଜବତ କରିବା ସହ ଏ ନେଇ ଏକ ମାମଲା(୧୧୨/୧୯) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଭରତ ବେହେରା ନାମକ ଜଣେ ବ୍ୟକ୍ତି ବାଦାମବାଡି ଥାନା ଅନ୍ତର୍ଗତ ଅରୁଣୋଦୟ ମାର୍କେଟ ଅଞ୍ଚଳର ଫୁଟ୍‌ପାଥରେ ଲୁଗା ବିକ୍ରି କରନ୍ତି। ଗତ ୨୭ ତାରିଖ ରାତିରେ ସେ ସେଠାରେ ଲୁଗା ରଖି ଶୋଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କର ୪ ଗଣ୍ଠୁଲି ଲୁଗା ଚୋରି କରି ନେଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୬୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏ ନେଇ ସେ ବାଦାମବାଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ମାନସଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ମାନସ ଲୁଗା ଚୋରି କରିବା ସହ ବାରଙ୍ଗ ଅଞ୍ଚଳରେ ଏକ ଲୁଗା ଦେକାନୀଙ୍କୁ ବିକ୍ରି କରିବା ପାଇଁ ଯୋଜନା କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

### ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ଦାସ ଭାଜପାରୁ ବହିଷ୍କୃତ

**କଟକ ଅଫିସ, ୨୯।୫:** ସାଧାରଣ ନିର୍ବାଚନରେ ଅନ୍ତର୍ଘାତୀ କାର୍ଯ୍ୟ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ୧ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ଦାସଙ୍କୁ ଭାଜପା ନଗର କମିଟିରୁ ବହିଷ୍କାର କରାଯାଇଛି। ସାଧାରଣ ନିର୍ବାଚନରେ ଦଳକୁ ସହଯୋଗ ନ କରିବା ଏବଂ ଦଳର ଶୃଙ୍ଖଳା ଭଙ୍ଗ କରିଥିବାରୁ ତାଙ୍କ ବିରୋଧରେ ଦଳ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦଳର ନଗର ସଭାପତି ଲକ୍ଷ୍ମୀଧର ପ୍ରଧାନ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### ଶିବିରରେ ୧୧୬ ୟୁନିଟ୍ ରକ୍ତ ସଂଗୃହୀତ

**କଟକ ଅଫିସ, ୨୯।୫:** କମିଶନରେଟ୍ ପୋଲିସ ଓ ଓଡ଼ିଶା କମ୍ପ୍ୟୁଟର ଏକାଡେମୀ (ଓସିଏ)ର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ବାଦାମବାଡ଼ି ଥାନା ଅନ୍ତର୍ଗତ ଅରୁଣୋଦୟନଗରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ପୋଲିସ ଅଫିସର, କର୍ମଚାରୀ, ଏକାଡେମୀର ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସ୍ଥାନୀୟ ଏସିପି ଲଳିତେନ୍ଦୁ ମହାନ୍ତି, ଓସିଏ ମ୍ୟାନେଜର ନରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କମିଶନରେଟ ପୋଲିସର 'ଜୀବନ ଜ୍ୟୋତି' କ୍ୟାମ୍ପେନ ମାଧମରେ ଏହାକୁ ଲଗାଇ ୩୧ଟି ରକ୍ତଦାନ ଶିବିର ଚଳିତବର୍ଷ ଅନୁଷ୍ଠିତ ହୋଇଛି। ଏସ୍‌ସିବି ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ଉକ୍ତ ଶିବିର ପାଇଁ ଆବଶ୍ୟକ ଉପକରଣ ଯୋଗାଇ ଦିଆଯାଉଛି।

### ଲାୟନ୍ସ କ୍ଲବ ପକ୍ଷରୁ ଉପକରଣ ବଣ୍ଟନ

**ଚୌଦ୍ୱାର,୨୯।୫(ଡି.ଏନ୍.ଏ.):** ବାତ୍ୟା 'ଫନୀ' ପରେ ଜିଲା ୩୨୨୫ସି ଲାୟନ୍ସ କ୍ଲବ ଅନୁଗୋଳ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ସହାୟତା ପ୍ରଦାନ କରାଯାଇଛି। ବୁଧବାର ଢେଙ୍କାନାଳ-କପିଳାସ ଲାୟନ୍ସ କ୍ଲବ, ହାରମୋନି କ୍ଲବ ଓ ଅନୁଗୋଳ ଲାୟନ୍ସ କ୍ଲବ ପକ୍ଷରୁ ଟାଙ୍ଗି-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଘରୋଇ ଉପକରଣ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଜିଲା ଲୋକ ସମ୍ପର୍କ ଅଧିକାରୀ କିଶୋର କୁମାର ଦାସଙ୍କ ତତ୍ତ୍ୱାବଧାନରେ ଲାୟନ୍ସ ବାସୁଦେବ ଚୌଧୁରୀ, ମନୋରଞ୍ଜନ ସାହୁ, ମନୋରଞ୍ଜନ ଜେନା, ଜିତେନ୍ଦ୍ର ଶତପଥୀ, ଚିତ୍ତରଞ୍ଜନ ସାହୁ, ବୁଲେସ୍ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସାମାଜିକ କର୍ମୀ ସହଦେବ ବରାଳ ଓ ଗ୍ରାମବାସୀ ଲାୟନ୍ସ କର୍ମକର୍ତ୍ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

# ଆଠଗଡ଼ ଫେରିପାଇଲା ମନ୍ତ୍ରୀପଦ

**କଟକ ଅଫିସ, ୨୯।୫**

ନବୀନଙ୍କ ପଞ୍ଚମ ପାଳିର ସରକାର ବୁଧବାର ଶପଥ ଗ୍ରହଣ କରିଛି। ନବୀନଙ୍କ କ୍ୟାବିନେଟ୍‌ରେ ସାମିଲ ହୋଇଛନ୍ତି ମାହାଙ୍ଗା ବିଧାୟକ ପ୍ରତାପ ଜେନା ଓ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ବାଦ୍ ପଡ଼ିଛନ୍ତି କଟକର ଆଉ ୨ ପୂର୍ବତନ ମନ୍ତ୍ରୀ ତଥା ବଡ଼ମ୍ବା ବିଧାୟକ ଦେବୀ ମିଶ୍ର ଓ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା। ନବୀନଙ୍କ ଗତ ୪ଟି ପାଳିରେ ଦେବୀ ମନ୍ତ୍ରୀପଦ ପାଇଥିବା ବେଳେ ଚଳିତଥର ବାଦ୍ ପଡ଼ିଛନ୍ତି। ସେହିପରି ନବୀନଙ୍କ ଚତୁର୍ଥ ପାଳିରେ ଚନ୍ଦ୍ରସାରଥିଙ୍କୁ କ୍ରୀଡ଼ାମନ୍ତ୍ରୀ ଦାୟିତ୍ୱ ଦିଆଯାଇଥିଲା। ହେଲେ ପଞ୍ଚମ ପାଳିରେ ଏହି ୨ ନେତାଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରତାପଙ୍କୁ ପଞ୍ଚାୟତିରାଜ, ଆଇନ ଓ ନଗର ଉନ୍ନୟନ ବିଭାଗ ମିଳିଥିବାବେଳେ ରଣେନ୍ଦ୍ରଙ୍କୁ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗର ମନ୍ତ୍ରୀପଦ ମିଳିଛି। ମୋଟାମୋଟି ଭାବେ ୧୯ ବର୍ଷ ପରେ ଆଠଗଡ଼ ମନ୍ତ୍ରୀପଦ ଫେରି ପାଇଥିବାବେଳେ ମାହାଙ୍ଗା ମନ୍ତ୍ରୀପଦ ବଜାୟ ରଖିଛି। ମାହାଙ୍ଗାରୁ କ୍ରମାଗତ ୩ ଥର ଓ କିଶନନଗରରୁ ୨ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ପ୍ରତାପ ନବୀନଙ୍କ ମନ୍ତ୍ରିମଣ୍ଡଳରେ ଅତୀତରେ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସହିତ ଆଇନ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେହିପରି ଆଠଗଡ଼ରୁ ୬ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ରଣେନ୍ଦ୍ର ୨୦୦୦ ମସିହାରେ ନବୀନଙ୍କ ପ୍ରଥମ ପାଳିର ସରକାରରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଭାବେ ୪ ବର୍ଷ ଦାୟିତ୍ୱ ତୁଲାଇଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ରଣେନ୍ଦ୍ରଙ୍କୁ ନେଇ ଅନେକ ରାଜନୈତିକ ଘନଘଟା ଘଟିଯାଇଛି। ଉପକୂଳ ଓଡ଼ିଶାର ଏହି ଟାଣୁଆ ନେତା ଜଣକ ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ପରାସ୍ତ କରି ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ। ହେଲେ ନବୀନ ସରକାରର ଗତ ୪ଟି ପାଳି

**ପଦ ବଜାୟ ରଖିଲା ମାହାଙ୍ଗା**

ମଧ୍ୟରୁ କେବଳ ଗୋଟିଏ ପାଳିରେ ମନ୍ତ୍ରୀପଦ ପାଇ ସନ୍ତୁଷ୍ଟ ହୋଇଥିଲେ। ମନ୍ତ୍ରୀପଦ ପାଇବା ପରେ ପ୍ରତାପ କହିଛନ୍ତି, ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ନବୀନ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ତେଣୁ ରାଜ୍ୟବାସୀଙ୍କ ବିଶ୍ୱାସ ଭରସାକୁ ପୂରଣ କରିବା ଦିଗରେ ମୁଁ ନିଶ୍ଚିତ ଚେଷ୍ଟା କରିବି। ସେହିପରି ରଣେନ୍ଦ୍ର କହିଛନ୍ତି, ମୋତେ ଦିଆଯାଇଥିବା ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବା ସହିତ ଲୋକଙ୍କ ପାଖରେ ସରକାରୀ ସୁବିଧା ସୁଯୋଗ ଯେପରି ସହଜରେ ପହଞ୍ଚିପାରିବ ସେ ଦିଗରେ ଚେଷ୍ଟା କରିବି। ସୂଚନାଥାଉ କି, ଗତ ନିର୍ବାଚନରେ କଟକ ଜିଲାର ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ବିଜେଡି ୮ଟି ଆସନରେ ବିଜୟଲାଭ କରିଥିଲା। ମାହାଙ୍ଗାରେ ବିଜେଡି ପ୍ରାର୍ଥୀ ପ୍ରତାପ ଜେନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ସାରଦା ପ୍ରଧାନଙ୍କୁ ୨୯, ୫୮୫ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ସେହିପରି ଆଠଗଡ଼ରେ ବିଜେଡି ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବ୍ରଜେନ୍ଦ୍ର ରାୟଙ୍କୁ ୫୭,୯୯୫ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ତେବେ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଥିବା କଟକ ସଦର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କୁହନ୍ତି, ମୁଖ୍ୟମନ୍ତ୍ରୀ ଏକ ଦୃଢ ଏବଂ ଦକ୍ଷ ମନ୍ତ୍ରିମଣ୍ଡଳ ଗଠନ କରିଛନ୍ତି। ଏହି ମନ୍ତ୍ରିମଣ୍ଡଳ ରାଜ୍ୟବାସୀଙ୍କର ଆସ୍ଥାଭାଜନ ହୋଇପାରିବ ବୋଲି ମୋର ଆଶା ଓ ବିଶ୍ୱାସ ରହିଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇ ନ ଥିବାରୁ ମୁଁ ଆଦୌ ଦୁଃଖିତ ନୁହେଁ। ଅନ୍ୟପକ୍ଷରେ ଦେବୀ କହିଛନ୍ତି, କିଏ ମନ୍ତ୍ରୀ ହେବ କିଏ ନ ହେବ ତାହା ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ। ତେବେ ଆପଣ ବାଦ୍ ପଡ଼ିଥିବାରୁ ଆପଣ ଦୁଃଖି କି ବୋଲି ପ୍ରଶ୍ନରେ ଦେବୀ କହିଥିଲେ ମୁଁ ସନ୍ୟାସୀ ନୁହେଁ ଯେ ମୋର ମନ୍ତ୍ରୀ ହେବାର ଲାଳସା ନାହିଁ। ତଥାପି ମୁଖ୍ୟମନ୍ତ୍ରୀ ଦକ୍ଷ ଲୋକମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି। ନୂଆ ମନ୍ତ୍ରିମଣ୍ଡଳକୁ ମୁଁ ଶୁଭେଚ୍ଛା ଜଣାଉଛି।



କଟକ ମଧୁପାଟଣା ଜାତୀୟ ରାଜପଥର ସମ୍ରାଟ ସିନେମାହଲ ସମ୍ମୁଖ ଡିଭାଇଡର ମଝିରେ ଥିବା ବିଦ୍ୟୁତଖୁଣ୍ଟରୁ ଷ୍ଟ୍ରିଟଲାଇଟ୍ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ରହିଛି।



ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ କଟକ ଜିଲା ପକ୍ଷରୁ ବିଡାନାସୀ ଛକ ଠାରେ ପଥଚାରୀଙ୍କୁ ଦହିପାଣି ବଣ୍ଟନ କରାଯାଉଛି।

## ମଞ୍ଚେଶ୍ୱରରୁ ଚୋରି ପିକ୍‌ଅପ୍ ଭ୍ୟାନ ମଙ୍ଗୁଳିରୁ ଜବତ, ୨ ଗିରଫ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପ୍ରାଚୀବିହାର ଅଞ୍ଚଳରୁ ଚୋରି ବୋଲେରୋ ପିକ୍‌ଅପ୍ ଭ୍ୟାନକୁ ପୋଲିସ ବୁଧବାର କଟକ ମଙ୍ଗୁଳି ଛକରୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଟକ ଜିଲା ଜମତପୁର ପୀରବଜାର ଅଞ୍ଚଳର ଡ୍ରାଇଭର ଜବାହର ଖାନ୍ ଓ ସହଯୋଗୀ ଟାଙ୍ଗୀ ଅଞ୍ଚଳର ଅନ୍ତର୍ଯ୍ୟାମୀ ଦାସ। ପୋଲିସ ସୂଚନାନୁସାରେ, ୧୦ ତାରିଖ ରାତିରେ ପଳାଶୁଣୀ ପ୍ରାଚୀବିହାର ଅଞ୍ଚଳରେ ରହୁଥିବା ପ୍ରମୋଦ କୁମାର ବାରିକଙ୍କ ଘର ଆଗରୁ ଏକ ବୋଲେରୋ ପିକଅପ ଭ୍ୟାନ (ନଂ. ଓଡି୦୨ଭି୬୫୪୩) ଚୋରି ହୋଇଯାଇଥିଲା। ଅଭିଯୋଗ ପରେ ପୋଲିସ ୧୯୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଚୋରି ଗାଡ଼ି ସଂକ୍ରାନ୍ତରେ ଖବର ପାଇ ବୁଧବାର ସକାଳ ସାଢେ ୭ଟାରେ ପୋଲିସ ଟିମ୍ ମଙ୍ଗୁଳି ଛକ ନିକଟରେ ଚଢ଼ାଉ କରି ତାହାକୁ ଠାବ କରିଥିଲା। ଯାଞ୍ଚ ଓ ଗିରଫ ଡ୍ରାଇଭର ଜବାହର ଓ ହେଲ୍‌ପର ଅନ୍ତର୍ଯ୍ୟାମୀଙ୍କୁ ପଚରାଉଚରା ପରେ ଚୋରି ସମ୍ପର୍କରେ ଜଣାପଡିଥିଲା। ସେମାନେ ଗାଡ଼ି ଚୋରି ପରେ ଜଗତପୁର ଅଞ୍ଚଳରେ ଥିବା ଏକ ଗ୍ୟାରେଜରେ ଚେସିସ୍, ଇଞ୍ଜିନ ଓ ଗାଡି ନମ୍ବର ବଦଳାଇଥିଲେ। ବାଲେଶ୍ୱରରେ ନୂଆ ରେଜିଷ୍ଟ୍ରେଶନ କରିବାକୁ ନେଉଥିଲେ। ତେବେ ତାଳଚେର ଅଞ୍ଚଳରେ ରହୁଥିବା ପପୁ ଖାନ୍ ନାମକ ଯୁବକ ତାଙ୍କୁ ଉକ୍ତ ଚୋରା ପିକ୍‌ଅପ ବିକ୍ରି କରିଥିବା ସେମାନେ ପୋଲିସକୁ କହିଛନ୍ତି। ପୋଲିସ ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ■ ନିର୍ଦ୍ଧାରିତ ସମୟରେ ଡ୍ରେନ୍ ସଫେଇ ସରିବା ଆଶଙ୍କା

# ସିଏମ୍‌ସି: ଜଟିଳ ହୋଇପାରେ ଜଳବନ୍ଦୀ ସ୍ଥିତି

**କଟକ ଅଫିସ, ୨୯।୫**

କଟକ ମହାନଗର ନିଗମ (ସିଏମ୍‌ସି)ରେ ପ୍ରତିବର୍ଷ ଜଳବନ୍ଦୀ ସମସ୍ୟା ଲାଗିରହୁଛି। ମୁଖ୍ୟତଃ ସହରର ଅଧିକାଂଶ ସ୍ଥାନରେ ଡ୍ରେନ୍ ପୋତି ହୋଇଯିବାରୁ ବର୍ଷାଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଅସରାଏ ବର୍ଷା ହେଲେ ସିଏମ୍‌ସିର ବିଭିନ୍ନ ୱାର୍ଡ ଓ ରାସ୍ତାରେ ବର୍ଷାଜଳ ଜମିଥିବା ଦେଖିବାକୁ ମିଳିଛି। ଏପରି କି କେତେକ ଲୋକଙ୍କ ଘରେ ମଧ୍ୟ ବର୍ଷାପାଣି ପଶିଥିବା ନଜିର ରହିଛି। ପ୍ରତିବର୍ଷ ସହରରେ ଜଳବନ୍ଦୀ ସମସ୍ୟା ଲାଗିରହୁଛି। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ମୌସୁମୀ ପୂର୍ବରୁ କିପରି ସହରର ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଅଣାଯାଇପାରିବ ସେ ଦିଗରେ ସିଏମ୍‌ସି ତତ୍ପର ହୋଇଉଠିଛି। ଏ ନେଇ ସିଏମ୍‌ସିର ପ୍ରଶାସନିକ ଅଧିକାରୀ ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ଅନିଲ କୁମାର ସାମଲଙ୍କ ଅଧକ୍ଷତାରେ ଦୁଇଥର ବୈଠକ ଅନୁଷ୍ଠିତ ହୋଇ ଆସନ୍ତା ଜୁନ୍ ୫ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ସିଏମ୍‌ସି କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏପର୍ଯ୍ୟନ୍ତ ସିଏମ୍‌ସିର ବିଭିନ୍ନ ୱାର୍ଡରେ ଡ୍ରେନେଜ୍ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଏହା ଧିମା ଗତିରେ ଚାଲିଛି। ଆସନ୍ତା ୧ ସପ୍ତାହ ଅର୍ଥାତ୍ ଆରଡିସି ଦେଇଥିବା ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ କାମ ସରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଆଗାମୀ ବର୍ଷାଦିନ ପୂର୍ବରୁ ଏହି ସମସ୍ୟା ଦୂର ନ ହେଲେ ସହରରେ ଜଳବନ୍ଦୀ ସ୍ଥିତ ଜଟିଳ ହୋଇପାରେ ବୋଲି ସହରବାସୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି।

ଗତ ୧୭ ତାରିଖରେ ଆର୍‌ଡିସିଙ୍କ କାର୍ଯ୍ୟାଳୟ ପରିସରରେ ସିଏମ୍‌ସି ଏବଂ ଜାଇକା ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ମୌସୁମୀ ପୂର୍ବରୁ ଡ୍ରେନେଜ ସଫେଇ ଓ ପୁନରୁଦ୍ଧାର କିପରି କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ଗତ ୨୦ ତାରିଖରେ ସିଏମ୍‌ସି କାର୍ଯ୍ୟାଳୟ ପରିସରରେ ଆରଡିସିଙ୍କ ଉପସ୍ଥିତିରେ ଆଉ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରି ସହରର ଅଧିକାଂଶ ଡ୍ରେନେଜ ସଫେଇ କାର୍ଯ୍ୟ ମେ ଶେଷ ସୁଦ୍ଧା ସାରିବା ଓ ସମସ୍ତ ଡ୍ରେନେଜ ମରାମତି କାର୍ଯ୍ୟ ଜୁନ ୫ ତାରିଖ ସୁଦ୍ଧା ଶେଷ କରିବାକୁ ବୈଠକରେ ଆରଡିସି ଉପସ୍ଥିତ ସିଏମ୍‌ସି ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସଫେଇ କାର୍ଯ୍ୟ ନିମନ୍ତେ ଆବଶ୍ୟକ ଥିବା ସରଞ୍ଜାମକୁ ସିଏମ୍‌ସି କିଣିବା କିମ୍ବା ଲିଜ୍ ସୂତ୍ରରେ ଆଣିବାକୁ ବୈଠକରେ କୁହାଯାଇଥିଲା। ହେଲେ ବୈଠକରେ ଦିଆଯାଇଥିବା ନିର୍ଦ୍ଦେଶକୁ ଇତିମଧ୍ୟରେ ୧ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରାଯାଇନାହିଁ।

ସହରର ସିଡିଏ, ଖାନ୍‌ନଗର, ବଜ୍ରକବାଟି ରୋଡ୍, ରିଂରୋଡ, ବାଦାମବାଡ଼ି, ମଙ୍ଗଳାବାଗ, ମିଶନ୍‌ରୋଡ, ଅରୁଣୋଦୟନଗର, ଝାଞ୍ଜିରିମଙ୍ଗଳା ଓ ଛତ୍ରବଜାର ଆଦି ଅଞ୍ଚଳରେ ଡ୍ରେନ୍‌ଗୁଡିକ ଏବେ ବି ଆବର୍ଜନାରେ ପୋତିହୋଇ ରହିଛି। ବଜ୍ରକବାଟି କେନାଲ ରୋଡ ପାର୍ଶ୍ୱରେ ଥିବା ସହରର ମୁଖ୍ୟ ନର୍ଦ୍ଦମାଜଳ ନିଷ୍କାସନ ନାଳ ଭୁଷୁଡି ପଡିଛି। ଏ ପର୍ଯ୍ୟନ୍ତ ତାହାକୁ ମରାମତି କରାଯାଇନାହିଁ। ସେହିପରି ଛତ୍ରବଜାର ଅଞ୍ଚଳରେ ଫନୀ ପ୍ରଭାବରେ ଗଛ ଭାଙ୍ଗି ଡ୍ରେନ୍ ଭିତରେ ପଡି ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହାକୁ କଢାଯାଇନାହିଁ। ଏପରି କି ସେଠାରୁ ଆବର୍ଜନା ମଧ୍ୟ ସଫା କରାଯାଇ ନ ଥିବା ଅଭିଯୋଗ ହୋଇଛି।

ଏ ନେଇ ସିଡିଏ ସେକ୍ଟର-୬ରେ ରହୁଥିବା ରାଜୀବ ପଟ୍ଟନାୟକ କୁହନ୍ତି, ପ୍ରତିବର୍ଷ ବର୍ଷାଦିନ ଆସିଲେ ଲୋକଙ୍କ ଚିନ୍ତା ବଢିଯାଉଛି। ବର୍ଷା ପୂର୍ବରୁ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବାରେ ସିଏମସି ଫେଲ୍ ମାରିବା ଯୋଗୁ ପ୍ରତିବର୍ଷ ସହରବାସୀଙ୍କୁ ଜଳବନ୍ଦୀ ସମସ୍ୟା ଭୋଗିବାକୁ ପଡୁଛି। ସେହିପରି ସେକ୍ଟର-୮ରେ ଥିବା ପ୍ରଣବ ଦାଶ କହିଛନ୍ତି, ବର୍ଷା ଆସିଲେ ସହର ଜଳବନ୍ଦୀ ହୋଇଯାଏ। ଏହା ପୂର୍ବରୁ ଜଳ ନିଷ୍କାସନ ନିମନ୍ତେ ସରକାର କିମ୍ବା ସିଏମସି ପ୍ରଶଂସା ସାଉଁଟିବା ପାଇଁ ଅନେକ କଥା କହିଥାନ୍ତି। ହେଲେ ବର୍ଷା ଆସିଲେ ଲୋକେ ଜଳବନ୍ଦୀ ସମସ୍ୟାରୁ ମୁକ୍ତି ପାଇପାରନ୍ତି ନାହିଁ। ଏ ନେଇ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକଙ୍କ ସହ ଯୋଗାଯୋଗ କରିବାରୁ ତାହା ସମ୍ଭବ ହୋଇପାରି ନ ଥିଲା।



ବଜ୍ରକବାଟି କେନାଲ ରୋଡ ପାର୍ଶ୍ୱରେ ଥିବା ମୁଖ୍ୟନାଳ ଭୁଶୁଡି ପଡିଛି।

■ଅଧିକାଂଶ ସ୍ଥାନରେ ଧିମାଗତିରେ ଚାଲିଛି କାମ

■ପ୍ରତିବର୍ଷ ଲାଗି ରହୁଛି ସମସ୍ୟା

### ଚନ୍ଦନ ମହୋତ୍ସବ ଉଦ୍‌ଯାପିତ

**ବଡ଼ମ୍ବା,୨୯।୫(ଡି.ଏନ.ଏ.)**

ବଡ଼ମ୍ବା ଚନ୍ଦନ ମହୋତ୍ସବ କମିଟି, ଜିଲା ପ୍ରଶାସନ ଓ ରାଜ୍ୟ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ବଡ଼ମ୍ବା ଗାନ୍ଧୀଛକସ୍ଥିତ ଟେନିସ୍ ପଡ଼ିଆରେ ୫ଦିନ ଧରି ଚାଲିଥିବା ଚନ୍ଦନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଦେବରାଜ ପାଟ୍ଟଶାଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ କଟକ ଗ୍ରାମାଞ୍ଚଳ ଏସ୍.ପି. ରାଧାବିନୋଦ ପାଣିଗ୍ରାହୀ ଯୋଗଦେଇ ବଡ଼ମ୍ବାର କଳା ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ବଡ଼ମ୍ବା ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ଚନ୍ଦନ ଯାତ୍ରାର ପରମ୍ପରା ଉପରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ଅନୁସୂୟା ନାଏକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ମୁରଲୀଧର ମହାପାତ୍ର, ମହେନ୍ଦ୍ର କୁମାର ପଢ଼ିଆରୀ, ମହୋତ୍ସବ କମିଟି ଉପସଭାପତି ସୁଶାନ୍ତ କୁମାର ସେଠୀ ଓ କୋଷାଧ୍ୟକ୍ଷ ଦିବାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ତରାସିଆ ଅତିଥି ପରିଚୟନ ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରମେଶ କୁମାର ବେହେରା ଓ ଶିବ ପ୍ରସାଦ ବ୍ରହ୍ମା ସଂଯୋଜନା କରିଥିଲେ। ଏହିଅବସରରେ କୋରାପୁଟ୍, ଭବାନୀପାଟଣା ଓ ସ୍ଥାନୀୟ କଳାତୀର୍ଥ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା।



କଟକ ସାମନ୍ତ ସାହି ରାସ୍ତା ପାର୍ଶ୍ୱ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ଘେରାଯାଇଥିବା ତାର ରକ୍ଷଣାବେକ୍ଷଣ ଅଭାବରୁ ଛିଣ୍ଡିଯାଇଛି।



କଟକ ମାଲଗୋଦାମ ଓଭରବ୍ରିଜ ରାସ୍ତା ପାର୍ଶ୍ୱରେ ପ୍ଲାଷ୍ଟିକ ଦୋଳି ବିକ୍ରି କରିବା ପାଇଁ ଗ୍ରାହକଙ୍କ ଅପେକ୍ଷାରେ ଜଣେ ବ୍ୟବସାୟୀ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ଦିଅ ନାହିଁ।
-ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଅସ୍ଥାୟୀ ଦମକଳ କେନ୍ଦ୍ରର ଘର ଛାଡ଼ିବାକୁ ନିର୍ଦ୍ଦେଶ

**କଣାସ,୨୯।୫(ସ୍ୱ.ପ୍ର.):** ପୁରୀ ଜିଲାର କଣାସ ବ୍ଲକରେ ଅଧିକାଂଶ ଦୁର୍ଘଟଣା, ଅଗ୍ନିକାଣ୍ଡ ଭଳି ବିଭିନ୍ନ ଘଟଣା ଘଟୁଥିବାରୁ ଗ୍ରାମବାସୀ ଏକ ଦମକଳ କେନ୍ଦ୍ର ଖୋଲିବା ପାଇଁ ଦାବି କରିଥିଲେ। ବାରମ୍ବାର ଦାବି ହେବାପରେ ୨୦୧୩ରେ ଏକ ଅସ୍ଥାୟୀ ଭାବେ ଦମକଳ କେନ୍ଦ୍ର କରାଯାଇଥିଲା। କିନ୍ତୁ ହଠାତ ୬ବର୍ଷ ପରେ ଅସ୍ଥାୟୀ ଭାବେ ହୋଇଥିବା ଦମକଳ କେନ୍ଦ୍ର ଥିବା ଗୃହକୁ ଛାଡିବା ପାଇଁ ଉପଜିଲାପାଳଙ୍କ ପକ୍ଷରୁ ଦମକଳର ଅଧିକାରୀଙ୍କ ପାଖକୁ ଏକ ପତ୍ର ଆସିଛି। ଅଞ୍ଚଳରେ ଗୋଟିଏ ବୋଲି ଦମକଳ କେନ୍ଦ୍ର ଥିବାବେଳେ ଏହି ନିର୍ଦ୍ଦେଶକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖବର ଅନୁଯାୟୀ, କଣାସ ଅଞ୍ଚଳରେ ଏକ ଦମକଳ କେନ୍ଦ୍ର ଖୋଲିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହେବାପରେ ରାଜ୍ୟ ସରକାର ତରଫରୁ ୨୦୧୨ ଡିସେମ୍ବରରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ଜିଲା ପ୍ରଶାସନ ପକ୍ଷରୁ କଣାସ ପଞ୍ଚାୟତ ସମିତି ନିକଟରେ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟ ପାଇଁ ନିର୍ମାଣ କରାଯାଇଥିବା ଗୃହ ମଧ୍ୟରେ କେନ୍ଦ୍ର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଫଳରେ ୨୦୧୩ ଫେବୃୟାରୀ ୧୨ରେ ଅସ୍ଥାୟୀ ଦମକଳ କେନ୍ଦ୍ର ଖୋଲି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ସ୍ଥାୟୀ ଗୃହ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୨୦୧୪ରେ ୬୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ଇତିମଧ୍ୟରେ ୭ବର୍ଷ ବିତିଯାଇଥିବାବେଳେ ତିନିଜଣ ତହସିଲଦାର ମଧ୍ୟ ବଦଳି ହୋଇଗଲେଣି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ତହସିଲଦାର ଜାଗା ଚିହ୍ନଟ କରିପାରୁ ନ ଥିବାରୁ ଜନଅସନ୍ତୋଷ ଦିନକୁ ଦିନ ବୃଦ୍ଧିପାଇଛି। ଏ ନେଇ କଣାସ ବିକାଶ ପରିଷଦ, କଣାସ ନାଗରିକ ମଞ୍ଚ, କଣାସର ଅନେକ ବୁଦ୍ଧିଜୀବୀ ଉପଜିଲାପାଳ ଏବଂ ତହସିଲଦାରଙ୍କୁ ଭେଟି ତୁରନ୍ତ ଜାଗା ଯୋଗାଇଦେବା ପାଇଁ ବାରମ୍ବାର ନିବେଦନ କରିଆସୁଛନ୍ତି। କଣାସ ପଞ୍ଚାୟତ ସମିତି ନିକଟ ପଣିଆପଡା, ଗାଉପଡା, ପୋତାଘର ମୌଜାରେ ବ୍ୟାପକ ଆନାବାଦି ଓ ଗୋଚରଜମି ଥିଲେ ମଧ୍ୟ ତହସିଲଦାର କାହିଁକି ସ୍ଥାୟୀ ଦମକଳ କେନ୍ଦ୍ର ପାଇଁ ଜାଗା ଚିହ୍ନଟ କରିବାକୁ ପଛଘୁଞ୍ଚା ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନ ସୃଷ୍ଟି କରୁଛି। ଏ ସମ୍ପର୍କରେ ତହସିଲଦାର ଅନିତା ପଣ୍ଡାଙ୍କୁ ପଚାରିବାରୁ ସ୍ଥାୟୀ ଦମକଳ କେନ୍ଦ୍ର ପାଇଁ ଖୁବଶୀଘ୍ର ଜାଗା ଚିହ୍ନଟ ହେବ ବୋଲି କହୁଛନ୍ତି।

### ଚୋରି ପିକ୍‌ଅପ୍ ଭ୍ୟାନ ଜବତ, ୨ ଗିରଫ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପ୍ରାଚୀବିହାର ଅଞ୍ଚଳରୁ ଚୋରି ବୋଲେରୋ ପିକ୍‌ଅପ୍ ଭ୍ୟାନକୁ ପୋଲିସ ବୁଧବାର କଟକ ମଙ୍ଗୁଳି ଛକରୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଟକ ଜିଲା ଜମତପୁର ପୀରବଜାର ଅଞ୍ଚଳର ଡ୍ରାଇଭର ଜବାହର ଖାନ୍ ଓ ସହଯୋଗୀ ଟାଙ୍ଗୀ ଅଞ୍ଚଳର ଅନ୍ତର୍ଯ୍ୟାମୀ ଦାସ। ପୋଲିସ ସୂଚନାନୁସାରେ, ୧୦ ତାରିଖ ରାତିରେ ପଳାଶୁଣୀ ପ୍ରାଚୀବିହାର ଅଞ୍ଚଳରେ ରହୁଥିବା ପ୍ରମୋଦ କୁମାର ବାରିକଙ୍କ ଘର ଆଗରୁ ଏକ ବୋଲେରୋ ପିକଅପ ଭ୍ୟାନ (ନଂ. ଓଡି୦୨ଭି୬୫୪୩) ଚୋରି ହୋଇଯାଇଥିଲା। ଅଭିଯୋଗ ପରେ ପୋଲିସ ୧୯୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଚୋରି ଗାଡ଼ି ସଂକ୍ରାନ୍ତରେ ଖବର ପାଇ ବୁଧବାର ସକାଳ ସାଢେ ୭ଟାରେ ପୋଲିସ ଟିମ୍ ମଙ୍ଗୁଳି ଛକ ନିକଟରେ ଚଢ଼ାଉ କରି ତାହାକୁ ଠାବ କରିଥିଲା। ଯାଞ୍ଚ ଓ ଗିରଫ ଡ୍ରାଇଭର ଜବାହର ଓ ହେଲ୍‌ପର ଅନ୍ତର୍ଯ୍ୟାମୀଙ୍କୁ ପଚରାଉଚରା ପରେ ଚୋରି ସମ୍ପର୍କରେ ଜଣାପଡିଥିଲା। ସେମାନେ ଗାଡ଼ି ଚୋରି ପରେ ଜଗତପୁର ଅଞ୍ଚଳରେ ଥିବା ଏକ ଗ୍ୟାରେଜରେ ଚେସିସ୍, ଇଞ୍ଜିନ ଓ ଗାଡି ନମ୍ବର ବଦଳାଇଥିଲେ। ବାଲେଶ୍ୱରରେ ନୂଆ ରେଜିଷ୍ଟ୍ରେଶନ କରିବାକୁ ନେଉଥିଲେ। ତେବେ ତାଳଚେର ଅଞ୍ଚଳରେ ରହୁଥିବା ପପୁ ଖାନ୍ ନାମକ ଯୁବକ ତାଙ୍କୁ ଉକ୍ତ ଚୋରା ପିକ୍‌ଅପ ବିକ୍ରି କରିଥିବା ସେମାନେ ପୋଲିସକୁ କହିଛନ୍ତି। ପୋଲିସ ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ରଥଯାତ୍ରା ପାଇଁ ଖୋଲିବ ୩୧ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର

## ମହଜୁଦ୍ ରହିବ ୩୦ ଆମ୍ବୁଲାନ୍ସ

**ପୁରୀ ଅଫିସ,୨୯।୫**

ବଡଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସ ପରିସରରେ ବୁଧବାର ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମ୍ପର୍କରେ କହିଥିଲେ, ବାତ୍ୟା ପରେ ବିଭିନ୍ନ ଜିଲାରୁ ୯୩ ଡାକ୍ତର ଏବଂ ୧୫୩ ଜଣ ପାରାମେଡିକାଲ ଷ୍ଟାଫ୍ ଆସି ଅସ୍ଥାୟୀ ଭାବେ କାମ କରୁଛନ୍ତି। ରଥଯାତ୍ରା ସମୟରେ ୧୮୭ ଡାକ୍ତର ଏବଂ ୩୯୯ ପାରାମେଡିକାଲ ଷ୍ଟାଫ୍‌ଙ୍କ ଆବଶ୍ୟକତା ରହିଛି। ସରକାର ଏହା ଯୋଗାଇଦେବେ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୦ଟି, ସହରାଞ୍ଚଳ ପିଏଚ୍‌ସିରେ ୫, ଦୋଳବେଦୀ କୋଣ ପିଏଚ୍‌ସିରେ ୧୦, ଚନ୍ଦନପୁରରେ ୧୦, ସାକ୍ଷୀଗୋପାଳ ୧୦, ମଙ୍ଗଳପୁର ୬, ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଶଯ୍ୟା ସଂଖ୍ୟା ବଢିବ। ଘରୋଇ ସଂସ୍ଥା ଆମ୍ବୁଲାନ୍ସକୁ ବାଦ୍ ଦେଇ ରଥଯାତ୍ରା ସମୟରେ ୩୦ଟି ଆମ୍ବୁଲାନ୍ସର ଦରକାର ହେବ। ବର୍ତ୍ତମାନ ୯ଟି ରହିଥିବାବେଳେ ୨୧ଟି ଆମ୍ବୁଲାନ୍ସ ପାଇଁ ସରକାରଙ୍କୁ ନିବେଦନ କରାଯାଇଛି। ଏହା ଠିକ୍ ସମୟରେ ପହଞ୍ଚିବ ବୋଲି ପ୍ରତିଶ୍ରୁତି ମିଳିଛି। ଆମ୍ବୁଲାନ୍ସଗୁଡ଼ିକ କେଉଁ ଜାଗାରେ ପୋଜିସନିଂ କରାଯିବ ତାହା ପୋଲିସ ବିଭାଗ ସହିତ ସମନ୍ୱୟ ରଖି ନିଷ୍ପତ୍ତି ନିଆଯିବ। ସହରରେ ୧୯ଟି ଏବଂ ସହର ବାହାରେ ଜାତୀୟ ରାଜପଥ ପାର୍ଶ୍ୱରେ ୧୨ଟି ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯିବ। ପ୍ରତି କେନ୍ଦ୍ରରେ ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟ ରହିବେ । ଏହି କେନ୍ଦ୍ରଗୁଡ଼ିକ ରଥଯାତ୍ରା, ବାହୁଡା ଯାତ୍ରା ଏବଂ ସୁନାବେଶରେ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରିବ। ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଶବବୁହା ଗାଡ଼ି ଅଛି । ରଥଯାତ୍ରା ସମୟରେ ପ୍ରାୟ ୩ଟି ଗାଡ଼ି ରଖାଯିବ। ବର୍ତ୍ତମାନ ପରିମଳ ବ୍ୟବସ୍ଥା ଗମ୍ଭୀର ରହିଛି । ଏହି ସମୟରେ ଖାଦ୍ୟ ଅପମିଶ୍ରଣ କିପରି ନ ହେବ ସେଥିଲାଗି ସମସ୍ତେ ଧ୍ୟାନ ଦେବା ଦରକାର ବୋଲି ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି।

### ୨ ଦିନରେ ସବୁ ଗ୍ରାହକଙ୍କୁ ମିଳିବ ବିଦ୍ୟୁତ୍

ବିଦ୍ୟୁତ୍ ଯୋଗାକୁ ସ୍ୱାଭାବିକ କରିବା ଲାଗି ଯୁଦ୍ଧକାଳୀନ ଭିତିରେ କାମ ଚାଲିଛି । ପୁରୀ ସହରର ସବୁ ଗ୍ରାହକଙ୍କ ପାଖରେ ଦୁଇଦିନ ମଧ୍ୟରେ ବିଦ୍ୟୁତ୍ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖିଛୁ ବୋଲି କହିଛନ୍ତି ସେସୁ ପୁରୀ ଡିଭିଜନର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ପ୍ରଦୀପ ସାହୁ ଏବଂ ନିର୍ବାହୀ ଯନ୍ତ୍ରୀ ଶିବପ୍ରସାଦ ସ୍ୱାଇଁ। ରଥ ସମନ୍ୱୟ ବୈଠକରେ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କରେ ସ୍ୱାଇଁ କହିଥିଲେ, ରଥଯାତ୍ରାକୁ ଆଖି ଆଗରେ ରଖି ବିଦ୍ୟୁତ୍ ପୁନରୁଦ୍ଧାର କାମ ଜୋରଦାର ଚାଲିଛି। ରଥଯାତ୍ରା, ସୁନାବେଶରେ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ। ବର୍ତ୍ତମାନ ସହରର ୬୪,୦୦୦ ଗ୍ରାହକଙ୍କ ମଧ୍ୟରୁ ୫୨,୦୦୦ ଜଣଙ୍କୁ ସଂଯୋଗ ଦିଆସରିଛି। ତେବେ ହୋଟେଲଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ନେଇ ପୁରୀ ହୋଟେଲ ଆସୋସିଏଶନ କର୍ମକର୍ତ୍ତା ରାମକୃଷ୍ଣ ଦାସମହାପାତ୍ର ଏବଂ ରାଜକିଶୋର ପାତ୍ର ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଧୀରେ ଧୀରେ ପର୍ଯ୍ୟଟକ ପୁରୀକୁ ଆସିବା ଆରମ୍ଭ କଲେଣି । ବିଦ୍ୟୁତ୍ ସଂଯୋଗ ନ ହେଲେ ପର୍ଯ୍ୟଟକଙ୍କୁ ରଖିବା ଏବଂ ମରାମତି କାମ କରିବା ସମ୍ଭବ ହେବନାହିଁ ବୋଲି ପାତ୍ର କହିଥିଲେ। ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ସାହୁ କହିଥିଲେ ଯେ, କେତେକ ହୋଟେଲକୁ ସଂଯୋଗ ଦିଆଗଲାଣି ଏବଂ ଖୁବଶୀଘ୍ର ଅନ୍ୟ ହୋଟେଲଗୁଡ଼ିକୁ ସଂଯୋଗ ଦିଆଯିବ।

### ପ୍ରତି ବସ୍‌ରେ ରେଟ୍ ଚାର୍ଟ ଡିସ୍‌ପ୍ଲେ ହେବ

ରଥଯାତ୍ରା ସମୟରେ କେତେକ ବସ୍ ଅତ୍ୟଧିକ ଭଡ଼ା ନେଇଥାନ୍ତି। ତେଣୁ ଏହା ଉପରେ ଅଙ୍କୁଶ ଆଣିବା ଲାଗି ଏଥର ପ୍ରତି ବସ୍‌ରେ ରେଟ୍ ଚାର୍ଟ ଡିସ୍‌ପ୍ଲେ ହେବ ବୋଲି ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ କହିଛନ୍ତି। ପ୍ରତି ବସ୍‌ରେ ଫାଷ୍ଟଏଡ୍ କିଟ୍ ରହିବ। ରାସ୍ତାରେ ଯାନବାହନ ଚଳାଚଳ ଉପରେ ନଜର ରଖିବାକୁ ୪ଟି ଇଣ୍ଟରସେପ୍ଟର ରହିବା ଲାଗି ବ୍ୟବସ୍ଥା ହେଉଛି । ଦ୍ରୁତଗତିରେ ଗାଡି ଚାଳନା ଏବଂ ଓଭରଲୋଡିଂ ଆଣୁଥିବା ଗାଡିଗୁଡ଼ିକୁ ଚେକିଂ କରାଯିବ। ଭୁବନେଶ୍ୱର, କଟକ ପ୍ରଭୃତି ଜିଲାରୁ ଅଧିକ ବସ୍ କିପରି ରଥଯାତ୍ରା ସମୟରେ ପୁରୀକୁ ଚଳାଚଳ କରିବେ ତାହାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

### ଖୋଲିବ ୩୮ ବୁକିଂ କାଉଣ୍ଟର

ରଥଯାତ୍ରା ସମୟରେ ୩୮ଟି ବୁକିଂ କାଉଣ୍ଟର ଖୋଲାଯିବ। ପୁରୀ ଷ୍ଟେଶନରେ ୧୪ଟି ଏବଂ ଅନ୍ୟ ଜାଗାରେ ୨୪ଟି କାଉଣ୍ଟର ଖୋଲିବ। ପ୍ରାୟ ୧୯୦ଟି ଅଧିକ ଟ୍ରେନ୍ ଚାଲିବ । ଯାତ୍ରୀଙ୍କ ସୁବିଧା ପାଇଁ ମେ ହେଲ୍‌ପ ୟୁ ଏବଂ ୨୬ଟି କ୍ୟାଟରିଙ୍ଗ ଷ୍ଟଲ ଖୋଲାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

### ୩୦୦୦ ଷ୍ଟ୍ରିଟ୍ ଲାଇଟ୍ ନଷ୍ଟ

ବାତ୍ୟାରେ ପୁରୀ ସହରର ପ୍ରାୟ ୩୦୦୦ ଷ୍ଟ୍ରିଟ୍ ଲାଇଟ୍ ନଷ୍ଟ ହୋଇଯାଇଛି। କେବଳ ବଡ଼ଦାଣ୍ଡକୁ ଛାଡି ଦେଲେ ଆଉ ପ୍ରାୟ କେଉଁ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ । ରାସ୍ତାଗୁଡ଼ିକ ଅନ୍ଧାରୁଆ ରହୁଥିବାରୁ ଛିନ୍‌ତାଇ ଭଳି ଘଟଣା ଘଟୁଛି। ଏହାକୁ ନେଇ ବୈଠକରେ ପ୍ରଶ୍ନ ଉଠିବା ପରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ କହିଥିଲେ ଯେ, ୭,୪୫୦ ଷ୍ଟ୍ରିଟ୍ ଲାଇଟ୍‌ରୁ ୩ହଜାର ନଷ୍ଟ ହୋଇଯାଇଛି । ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ କାର୍ଯ୍ୟକ୍ଷମ କରିବା ଲାଗି କାମ ଚାଲିଛି।

### ୟୁନିଫର୍ମ ପଲିସିକୁ ନେଇ ହୋହଲ୍ଲା

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଜମି କିଣିବା ଲାଗି ଆବେଦନ କରିଥିବା ଲୋକଙ୍କ ପାଖକୁ ନୋଟିସ ପଠାଯାଇଛି। ୟୁନିଫର୍ମ ପଲିସିକୁ ରାଜ୍ୟ ସରକାର ଅନୁମୋଦନ ଦେବା ପରେ ଶ୍ରୀମନ୍ଦିର ପ୍ରଶାସନ ଏହି ନୋଟିସ ପଠାଇଛି। ଏଥିରେ ଜମିର ମୂଲ୍ୟ ବଜାର ଦର (ମାର୍କେଟ ଭେଲ୍ୟୁ)ଠାରୁ ଅଧିକ ରହିଥିବା ବୈଠକରେ ଅଭିଯୋଗ ହୋଇଛି। ବର୍ତ୍ତମାନ ବାତ୍ୟା ସମୟରେ ଲୋକେ ଜୀବନଜୀବିକା ପାଇଁ ସଂଘର୍ଷ କରୁଥିବା ବେଳେ ଅଧିକ ମୂଲ୍ୟ ଦେଇ ଜମି କିଣିବାକୁ ସମର୍ଥ ନୁହଁନ୍ତି। ତେଣୁ ଜମି ମୁଲ୍ୟ ହ୍ରାସ କରାଯିବା ସହ ଏଥିପାଇଁ ଅଧିକ ସମୟ ଦେବାକୁ ବୈଠକରେ ଦାବି କରାଯାଇଛି। ଖୁବଶୀଘ୍ର ସହରବାସୀ ସେବା ପାଇପାରିବେ ।

### ପୁରୀରେ ହ୍ୟୁମାନିଟାରିଆନ୍ ଏଡ୍ କିଟ୍ ବଣ୍ଟନ

**ଭୁବନେଶ୍ୱର,୨୯।୫(ବ୍ୟୁରୋ)**

ବାତ୍ୟା ଦ୍ୱାରା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ସାପୋର୍‌ଜୀ ପାଲୋନ୍‌ଜୀ ଗ୍ରୁପ୍ ପକ୍ଷରୁ ରିଲିଫ୍ ଓ ବିଭିନ୍ନ ଜରୁରିକାଳୀନ କିଟ୍ ବଣ୍ଟନ କରାଯାଇଛି। ପୁରୀ ଜିଲାର ବିପନ୍ନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦେଇଛନ୍ତି ଏହି ଗ୍ରୁପ୍‌ର ସଦସ୍ୟ। ସେମାନେ ପୁରୀ ସଦର ବ୍ଲକ୍‌ର ଗଣ୍ଡମୁଣ୍ଡା ଭୋଇ ଓ ବିଲ ଭୋଇ ପଞ୍ଚାୟତର ବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ଯଥା ତାର୍‌ପଲିନ୍, ଦଉଡ଼ି, ଗୃହୋପକରଣ କିଟ୍ ଯଥା ପ୍ଲେଟ୍, ଟମ୍ବଲର୍, ଶୋଇବା ଓ ଶୌଚ ସାମଗ୍ରୀ ଏବଂ ସାନିଟାରି ନାପ୍‌କିନ୍ ଆଦି ବଣ୍ଟା ଯାଇଥିଲା। ସେହିଭଳି ଜଳ ପ୍ରଦୂଷଣ ହୋଇଥିବା ଆଶଙ୍କା କରି ପ୍ରଭାବିତ ଅଞ୍ଚଳ ଲୋକଙ୍କୁ କ୍ଲୋରିନ୍ ଟାବ୍‌ଲେଟ୍ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରୁପ୍‌ର କର୍ପୋରେଟ୍ ଆଫେୟାର ଆଣ୍ଡ କମ୍ୟୁନିକେଶନ ଆସୋସିଏଟ ଭାଇସ୍ ପ୍ରେସିଡେଣ୍ଟ ଜଗଦୀଶ ଚନ୍ଦ୍ର ରାଉତ ଯୋଗଦେଇ କହିଥିଲେ, ବାତ୍ୟା ପ୍ରଭାବିତ ପୁରୀ ଜିଲାର ବିପନ୍ନଙ୍କ ସେବା କରିବା ପାଇଁ ସାପୋର୍‌ଜୀ ପାଲୋନ୍‌ଜୀ ଗ୍ରୁପ୍ ପ୍ରତିଶ୍ରୁତିବଦ୍ଧ। ପୁନରୁଦ୍ଧାର ପ୍ରକ୍ରିୟା ଏବଂ ଓଡ଼ିଶାର ଲୋକଙ୍କ ବିକାଶ ସହିତ ଆମେ ସବୁବେଳେ ଠିଆ ହୋଇଛୁ ବୋଲି ସେ କହିଥିଲେ। ହାବିଟାଟ୍ ଫର ହ୍ୟୁମାନିଟି ଇଣ୍ଡିଆ ଏବଂ ମହାଶକ୍ତି ଫାଉଣ୍ଡେଶନର ମିଳିତ ସହଯୋଗରେ ଗ୍ରୁପ୍ ପକ୍ଷରୁ ଏହି ରିଲିଫ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ଭାରତ ଭ୍ରମଣରେ ଆସିଥିବା ପାକିସ୍ତାନୀ ହିନ୍ଦୁମାନେ ବୁଧବାର ଶ୍ରୀଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି।

## ଗୋଷ୍ଠୀ ସଂଘର୍ଷ ଘଟଣା, ମାମଲା ରୁଜୁ କଲା ପୋଲିସ

**ବ୍ରହ୍ମଗିରି,୨୯।୫(ଡି.ଏନ୍.ଏ.)**

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ନିର୍ବାଚନ ପରବର୍ତ୍ତୀ ହିଂସା ବଢ଼ିବାରେ ଲାଗଛି। ମଙ୍ଗଳବାର ବ୍ରହ୍ମଗିରି ଥାନା ଅଧୀନ ସିପକୁଦା ଗ୍ରାମରେ ରାଜନୈତିକ ହିଂସା ଦେଖାଦେଇଥିଲା। ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଟେକାପଥର ମାଡ଼ରେ ୬ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ପୋଲିସ ୨ଟି ମାମଲା (ନଂ.୮୦/୧୯, ନଂ.୮୧/୧୯) ରୁଜୁକରି ତଦନ୍ତ ଚଳାଇଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ନିର୍ବାଚନରେ ହାରଜିତକୁ ନେଇ କମେଣ୍ଟମରାକୁ କେନ୍ଦ୍ରକରି ବିଜେଡି ଓ ଭାଜପା ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା।

## ଡାକ୍ତର ଅନୁପସ୍ଥିତ କାମରେ ଲାଗିଲାନି ସାପକାମୁଡ଼ା ଇଞ୍ଜେକ୍ସନ

### ଗୁରୁତର ଗଲେ ପୁରୀ

**ବ୍ରହ୍ମଗିରି,୨୯।୫(ଡି.ଏନ୍.ଏ.)**

ବାତ୍ୟା 'ଫନୀ' ପାଇଁ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶୁ ଚିକିତ୍ସା ପାଇଁ ସାପ କାମୁଡା ଓ ବନ୍ୟଜନ୍ତୁ କାମୁଡା ଇଞ୍ଜେକ୍ସନ ରଖାଯାଇଛି। କିନ୍ତୁ ବ୍ରହ୍ମଗିରି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ବୁଧବାର ଜଣେ ସାପକାମୁଡା ରୋଗୀଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିବାକୁ ପଡ଼ିଥିଲା। ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଲୁଣିଆପଦର ଗ୍ରାମର ଭାଗ୍ୟଶ୍ରୀ ଜେନାଙ୍କୁ ଏକ ସାପ କାମୁଡିଥିଲା। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତରଙ୍କ ଅନୁପସ୍ଥିତିରୁ କାର୍ଯ୍ୟରତ ଫାର୍ମାସିଷ୍ଟ ଇଞ୍ଜେକ୍ସନ ଦେବାକୁ ମନା କରିଥିଲେ। ଏହା ପରେ ଗୁରୁତରଙ୍କୁ ଚିକିତ୍ସା ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

## ୨୬ଦିନ ପରେ କଣାସରେ ଆସିଲା ବିଦ୍ୟୁତ



ବିଦ୍ୟୁତ୍ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି।

**କଣାସ,୨୯।୫(ସ୍ୱ.ପ୍ର.)**

ସାମୁଦ୍ରିକ ଝଡ଼ ଫନୀରେ ପୁରୀ ଜିଲାର ବ୍ୟାପକ କ୍ଷତି ହୋଇଥିବା ବେଳେ କଣାସ ବ୍ଲକରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟାରେ ସମସ୍ତ ବିଦ୍ୟୁତ ଖୁଣ୍ଟ ଓ ବିଦ୍ୟୁତ୍ ସବଷ୍ଟେସନମାନ ଭାଙ୍ଗିପଡିଥିବାରୁ ୨୬ଦିନ ହେଲା ସମଗ୍ର ଅଞ୍ଚଳ ଅନ୍ଧାରରେ ରହିବା ପରେ ବୁଧବାର କଣାସରେ ବିଦ୍ୟୁତ୍ ଆଲୋକ ଜଳିଥିଲା। ସେସୁ ସହକାରୀ ଯନ୍ତ୍ରୀ ବସନ୍ତ ଦାଶ, ଜେଇ ଏସ୍.କେ ବେହେରା, ଫେଡେକୋର ସହକାରୀ ଯନ୍ତ୍ରୀ ରଜତ ମହାରାଜ, କନିଷ୍ଠଯନ୍ତ୍ରୀ ପ୍ରୀତମ ମହାପାତ୍ର, ରଞ୍ଜନରଶ୍ମି ମହାନ୍ତି, କୁଞ୍ଜବିହାରୀ ଦଳବେହେରା, ସ୍ମୃତିରଞ୍ଜନ ତରାଇ, ପ୍ରଦ୍ୟୁମ୍ନ ମତଗଜସିଂହଙ୍କ ତତ୍ତ୍ୱାବଧାନରେ ସେସୁର ଶତାଧିକ ଓ ଫେଡକୋର ୫୫ଜଣ ବିଦ୍ୟୁତ୍ କର୍ମଚାରୀଙ୍କ ସହଯୋଗରେ ବିଦ୍ୟୁତ୍ ସରବରାହ ହୋଇପାରିଛି। ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ କର୍ମୀମାନେ ଯୁଦ୍ଧକାଳୀନ ଭିତ୍ତିରେ ନୂତନ ବିଦ୍ୟୁତ୍ ଖୁଣ୍ଟ ପକାଇବା, ତାର ଟାଣିବା ଓ ଭାଙ୍ଗିପଡିଥିବା ସବଷ୍ଟେସନଗୁଡିକ ସଜାଡି ବୁଧବାର କଣାସ ବ୍ଲକ, ବଜାର, ଥାନା ସମେତ ଅଧିକାଂଶ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ କରିଥିଲେ। ୨୬ଦିନରେ ଗ୍ରାମବାସୀ ବିଦ୍ୟୁତ୍ ପାଇ ଗରମରୁ ଆଶ୍ୱସ୍ତି ହୋଇଛନ୍ତି। ବ୍ଲକର ଅନ୍ୟ ଗ୍ରାମଗୁଡିକୁ ମଧ୍ୟ ବିଦ୍ୟୁତ ସଂଯୋଗ ପାଇଁ କର୍ମୀମାନେ ଲାଗିପଡିଛନ୍ତି। ପ୍ରତ୍ୟେକ ଗ୍ରାମବାସୀ ବିଦ୍ୟୁତ୍ କର୍ମଚାରୀଙ୍କୁ ସହଯୋଗ କଲେ ଯଥାଶୀଘ୍ର ଅନ୍ୟାନ୍ୟ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ହୋଇପାରିବ ବୋଲି ସେସୁ ସହକାରୀ ଯନ୍ତ୍ରୀ ବସନ୍ତ ଦାଶ, ଫେଡକୋର ସହକାରୀ ଯନ୍ତ୍ରୀ ରଞ୍ଜିତ୍ କୁମାର ମହାରାଜ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି।

■ନବୀନଙ୍କ ନୂଆ ମନ୍ତ୍ରିମଣ୍ଡଳ

## ପୁରୀ ଜିଲାରୁ ୨ ରାଷ୍ଟ୍ରମନ୍ତ୍ରୀ

**ପୁରୀ ଅଫିସ/କାକଟପୁର, ୨୯।୫ (ଡି.ଏନ୍.ଏ.)**

ପଞ୍ଚମଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ବୁଧବାର ଶପଥ ନେଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ନବୀନଙ୍କ ୨୧ ଜଣିଆ ନୂଆ ମନ୍ତ୍ରୀମଣ୍ଡଳରେ ପୁରୀ ଜିଲାରୁ ୨ଜଣ ସ୍ଥାନ ପାଇଛନ୍ତି । ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏବଂ କାକଟପୁରର ଯୁବ ବିଧାୟକ ତୁଷାରକାନ୍ତି ବେହେରା ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସମୀରଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା, ତୁଷାରଙ୍କୁ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ମିଳିଛି। ଜିଲାରୁ ୨ ଜଣ ମନ୍ତ୍ରୀ ପଦ ପାଇବା ପରେ ଜିଲାବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ପୁରୀ ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରୁ ଏଥର ବିଜେଡି ୪ଟି (ପିପିଲି, ସତ୍ୟବାଦୀ, ନିମାପଡ଼ା ଏବଂ କାକଟପୁର)ରେ ବିଜୟୀ ହୋଇଛି। ପୁରୀରୁ ମହେଶ୍ୱର ମହାନ୍ତି ଏବଂ ବ୍ରହ୍ମଗିରିରୁ ସଞ୍ଜୟ ଦାସବର୍ମା ପରାସ୍ତ ହୋଇଛନ୍ତି। ୨୦୧୪ ନିର୍ବାଚନରେ ଏହି ଦୁଇଟି ଆସନ ବିଜେଡି କବ୍‌ଜାରେ ଥିଲା। ହେଲେ ଏଥର ଏହି ଦୁଇ ଆସନରେ ଭାଜପା ପ୍ରାର୍ଥୀ ଜିତିଛନ୍ତି। ମହେଶ୍ୱର ଏବଂ ସଞ୍ଜୟ ପରାସ୍ତ ହୋଇଥିବାରୁ ଏଥର ଜିଲାରୁ କାହାକୁ ମନ୍ତ୍ରୀପଦ ମିଳିବ ସେ ନେଇ ନାନା ଚର୍ଚ୍ଚା ଚାଲିଥିଲା। ପିପିଲିରୁ ପ୍ରଦୀପ ମହାରଥୀ ବିଜୟୀ ହୋଇଥିଲେ ହେଁ, ବିଭିନ୍ନ ସମୟରେ ତାଙ୍କ ବିବାଦୀୟ ବୟାନ ଏବଂ ନିକଟରେ ଏସ୍‌ଏସ୍‌ଟି ଟିମ୍‌କୁ ମାଡ଼ ମାରିବା ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ସମୀର ରଞ୍ଜନ ହ୍ୟାଟ୍ରିକ୍ କରିଥିବାରୁ ତାଙ୍କୁ ମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ଚାଲିଥିଲା। ହେଲେ ନବୀନ କାକଟପୁରର ଯୁବ ବିଧାୟକ ତୁଷାରକାନ୍ତିଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇଛନ୍ତି । ୧୦ ବର୍ଷ ପରେ କାକଟପୁରକୁ ମନ୍ତ୍ରୀପଦ ମିଳିଛି। ଏହାକୁ ନେଇ ଜିଲାବାସୀ ଉତ୍ସାହିତ ହୋଇପଡିଛନ୍ତି। ଜିଲାର ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ ବୋଲି ଜନସାଧାରଣ ଆଶା ପ୍ରକଟ କରିଛନ୍ତି । କାକଟପୁର ଓ ନିମାପଡ଼ା ପୁରୀ ଜିଲାର ୨ଟି ବିଧାନସଭା ନିର୍ବାଚନମଣ୍ଡଳୀ ହୋଇଥିଲେ ମଧ୍ୟ ଜଗତ୍‌ସିଂହପୁର ଲୋକ ସଭା ଅଧୀନରେ ରହିଛି। ପୁରୀ ଲୋକସଭା ଆସନକୁ ଦୃଷ୍ଟିକୁ ନେଲେ ୭ ନିର୍ବାଚନମଣ୍ଡଳୀ ମଧ୍ୟରୁ କେବଳ ନୟାଗଡ଼ରୁ ଅରୁଣ ସାହୁ ନୂଆ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି ।

## ଗଇଣ୍ଡଳରେ ସ୍ୱାସ୍ଥ୍ୟ ସଚେତନତା ଶିବିର



ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ପୁରୀ ଅଫିସ,୨୯।୫**

ମିଶନ ଓଡ଼ିଶା ଏବଂ ନିର୍ମାଲ୍ୟ ମିଳିତ ଆନୁକୂଲ୍ୟରେ ଗଇଣ୍ଡଳ ଗାଁରେ ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଆପୋଲୋ ହସ୍ପିଟାଲ ସହଯୋଗରେ ଆୟୋଜିତ ଏହି ଶିବିରକୁ ଜିଲା ପରିଷଦ ସଭ୍ୟ ସୁବାସ ସ୍ୱାଇଁ ଏବଂ ଓଡ଼ିଶା ଯୁବ ଚେତନା ସଙ୍ଗଠନ ସଭାପତି ବଦ୍ରିମିଶ୍ର ଉଦ୍‌ଘାଟନ କରିଥିଲେ। ଡାକ୍ତର ସମ୍ବିତ ତ୍ରିପାଠୀ, ମନୋଜ କୁମାର ପତି, ପ୍ରେମାନନ୍ଦ ପଟ୍ଟନାୟକ, ଆର୍. କେ. ପଣ୍ଡା ଏବଂ ଦେବଦତ୍ତ ମିଶ୍ର ଯୋଗଦେଇ ବିଭିନ୍ନ ରୋଗର ଚିକିତ୍ସା କରିଥିଲେ। ଏହି ଅବସରରେ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ବିଶ୍ୱନାଥ ମିଶ୍ରଙ୍କ ସଂଯୋଜନାରେ ସଭା ହୋଇଥିଲା। ପରେ ବାତ୍ୟାରେ ନଷ୍ଟ ହୋଇଯାଇଥିବା ଗଛଗୁଡ଼ିକର ପୁନରୁଦ୍ଧାର ନେଇ ଆଲୋଚନା କରାଯାଇଥିଲା। ସମର୍ପଣର ସମ୍ପାଦିକା ଜୟନ୍ତୀ ମହାପାତ୍ର, ନିମାଇଁ ପ୍ରଧାନ, ଶିବ ନାରାୟଣ ସୁବୁଦ୍ଧି, ସାଗରିକା ରଥ, ଲାଲା ଅନନ୍ତ କୁମାର ସିଂହ, ଜି. ବାପିଙ୍କ ସହ ସଦାଶିବ ସଂସ୍କୃତ ପରିସରର ଅଧ୍ୟାପକମାନେ ଉପସ୍ଥିତ ଥିଲେ। ୩୦ତାରିଖରେ ରଥଖଳା ଏବଂ ୩୧ରେ କୁମ୍ଭାରପଡ଼ାରେ ଏଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ବଦ୍ରି ମିଶ୍ର କହିଛନ୍ତି।

■ ବିଦ୍ୟୁତ ସଂଯୋଗ ବିଳମ୍ବ ଯୋଗୁ ବଢୁଛି ଜନଅସନ୍ତୋଷ

## ଅଠରନଳାରେ ରାସ୍ତାରୋକୋ

**ପୁରୀ ଅଫିସ,୨୯।୫**

ବାତ୍ୟାର ୨୬ ଦିନ ପରେ ବି ପୁରୀ ସହରରେ ବିଦ୍ୟୁତ ବ୍ୟବସ୍ଥା ସ୍ୱାଭାବିକ ହୋଇପାରିନାହିଁ। ଏଥିଯୋଗୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ବିଦ୍ୟୁତ ସଂଯୋଗ ଦାବିରେ ଲୋକେ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ବୁଧବାର ସକାଳ ୮ଟାରେ ଗୋପୀନାଥପୁର ବାସିନ୍ଦା ଅଠରନଳା ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଦେଢଘଣ୍ଟା ଧରି ଉଭୟ ପଟୁ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଅଠରନଳା ପଟୁ ଚାରିନଳା ଛକ ପର୍ଯ୍ୟନ୍ତ ବହୁ ବସ୍ ଅଟକି ରହିଥିଲା। ଯାତ୍ରୀ, ପର୍ଯ୍ୟଟକଙ୍କୁ ହଇରାଣ ହେବାକୁ ପଡ଼ିଥିଲା। ଖବର ପାଇ ସଦର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଗୋପୀନାଥପୁର ବାସିନ୍ଦାଙ୍କ କହିବା ମୁତାବକ, ଫନୀଠାରୁ ବିଦ୍ୟୁତ ଖୁଣ୍ଟ ଓ ତାର ସବୁ ସେମିତି ପଡ଼ିରହିଛି। ବିଦ୍ୟୁତ ସଂଯୋଗ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ସେସୁ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଅନ୍ୟପଟେ ବିଦ୍ୟୁତ ତାର ସଜାଡ଼ିବା ଲାଗି ଆସିଥିବା କର୍ମଚାରୀମାନଙ୍କୁ ସେସୁ ଓ ଫେଡ୍‌କୋ ପକ୍ଷରୁ ଉପଯୁକ୍ତ ସହଯୋଗ କରାଯାଉନାହିଁ। ଫଳରେ କର୍ମଚାରୀମାନେ ଦିନ ସାରା ବସି ରହୁଛନ୍ତି। ଅନେକ ସ୍ଥାନରେ ଭାଙ୍ଗିପଡ଼ିଥିବା ବିଦ୍ୟୁତ ଖୁଣ୍ଟ ବଦଳାଯାଇନାହିଁ। ତେଣୁ ବିଦ୍ୟୁତ ଚାର୍ଜ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଦିନରେ ପ୍ରଚଣ୍ଡ ଖରା ଓ ରାତିରେ ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହେଲାଣି। ମଶାଙ୍କ ଉପଦ୍ରବ ମଧ୍ୟ ଅତିଷ୍ଠ କରୁଛି। ଘରେ ରହି ହେଉନି। ସମସ୍ତେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସତ୍ତ୍ୱେ ସେସୁ କର୍ତ୍ତୃପକ୍ଷ ଆଜି କାଲି କହି ଦିନ ଗଡ଼ାଇ ଚାଲିଛନ୍ତି। ତେଣୁ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ସେସୁ ନିର୍ବାହୀ ଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁ କହିଛନ୍ତି, ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ ସଂଯୋଗ କାମ ଚାଲିଛି। ପର୍ଯ୍ୟାୟକ୍ରମେ ସମସ୍ତ ଅଞ୍ଚଳକୁ ସଂଯୋଗ ଦିଆଯିବ।



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।